ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଜୁନ୍ ୨୬/୨୦୨୫ (୧୪ ପୃଷ୍ଠା) Bhubaneswar, Thursday, June 26/2025 Page 14 ₹ 7.00 | SAMBALPUR
୫୧ଶ ଭାଗ ୨୧୧ ସଂଖ୍ୟା VOLUME 51 ISSUE 211 ମୂଲ୍ୟ ₹୭/-
www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul

# ବର୍ଷକୁ ୨ ଥର ସିବିଏସ୍‌ଇ ୧୦ମ ପରୀକ୍ଷା

## ■ ୨୦୨୬ ଶିକ୍ଷାବର୍ଷରୁ ଲାଗୁହେବ ■ ପ୍ରଥମ ପରୀକ୍ଷା ବାଧ୍ୟତାମୂଳକ, ୨ୟ ପର୍ଯ୍ୟାୟ ଇଚ୍ଛାଧୀନ




**ନୂଆଦିଲ୍ଲୀ,୨୫।୬**

ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରି ଏଜୁକେଶନ୍ (ସିବିଏସ୍‌ଇ) ଦଶମ ବୋର୍ଡ ପରୀକ୍ଷା ବର୍ଷକୁ ୨ ଥର ଅନୁଷ୍ଠିତ ହେବ। ଜାତୀୟ ଶିକ୍ଷାନୀତି (ଏନ୍‌ଇପି-୨୦୨୦)ରେ ସୁପାରିସ କରାଯାଇଥିବା ଏ ସମ୍ପର୍କିତ ନିୟମକୁ ବୁଧବାର ସିବିଏସ୍‌ଇ ପକ୍ଷରୁ ଅନୁମୋଦନ କରାଯାଇଛି। ପରୀକ୍ଷା ଢାଞ୍ଚାରେ ପରିବର୍ତ୍ତନ ଫଳରେ ୨୦୨୬ ଶିକ୍ଷାବର୍ଷରୁ ୧୦ମ ଶ୍ରେଣୀ ଛାତ୍ରୀଛାତ୍ର ବର୍ଷକୁ ୨ ଥର ପରୀକ୍ଷା ଦେଇପାରିବେ। ତେବେ ଫେବୃଆରୀରେ ☞ପୃଷ୍ଠା-୪



ଧରିତ୍ରୀର ପ୍ରାଣ ପ୍ରତିଷ୍ଠାତା ତଥା ପୂର୍ବତନ ସମ୍ପାଦକ ଦେବେନ୍ଦ୍ର ଶତପଥୀଙ୍କ ଶ୍ରାଦ୍ଧ ଦିବସ ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ବିନମ୍ର ପ୍ରଣତି।

**ଆଜିର ସମ୍ପାଦକୀୟ**

**ଲଣ୍ଡା ମଣିଷ**






# ଆକ୍ସିଓମ୍-୪: ଶୁଭାଂଶୁଙ୍କ ମହାକାଶଯାତ୍ରା

**➩ସଫଳ ଲଞ୍ଚିଂରୁ ଗଗନୟାନ ମିଶନ ପାଇଁ ପ୍ରସ୍ତୁତି**

**➩ଆଇଏସ୍ଏସ୍‌କୁ ପ୍ରଥମ, ମହାକାଶ ଯିବାରେ ଶୁଭାଂଶୁ ଦ୍ୱିତୀୟ ଭାରତୀୟ**

ଫ୍ଲୋରିଡା/ଲକ୍ଷ୍ନୌ, ୨୫ା୬

ବହୁ ପ୍ରତୀକ୍ଷିତ ମହାକାଶ ମିଶନ 'ଆକ୍ସିଓମ୍-୪'ର ଲଞ୍ଚିଂ ବୁଧବାର ସଫଳତାର ସହ ହୋଇଛି। ଏହାସହ ଭାରତୀୟ ମହାକାଶଚାରୀ ତଥା ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲା ୪୧ ବର୍ଷ ପରେ ଦ୍ୱିତୀୟ ଭାରତୀୟ ଭାବେ ମହାକାଶରେ ପହଞ୍ଚିଛନ୍ତି। ପୂର୍ବରୁ ୧୯୮୪ରେ ରାକେଶ ଶର୍ମା ପ୍ରଥମ ଭାରତୀୟ ଭାବେ ମହାକାଶରେ ପହଞ୍ଚିଥିଲେ। ଫ୍ଲୋରିଡାସ୍ଥିତ କେନେଡି ସ୍ପେସ୍ ସେଣ୍ଟରର 'ଲଞ୍ଚ୍ କମ୍ପ୍ଲେକ୍ସ-୩୯ଏ'ରୁ ବୁଧବାର ଭାରତୀୟ ସମୟ ମଧ୍ୟାହ୍ନ ୧୨.୦୧ରେ ଫାଲ୍‌କନ୍-୯ ରକେଟ ଯୋଗେ ଏହି ଲଞ୍ଚିଂ ହୋଇଛି। ଶୁଭାଂଶୁଙ୍କ ସହ ଆମେରିକୀୟ ମହାକାଶଚାରୀ, ପେଗୀ ହ୍ୱିଟ୍‌ସନ୍, ପୋଲାଣ୍ଡର ସ୍ଲାଓଜ୍ ଉଜ୍‌ନାନ୍‌ସ୍କୀ ଏବଂ ହଙ୍ଗେରୀର ଟିବୋର କାପୁଙ୍କୁ ଧରି ଆମେରିକୀୟ ସ୍ପେସ୍ ଟେକ୍ନୋଲୋଜି କମ୍ପାନୀ ସ୍ପେସ୍ ଏକ୍ସ'ର ଡ୍ରାଗନ ମହାକାଶ ଯାନ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍ଏସ୍) ଅଭିମୁଖେ



ଲକ୍ଷ୍ନୌରେ ଲଞ୍ଚିଂ ଦେଖୁଛନ୍ତି ଶୁଭାଂଶୁଙ୍କ ମା' ଆଶା ଶୁକ୍ଲା ଓ ବାପା ଶମ୍ଭୁ ଦୟାଲ ଶୁକ୍ଲା।

ଗତି କରୁଛି। ଲଞ୍ଚିଂର ୮ ମିନିଟ୍ ପରେ ଫାଲ୍‌କନ୍-୯ ରକେଟ ସୁରକ୍ଷିତ ଭାବେ ପୃଥିବୀ ଫେରିଆସିଛି। ଆମେରିକୀୟ ମହାକାଶ ସଂସ୍ଥା ନାସାର ସୂଚନା ଅନୁଯାୟୀ, ଲଞ୍ଚିଂର ୨୮ ଘଣ୍ଟା ମଧ୍ୟରେ ମିଶନର ୪ କ୍ରିଉ ସଦସ୍ୟଙ୍କୁ ଧରି ଡ୍ରାଗନ୍ କ୍ୟାପ୍‌ସୁଲ୍ ଆଇଏସ୍ଏସ୍‌ର ହାରମୋନି ମଡ୍ୟୁଲରେ ପହଞ୍ଚିବ। ଗୁରୁବାର ଭାରତୀୟ ସମୟ ଅପରାହ୍ନ ୪ଟା ୩୦ରେ ଶୁଭାଂଶୁଙ୍କ ସମେତ ମିଶନର ୪ କ୍ରିଉ ସଦସ୍ୟ ଆଇଏସ୍ଏସ୍‌ରେ ପହଞ୍ଚିବେ। ଏହାସହ ପ୍ରଥମ ଭାରତୀୟ ମହାକାଶଚାରୀ ଭାବେ ଆଇଏସ୍ଏସ୍‌ରେ ପହଞ୍ଚି ଶୁଭାଂଶୁ ଇତିହାସ ରଚିବେ।

ନାସା ଏବଂ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ)ର ଏହି ମିଳିତ ମିଶନରେ ଶୁକ୍ସ ନାମରେ ଜଣାଶୁଣା ଶୁଭାଂଶୁ ପାଇଲଟ ଭୂମିକା ନିର୍ବାହ କରିବେ। ୨ ସପ୍ତାହର ଏହି ମିଶନରେ ନାସାର ପୂର୍ବତନ ମହାକାଶଚାରୀ ତଥା ଆକ୍ସିଓମ୍ ସ୍ପେସ୍‌ର ମାନବ ମହାକାଶ ଉଡ଼ାଣର ନିର୍ଦ୍ଦେଶିକା ପେଗୀ ହ୍ୱିଟ୍‌ସନ୍ ମିଶନ କମାଣ୍ଡର ଭାବେ ଦାୟିତ୍ୱ ନିର୍ବାହ କରିବେ। ସେହିପରି ପୋଲାଣ୍ଡର ସ୍ଲାଓଜ୍ ଏବଂ ହଙ୍ଗେରୀର ମେକାନିକାଲ ଇଞ୍ଜିନିୟର ଟିବୋର ମିଶନ ସ୍ପେଶାଲିଷ୍ଟ ଭାବେ କାର୍ଯ୍ୟ କରିବେ। ଆଇଏସ୍ଏସ୍‌ରେ ୪ କ୍ରିଉ ସଦସ୍ୟ ମ୍ୟାଟେରିଆଲ୍ସ ସାଇନ୍ସ, ବାୟୋଲୋଜି ଏବଂ ଆର୍ଥ ଅବଜରଭେସନ୍ସ ଭଳି ବିଭିନ୍ନ କ୍ଷେତ୍ରରେ ସମୁଦାୟ ୬୦ଟି ପରୀକ୍ଷଣ କରିବେ। ସେଥିମଧ୍ୟରୁ ଶୁଭାଂଶୁ ଇସ୍ରୋ ପାଇଁ ୭ଟି ପରୀକ୍ଷା କରିବେ। ନାସାର ମାନବ ଗବେଷଣା କାର୍ଯ୍ୟକ୍ରମର ଅଂଶ ଭାବେ ମଧ୍ୟ ସେ ଆହୁରି ୫ଟି ପରୀକ୍ଷଣରେ ସାମିଲ ହେବେ। ନିମ୍ନ ପୃଥିବୀ କକ୍ଷପଥରେ ମାଇକ୍ରୋଗ୍ରାଭିଟି ଗବେଷଣାକୁ ଆଗକୁ ବଢ଼ାଇବା ପାଇଁ ଏହି ମିଶନ ସହାୟକ ହେବ। ଏହି ଅଧ୍ୟୟନ ମାଧ୍ୟମରେ ମିଶନରେ ସାମିଲ ଥିବା ଭାରତ, ପୋଲାଣ୍ଡ, ହଙ୍ଗେରୀ ଏବଂ ଆମେରିକାର ମହାକାଶ ଗବେଷଣାର କ୍ଷମତା ସୁଦୃଢ଼ ହେବ।

ଏହି ମିଶନ ଭାରତ ଏବଂ ଇସ୍ରୋ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ୨୦୨୬ରେ ଲଞ୍ଚିଂ ପାଇଁ ଲକ୍ଷ୍ୟ ରଖାଯାଇଥିବା ଭାରତର ପ୍ରଥମ ମାନବଯୁକ୍ତ ମହାକାଶ ମିଶନ ଗଗନୟାନ ପାଇଁ 'ଆକ୍ସିଓମ୍-୪' ମିଶନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସୁରକ୍ଷା ନିୟମକୁ ଅନୁପାଳନ କରିବା ସହ ମହାକାଶରେ ରହିବା ଏବଂ ପରୀକ୍ଷଣ କରିବା ଆଦି ନେଇ ଶୁଭାଂଶୁଙ୍କର ଅଭିଜ୍ଞତା ଗଗନୟାନ ମିଶନ ପାଇଁ ପ୍ରସ୍ତୁତ ହେବାକୁ ଇସ୍ରୋକୁ ସାହାଯ୍ୟ କରିବ। ଗଗନୟାନ ମିଶନରେ ମହାକାଶ ଯିବାକୁ ଥିବା ୪ ମହାକାଶଚାରୀଙ୍କ ମଧ୍ୟରେ ଶୁଭାଂଶୁ ମଧ୍ୟ ରହିଛନ୍ତି। ତେଣୁ ମହାକାଶରେ ବିଭିନ୍ନ ଜରୁରିକାଳୀନ ପରିସ୍ଥିତିରେ କିପରି ମୁକାବିଲା କରାଯିବ, ଆଇଏସ୍ଏସ୍‌ରେ ବିଭିନ୍ନ ଉପକରଣର କିପରି ବ୍ୟବହାର କରାଯିବ ଆଦି ନେଇ ଶୁଭାଂଶୁଙ୍କ ଅନୁଭବ ଗଗନୟାନ ମିଶନରେ ଭାରତକୁ ଲାଭଦାୟକ ହେବ। ସେହିପରି ଆକ୍ସିଓମ-୪ ମିଶନ ଦ୍ୱାରା ନାସା, ଆକ୍ସିଓମ୍ ସ୍ପେସ୍, ସ୍ପେସ୍ ଏକ୍ସ' ଆଦି ମହାକାଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂସ୍ଥା ସହ ଭାରତ ଦୃଢ଼ ସମ୍ପର୍କ ସ୍ଥାପନ କରିପାରିଛି, ଯାହା ଭାରତକୁ ଉନ୍ନତ ପ୍ରଯୁକ୍ତି ବିଦ୍ୟା ସହ ମହାକାଶ କ୍ଷେତ୍ରରେ ଅଗ୍ରଣୀ ରାଷ୍ଟ୍ର ଭାବେ ଉଭା ହେବାକୁ ସୁଯୋଗ ପ୍ରଦାନ କରିଛି। ବିଭିନ୍ନ ରିପୋର୍ଟ ଅନୁଯାୟୀ, ଆକ୍ସିଓମ୍-୪ ମିଶନ ପାଇଁ ଭାରତ ୭୦ ମିଲିୟନ ୟୁଏସ୍ ଡଲାର (ପ୍ରାୟ ୬୦୦ କୋଟି ଟଙ୍କା) ଖର୍ଚ୍ଚ କରିଛି। ନାସା ଏବଂ ଆକ୍ସିଓମ ସ୍ପେସ୍ ଦ୍ୱାରା ଭାରତର ୨ ଆଷ୍ଟ୍ରୋନଟ୍‌ଙ୍କୁ ମିଳିଥିବା ତାଲିମ, ଲଞ୍ଚ୍ ଲଜିଷ୍ଟିକ୍ସ, ଆଇଏସ୍ଏସ୍‌ରେ ଶୁଭାଂଶୁଙ୍କ ରହଣି ଏବଂ ସେଠାରେ ବିଭିନ୍ନ ଗବେଷଣା ଏବଂ ବୈଜ୍ଞାନିକ ପରୀକ୍ଷଣ ପାଇଁ ଇସ୍ରୋ ଏହି ଖର୍ଚ୍ଚ କରିଥିବା ରିପୋର୍ଟରେ କୁହାଯାଇଛି।



ଶୁଭାଂଶୁ ଶୁକ୍ଳା

## କାନ୍ଧରେ ତ୍ରିରଙ୍ଗା..

ବୁଧବାର ଆକ୍ସିଓମ୍-୪ ମିଶନର ଲଞ୍ଚିଂ ପରେ ଶୁଭାଂଶୁ ଡ୍ରାଗନ୍ ମହାକାଶଯାନରୁ ଦେଶବାସୀଙ୍କ ପାଇଁ ସନ୍ଦେଶ ପଠାଇଛନ୍ତି। ଏହି ସନ୍ଦେଶରେ ସେ କହିଛନ୍ତି, ମହାକାଶରେ ଭାରତ ୪୧ ବର୍ଷ ପରେ ପହଞ୍ଚିଛି। ସେକେଣ୍ଡ ପ୍ରତି ୭.୫ କି.ମି. ବେଗରେ ଆମେ ପୃଥିବୀ ଚାରିପାଖରେ ପରିକ୍ରମା କରୁଛୁ। ଭାରତୀୟ ତ୍ରିରଙ୍ଗା ମୋ କାନ୍ଧରେ ରହିଛି। ଏହି ଯାତ୍ରା କେବଳ ମୋର ନୁହେଁ, ବରଂ ଏହା ହେଉଛି ପ୍ରତ୍ୟେକ ଭାରତୀୟଙ୍କ ଯାତ୍ରା। ଏକାଠି ହୋଇ ଭାରତର ମାନବ ମହାକାଶ କାର୍ଯ୍ୟକ୍ରମ ଆରମ୍ଭ କରିବାର ସମୟ ଆସିଛି।



ଆକ୍ସିଓମ-୪ ମିଶନର ଲଞ୍ଚିଂ ସଫଳତା ପରେ ଲକ୍ଷ୍ନୌରେ ସେଲ୍‌ଫି ନେଉଛନ୍ତି ଲୋକେ।

## ୪୧ ବର୍ଷ ପରେ ଅନ୍ତରୀକ୍ଷରେ ଇତିହାସ

ୱିଙ୍ଗ୍ କମାଣ୍ଡର ରାକେଶ ଶର୍ମା ୧୯୮୪ରେ ଏକ ସୋଭିଏଟ୍ ମହାକାଶ କାର୍ଯ୍ୟକ୍ରମ ଅଧୀନରେ ମହାକାଶ ଯାଇଥିଲେ। ସୋଭିଏଟ୍ ରକେଟ ସୋୟୁଜ୍ ଟି-୧୧ ସାହାଯ୍ୟରେ ଉକ୍ତ ମିଶନର ଲଞ୍ଚିଂ ହୋଇଥିଲା। ପ୍ରଥମ ଭାରତୀୟ ଭାବେ ରାକେଶ ମହାକାଶକୁ ଯାଇ ଇତିହାସ ରଚିଥିଲେ। ସେ ମହାକାଶରେ ମୋଟ ୭ ଦିନ ୨୧ ଘଣ୍ଟା ୪୦ ମିନିଟ୍ ରହିଥିଲେ। ମହାକାଶରୁ ସେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସହ କଥା ହୋଇଥିଲେ। ରାକେଶଙ୍କ ପରେ ଶୁଭାଂଶୁ ଦ୍ୱିତୀୟ ଭାରତୀୟ ଭାବେ ବୁଧବାର ମହାକାଶରେ ପହଞ୍ଚି ଇତିହାସ ରଚିଛନ୍ତି।



ସ୍ପେସ୍ ଏକ୍ସ'ର ଡ୍ରାଗନ ମହାକାଶଯାନ।

## ଫାଇଟର ପାଇଲଟରୁ ମହାକାଶଚାରୀ

ଉତ୍ତରପ୍ରଦେଶର ଲକ୍ଷ୍ନୌ ନିବାସୀ ଶୁଭାଂଶୁ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ (ଆଇଏସ୍ଏସ୍)ରୁ ଏରୋସ୍ପେସ୍ ଇଞ୍ଜିନିୟରିଂରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ୨୦୦୬ ଜୁନ୍‌ରେ ସେ ଭାରତୀୟ ବାୟୁସେନାର ଫ୍ଲାଇଙ୍ଗ୍ ବ୍ରାଞ୍ଚ୍ ପାଇଁ ମନୋନୀତ ହୋଇଥିଲେ। ଭାରତୀୟ ବାୟୁସେନା ଏକାଡେମୀ ସେ ତାଲିମ ନେଇଥିଲେ। ପରେ ସେ ବାୟୁସେନାର ଫାଇଟର ଷ୍ଟ୍ରିମ୍‌ରେ ଜଣେ ଫ୍ଲାଇଙ୍ଗ ଅଫିସର୍ ଭାବେ ନିଯୁକ୍ତି ପାଇଥିଲେ। ତାଙ୍କ ନିକଟରେ ଏମ୍ଆଇଜି-୨୧, ଏମ୍ଆଇଜି-୨୯, ଜାଗୁଆର ଆଦି ବିଭିନ୍ନ ବିମାନରେ ପ୍ରାୟ ୨ ହଜାର ଘଣ୍ଟାରୁ ଅଧିକ ଉଡ଼ାଣର ଅଭିଜ୍ଞତା ରହିଛି। ସେ ମହାକାଶଚାରୀ ଭାବେ ଭାରତ ସମେତ ରୁଷିଆ, ୟୁରୋପ ଏବଂ ଜାପାନରେ ବ୍ୟାପକ ତାଲିମ ନେଇଛନ୍ତି।

IBS
TWISHA EDUCATIONAL PVT. LTD.
INSTITUTE OF BASIC SCIENCES
(A DAY CUM RESIDENTIAL COACHING INSTITUTE)
NEET / JEE-MAIN / IIT / OUAT / +2 SCIENCES (CHSE/CBSE)/ CLASS-VIII, IX,X
ADMISSION OPEN
DISCOUNT 25 %OFF SPECIAL OFFER
NEET ONE YEAR COURSE FOR 2026
JEE-MAIN ONE YEAR COURSE FOR 2026
INTEGRATED COURSE FOR CLASS-XI (CHSE/CBSE)
UNIQUE FEATURES
Excellent Residential Coaching Institute since 2008
Coaching, Lodging and fooding at one campus
Highly experienced and dedicated faculties
24x7 surveillance under CCTV Camera
TWISHA EDUCATIONAL PVT. LTD.
IBS Road, Fatak Durga Puja Mandap, Sambalpur, Odisha, 768004
Contact- 8280346132, 8280346135, Email- twishaeducation@gmail.com
www.twishaeducation.com, Twisha Digital App



କେନେଡି ସ୍ପେସ୍ ସେଣ୍ଟରରେ ଫାଲ୍‌କନ୍-୯ ରକେଟ ଯୋଗେ ଆକ୍ସିଓମ-୪ ମିଶନର ଲଞ୍ଚିଂ ହୋଇଛି।



ଲଞ୍ଚିଂ ପୂର୍ବରୁ ଶୁଭ୍ରାଂଶୁ ଶୁକ୍ଲାଙ୍କ ସହ ମହାକାଶଚାରୀ ପେଗୀ ହ୍ୱିଟ୍‌ସନ୍ (ଆମେରିକା), ସ୍ଲାଓଜ୍ ଉଜ୍‌ନାନ୍‌ସ୍କୀ (ପୋଲାଣ୍ଡ) ଓ ଟିବୋର କାପୁ (ହଙ୍ଗେରୀ)।

DAYANAND INSTITUTE
Dhanupali, Sambalpur- 768005
Contact- 8763032587, 9938895475, 9437158817
ADMISSIONS OPEN
NTT- Regular and Distance Mode
Eligibility- +2 & Above (Only for Ladies)
B. Ed- (N.C.T.E Approved)
Eligibility-+3 with 50% or 45% for ST, SC, OBC.
M.A. IN YOGA - Eligibility:-
Any Graduate with 40% mark
Affiliated to Utkal University of Culture
Recognized by Govt. of Odisha

## ପ୍ରତିରକ୍ଷା ଖର୍ଚ୍ଚ ବଢ଼ାଇବ ନାଟୋ

ହେଗ୍, ୨୫ା୬

ନର୍ଥ ଆଟ୍‌ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ନେତାମାନେ ବୁଧବାର ସାମରିକ ମେଣ୍ଟର ପ୍ରତିରକ୍ଷା ବ୍ୟୟରେ ଏକ ବଡ଼ ବୃଦ୍ଧି ପାଇଁ ନିଷ୍ପତ୍ତି ନେଇଛନ୍ତି। ସହଯୋଗୀଗୁଡ଼ିକ ୨୦୩୫ ସୁଦ୍ଧା ସେମାନଙ୍କ ବାର୍ଷିକ ପ୍ରତିରକ୍ଷା ବ୍ୟୟରେ ମୋଟ ଘରୋଇ ଉତ୍ପାଦ(ଜିଡିପି)ର ୫% ବୃଦ୍ଧି ପାଇଁ ବୁଧବାର ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ଏଥିସହ 'ଗୋଟିଏ ଦେଶ ଉପରେ ଆକ୍ରମଣକୁ ସମସ୍ତଙ୍କ ଉପରେ ଆକ୍ରମଣ' ରୂପେ ଅଭିହିତ କରି ସାମୂହିକ ପ୍ରତିରକ୍ଷା ପ୍ରତି ରହିଥିବା ନିଜ ନିଜ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି।

## ଅକାଳୀ ନେତା ବିକ୍ରମ ମାଜିଥିଆ ଗିରଫ

**୫୪୦ କୋଟିର ଡ୍ରଗ୍ ମନି**



ଚଣ୍ଡିଗଡ଼, ୨୫ା୬

ପଞ୍ଜାବ ଭିଜିଲାନ୍ସ ବ୍ୟୁରୋ ବୁଧବାର ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଅକାଳୀ ନେତା ବିକ୍ରମ ସିଂ ମାଜିଥିଆଙ୍କୁ ୫୪୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ମନି ଲଣ୍ଡରିଂ ମାମଲାରେ ଗିରଫ କରିଛି। 'ଡ୍ରଗ୍ ମନି' ମାମଲାରେ ଭିଜିଲାନ୍ସ ଟିମ୍ ବିକ୍ରମଙ୍କ ଅମୃତସର ବାସଭବନରେ ଚଢ଼ାଉ କରିବାର କିଛି ସମୟ ପରେ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବିକ୍ରମ ଅନେକ ଚ୍ୟାନେଲ ଦେଇ ଡ୍ରଗ୍ ମନି ଲଣ୍ଡରିଂ କରାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଭିଜିଲାନ୍ସ ବ୍ୟୁରୋ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ବିକ୍ରମ ଏବଂ ତାଙ୍କ ସ୍ତ୍ରୀ ଜେନିଏଭେ ମାଜିଥିଆଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିରେ ଘଟିଥିବା ବୃଦ୍ଧିର କୌଣସି ଆଇନଗତ ଉତ୍ସ ସମ୍ପର୍କରେ ଉଭୟେ ସୂଚନା ଦେଇପାରିନାହାନ୍ତି। ଶିରୋମଣୀ ଅକାଳୀ ଦଳ (ଏସ୍ଏଡି) ମୁଖ୍ୟ ସୁଖବୀର ସିଂ ବାଦଲ ଶାଳକ ବିକ୍ରମଙ୍କ ଗିରଫଦାରିକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ସମାଲୋଚନା କରିଛନ୍ତି।

DSPL-142

ଓଡ଼ିଶା ଶାସନ

ଡାଇରିଆ ନିରାକରଣ ପାଇଁ କେତୋଟି ସାଧାରଣ ସତର୍କତା

୧. **ଅଧ ଘଣ୍ଟାଏ ଫୁଟାଯାଇ ଥଣ୍ଡା କରାଯାଇଥିବା ପାଣି** କିମ୍ବା ୧ ଲିଟର ପାଣିରେ ଗୋଟିଏ ହାଲୋଜେନ୍ ବଟିକା ପକାଇ ଅଧ ଘଣ୍ଟା ପରେ ପିଇବା ପାଇଁ ବ୍ୟବହାର କରନ୍ତୁ।

୨. ଖାଦ୍ୟ ପ୍ରସ୍ତୁତି ପୂର୍ବରୁ, ଖାଇବା ପୂର୍ବରୁ ଓ ଶୌଚ ହେବା ପରେ ସାବୁନ୍‌ରେ ଭଲଭାବେ ହାତ ଧୁଅନ୍ତୁ।

୩. କାହାର ଝାଡ଼ା / ବାନ୍ତି ଲକ୍ଷଣ ଦେଖାଦେଲେ ତୁରନ୍ତ ଓ.ଆର୍.ଏସ୍. ଦ୍ରବଣ ପିଆନ୍ତୁ ଓ ଡାକ୍ତରଖାନା ନିଅନ୍ତୁ। ବିଳମ୍ବ କଲେ ବିପଦ ଅଛି।

OIPR-10003/13/0213/2526

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
@HFWOdisha
http://www.health.odisha.gov.in/

# ଲୋକଙ୍କ ନିକଟତର ହେଲା ରାଜସ୍ୱ ସେବା

## ଇ-ରେଜିଷ୍ଟ୍ରେଶନ ମୋବାଇଲ ଆପ୍ ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୫।୬(ରବିନାରାୟଣ ଜେନା)

ରାଜସ୍ୱ ସେବା ଏବେ ସରଳୀକରଣ ହୋଇଛି। ଲୋକମାନଙ୍କୁ ଆଉ ରାଜସ୍ୱ କାର୍ଯ୍ୟାଳୟ ସମ୍ମୁଖରେ ଲମ୍ବା ଲାଇନ ଲଗାଇବା କିମ୍ବା ବାରମ୍ବାର କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡ଼ିବ ନାହିଁ। ଘରେ ବସି ଲୋକମାନେ ଅନ୍‌ଲାଇନ ମାଧ୍ୟମରେ ଡକ୍ୟୁମେଣ୍ଟ ଦାଖଲଠାରୁ ଆରମ୍ଭ କରି ଜମିଜମା ପଞ୍ଜୀକରଣ ପାଇଁ ଦିନ ଏବଂ ସମୟ ଧାର୍ଯ୍ୟ କରିପାରିବେ। ଏପରି କି ସମ୍ପତ୍ତିର ମୂଲ୍ୟ ଆଦି ମଧ୍ୟ ଜାଣିପାରିବେ। ଏହି ଅନ୍‌ଲାଇନ ଆପ୍‌ରେ ଅଧିକରୁ ଅଧିକ ସ୍ୱଚ୍ଛତା ଅବଲମ୍ବନ କରାଯିବା ସହ କମ୍ ଲୋକଙ୍କ ହସ୍ତକ୍ଷେପରେ କାର୍ଯ୍ୟର ତ୍ୱରିତ ସମାଧାନ ବ୍ୟବସ୍ଥା ହୋଇପାରିବ। ଏହାଦ୍ୱାରା ଦୁର୍ନୀତି ମଧ୍ୟ ହ୍ରାସ ହୋଇପାରିବ। ଏଥିପାଇଁ ରାଜ୍ୟ ସରକାର ଇ-ରେଜିଷ୍ଟ୍ରେଶନ ଆପ୍‌ର ବୁଧବାର ଶୁଭାରମ୍ଭ କରିଛନ୍ତି। ଏଥିସହିତ ବାତ୍ୟା, ବନ୍ୟା ଆଦି ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ଖୁବ୍ ସଫଳ ହୋଇଛି। ଗତବର୍ଷ ହୋଇଥିବା ବାତ୍ୟା 'ଦାନା' ସମୟରେ ରାଜ୍ୟ ସରକାର ଜିରୋ କାଜୁଆଲିଟି ଲକ୍ଷ୍ୟ ହାସଲ କରିଥିଲେ। ବିପର୍ଯ୍ୟୟ ପରିଚାଳନାରେ ଆମ ଦକ୍ଷତା ଉପରେ ସାରା ବିଶ୍ୱର ନଜର ଅଛି। ତେଣୁ ଆମକୁ ପ୍ରତି ମୁହୂର୍ତ୍ତରେ ପ୍ରସ୍ତୁତ ରହିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ବୁଧବାର ଲୋକସେବା ଭବନରେ ରାଜସ୍ୱ ବିଭାଗ ପକ୍ଷରୁ ପ୍ରସ୍ତୁତ ଇ-ରେଜିଷ୍ଟ୍ରେଶନ ମୋବାଇଲ ଆପ୍‌ର ଲୋକାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ରାଜସ୍ୱ ବିଭାଗର ଏକ ବର୍ଷର ସଫଳତା ପୁସ୍ତିକା ଉନ୍ମୋଚନ କରି ଇ-ରେଜିଷ୍ଟ୍ରେଶନ ଆପ୍ ଡିଜିଟାଲ ସେବା ପ୍ରଦାନ ରାଜ୍ୟ ସରକାରଙ୍କ ଏକ ବଡ଼ ମାଇଲଖୁଣ୍ଟ ବୋଲି କହିଥିଲେ। ଏହି ଆପ୍ ମାଧ୍ୟମରେ ଲୋକମାନେ ଘରେ ବସି ଆଣ୍ଡ୍ରଏଡ୍ ଫୋନ୍ ମାଧ୍ୟମରେ ରେଜିଷ୍ଟ୍ରେଶନ ଡିଡ୍ ବା ଦଲିଲ୍ ପଞ୍ଜୀକରଣ ପାଇଁ ସ୍ଲଟ୍ ବୁକିଙ୍ଗ୍, ସାର୍ଟିଫାଏଡ୍ କପି ଓ ଇସି ଲାଗି ଆବେଦନ କରିପାରିବେ। ଜମିର ବେଞ୍ଚମାର୍କ ଭାଲ୍ୟୁ ମଧ୍ୟ ଏହି ଆପ୍ ମାଧ୍ୟମରେ ଜାଣିହେବ। ଏହି ଆପ୍‌ରେ ସବ୍‌ରେଜିଷ୍ଟ୍ରାର ଅଫିସ୍ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ମିଳିପାରିବ। ଏହାଦ୍ୱାରା ଏହି ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ପେପରଲେସ୍ ଏବଂ କ୍ୟାଶ୍‌ଲେସ୍ ହୋଇପାରିଛି। ଏହାଯୋଗୁ ସବ୍ ରେଜିଷ୍ଟ୍ରାର ଅଫିସ୍‌ରେ ଅଯଥା ଭିଡ଼ ମଧ୍ୟ ହ୍ରାସ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରାଜସ୍ୱ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଲେ, ଗତ ବର୍ଷକ ମଧ୍ୟରେ ବସୁନ୍ଧରା ଯୋଜନାରେ ସରକାର ୧୬,୭୨୭ ଜଣ ବାସଗୃହବିହୀନ ଲୋକଙ୍କୁ ଘରବାଡ଼ି ପଟ୍ଟା ଯୋଗାଇ ଦେଇଛନ୍ତି। ୨୦,୩୮୫ଟି ସରକାରୀ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ହାଇସ୍କୁଲ ଏବଂ କଲେଜ ନାମରେ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇଛି। ସେହିପରି ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ୪,୬୧,୬୦୨ ଖାତାକୁ ସର୍ବେକ୍ଷଣ କରାଯାଇ ୧,୧୬,୪୮୬ ମୃତ ଲୋକଙ୍କ ରେକର୍ଡକୁ ସେମାନଙ୍କ ଉତ୍ତରାଧିକାରୀଙ୍କ ନାମରେ କରାଯାଇଛି। ଏହାଦ୍ୱାରା ଚାଷୀମାନେ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ପାଇପାରୁଛନ୍ତି।

ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ, ଆମକୁ ଅଧିକ ଉତ୍ସାହ ଏବଂ ପ୍ରତିବଦ୍ଧତାର ସହ କାମ କରିବାକୁ ପଡ଼ିବ। ଲୋକମାନେ ଆମ ଉପରେ ଅନେକ ଆଶା ଓ ଭରସା ରଖିଛନ୍ତି, ତାହାକୁ ଅକ୍ଷୁଣ୍ଣ ରଖିବା ପାଇଁ ଆମକୁ ଦାୟିତ୍ୱବାନ୍ ହେବାକୁ ପଡ଼ିବ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଥିଲେ, ଲୋକଙ୍କ ସରକାର ଲୋକମାନଙ୍କ କାମ କରୁଛନ୍ତି। ଲୋକଙ୍କ ପାଇଁ ରାଜ୍ୟ ସରକାର ଯେପରି ସଫଳତାର ସହ ଯୋଜନା କାର୍ଯ୍ୟକାରୀ କରୁଛନ୍ତି, ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ ବୋଲି ସେ କହିଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଲେ ଯେ, ବାତ୍ୟା ଦାନା ସମୟରେ ମୁଖ୍ୟମନ୍ତ୍ରୀ ୭ଦିନ ଧରି ସକାଳୁ ବିଳମ୍ବିତ ସମୟ ପର୍ଯ୍ୟନ୍ତ କଣ୍ଟ୍ରୋଲ ରୁମ୍‌ରେ ଉପସ୍ଥିତ ରହି ବାତ୍ୟା ପରିଚାଳନାର ସିଧାସଳଖ ତଦାରଖ କରିଛନ୍ତି। ତାଙ୍କ କାର୍ଯ୍ୟଧାରା ନିଷ୍ଠା ଓ ପ୍ରତିବଦ୍ଧତାର ଏକ ନୂଆ ଉଦାହରଣ ସୃଷ୍ଟି କରିଛି। ରାଜସ୍ୱ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ପ୍ରଶଂସା କରି ସେ କହିଲେ, ବର୍ଷକ ମଧ୍ୟରେ ଆମେ ଯେଉଁ ସଫଳତା ହାସଲ କରିଛୁ, ସେଥିପାଇଁ ଯେତେ ପ୍ରଶଂସା କଲେ ମଧ୍ୟ କମ୍ ହେବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।

- ଘରେ ବସି ସୁବିଧା ପାଇପାରିବେ ଲୋକେ
- ୨୦,୩୮୫ ସରକାରୀ ଶିକ୍ଷାନୁଷ୍ଠାନକୁ ମିଳିଛି ସ୍ଥାୟୀ ପଟ୍ଟା
- ବସୁନ୍ଧରାରେ ୧୬,୭୨୭ ବାସହୀନଙ୍କୁ ଘରବାଡ଼ି ପଟ୍ଟା

### ଇ-ରେଜିଷ୍ଟ୍ରେଶନ ଆପ୍ ଦ୍ୱାରା ମିଳିବାକୁ ଥିବା ସୁବିଧା

- ଜମି ପଞ୍ଜୀକରଣ ପାଇଁ ସ୍ଲଟ ବୁକିଂ ସୁବିଧା
- ସ୍ଲଟ ବୁକିଂର ଷ୍ଟାଟସ ମିଳିପାରିବ
- କୌଣସି ଦଲିଲ ବା ପ୍ରମାଣପତ୍ରର ନକଲ ବା ସାର୍ଟିଫାଏଡ୍ କପି ଆବେଦନ ସୁବିଧା
- ଜମିଜମା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ଅନ୍‌ଲାଇନ ଜରିଆରେ ମିଳିପାରିବ
- କୌଣସି ପ୍ରକାର ଜମିର ସରକାରୀ ଧାର୍ଯ୍ୟ ମାର୍କେଟ ମୂଲ୍ୟ ବା ବେଞ୍ଚ ମାର୍କ ଭ୍ୟାଲୁଏଶନ ଯାଞ୍ଚ ସୁବିଧା
- ନିକଟସ୍ଥ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ସମ୍ପର୍କରେ ସୂଚନା ସୁବିଧା
- ବିଶେଷ କ୍ଷେତ୍ରରେ ଘରକୁ ଆସି ପଞ୍ଜୀକରଣ ସେବା ଯୋଗାଇବା ନିମନ୍ତେ ଆବେଦନ
- ମିଳୁଥିବା ସେବା ସମ୍ପର୍କରେ ନିଜର ମତାମତ ଜଣାଇବାର ସୁବିଧା




# ରାଖୀ ପୂର୍ଣ୍ଣିମାରେ ସୁଭଦ୍ରା ୩ୟ କିସ୍ତି

ଭୁବନେଶ୍ୱର,୨୫।୬ (ସୁନିତ୍ ମିଶ୍ର)

ସୁଭଦ୍ରା ଯୋଜନାର ୩ୟ କିସ୍ତି ଆସନ୍ତା ରାଖୀ ପୂର୍ଣ୍ଣିମା ଅଗଷ୍ଟ ୯ରେ ହିତାଧିକାରୀମାନଙ୍କୁ ମିଳିବ। ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ସୁଭଦ୍ରା ସୋସାଇଟିର ୪ର୍ଥ ପରିଚାଳନା ପରିଷଦ ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଛି। ସୁଭଦ୍ରା ଯୋଜନାର ଅଦ୍ୟାବଧି ପ୍ରଶାସନିକ ଓ ଆନୁଷଙ୍ଗିକ ଖର୍ଚ୍ଚକୁ ମଧ୍ୟ ଏହି ବୈଠକରେ ଅନୁମୋଦନ ଦିଆଯାଇଛି। ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଆଡମିନିଷ୍ଟ୍ରେଶନ (ଆଇଆଇପିଏ) ନୂଆଦିଲ୍ଲୀ ଦ୍ୱାରା ଓଡ଼ିଶାର ଜିଲାଗୁଡ଼ିକରେ ସୁଭଦ୍ରାର ପ୍ରଭାବ ବିଷୟରେ ହେବାକୁ ଥିବା ଅଧ୍ୟୟନର ପ୍ରସ୍ତୁତି ଓ ପ୍ରକ୍ରିୟା ଉପରେ ଉପସ୍ଥାପନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସବୁ ବର୍ଗର ସୁଭଦ୍ରା ହିତାଧିକାରୀଙ୍କ ଉପରେ ସୁଭଦ୍ରା ସହାୟତାର ପ୍ରଭାବ, ଏହାର ଉପଯୋଗ ଓ ଡିଜିଟାଲ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସମ୍ବନ୍ଧରେ ବିଶଦ ଆଲୋଚନା କରାଯାଇଛି। ପୂର୍ବରୁ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ଆଇଆଇଏମ୍ ସମ୍ବଲପୁର ସହଯୋଗରେ ଜୁଲାଇ ପ୍ରଥମ ସପ୍ତାହରୁ କଲେଜ ଝିଅ(ସୁଭଦ୍ରା ସମୀକ୍ଷା)ମାନଙ୍କ ଦ୍ୱାରା କ୍ଷେତ୍ର ସର୍ବେକ୍ଷଣ କରାଯିବାର ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ଆଇଆଇଏମ୍ ସମ୍ବଲପୁର ତଥ୍ୟ ଅଧ୍ୟୟନ, ଉପକରଣ, ତାଲିମ ଏବଂ ବିଶ୍ଳେଷଣ ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବ।




# ଦଳିତଙ୍କ ଉପରେ ଆକ୍ରମଣ: ଯୁବ କଂଗ୍ରେସର ବିଶାଳ ବିକ୍ଷୋଭ

ଭୁବନେଶ୍ୱର,୨୫।୬(ରବିନାରାୟଣ ଜେନା)




ଦଳିତଙ୍କ ଉପରେ ଆକ୍ରମଣ ଏବଂ ରାଜ୍ୟରେ ବଢ଼ିଚାଲିଥିବା ନାରୀ ନିର୍ଯାତନା ପ୍ରସଙ୍ଗକୁ ନେଇ ରାଜ୍ୟ ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ କରାଯାଇଛି। ବୁଧବାର ପୂର୍ବାହ୍ନରେ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ଯୁବ କଂଗ୍ରେସ କର୍ମକର୍ତ୍ତାମାନେ ରାଜମହଲ ଛକରୁ ଏକ ବିଶାଳ ରାଲିରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ପର୍ଯ୍ୟନ୍ତ ଯାଇଥିଲେ। ଏହି ସମୟରେ ପୋଲିସ ସେମାନଙ୍କୁ ଆଇନଶୃଙ୍ଖଳା ଦୃଷ୍ଟିରୁ ଅଟକାଇଥିଲା। ଏହାକୁ ନେଇ ପ୍ରଥମେ ବଚସା ଓ ପରେ ପୋଲିସ ଏବଂ କର୍ମକର୍ତ୍ତାଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପୋଲିସ ଆଇନଶୃଙ୍ଖଳା ରକ୍ଷାକରିବାକୁ ଯାଇ କଂଗ୍ରେସ କର୍ମୀ ଓ ନେତାଙ୍କୁ ଗିରଫ କରି ପରେ ଛାଡ଼ିଦେଇଥିଲା। ଏହି ଅବସରରେ ରଣଜିତ କହିଛନ୍ତି, ମୁଖ୍ୟମନ୍ତ୍ରୀ ନିଜେ ଆଦିବାସୀ ସମ୍ପ୍ରଦାୟର, କିନ୍ତୁ ଆଜିର ଦିନରେ ରାଜ୍ୟରେ ଦଳିତ ଏବଂ ଆଦିବାସୀମାନେ ସମ୍ପୂର୍ଣ୍ଣ ଅସୁରକ୍ଷିତ। ଗୋପାଳପୁରଠାରେ ଯେଉଁଭଳି ଭାବରେ ଗଣବଳାତ୍କାର ଘଟିଲା ଏହା ରାଜ୍ୟର ମହିଳା ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୁଖ୍ୟମନ୍ତ୍ରୀଙ୍କ ନିଜସ୍ୱ ଜିଲା କେନ୍ଦୁଝରରେ ଜଣେ ମହିଳାଙ୍କୁ ବଳାତ୍କାର ପରେ ଗଛରେ ଟାଙ୍ଗିଦିଆଗଲା। ଗଞ୍ଜାମର ଧରାକୋଟ ଥାନା ଅଞ୍ଚଳରେ ଦଳିତ ବ୍ୟକ୍ତିମାନଙ୍କୁ ଯେଉଁଭଳି ଅମାନୁଷିକ ଭାବେ ନିର୍ଯାତନା ଦେଇ ସେମାନଙ୍କୁ ଦୁଇ କିଲୋମିଟର ପର୍ଯ୍ୟନ୍ତ ଆଣ୍ଠେଇକି ଯିବାକୁ ବାଧ୍ୟ କରାଗଲା, ତାହା ଦୁର୍ଭାଗ୍ୟଜନକ। ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ କିମ୍ବା କୌଣସି ମନ୍ତ୍ରୀ ସେହି ନିର୍ଯାତିତ ଦଳିତ ପରିବାର ପାଖକୁ ଯାଇନାହାନ୍ତି। ପିସିସି ସାଧାରଣ ସମ୍ପାଦକ ୟାସିର ନୱାଜ୍ କହିଛନ୍ତି, ରାଜ୍ୟରେ ଓଡ଼ିଆ ଅସ୍ମିତା ସଙ୍କଟରେ ପଡ଼ିଛି। ପାଖାପାଖି ୯୦%ରୁ ଅଧିକ ଅଣଓଡ଼ିଆ ଠିକାଦାର ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଏହି ସରକାରକୁ ଦିଲ୍ଲୀରୁ ରିମୋଟ୍ କଣ୍ଟ୍ରୋଲରେ ପରିଚାଳିତ କରାଯାଉଛି। ଏଥିରୁ ସ୍ପଷ୍ଟ ଯେ, ଗୃହ ବିଭାଗ ଚଳାଇବା ପାଇଁ ମୁଖ୍ୟମନ୍ତ୍ରୀ ଅକ୍ଷମ, ତେଣୁ ତୁରନ୍ତ ସେ ଇସ୍ତଫା ଦିଅନ୍ତୁ ବୋଲି ୟାସିର ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମନୋଜ ବିଶ୍ୱାଳ, ସୁଦୀପ ସାମଲ ପ୍ରମୁଖ ସାମିଲ ଥିଲେ।

# ମୁକୁଳା ଡ୍ରେନ୍‌ରେ ଭାସି ଜୀବନ ଗଲା

ବ୍ରହ୍ମପୁର,୨୫।୬(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ମୁକୁଳା ଡ୍ରେନ୍‌ରେ ଭାସିଯାଇ ପୁଣି ଏକ ଜୀବନ ଯାଇଛି। ବୁଧବାର ଡ୍ରେନ୍‌ରେ ଭାସିଯାଇଥିବା ବ୍ୟକ୍ତିଙ୍କ ମୃତଦେହ ବି.ଏନ.ପୁର ଥାନା ଅନ୍ତର୍ଗତ ମେଡିକାଲ ଖେଳପଡିଆ ନିକଟ ନାଳରୁ ମିଳିଛି। ମୃତକ ହେଲେ ନିମଖଣ୍ଡି ଥାନା ଖାରବେଳ ନଗରର ମହେନ୍ଦ୍ର ପାଣିଗ୍ରାହୀ (୫୫)। ବର୍ଷକ ମଧ୍ୟରେ ଏହା ଦ୍ୱିତୀୟ ଘଟଣା। ଗତ ଅଗଷ୍ଟ ୨୧ ତାରିଖରେ ଟିଉଶନରୁ ସାଇକେଲରେ ଫେରୁଥିବା ଜଣେ ଛାତ୍ର ବର୍ଷା ପାଣିରେ ରାସ୍ତା ଜାଣି ନ ପାରି ଡ୍ରେନ୍‌ରେ ଭାସି ଯାଇଥିଲେ। ଦିନକ ପରେ ତାଙ୍କ ମୃତଦେହ ମିଳିଥିଲା। ବ୍ରହ୍ମପୁର ସହରରେ ଅନେକ ଡ୍ରେନ୍ ମୁକୁଳା ପଡିଛି। ପୂର୍ତ୍ତ ବିଭାଗ କିମ୍ବା ମହାନଗର ନିଗମ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦିଆଯାଉନାହିଁ। ତେଣୁ ଏଭଳି ଅଘଟଣ ଘଟୁଛି।

ବୁଧବାର ବ୍ରହ୍ମପୁର ସହରରେ ଲଗାଣ ବର୍ଷା ଚାଲିଥିବାବେଳେ ଜଣେ ବ୍ୟକ୍ତିଙ୍କ ମୃତଦେହ ମେଡିକାଲ ଖେଳପଡିଆ ପାର୍ଶ୍ୱରେ ଥିବା ନାଳରେ ଭାସୁଥିବା ଦେଖାଯାଇଥିଲା। ପଥଚାରୀମାନେ ମୃତକଙ୍କୁ ଉଦ୍ଧାର କରି ଅଟୋରେ ମେଡିକାଲକୁ ଆଣିଥିଲେ। ଖବରପାଇ ପୋଲିସ ମେଡିକାଲରେ ପହଞ୍ଚିଥିଲା। ଏହି ଘଟଣାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ମୃତକଙ୍କ ପୁଅ ସିଦ୍ଧାନ୍ତ ପାଣିଗ୍ରାହୀ ଓ ପରିବାର ମେଡିକାଲରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ମୃତଦେହ ପଞ୍ଚନାମା ପରେ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ପରିବାର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ମହେନ୍ଦ୍ର ସନ୍ଧ୍ୟାରେ ସ୍କୁଟିରେ କୌଣସି କାମରେ ଘରୁ ବାହାରିଥିଲେ। ପ୍ରବଳ ବର୍ଷା ଯୋଗୁ ରାସ୍ତାରେ ପାଣି ସୁଅ ଛୁଟୁଥିବାରୁ ସେ ଜାଣି ନ ପାରି ଡ୍ରେନ୍‌ରେ ପଶିଯାଇଥିବା କୁହାଯାଉଛି। ତେବେ ସେ କେଉଁଠି ଡ୍ରେନ୍‌ରେ ପଡିଲେ, ତାଙ୍କ ସ୍କୁଟି କେଉଁଠାରେ ରହିଛି ସେ ନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଛକ, ସମୟ: ସକାଳ ୯ଟା।
- ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧୋତ୍ସବ, ସ୍ଥାନ: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ୧୨ତମ ବସନ୍ତ ଶତପଥୀ ସ୍ମାରକୀ ବକ୍ତୃତା, ସ୍ଥାନ: ଭାରତୀୟ ବିଦ୍ୟା ଭବନ, ସମୟ: ସନ୍ଧ୍ୟା ୬ଟା।
- ନୃତ୍ୟଶାଳା ପକ୍ଷରୁ ୧୫ତମ ମାର୍ଗି, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ
- ଆନ୍ତର୍ଜାତିକ ନିଶା ଅପବ୍ୟବହାର ଓ ଅବୈଧ କାରବାର ନିରୋଧ ଦିବସ ଉପଲକ୍ଷେ ସଚେତନତା ରଥର ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୮ଟା ୩୦।
- ଲୋକ ସେବକ ମଣ୍ଡଳ ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୭ତମ ଶ୍ରାଦ୍ଧୋତ୍ସବ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ଅପରାହ୍ନ ୪ଟା ୩୦।

## ପୁରୀ
- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଯୋଗ ଏବଂ ବହୁମୁଖୀ ତାଲିମ କେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ବୀରଗୋବିନ୍ଦପୁର, ସତ୍ୟବାଦୀ, ସମୟ: ସକାଳ ୯ଟା।

## ବାଲେଶ୍ୱର
- ଅନ୍ତର୍ଜାତୀୟ ନିଶା ନିବାରଣ ଏବଂ ଅବୈଧ ଚୋରା ଚାଲାଣ କାର୍ଯ୍ୟକ୍ରମ ଅବସରରେ ସଚେତନତା ଶୋଭାଯାତ୍ରା, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ସମୟ: ସକାଳ ୭ଟା ୩୦।
- ସାଧାରଣ ସଭା, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ମଞ୍ଚର ସ୍ୱାସ୍ଥ୍ୟ ଓ ଆଇନ ସଚେତନତା ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ଏଫ୍‌ଏମ୍‌ୟୁରେ ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ରେମୁଣା, ସମୟ: ଅପରାହ୍ନ ୪ଟା।

## ରାୟଗଡ଼ା
- ବିଶ୍ୱ ତମାଖୁ ନିଷେଧ ଦିବସ ଉପଲକ୍ଷେ ଜିଲାପାଳଙ୍କ ଦାରା ସଚେତନ ରଥ ଏବଂ ରାଲିର ଶୁଭାରମ୍ଭ, ସ୍ଥାନ: ରାୟଗଡା ବ୍ଲକ ଅଫିସ, ସମୟ: ସକାଳ ୯ଟା।
- ନିଶା ଦ୍ରବ୍ୟ ଅପବ୍ୟବହାର ଏବଂ ବିଶ୍ୱ ତମାଖୁ ନିଷେଧ ଦିବସ ଉପଲକ୍ଷେ କର୍ମଶାଳା, ସ୍ଥାନ– ଡିଆରଡିଏ କନ୍‌ଫରେନ୍ସ ହଲ ରାୟଗଡା, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର
- ମିନି ମାରାଥନ, ସ୍ଥାନ : ପୋଲିସ ପଡ଼ିଆରୁ ଶୁଭ ଅଭିନନ୍ଦନ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୯ଟା।
- ଜିଲା ବିକାଶ, ସମନ୍ୱୟ ଓ ତଦାରଖ କମିଟି (ଦିଶା) ବୈଠକ, ସ୍ଥାନ : ମିଶନ ଶକ୍ତି ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଆଲୋଚନା ଚକ୍ର, ସ୍ଥାନ: ଶୁଭ ଅଭିନନ୍ଦନ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ସଡ଼କ ସୁରକ୍ଷା ପାଇଁ ଜିଲା ସଂସଦୀୟ ନିର୍ବାଚନ ମଣ୍ଡଳୀ କମିଟି ବୈଠକ, ସ୍ଥାନ: ମିଶନ ଶକ୍ତି ବୈଠକ ଗୃହ, ସମୟ: ମଧ୍ୟାହ୍ନ ୧ ଟା।

## କୋରାପୁଟ
- ଶାବର ଶ୍ରୀକ୍ଷେତ୍ରରେ ନେତ୍ର ଉତ୍ସବ, ସ୍ଥାନ: ଜଗନ୍ନାଥ ମନ୍ଦିର, କୋରାପୁଟ, ସମୟ: ଭୋର ୩ଟା ୪୦।
- ରଥ ପ୍ରତିଷ୍ଠା, ସ୍ଥାନ: ଶାବର ଶ୍ରୀକ୍ଷେତ୍ର, କୋରାପୁଟ, ସମୟ: ସକାଳ ୮ଟା ୪୦।
- ଆନ୍ତର୍ଜାତିକ ନିଶା ନିବାରଣ ଦିବସ ନେଇ ରାଲି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ, ସମୟ : ସକାଳ ୯ଟା ୩୦।
- ନିଶା ନିବାରଣ ଦିବସ ନେଇ ସଚେତନତା ସଭା, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କଳାଜିରା ଚାଉଳ ପୁରୀ ଶ୍ରୀକ୍ଷେତ୍ରକୁ ପଠାଇବା କାର୍ଯ୍ୟକ୍ରମ, ସ୍ଥାନ: ଶାବର ଶ୍ରୀକ୍ଷେତ୍ର, କୋରାପୁଟ, ସମୟ : ଅପରାହ୍ନ ୪ ଟା।

## ମାଲକାନଗିରି
- ଆନ୍ତର୍ଜାତୀୟ ନିଶା ନିବାରଣ ଦିବସ ଉପଲକ୍ଷେ ସଚେତନତା ରାଲି, ସ୍ଥାନ: ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଅବକାରୀ ବିଭାଗ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ନିଶା ନିବାରଣ ଦିବସ ଉପଲକ୍ଷେ କର୍ମଶାଳା, ସ୍ଥାନ: ମାଲକାନଗିରି ଅବକାରୀ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ଜଗନ୍ନାଥ ମହାପ୍ରଭୁଙ୍କ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ, ସ୍ଥାନ : ମୁଦିପଡା ଜଗନ୍ନାଥ ମନ୍ଦିର, ସମୟ : ସକାଳ ୯ଟା।
- ଶ୍ରୀଗୋପାଳଜୀ ମହାପ୍ରଭୁଙ୍କ ନେତ୍ରୋତ୍ସବ ଓ ନବଯୌବନ ବେଶ ଦର୍ଶନ, ସ୍ଥାନ : ଧନୁପାଲି ଜଗନ୍ନାଥ ମନ୍ଦିର, ସମୟ : ସକାଳ ୯ଟା୩୦।
- ରଥ ଧ୍ୱଜା ବନ୍ଧା ନୀତି, ସ୍ଥାନ : ଝାଡୁଆପଡା ଜଗନ୍ନାଥ ମନ୍ଦିର, ସମୟ : ଅପରାହ୍ନ ୧୨ଟା ୩୦।
- ବ୍ରହ୍ମପୁରା ଠାକୁରଙ୍କ ନେତ୍ରୋତ୍ସବ ଓ ନବଯୌବନ ବେଶ ଦର୍ଶନ, ସ୍ଥାନ : ଝାଡୁଆପଡା ଜଗନ୍ନାଥ ମନ୍ଦିର, ସମୟ : ପୂର୍ବାହ୍ନ ୧୧ଟା୩୦।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଲିଗ ଜିଲା ଜିମ୍ନାଷ୍ଟିକ ଆସୋସିଏଶନ ବନାମ ହୀରାକୁଦ କ୍ରୀଡା ସଂଘ ମ୍ୟାଚ, ସମ୍ବଲପୁର ଗୋଲଡେନ ଇଗଲ ବନାମ ରୟାଲ କ୍ଲବ ମଧ୍ୟରେ ଫୁଟବଲ ମ୍ୟାଚ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୫ଟା୩୦।
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର
- ଅସୀଚାଳନା ପ୍ରଶିକ୍ଷଣ ଶିବିର ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦।
- ଜିଲା ସାମାଜିକ ସୁରକ୍ଷା ଅଫିସ ଓ ଅବକାରୀ ଅଫିସର ମିଳିତ ଶୋଭାଯାତ୍ରା, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର, ସମୟ: ସକାଳ ୮ଟା ୩୦।

## ରାଉରକେଲା
- ସିଏଚ୍‌ଏସ୍‌ଇ ଓ ଏନ୍‌ଆଇଟି ଆନୁକୂଲ୍ୟରେ ରସାୟନ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ, ୫ମଦିବସ, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ପୂର୍ବାହ୍ନ୧୦ଟା।
- ଜଗନ୍ନାଥଙ୍କ ନବଯୌବନ ବେଶ, ସ୍ଥାନ: ନିଳାଦ୍ରୀବିହାର ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଜଗନ୍ନାଥଙ୍କ ନେତ୍ରୋତ୍ସବ, ସ୍ଥାନ: ସେକ୍ଟର–୩ ଅହିରାବନ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ବିଭିନ୍ନ ସମସ୍ୟା ନେଇ ଜୁନାଗଡ଼ ବ୍ଲକ ସରପଞ୍ଚ ଓ ସମିତି ସଭ୍ୟ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ
- ଆର୍ନ୍ତଜାତିକ ନିଶା ସେବନ ଓ ନିଶା ଦ୍ରବ୍ୟର ଅବୈଧ ଚାଲାଣ ନିରାକରଣ ଦିବସ ପାଳନ, ସ୍ଥାନ:ଟାଉନ ହଲ ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମଦିନ ଅବସରରେ ଦେବଗଡ଼ ଫ୍ୟାନ୍‌କ୍ଲବ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ଦାଣ୍ଡ, ପୁରୁଣାଗଡ଼, ସମୟ: ସକାଳ ୬ଟା ୩୦।
- ଷ୍ଟେଟ୍‌ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଦେବଗଡ଼ ହସ୍ପିଟାଲ, ସମୟ: ସକାଳ ୯ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ପାତାଳି ଶ୍ରୀକ୍ଷେତ୍ରରେ ନବଯୌବନ ଦର୍ଶନ, ସ୍ଥାନ: କୋଟସମଲାଇ ସ୍ଥିତ ମନ୍ଦିର ପରିସର, ସମୟ: ସକାଳ ୮ଟା ୩୦।
- ସୋନପୁର ବଡଜଗନ୍ନାଥ ମନ୍ଦିରରେ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୯ଟା।
- ନେତ୍ର ଉତ୍ସବ, ସ୍ଥାନ: ଜଗନ୍ନାଥ ମନ୍ଦିର, ରଥପଡ଼ା ବିନିକା, ସମୟ: ପୂର୍ବାହ୍ନ ୧୧ଟା।
- ତରଭା ରଥଯାତ୍ରା ପାଇଁ ଦଧିବାମନ ମହାପ୍ରଭୁଙ୍କ ନେତ୍ରୋତ୍ସବ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୫ଟା।

## ନୂଆପଡ଼ା
- ଗୋପବନ୍ଧୁଙ୍କ ଶ୍ରାଦ୍ଧ ଦିବସ ପାଳନ, ସ୍ଥାନ: ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ନୂଆପଡ଼ା, ସମୟ: ସକାଳ ୮ଟା।

# ଅଭିନେତା ନାରାୟଣ ପତିଙ୍କ ପରଲୋକ

**କଳାକାର ଚୟନ କରୁଥିବାବେଳେ ହୃଦ୍‌ଘାତ**

ଭୁବନେଶ୍ୱର, ୨୫।୬ (ସୌମ୍ୟରଞ୍ଜନ ରାଉତ)



ସିନେ ଅଭିନେତା ତଥା ନିର୍ଦ୍ଦେଶକ ନାରାୟଣ ପତି(୭୨)ଙ୍କ ବୁଧବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ବ୍ୟାସକବି ଫକୀରମୋହନ ସେନାପତିଙ୍କ କାଳଜୟୀ ସାହିତ୍ୟକୃତି 'ଡାକମୁନସୀ' ଉପରେ ଏକ ଓଡ଼ିଆ ସିନେମା ନିର୍ମାଣ କରିବାକୁ କଳାକାର ଚୟନ ଚାଲିଥିବା ବେଳେ ମଙ୍ଗଳବାର ସନ୍ଧ୍ୟାରେ ହଠାତ୍ ସେ ଅସୁସ୍ଥ ହୋଇପଡିଥିଲେ। ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ବୁଧବାର ତାଙ୍କର ପରଲୋକ ହୋଇଯାଇଛି। ସନ୍ଧ୍ୟାରେ ନାରାୟଣଙ୍କ ପାର୍ଥିବ ଶରୀରକୁ ଯାଜପୁରସ୍ଥିତ ପୈତୃକ ଗାଁ ପ୍ରୀତିପୁରକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସ୍ୱର୍ଗତ ପତି ୧୯୭୧ରୁ ଅଭିନୟ କ୍ୟାରିଅର ଆରମ୍ଭ ହୋଇଥିଲା। ୧୯୭୯ରେ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର 'ସମର ସଲିମ ସାଇମନ'ରେ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିତିଥିଲେ। ୧୯୯୪ରେ ପ୍ରଯୋଜକ ବସନ୍ତ ନାୟକଙ୍କ ପ୍ରଯୋଜିତ ତଥା ନିର୍ଦ୍ଦେଶକ ମହମ୍ମଦ ମହସୀନଙ୍କ ନିର୍ଦ୍ଦେଶିତ 'ଲକ୍ଷେ ଶିବ ପୂଜି ପାଇଛି ପୁଅ' ଏବଂ 'ବାଟ ଅବାଟ' ଭଳି ସିନେମାରେ ଅଭିନୟ କରି ଚର୍ଚ୍ଚାକୁ ଆସିଥିଲେ। ଏଥିସହିତ ସେ ହିନ୍ଦୀ ସିନେମା 'ଦୟାବାନ୍'ରେ ମଧ୍ୟ ନିଜ ଅଭିନୟର ଯାଦୁ ଦେଖାଇଥିଲେ। ତାଙ୍କ ଶେଷ ଚଳଚ୍ଚିତ୍ର ଥିଲା 'ବୋଉର ହାତ ବାକ୍ସ'।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପାଚିଲା ପାନ**
**ଚିତ୍ତ କରିଥିଲୁ ଛନ ଛନ**
**ଆଶା କରିଥିଲି ତୋତେ**
**କାଉକୁ ଯେମନ୍ତ କୋଇଲି ଭଣ୍ଡାଇ**
**ସେହିପରି କଲୁ ମୋତେ।**

ସାଧାରଣତଃ ପ୍ରେମରେ ପ୍ରତାରଣା ଦେହ ଓ ମନକୁ କ୍ଷତାକ୍ତ କରିଦେଇଥାଏ। କାଉକୁ କୋଇଲି କହି ଭଣ୍ଡାଇବା ଭଳି ପ୍ରେମ ମଧ୍ୟ ଅନେକ ସମୟରେ ଛଳନାମୟ ହୋଇଯାଇଥାଏ। ଏପରି ଛଳନା ପୂର୍ଣ୍ଣ ବ୍ୟବହାରରେ ମର୍ମାହତ ହୋଇପଡ଼ିଥିବା ପ୍ରେମୀ ହତୋତ୍ସାହିତ ହୋଇପଡ଼ିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପିତାମାତା ସୁକୃତରୁ ପୁତ୍ର ହୁଏ ସୁଖୀ**
**ସୁପୁତ୍ର ହୋଇଲେ କୁଳଧର୍ମ ରଖି।**

ପିତାମାତା ସୁକୃତରୁ ପୁତ୍ର ସୁଖୀ ହୋଇଥାଏ। ଗୁଣବାନ ସୁପୁତ୍ର ହିଁ କୁଳଧର୍ମ ଠିକ ରକ୍ଷା କରେ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ–ଫ୍ରେଣ୍ଡ୍‌ସ ପବ୍ଲିଶର୍ସ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ବର୍ଷକୁ ୨ ଥର ...

ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ପରୀକ୍ଷା ଦେବା ବାଧ୍ୟତାମୂଳକ ରହିବ। ମେ'ରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ନିଜ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ଚାହୁଁଥିବା ପିଲାଙ୍କ ପାଇଁ ଇଚ୍ଛାଧୀନ ରହିବ। ଛାତ୍ରୀଛାତ୍ରଙ୍କ ଉପରୁ ପରୀକ୍ଷାଜନିତ ବୋଝ ହ୍ରାସ କରିବା ପାଇଁ ଏହି ନୂଆ ପଦକ୍ଷେପ ନିଆଯାଇଥିବା ସିବିଏସ୍‌ଇ ପକ୍ଷରୁ କୁହାଯାଇଛି।

ସିବିଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ସନ୍ୟାମ୍ ଭରଦ୍ୱାଜ ଏହି ଅନୁମୋଦନ ସମ୍ପର୍କରେ ଘୋଷଣା କରି କହିଛନ୍ତି, ଦୁଇଟି ପର୍ଯ୍ୟାୟରେ ପରୀକ୍ଷା ହେବ। ଫେବୃଆରୀରେ ପ୍ରଥମ ଓ ମେ'ରେ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ହେବ। ଦୁଇଟି ଯାକ ପର୍ଯ୍ୟାୟ ପରୀକ୍ଷାର ଫଳ ଯଥାକ୍ରମେ ଏପ୍ରିଲ ଓ ଜୁନ୍‌ରେ ପ୍ରକାଶ ପାଇବ। ସମସ୍ତ ଛାତ୍ରୀଛାତ୍ର ପ୍ରଥମ ପର୍ଯ୍ୟାୟ ପରୀକ୍ଷା ଦେବାକୁ ବାଧ୍ୟ। ଦ୍ୱିତୀୟ ପର୍ଯ୍ୟାୟ ଚାହିଁଲେ ଦେବେ। ନ ଦେଲେ ବି ଚଳିବ। ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ ଓ ଭାଷା ମଧ୍ୟରୁ ସେମାନଙ୍କ ଯେକୌଣସି ୩ଟି ବିଷୟରେ ପ୍ରଦର୍ଶନରେ ଉନ୍ନତି ଆଣିବା ପାଇଁ ସୁଯୋଗ ଦିଆଯିବ। ଯେଉଁ ଛାତ୍ରୀଛାତ୍ର ପ୍ରଥମ ପର୍ଯ୍ୟାୟରେ ୩ଟି କିମ୍ବା ତା' ଅଧିକ ବିଷୟରେ ପରୀକ୍ଷା ଦେଇ ନ ଥିବେ, ସେମାନଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଦେବାକୁ ସୁଯୋଗ ମିଳିବ ନାହିଁ। ସେହି ପରୀକ୍ଷାର୍ଥୀମାନେ 'ଏସେନ୍‌ସିଆଲ ରିପିଟ୍' ବର୍ଗ ଭାବେ ବିବେଚିତ ହେବେ। ସେମାନେ ପରବର୍ତ୍ତୀ ବର୍ଷ ଫେବୃଆରୀରେ ମୁଖ୍ୟ ପରୀକ୍ଷା ଦେଇପାରିବେ।

ଅନ୍ୟପକ୍ଷରେ ସିବିଏସ୍‌ଇର ଅନୁମୋଦିତ ନିୟମ ଅନୁସାରେ ଯେଉଁ ସ୍କୁଲଗୁଡ଼ିକରେ ଶୀତ ଯୋଗୁ ପୃଥକ୍ ପାଠ୍ୟକ୍ରମ ରହିଥାଏ, ସେଠାକାର ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିକଟରେ ଦୁଇଟି ପର୍ଯ୍ୟାୟ ମଧ୍ୟରୁ ଯେକୌଣସି ଗୋଟିଏ ପରୀକ୍ଷା ଦେବାକୁ ବିକଳ୍ପ ରହିବ। ଏହି ସୁବିଧା କ୍ରୀଡ଼ାବିତ୍ ଛାତ୍ରୀଛାତ୍ରଙ୍କୁ ମଧ୍ୟ ମିଳିବ। ଇତିମଧ୍ୟରେ ଗ୍ରେଡ୍ ପାଇଁ ଇଣ୍ଟରନାଲ ଆସେସ୍‌ମେଣ୍ଟ (ଆଭ୍ୟନ୍ତରୀଣ ମୂଲ୍ୟାଙ୍କନ) ଗୋଟିଏ ଶିକ୍ଷାବର୍ଷରେ କେବଳ ଥରେ ହେବ। ସିବିଏସ୍‌ଇ ପକ୍ଷରୁ ଗତ ଫେବୃଆରୀରେ ଘୋଷଣା କରାଯାଇଥିବା ଡ୍ରାଫ୍ଟ ନିୟମକୁ ବିଭିନ୍ନ ପକ୍ଷଙ୍କଠାରୁ ମତାମତ ଲୋଡ଼ିବା ସକାଶେ ଅପ୍‌ଲୋଡ୍ କରାଯାଇଥିଲା।

#### ୨୦୨୦ ଏନ୍‌ଇପି

ନୂଆ ଏନ୍‌ଇପି ଅଧୀନରେ ବୋର୍ଡ ପରୀକ୍ଷାଗୁଡ଼ିକୁ ନେଇ ଅନେକ ସୁପାରିସ କରାଯାଇଥିଲା। ଏନ୍‌ଇପି ୨୦୨୦ରେ କୁହାଯାଇଛି ଯେ, କୋଚିଂ କ୍ଲାସ୍ କରିବା ଆବଶ୍ୟକତାକୁ ବନ୍ଦ କରିବା ପାଇଁ ବୋର୍ଡ ଓ ପ୍ରବେଶିକା ପରୀକ୍ଷାର ପ୍ରଚଳିତ ବ୍ୟବସ୍ଥାରେ ସଂସ୍କାର ଅଣାଯିବ। ବର୍ତ୍ତମାନର ମୂଲ୍ୟାଙ୍କନ ବ୍ୟବସ୍ଥା ଯୋଗୁ ପଡୁଥିବା କ୍ଷତିକାରକ ପ୍ରଭାବକୁ ଦୂର କରିବା ପାଇଁ ବୋର୍ଡ ପରୀକ୍ଷାଗୁଡ଼ିକୁ ପୁନଃ ଡିଜାଇନ୍ କରାଯିବ। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ଉନ୍ନତି ହୋଇପାରିବ। ସେମାନେ ଅନେକ ବିଷୟ ମଧ୍ୟରୁ ମନପସନ୍ଦର ବିଷୟ ଚୟନ କରିପାରିବେ। ତା' ଉପରେ ସେମାନେ ପରୀକ୍ଷା ଦେବେ। ସେହିପରି ବର୍ଷକୁ ୨ ଥର ପରୀକ୍ଷା ଦେବା ପାଇଁ ପିଲାଙ୍କୁ ସୁଯୋଗ ପ୍ରଦାନ ସମ୍ପର୍କରେ ମଧ୍ୟ ନୂଆ ଏନ୍‌ଇପିରେ ସୁପାରିସ କରାଯାଇଥିଲା।

# ଜରୁରିକାଳୀନ ପରିସ୍ଥିତି ଭାରତ ଇତିହାସର କଳଙ୍କିତ ଅଧ୍ୟାୟ: ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ସମ୍ମାନିତ ଅତିଥିଗଣ ଜରୁରିକାଳୀନ ସମୟର ଲୋକତନ୍ତ୍ର ସେନାନୀମାନଙ୍କୁ ସମ୍ମାନିତ କରୁଛନ୍ତି।

ଭୁବନେଶ୍ୱର,୨୫।୬(ସୁନିତ୍ ମିଶ୍ର)

ଭାରତରେ ଜରୁରିକାଳୀନ ପରିସ୍ଥିତି ଘୋଷଣା ହେବାର ୫୦ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସମ୍ବିଧାନ ହତ୍ୟା ଦିବସ ୨୦୨୫ ସ୍ଥାନୀୟ ରେଳ ଅଡିଟୋରିଅମଠାରେ ବୁଧବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଏହି 'ଜରୁରିକାଳୀନ ପରିସ୍ଥିତି' ସମୟକୁ ସ୍ୱାଧୀନ ଭାରତର ଇତିହାସର ଏକ କଳଙ୍କିତ ଅଧ୍ୟାୟ ବୋଲି କହିଛନ୍ତି। ସେ କହିଛନ୍ତି, ଜରୁରିକାଳୀନ ପରିସ୍ଥିତିରେ ଯେଉଁ ପ୍ରକାର ଦମନଲୀଳା, ଅକଥନୀୟ ଅତ୍ୟାଚାର ଚାଲିଥିଲା ସେସବୁକୁ କେହି ଭୁଲିପାରିବେ ନାହିଁ। କିନ୍ତୁ ଏକଛତ୍ରବାଦୀ ଶାସନ ବିରୋଧରେ ବ୍ୟାପକ ସଚେତନତା ସୃଷ୍ଟିକରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ନୂଆ ପିଢ଼ିଙ୍କ ପାଖରେ ଏହି କାଳିମାମୟ ଅଧ୍ୟାୟର ସ୍ମୃତିକୁ ପହଞ୍ଚାଇବା ପାଇଁ ବର୍ଷବ୍ୟାପୀ କାର୍ଯ୍ୟକ୍ରମ ଗ୍ରହଣ କରିବା ନିମନ୍ତେ ଭାରତ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି କାର୍ଯ୍ୟକ୍ରମ ବର୍ଷବ୍ୟାପୀ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ସେହି ସମୟରେ ସମ୍ବିଧାନର ସୁରକ୍ଷା ପାଇଁ, ଲୋକଙ୍କ ମୌଳିକ ଅଧିକାରର ସୁରକ୍ଷା ପାଇଁ ଭାଜପା ସାରା ଭାରତରେ ଲଢ଼େଇ ଜାରି ରଖିଥିଲା। ଦେଶର ସମସ୍ତ ବଡ଼ ନେତାଙ୍କ ସହ ଅଟଳ ବିହାରୀ ବାଜପେୟୀ ଓ ଲାଲକୃଷ୍ଣ ଆଡଭାନୀଙ୍କ ପରି ନେତାମାନେ ମଧ୍ୟ ଜେଲ ଯାଇଥିଲେ। ଦମନଲୀଳା ଏତେ ମାତ୍ରାରେ ଥିଲା ତାଙ୍କ ପାଖରେ କେବଳ ୨ଟି ବିକଳ୍ପ ଥିଲା, ଯଦି ସରକାରଙ୍କୁ ବିରୋଧ କରିବ ତେବେ ଜେଲ ଯିବ ଅଥବା ଖବରକାଗଜ ବନ୍ଦ ହେବ। ଅନେକେ ନିଜ ଖବରକାଗଜକୁ ବନ୍ଦ କରିବାକୁ ଚାହୁଁ ନ ଥିଲେ, ଯେଉଁମାନେ ଝୁଙ୍କିଲେ ନାହିଁ, ତାଙ୍କୁ ଜେଲ ଯିବାକୁ ପଡ଼ିଲା। ପ୍ରାୟ ୧୦ ହଜାର ଖବରଦାତା ଜେଲଦଣ୍ଡ ଭୋଗିଲେ। ଲୋକତନ୍ତ୍ର ସେନାନୀମାନେ, ଯେଉଁମାନେ ବର୍ତ୍ତମାନ ଆମ ସହ ଉପସ୍ଥିତ ଅଛନ୍ତି, ସେମାନେ ଜାଣିଛନ୍ତି ସେମାନଙ୍କ ଉପରେ ଜେଲରେ କିପରି ଅତ୍ୟାଚାର କରାଯାଉଥିଲା। ସେମାନଙ୍କ ମଧ୍ୟରୁ ଏବେ ୧୦୮ ଜଣ ଲୋକତନ୍ତ୍ର ସେନାନୀ ଏଠାରେ ଅଛନ୍ତି। ସେମାନଙ୍କୁ ମାସକୁ ୨୦ ହଜାର ଟଙ୍କା ପେନ୍‌ସନ ଓ ଚିକିତ୍ସା ସୁବିଧା ମଧ୍ୟ ମିଳୁଛି। ବର୍ତ୍ତମାନ ସୁଦ୍ଧା ୫୬ ଜଣଙ୍କର ପେନ୍‌ସନ ପାଇଁ ଅନୁମୋଦନ ମିଳିସାରିଛି। ଅନ୍ୟ ଲୋକତନ୍ତ୍ର ସେନାନୀମାନଙ୍କ ପାଇଁ ପ୍ରକ୍ରିୟା ଜାରି ରହିଛି। ଖୁବ୍‌ଶୀଘ୍ର ସେମାନେ ମଧ୍ୟ ପେନ୍‌ସନ ପାଇବେ। ସ୍ୱାଧୀନତା ସଂଗ୍ରାମୀଙ୍କ ପରି ଲୋକତନ୍ତ୍ର ସେନାନୀଙ୍କୁ ମଧ୍ୟ ଉପଯୁକ୍ତ ସମ୍ମାନ ଦିଆଯିବ।

କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ୫୦ ବର୍ଷ ତଳେ ଯେଉଁ ଭୁଲ୍ ହୋଇଥିଲା ତାହା ବର୍ତ୍ତମାନର ପିଢି ଜାଣିବା ଦରକାର ଆଉ ଅନ୍ୟର ଭୁଲ୍‌ରୁ ମଣିଷ ଶିଖିବା ଭଳି ଆଜିର ପିଢ଼ି ଏହି ଦିବସରେ ଶିଖିବା ଦରକାର। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓ ସମ୍ମାନିତ ଅତିଥିଗଣ ଜରୁରିକାଳୀନ ସମୟର ଲୋକତନ୍ତ୍ର ସେନାନୀମାନଙ୍କୁ ସମ୍ମାନିତ କରିଛନ୍ତି। ଲୋକତନ୍ତ୍ର ସେନାନୀ ଶୋଭାଯାତ୍ରା ରଥ ଓ ସମ୍ବିଧାନ ହତ୍ୟା ଦିବସ ଚିତ୍ରକଳା ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ସେ ସମୟରେ ଦେଶକୁ ଶାସନ କରିବାକୁ ଯେଉଁ ବ୍ୟବସ୍ଥା ଚାଲିଥିଲା ସେ ସମୟ ସମସ୍ତଙ୍କ ପାଇଁ ଏକ କଳା ଦୁନିଆ ଥିଲା। କିନ୍ତୁ ସେଇ ଲଢ଼େଇ ବର୍ତ୍ତମାନ ଦିନରେ ଏକ ଶିକ୍ଷା ହେଉ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବକ୍ତବ୍ୟରେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ଲୋକତନ୍ତ୍ର ସେନାନୀ ବିଦ୍ୟାଧର କୁଅଁର, କୃଷ୍ଣଚନ୍ଦ୍ର ଜଗଦେବ ଓ କାହ୍ନୁଚରଣ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବରିଷ୍ଠ ନେତା ଅମର ପ୍ରସାଦ ଶତପଥୀ ଧନ୍ୟବାଦ ଅର୍ପଣ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**: ଶୁକ୍ରଙ୍କ ସୁପ୍ରଭାବରେ ମନ ପ୍ରଫୁଲ୍ଲ ରହିବା ସହ ବନ୍ଧୁମିଳନରୁ ଆନନ୍ଦିତ ହେବେ। ଆଜିର ଯାତ୍ରାରେ ଲକ୍ଷ୍ୟପୂରଣ, ପାରିବାରିକ ଶାନ୍ତି ଏବଂ ପରିଭ୍ରମଣର ସୁଯୋଗ ଲାଭ କରିବେ। ସଭାସମିତି, ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ସାମିଲହୋଇ ପ୍ରଶଂସିତ ହେବେ। ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହୋଇପାରେ।

**ବୃଷ**: ଧନସ୍ଥାନରେ ବୁଧାଦିତ୍ୟ ଯୋଗ ପ୍ରଭାବରେ ବିଶିଷ୍ଟବ୍ୟକ୍ତିଙ୍କ ସଙ୍ଗଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟାଜନିତ ବନ୍ଧୁମିଳନ ଓ ମନୋରଞ୍ଜନ କାର୍ଯ୍ୟକ୍ରମରୁ ଦୂରେଇ ରହିବାକୁ ବାଧ୍ୟ ହେବେ। ଜମିଜମା କାରବାରରେ କଳହ କିମ୍ବା ସହକର୍ମୀଙ୍କ ତର୍କ ବିତର୍କର ଆଶଙ୍କା ରହିଛି। ପ୍ରତିଯୋଗିତାରେ ସଫଳତା ପାଇବେ।

**ମିଥୁନ**: ରାଶିରେ ଚନ୍ଦ୍ରଙ୍କ ସ୍ଥିତି ହେତୁ ବୈଷୟିକ ଅଭିବୃଦ୍ଧି ଘଟିବା ସହ ବନ୍ଧୁବର୍ଗଙ୍କ ଦ୍ୱାରା ପ୍ରଶଂସିତ ହେବେ। ଅସୁବିଧାରେ ଥିଲେ ମଧ୍ୟ ନିଜ ଲୋକଙ୍କ ସାହାଯ୍ୟରୁ କାମ ଅଟକିବ ନାହିଁ। ଜମିଜମା କିମ୍ବା ଗୃହସୀମାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ଗବେଷଣା, ସଭାସମିତି, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**କର୍କଟ**: ଚନ୍ଦ୍ର ଓ ବୁଧଙ୍କ କ୍ଷେତ୍ର ବିନିମୟ ଯୋଗ ପ୍ରଭାବରେ ଆତ୍ମୀୟ କିମ୍ବା ବନ୍ଧୁଙ୍କ ପ୍ରଶଂସାର ପାତ୍ର ହେବେ। ଦିନଟିରେ ଭୋଗ ବିଳାସ, ସହିତ୍ୟ, କ୍ରୀଡ଼ା ଓ ମଉଜ ମଜଲିସ୍ ସକାଶେ ମନ ବଳାଇବେ। କର୍ମକ୍ଷେତ୍ରରେ ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହେବ। ରାହୁଙ୍କ କୁପ୍ରଭାବରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ।

**ସିଂହ**: ଏକାଦଶସ୍ଥ ଗ୍ରହମାନଙ୍କ ପ୍ରଭାବରେ ଅଭିଳଷିତ ଜିନିଷ ପାଇବାରେ ଅସୁବିଧା ହେବନାହିଁ। ସମସ୍ୟା ଲାଗି ରହିଲେ ମଧ୍ୟ ଲକ୍ଷ୍ୟ ପୂରଣ ପର୍ଯ୍ୟନ୍ତ ଉଦ୍ୟମ ଜାରି ରଖିପାରନ୍ତି। ମଙ୍ଗଳଙ୍କ ଦୁର୍ବଳତାରୁ ଜଟିଳ ପାରିବାରିକ ସମସ୍ୟା ମାନସିକ ସ୍ଥିତିକୁ ବିପନ୍ନ କରିବ। ଆଇନ ସହାୟତା ଲାଭପୂର୍ବକ ବିବାଦୀୟ ଘଟଣାରେ ବିଜୟ ଲାଭ ଅବଶ୍ୟମ୍ଭାବୀ।

**କନ୍ୟା**: ରାଶିପ୍ରତି ଶନିଙ୍କ ଦୃଷ୍ଟି ମାନସିକ ଶିଥିଳତା ପ୍ରଦାନ କଲେ ମଧ୍ୟ କାର୍ଯ୍ୟ ସାଧନରେ ଅସୁବିଧା ରହିବନାହିଁ। କୌଣସି କଥାକୁ ଠିକ୍ ଭାବେ ବିଚାର ନ କରି ନିଷ୍ପତ୍ତି ନେଲେ ଅନୁତାପ କରିବେ। ପୂର୍ବ ଶତ୍ରୁତା କାରଣରୁ ଖଳ ଲୋକଙ୍କ ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ବୃହସ୍ପତିଙ୍କ ସୁପ୍ରଭାବ କାର୍ଯ୍ୟାରମ୍ଭ ସାଙ୍ଗକୁ ସୁବିଧା ସୁଯୋଗ ଲାଭ କରିବେ।

**ତୁଳା**: ଶୁକ୍ରଙ୍କ ଶୁଭଦୃଷ୍ଟିରୁ ଆରୋଗ୍ୟଲାଭ, ମାନସିକ ପ୍ରଫୁଲ୍ଲତା, ଆର୍ଥିକ ସୁଖସମୃଦ୍ଧି ଲାଭ କରିବେ। ଚନ୍ଦ୍ରଙ୍କ ସ୍ଥିତି ପ୍ରଭାବରେ ରୋଗ, ଋଣ ଓ ଶତ୍ରୁତା ହେତୁକ କାର୍ଯ୍ୟହାନିଜନିତ ଚିନ୍ତିତ ରହିପାରନ୍ତି। ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧିକୁ ସନ୍ଦେହକରି ଘରେ ବିଭିନ୍ନ କଥା ଶୁଣିବାକୁ ପଡ଼ିପାରେ। ସରକାରୀ କାମରେ ପଦସ୍ଥ ବ୍ୟକ୍ତି ସହଯୋଗ କରିପାରନ୍ତି।

**ବିଛା**: ସ୍ୱାସ୍ଥ୍ୟସମସ୍ୟା ନିୟନ୍ତ୍ରଣରେ ରହିବାର ଆଶା କରାଯାଇପାରେ। ଶନିଙ୍କ କୁପ୍ରଭାବରୁ ସମ୍ପର୍କୀୟ ଈର୍ଷାପରାୟଣ ହୋଇ ପଛରୁ ଗୋଡ଼ ଟାଣିପାରନ୍ତି। ଆଶା କରୁଥିବା ଦିଗରୁ ଅର୍ଥ ପାଇବା କଷ୍ଟକର ହେବ। ବିଭିନ୍ନ ସମସ୍ୟା ଥିଲେ ମଧ୍ୟ ନିର୍ମାଣ, ପରିବହନ, ମରାମତି, ଜମିଜମା କାମରେ ବନ୍ଧୁଙ୍କ ସାହାଯ୍ୟ ଅବଶ୍ୟ ପାଇବେ।

**ଧନୁ**: ଚନ୍ଦ୍ର କର୍ମକ୍ଷେତ୍ରକୁ ପ୍ରଭାବିତ କରି ଅଶାନ୍ତିକର ପରିସ୍ଥିତି ଓ ବୁଧଙ୍କ ସଂଯୋଗ ପାରିବାରିକ ଓ କର୍ମକ୍ଷେତ୍ରକୁ ପ୍ରଭାବିତ କରିପାରନ୍ତି। ବିଶେଷ ଭାବେ ଆଶା କରୁଥିବା ଦିଗରୁ ଅର୍ଥ ଓ ଆବଶ୍ୟକ ସହଯୋଗର ଆଶା ଭଙ୍ଗୁର ହୋଇଯିବ। ବ୍ୟକ୍ତିଗତ କାରଣରୁ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ବାଣିଜ୍ୟ ଓ ପରିବହନ କ୍ଷେତ୍ର ଉନ୍ନତ ହେବ।

**ମକର**: ଅନୁକୂଳ ଗ୍ରହ ପ୍ରଭାବରୁ ଆଶା ପୂରଣ ସହ କର୍ମାରମ୍ଭ ପ୍ରୀତିଦାୟକ ହେବ। କର୍ମକ୍ଷେତ୍ରରେ ତରବରିଆ ଭାବେ କୌଣସି କାମ କଲେ ଓଲଟା ଫଳ ପାଇବେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ ନଚେତ୍ ଅଦଳବଦଳ ହୋଇଯାଇପାରେ। ଏକ ଗୁରୁତ୍ୱପୂର୍ଣ୍ଣ କାମରେ ଯାଇଥିବା ବନ୍ଧୁଙ୍କ ଫେରିବା ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ**: ଚନ୍ଦ୍ର ଓ ଶୁକ୍ରଙ୍କ ଶୁଭ ସଂସ୍ଥାନ ଆଜିର ଜୀବନଯାତ୍ରାକୁ ଆନନ୍ଦଦାୟକ କରିବ। ବଳହୀନ ମଙ୍ଗଳ ଯୋଗୁ ସାହାଯ୍ୟ ପରିପ୍ରେକ୍ଷୀରେ ବନ୍ଧୁଙ୍କ ସକାଶେ ଅଯଥା କଷ୍ଟ ଅନୁଭବ କରିବାକୁ ପଡ଼ିପାରେ। ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ। ବାଣିଜ୍ୟ ଓ ବ୍ୟବସାୟରେ ସଫଳତା ହାସଲ କରି ଖୁସି ହୋଇପାରନ୍ତି।

**ମୀନ**: କେନ୍ଦ୍ରସ୍ଥ ଚନ୍ଦ୍ରଙ୍କ ସ୍ଥିତି ମାନସିକ ପ୍ରଫୁଲ୍ଲତା, ପଡ଼ୋଶିନୀଙ୍କ ସହାନୁଭୂତି ପାଇବାରେ ସହାଯ୍ୟ କରିବ। ପାପଗ୍ରହଜନିତ କାରଣରୁ ପାରିବାରିକ ସମସ୍ୟାରୁ ମୁକ୍ତି ମିଳିବା କଷ୍ଟକର ହେବ। ପ୍ରତ୍ୟୁଷ ଯାତ୍ରାରେ ଲକ୍ଷ୍ୟସ୍ଥଳକୁ ଯିବାରେ କୌଣସି ଅସୁବିଧା ରହିବ ନାହିଁ। ଆର୍ଥିକ ସ୍ଥିତି ମନ୍ଦ ନ ହେଲେ ମଧ୍ୟ ଋଣ ପରିଶୋଧ କରିବା ସକାଶେ ଚିନ୍ତିତ ରହିପାରନ୍ତି।

ଆଜି ଜୁନ ୨୬ ତାରିଖ, ଅନ୍ତର୍ଜାତୀୟ ନିଶାମୁକ୍ତି ଦିବସ, ଶ୍ରୀମନ୍ଦିରରେ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ, ଆଷାଢ଼ ଶୁକ୍ଳ ପ୍ରତିପଦା ଯୁକ୍ତ ଦ୍ୱିତୀୟା ଗୁରୁବାର। ରାଶିନକ୍ଷତ୍ର–ଦିବା ଘ.୦୮.୪୭ ମି. ଗତେ ପୁନର୍ବସୁ/ମିଥୁନ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଦ୍ୱିତୀୟାର ପାର୍ବଣଶ୍ରାଦ୍ଧ। ସକାଳ ଘ.୦୫.୧୩ ଗତେ ଘ.୦୬.୦୬ ମଧ୍ୟେ, ଘ.୦୯.୩୭ ଗତେ ଘ.୧୧.୨୩ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୧.୨୮ ମି. ଗତେ ଘ.୦୩.୦୭ ମି. ମଧ୍ୟେ ରାହୁ କାଳ।

# ରଥଯାତ୍ରା ଶ୍ରଦ୍ଧାଳୁଙ୍କ ସେବାରେ ଭାରତୀୟ ରେଳ



**ଅଶ୍ୱିନୀ ବୈଷ୍ଣବ**
**କେନ୍ଦ୍ର ରେଳ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, ସୂଚନା ଓ ପ୍ରସାରଣ ମନ୍ତ୍ରୀ**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଜେସ୍ଥଳୀ ପବିତ୍ର ଶ୍ରୀକ୍ଷେତ୍ର ପୁରୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରସ୍ତୁତ ହୋଇସାରିଛି। ଶ୍ରୀଗୁଣ୍ଡିଚା ଯାତ୍ରା ହେଉଛି ସାରା ବିଶ୍ୱରୁ ଆସୁଥିବା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ପାଇଁ ଆସ୍ଥାର ଏକ ଯାତ୍ରା। ଏହି ତୀର୍ଥଯାତ୍ରୀମାନଙ୍କ ସେବାରେ ଭାରତୀୟ ରେଳ ସମ୍ପୂର୍ଣ୍ଣ ସମର୍ପିତ ଭାବେ ନିୟୋଜିତ ରହିଛି। ଶ୍ରୀକ୍ଷେତ୍ର ପୁରୀରେ ସେମାନଙ୍କର ଦିବ୍ୟ ଅନୁଭୂତି ଲାଗି ସବୁପ୍ରକାର ସୁବିଧା ଯୋଗାଇ ଦେଉଛି ରେଳବାଇ।

ଗତ ୧୧ ବର୍ଷ ମଧ୍ୟରେ ଓଡ଼ିଶାର ରେଳ ଭିତ୍ତିଭୂମିରେ ଐତିହାସିକ ବିକାଶ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବୋଦୟ ନୀତି ଅନ୍ତର୍ଗତ, ଓଡ଼ିଶାର ରେଳ ବଜେଟ ଆବଣ୍ଟନ ପରିମାଣ ୨୦୦୯-୧୪ ତୁଳନାରେ ୧୨ ଗୁଣ ବୃଦ୍ଧି ପାଇ ୨୦୨୫-୨୬ରେ ୧୦ ହଜାର ୫୦୦ କୋଟିରୁ ଅଧିକ ଟଙ୍କାରେ ପହଞ୍ଚିଛି। ୨୦୧୪ ପରଠାରୁ ଓଡ଼ିଶାରେ ୨,୧୦୦ କିଲୋମିଟର ନୂଆ ରେଳ ଲାଇନ ନିର୍ମାଣ ହୋଇଛି। ଏହା ମାଲେସିଆର ସମ୍ପୂର୍ଣ୍ଣ ରେଳ ନେଟ୍‌ୱର୍କଠାରୁ ଅଧିକ ଲମ୍ବା।

ଓଡ଼ିଶାରେ ନୂଆ ରେଳ ଟ୍ରାକ୍ ନିର୍ମାଣ ପାଇଁ ପ୍ରାୟ ୭୩ ହଜାର କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ କାମ ଜାରି ରହିଛି। ୫୯ଟି ଅମୃତ ଷ୍ଟେଶନ ବିକଶିତ କରାଯାଉଛି। ଏଥିମଧ୍ୟରୁ ୧୬ଟି ଷ୍ଟେଶନ ଆକାଂକ୍ଷୀ ଜିଲାଗୁଡ଼ିକରେ ରହିଛି। ୬ଟି ବନ୍ଦେ ଭାରତ ଟ୍ରେନ ରାଜ୍ୟର ୧୭ଟି ଜିଲାରେ ଯାତ୍ରୀ ସେବା ଯୋଗାଇ ଦେଉଛନ୍ତି।

ରଥଯାତ୍ରା ସମୟରେ ଭାରତୀୟ ରେଳବାଇ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥାଏ। ପ୍ରତ୍ୟେକ ବର୍ଷ ରେଳବାଇ ଲକ୍ଷ ଲକ୍ଷ ରଥଯାତ୍ରା ତୀର୍ଥଯାତ୍ରୀଙ୍କୁ ସେବା ଯୋଗାଇଦିଏ।

## ତୀର୍ଥଯାତ୍ରୀଙ୍କ ପାଇଁ ସୁଗମ ଯାତ୍ରା ସୁବିଧା

ଗତ ୧୧ ବର୍ଷ ମଧ୍ୟରେ ରଥଯାତ୍ରା ସ୍ୱତନ୍ତ୍ର ଟ୍ରେନ ସଂଖ୍ୟା ଚାରି ଗୁଣ ବୃଦ୍ଧି ପାଇଛି। ଚଳିତ ବର୍ଷ ପୁରୀକୁ ୮୫୦ଟି ନିୟମିତ ଏବଂ ୩୬୫ଟି ସ୍ୱତନ୍ତ୍ର ଟ୍ରେନ ସେବା ସମେତ ମୋଟ ୧୨୧୫ଟି ଟ୍ରେନ ସେବା ଯୋଗାଇ ଦିଆଯାଉଛି। ଏହି ରେଳ ସେବା ଆକାଂକ୍ଷୀ ଜିଲା କଳାହାଣ୍ଡି, ବଲାଙ୍ଗୀର, ନୂଆପଡ଼ା, କୋରାପୁଟ, ରାୟଗଡ଼ା, ଗଜପତି ଓ ଢେଙ୍କାନାଳ ସମେତ ରାଜ୍ୟର ବିଭିନ୍ନ ଉପାନ୍ତ ଆଦିବାସୀ କ୍ଷେତ୍ରରୁ ଶ୍ରୀକ୍ଷେତ୍ର ପୁରୀକୁ ଶ୍ରଦ୍ଧାଳୁଙ୍କ ଯାତାୟାତ ପାଇଁ ଯୋଗାଇ ଦିଆଯିବ।

## ଦିବ୍ୟ ଅନୁଭୂତି ପାଇଁ ଏକ ଆରାମଦାୟକ ଯାତ୍ରା

ସେବା ପରମ ଧର୍ମ ଭାବନା ନେଇ ରଥଯାତ୍ରା ସମୟରେ ଭାରତୀୟ ରେଳବାଇ ତୀର୍ଥଯାତ୍ରୀଙ୍କର ସମ୍ମାନ, ଆରାମ ଏବଂ ସୁରକ୍ଷା ସୁନିଶ୍ଚିତ କରିଥାଏ। ଚଳିତ ବର୍ଷ ସମାବେଶୀ ତୀର୍ଥ ଯାତ୍ରା ଲାଗି ସବୁଠୁ ବଡ଼ ଅଭିଯାନ ଆରମ୍ଭ କରାଯାଇଛି। ଦୈନିକ ୨ ଲକ୍ଷ ଯାତ୍ରୀଙ୍କ ସମେତ ପ୍ରାୟ ୨୦ ଲକ୍ଷ ତୀର୍ଥଯାତ୍ରୀଙ୍କୁ ସେବା ଯୋଗାଇଦେବାକୁ ରେଳବାଇ ପ୍ରସ୍ତୁତ। ଏକାଥରକେ ୨୫ ହଜାର ତୀର୍ଥଯାତ୍ରୀଙ୍କୁ ଆଶ୍ରୟ ଦେବା ଲାଗି ଏକ ସ୍ୱତନ୍ତ୍ର ସ୍ଥାନ ପ୍ରସ୍ତୁତ କରାଯାଇଛି। ଖରା ଓ ଗରମରୁ ରକ୍ଷା ପାଇଁ ତୀର୍ଥଯାତ୍ରୀଙ୍କ ନିମନ୍ତେ ଯଥେଷ୍ଟ ବନ୍ଦୋବସ୍ତ କରାଯାଇଛି। ଯଥେଷ୍ଟ ସଂଖ୍ୟାରେ ଖାଦ୍ୟ ଷ୍ଟଲ, ପାଣି ବୁଥ୍ ଓ କୁଲର୍ ବ୍ୟବସ୍ଥା କରାଯାଇଛି। ତୀର୍ଥଯାତ୍ରୀଙ୍କୁ ପ୍ରାୟ ୨.୫ ଲକ୍ଷ ମାଗଣା ଭୋଜନ ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି। ପରିମଳ ଓ ସ୍ୱଚ୍ଛତା ପାଇଁ ଆଧୁନିକ ଜେଟ୍ ସଫେଇ ମେଶିନ ଏବଂ ସ୍ୱେରେଜ ସକ୍ସନ ଟ୍ରକ୍ ସମେତ ଉପଯୁକ୍ତ ବ୍ୟବସ୍ଥା ମଧ୍ୟ କରାଯାଇଛି। ତୀର୍ଥଯାତ୍ରୀଙ୍କ ସୁରକ୍ଷା ଓ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ଯଥେଷ୍ଟ ସଂଖ୍ୟାରେ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ସିସିଟିଭି, ଡ୍ରୋନ୍ ଏବଂ ମୁଖମଣ୍ଡଳ ଚିହ୍ନଟ ବ୍ୟବସ୍ଥା ବା ଫେସ୍ ରେକଗ୍ନିଶନ ସିଷ୍ଟମ୍ ସେମାନଙ୍କୁ ସହାୟକ ହେବ।

ଦିବ୍ୟାଙ୍ଗଜନ, ବୟସ୍କ, ମହିଳା ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ରହିଥିବା ତୀର୍ଥଯାତ୍ରୀଙ୍କ ସୁବିଧା ପ୍ରତି ମଧ୍ୟ ଧ୍ୟାନ ଦିଆଯାଇଛି। ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ନେଇ ମେଡିକାଲ୍ ବୁଥ୍, ଆମ୍ବୁଲାନ୍ସ ଓ ପ୍ରାଥମିକ ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଚଳିତବର୍ଷ, ଭାରତୀୟ ରେଳବାଇ ପୁରୀ ରେଳ ଷ୍ଟେଶନକୁ ଏକ ସମାବେଶୀ ତଥା ଆସ୍ଥାକେନ୍ଦ୍ରିତ ଜନସେବାର ଆଦର୍ଶ ଷ୍ଟେଶନ ରୂପେ ବିକଶିତ କରିଛି।

## ଏକ ସ୍ୱତନ୍ତ୍ର ଉଦ୍ଦେଶ୍ୟ ପାଇଁ ସ୍ୱତନ୍ତ୍ର ରେଳ ଜ୍ୟାକ୍

ରଥଯାତ୍ରାରେ ଇଞ୍ଜିନିୟର ଏବଂ ଟେକ୍ନିସିଆନଙ୍କ ସମେତ ଭାରତୀୟ ରେଳବାଇର ଏକ ବିଶେଷ ଦଳ ମଧ୍ୟ ନିୟୋଜିତ ହୋଇଥା'ନ୍ତି। ଏହି ଦଳ ଯାତ୍ରା ସମୟରେ ରଥଗୁଡ଼ିକର ସୁଗମ ଗତି ଏବଂ ମରାମତି କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ଉତ୍ତରଦାୟୀ ରହିଥାଏ। ଏହି ଦଳ ବିଶାଳ ରଥଗୁଡ଼ିକୁ ନିର୍ମାଣସ୍ଥଳରୁ ଶ୍ରୀଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ପରିବହନରେ ସହାୟତା କରେ।

ନିର୍ଦ୍ଧାରିତ ମାର୍ଗରେ ରଥଗୁଡ଼ିକୁ ଯଥାସ୍ଥାନରେ ରଖିବା, ସେଗୁଡ଼ିକର ଅବସ୍ଥିତି ପ୍ରତି ଧ୍ୟାନଦେବା ଏବଂ ଆଗକୁ ଗଡ଼ାଇବାରେ ରେଳବାଇ ଦଳ ସ୍ୱତନ୍ତ୍ର ସ୍କ୍ରୁ ଜ୍ୟାକ୍ ବ୍ୟବହାର କରିଥାଏ। ଏହା ମାର୍ଗରେ ଆସୁଥିବା ବାଧାଗୁଡ଼ିକୁ ହଟେଇବା ଏବଂ ରଥଗୁଡ଼ିକ ମଧ୍ୟରେ ଯଥେଷ୍ଟ ଦୂରତା ବଜାୟ ରଖିବାରେ ମଧ୍ୟ ସହାୟତା କରିଥାଏ। ରଥଯାତ୍ରା ସରିବା ପର୍ଯ୍ୟନ୍ତ ଏହି ଦଳ ରଥଗୁଡ଼ିକ ପାଖରେ ରହିଥାଏ।

ଭାରତୀୟ ରେଳବାଇ ଦେଶର ଜୀବନରେଖା ରୂପେ ଲୋକମୁଖରେ ମାନ୍ୟତା ଲାଭ କରିଛି। ରଥଯାତ୍ରାକୁ ନିଜର ଜୀବନରେଖା ରୂପେ ବିଚାର କରୁଥିବା ତୀର୍ଥଯାତ୍ରୀଙ୍କ ସମେତ ସବୁ ଭାରତୀୟଙ୍କ ସେବାରେ ରେଳବାଇ ପୂର୍ଣ୍ଣ ସମର୍ପିତ ରହିଛି।

# ବିଜେଡି ନେତାଙ୍କ ସରାଗ ଭାଙ୍ଗିଗଲା

ଭୁବନେଶ୍ୱର,୨୫।୬(ସୁନିତ୍ ମିଶ୍ର)

ମୁମ୍ବାଇର କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଏବେ ଚିକିତ୍ସାଧୀନ ରହିଛନ୍ତି। ନବୀନ ପୂର୍ବରୁ କେବେ ନିଜର ଚିକିତ୍ସା ସମ୍ପର୍କରେ ସାଧାରଣରେ ସବିଶେଷ ତଥ୍ୟ ଦେଇଯାଇ ନ ଥିଲେ। ହେଲେ ପ୍ରଥମ ଥର ଲାଗି ସେ ନିଜ ଚିକିତ୍ସା ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ସାଧାରଣ ଲୋକଙ୍କୁ ଜଣାଇଥିଲେ। ଏହାପରେ ଦଳୀୟ ନେତା ଓ କର୍ମୀମାନେ ନବୀନଙ୍କ ଆଶୁ ଆରୋଗ୍ୟ କାମନାକରି ପୂଜାର୍ଚ୍ଚନାରେ ଲାଗି ପଡ଼ିଥିଲେ। ଏହାପରେ କେତେଜଣ ଆଗ ଧାଡ଼ିର ନେତା ନିଜ ନେତାଙ୍କୁ ଦେଖାକରି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିବା ଲାଗି ମୁମ୍ବାଇ ଅଭିମୁଖେ ବାହାରିପଡ଼ିଥିଲେ। ହେଲେ ଏହି ନେତାମାନଙ୍କ ସବୁ ସରାଗ ଭାଙ୍ଗିଯାଇଛି। ନିଜ ନେତାଙ୍କୁ ପାଖରୁ ଦେଖିବାକୁ ନ ପାଇ କେବଳ ଭିଡିଓ କଲ୍‌ରେ ଦେଖି ନିଜ ମନ ଖୁସି କରିବାକୁ ଚେଷ୍ଟା କରିଛନ୍ତି। ନିଜ ନେତାଙ୍କ ଦେଖା ନ ପାଇ ଦଳର ବରିଷ୍ଠ ନେତାମାନେ ଖାଲିରେ ଫେରିଥିବା ଖବର ଜାଣିବା ପରେ ଯେଉଁ ଆଉ କେତେଜଣ ନେତା ମୁମ୍ବାଇ ଯିବେ ବୋଲି ବାହାରିଥିଲେ, ସେମାନେ ଏବେ ନିଜ ମନ ବଦଳାଇ ଦେଇଛନ୍ତି। ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ମୋବାଇଲ୍ ଫୋନ୍‌ରୁ ଭି.କେ. ପାଣ୍ଡିଆନ୍‌ଙ୍କୁ ଭିଡିଓ କଲ୍ ଯାଇଥିଲା। ଏହିପରି ବମ୍ବେ ଯାଇଥିବା ନେତାମାନେ ନବୀନଙ୍କୁ ଦେଖିଥିଲେ, ଯାହା ଦଳ ଭିତରେ ଆହୁରି ଅସନ୍ତୋଷକୁ ବଢ଼ାଇ ଦେଇଛି।

ଗତ ସାଧାରଣ ନିର୍ବାଚନରେ ବିଜେଡି ସରକାରରୁ ଯିବା ପାଇଁ ପାଣ୍ଡିଆନ୍ ଏବଂ ବବିଙ୍କୁ ଦଳର ଏକାଧିକ ନେତା ଓ କର୍ମୀ ଦାୟୀ କରିଥିଲେ। ନିର୍ବାଚନ ପୂର୍ବରୁ ଦଳରେ ବବି ସବୁଠାରୁ କ୍ଷମତାଶାଳୀ ନେତା ହୋଇଯାଇଥିବା ବେଳେ ପାଣ୍ଡିଆନ୍ ପୂରା ଦଳକୁ ପରିଚାଳନା କରୁଥିଲେ। ଅନ୍ୟ ନେତାମାନଙ୍କୁ ସେତେବେଳେ ସମ୍ପୂର୍ଣ୍ଣ ଅଣଦେଖା କରିଦିଆଯାଇଥିଲା। ଯେଉଁ ନେତା ନବୀନଙ୍କୁ ଦେଖା କରିବାକୁ ଚାହୁଁଥିଲେ, ତାହା ସମ୍ଭବ ହେଉ ନ ଥିଲା। ଯିଏ ସବୁ ଆସୁଥିଲେ, ପାଣ୍ଡିଆନଙ୍କୁ ଦେଖା କରୁଥିଲେ। ପାଣ୍ଡିଆନ୍‌ଙ୍କୁ ଦେଖାକରିବା ପାଇଁ ବବି ହିଁ ମାଧ୍ୟମ ସାଜିଥିଲେ, ଯେଉଁଥିଲାଗି ଦଳର ପରାଜୟ ପରେ ଏଭଳି ବିରୋଧ ହୋଇଥିଲା ଯେ ପାଣ୍ଡିଆନ୍ ରାଜନୀତିରୁ ସନ୍ନ୍ୟାସ ନେଉଥିବା କଥା କହିଥିଲେ। ହେଲେ ଏବେ ଯେତେବେଳେ ନିର୍ବାଚନ ଫଳ ବାହାରିବାର ଗୋଟିଏ ବର୍ଷ ବିତିଯାଇଛି ଏବଂ ସେହି ଢାଞ୍ଚା ଏବେ ବି ଦଳ ଭିତରେ ଚାଲିଛି। ତାକୁ ଦେଖି ଦଳ ଭିତରେ ପୁଣି ଥରେ କମ୍ପନ ଆରମ୍ଭ ହୋଇଛି। ଜଣେ ବରିଷ୍ଠ ନେତା କହିଛନ୍ତି, ଦଳକୁ ଏତେ କ୍ଷତି ସହିବାକୁ ପଡିଲା ପରେ ବି ଯଦି ପାଣ୍ଡିଆନ୍ ଏବଂ ବବି ସବୁ ନିୟନ୍ତ୍ରଣରେ ରଖିଛନ୍ତି ତେବେ ବିଜେଡିର ଭବିଷ୍ୟତ ଭଲ ନୁହେଁ। ନବୀନଙ୍କୁ ଦେଖାକରିବା ପାଇଁ ସେଇ ବବିଙ୍କ ଫୋନ୍‌ରୁ ପାଣ୍ଡିଆନ୍‌ଙ୍କୁ ଭିଡିଓ କଲ୍ କରାଯିବ, ଏହିଭଳି ନବୀନଙ୍କୁ ଦେଖିବାକୁ ପଡ଼ିବ। ଏହାର ଅର୍ଥ ବବି ଆଉ ପାଣ୍ଡିଆନଙ୍କ ନିୟନ୍ତ୍ରଣରେ ଏବେ ବି ଦଳ ଚାଲିଛି, ଯାହାକି ଭବିଷ୍ୟତ ଲାଗି ଭଲ ନୁହେଁ ବୋଲି ସେ କହିଛନ୍ତି। ଅନ୍ୟପଟେ କିନ୍ତୁ ଦଳ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରି ଦଳର ଏକାଧିକ ନେତା ନବୀନଙ୍କୁ ଦେଖି ସ୍ୱାସ୍ଥ୍ୟାବସ୍ଥା କଥା ବୁଝିଲେ ବୋଲି ଉଲ୍ଲେଖ କରାଯାଇଛି।

ମଙ୍ଗଳବାରଠାରୁ ମୁମ୍ବାଇ ଯାଇଥିବା ନେତାମାନେ ନବୀନଙ୍କ ବଡ଼ ଭାଇ ପ୍ରେମ୍ ପଟ୍ଟନାୟକ ଏବଂ ତାଙ୍କ ପୁତୁରା ଅରୁଣ ପଟ୍ଟନାୟକଙ୍କୁ ଭେଟିଥିବା ଜଣାପଡ଼ିଛି। ପ୍ରେମ୍‌ଙ୍କ ସହ ଦଳୀୟ ନେତାମାନେ କିଛି ସମୟ ଆଲୋଚନା କରିଥିଲେ। ଏହି ନେତାମାନେ ମୁମ୍ବାଇରେ ଏକ ଘରୋଇ ହୋଟେଲରେ ଗୋଟିଏ ଦିନ ରହିଥିଲେ। ଏମାନଙ୍କ ମଧ୍ୟରେ ବରିଷ୍ଠ ନେତା ଅଶୋକ ପଣ୍ଡା, ଅତନୁ ସବ୍ୟସଚୀ ନାୟକ, ସୁଶାନ୍ତ ରାଉତ, ସଞ୍ଜୟ ଦାସବର୍ମା, ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ମାନସ ମଙ୍ଗରାଜ, ପ୍ରଣବ ବଳବନ୍ତରାୟ, ସଞ୍ଜୀବ ମଲ୍ଲିକ, ବିଶ୍ୱରଞ୍ଜନ ମଲ୍ଲିକ, ବିକ୍ରମ ପଣ୍ଡା, ଚନ୍ଦ୍ରଶେଖର ସାହୁ ପ୍ରମୁଖ ରହିଛନ୍ତି।


ମୁମ୍ବାଇ ଯାଇଥିବା ବିଜେଡି ନେତାମାନେ।

- ନବୀନଙ୍କୁ ଦେଖାକରିପାରିଲେନି, ବବିଙ୍କ ଫୋନ୍‌ରୁ ପାଣ୍ଡିଆନ୍‌ଙ୍କୁ ଭିଡିଓ କଲ୍
- ଯେଉଁମାନେ ଯାଇଥାଆନ୍ତେ, ସେମାନେ କହିଲେଣି କାହିଁକି ଯିବେ
- ଉଦ୍ଦେଶ୍ୟ ପୂରଣ ହେଲାନି, ହୋଟେଲ୍‌ରେ ରହି ଖାଇପିଇ ଫେରିଲେ

# ସାପ କାମୁଡ଼ାରେ ବାପପୁଅଙ୍କ ମୃତ୍ୟୁ

ବାରିପଦା,୨୫।୬
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶୂଳିଆପଦା ଥାନା ଅଧୀନ ବାଘଡ଼ା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସାପକାମୁଡ଼ାରେ ବାପ ପୁଅଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମୋରଡ଼ା ବ୍ଲକ କୋହି ପଞ୍ଚାୟତ ଅନ୍ତର୍ଗତ ପ୍ରତାପଚନ୍ଦ୍ରପୁର ଗାଁର ହରେକୃଷ୍ଣ ମୁଖି(୪୫) ଓ ତାଙ୍କ ୫ ବର୍ଷର ପୁଅ ଇଶାନ। ହରେକୃଷ୍ଣ ବାଘଡ଼ା ଡାକ୍ତରଖାନାରେ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି। ମଙ୍ଗଳବାର ରାତିରେ ଶୋଇଥିବା ଅବସ୍ଥାରେ ଏକ ବିଷଧର ସାପ ବାପ ପୁଅଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ଚିକିତ୍ସା ପାଇଁ ବାଘଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସକାଳ ୮ଟାରେ ଉଭୟଙ୍କ ମୃତ୍ୟୁ ଘଟିଛି। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨୬/୨୫) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

DSPL-145

ରଥଯାତ୍ରା ସମୟରେ
ସ୍ୱାସ୍ଥ୍ୟରକ୍ଷା ସମ୍ବନ୍ଧୀୟ ମାର୍ଗଦର୍ଶିକା

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଓ ବାହୁଡ଼ା ଯାତ୍ରା ଚଳିତ ବର୍ଷ ଜୁନ୍ ୨୭ ତାରିଖରୁ ଆରମ୍ଭ ହୋଇ ଜୁଲାଇ ୭ ତାରିଖରେ ଶେଷ ହେବ। ଏହି ସମୟରେ ପୁରୀ, କେନ୍ଦ୍ରାପଡ଼ା, ବାରିପଦା, କେନ୍ଦୁଝର, କୋରାପୁଟ ଆଦି ପ୍ରମୁଖ ସ୍ଥାନମାନଙ୍କରେ ପ୍ରବଳ ଜନସମାଗମ ହେବ। ବର୍ଷା ଦିନ ଆସିଯାଇଥିବାରୁ ବିଭିନ୍ନ ସଂକ୍ରାମକ ରୋଗର ଆଶଙ୍କା ଏ ବର୍ଷ ଅଧିକ ଥିବାର ଅନୁଭୂତ ହେଉଛି। ଏଥରୁ ରକ୍ଷା ପାଇବା ପାଇଁ ନିମ୍ନ ଲିଖିତ ସତର୍କତା ଗୁଡିକ ପାଳନ କରିବା ବିଧେୟ।

- ପିଇବା ପାଇଁ ଫୁଟାପାଣି/ ବ୍ଲିଚିଂ ପାଉଡର ଦ୍ୱାରା ବିଶୋଧିତ ପାଣି/ ହାଲୋଜେନ୍ ବଟିକା ଦ୍ୱାରା ବିଶୋଧିତ ପାଣି ବ୍ୟବହାର କରନ୍ତୁ
- ଖାଇବା ପୂର୍ବରୁ, ଖାଦ୍ୟ ରାନ୍ଧିବା ପୂର୍ବରୁ ଏବଂ ଶୌଚ ହେବା ପରେ ଭଲଭାବରେ ସାବୁନରେ ହାତ ଧୁଅନ୍ତୁ
- ଖୋଲା ବିକ୍ରି ହେଉଥିବା ଖାଦ୍ୟ /ବାସି ଖାଦ୍ୟ/ପଚା ଫଳମୂଳ/ ଦହିବରା, ଗୁପଚୁପ, ସରବତ, ଲସି ଆଦି ଗ୍ରହଣ କରନ୍ତୁ ନାହିଁ
- ଅଣ୍ଟା କାଶ, ଜ୍ୱର, ଝାଡା କିମ୍ବା ବାନ୍ତି ଆଦି ଲକ୍ଷଣ ଥିବା ବ୍ୟକ୍ତି, ବୟୋବୃଦ୍ଧ, ଭିନ୍ନକ୍ଷମ, ଗୁରୁତର ଅସୁସ୍ଥ ଥିବା ବ୍ୟକ୍ତି ଭିଡ଼ ମଧ୍ୟକୁ ନଆସି ଟିଭି ମାଧ୍ୟମରେ ରଥଯାତ୍ରା ଦେଖନ୍ତୁ
- ଖରା ହେଉଥିଲେ ମୁଣ୍ଡରେ ଟୋପି / ଓଦା ଗାମୁଛା ବ୍ୟବହାର କରନ୍ତୁ
- ରାତ୍ର ରହଣି ଥିଲେ ଶୋଇବା ବେଳେ ମଶାରି ବ୍ୟବହାର କରନ୍ତୁ
- ଅସୁସ୍ଥ ଅନୁଭବ କଲେ ନିକଟସ୍ଥ ଆଶୁ ଚିକିତ୍ସା କେନ୍ଦ୍ରରେ ପରାମର୍ଶ କରନ୍ତୁ
- ଆମ୍ବୁଲାନ୍ସ ସେବା ପାଇଁ ୧୦୮ ଏବଂ ସ୍ୱାସ୍ଥ୍ୟ ସୂଚନା ପାଇଁ ୧୦୪ କୁ ଦେୟମୁକ୍ତ ଫୋନ୍ କରନ୍ତୁ

OIPR-10003/13/0216/2526

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
http://www.health.odisha.gov.in/
@HFWOdisha

DSPL - 142


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ-୨୦୨୫
୨୬ ଜୁନ୍ - ୦୨ ଜୁଲାଇ ୨୦୨୫

- ବୈଦ୍ୟୁତିକ କାର୍ଯ୍ୟ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବ୍ୟବହାର କରନ୍ତୁ ଏବଂ ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନଙ୍କ ଦ୍ୱାରା କରାନ୍ତୁ
- ସମସ୍ତ ବିଦ୍ୟୁତ ଉପକରଣ ଗୁଡିକରେ ଉପଯୁକ୍ତ କ୍ଷମତାର ତାର, ସର୍କିଟ୍ ବ୍ରେକର/ ଫ୍ୟୁଜ୍, ମେନ୍ ସୁଇଚ୍, ଚେଞ୍ଜଓଭର ଇତ୍ୟାଦି ବ୍ୟବହାର କରନ୍ତୁ ଏବଂ ଆବଶ୍ୟକ ମୁତାବକ ଆର୍ଥିଙ୍ଗ୍ କରାନ୍ତୁ
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ ଆର୍.ସି.ସି.ବି ବ୍ୟବହାର କରନ୍ତୁ
- ବିଦ୍ୟୁତ୍ ଆଘାତ ପ୍ରାପ୍ତ ପିଡିତଙ୍କୁ ଉଦ୍ଧାର କରିବା ବେଳେ, ଖାଲି ହାତ ବା ଓଦା ବସ୍ତୁ ଦ୍ୱାରା ସ୍ପର୍ଶ କରନ୍ତୁ ନାହିଁ, ଶୁଖିଲା କାଠବାଡ଼ି କିମ୍ବା ବିଦ୍ୟୁତ୍ କୁପରୀବାହି ବସ୍ତୁର ବ୍ୟବହାର କରନ୍ତୁ



ବିଦ୍ୟୁତ୍ ସୁରକ୍ଷା ଆପଣାନ୍ତୁ,
ଜୀବନ ସୁରକ୍ଷିତ ରଖନ୍ତୁ



OIPR-04066/13/0026/2526

ଶକ୍ତି ବିଭାଗ, ଓଡ଼ିଶା ସରକାର

ତୁମେ କୌଣସି ଗୁଣ ବା ଦୋଷର ଅଧୀନସ୍ଥ ହୋଇ ରହିବା ଉଚିତ ନୁହଁ। ଯେ ପର୍ଯ୍ୟନ୍ତ ତୁମେ କୌଣସି ସଦ୍‌ଗୁଣ ପାଇଁ ଆତୁରତା ଦେଖାଉ ଥିବ– ସେ ପର୍ଯ୍ୟନ୍ତ ତା'ର ବିପରୀତ ବଦ୍‌ଗୁଣଟିଏ ତୁମ ଭିତରେ କେଉଁଠି ଚେକାମାଡି ବସିଥିବ। –ଶ୍ରୀମା

-ନେତ୍ରୋତ୍ସବ, ନବଯୌବନ ଦର୍ଶନ, ଉଭାଯାତ୍ରା, ଚନ୍ଦ୍ରଦର୍ଶନ ଓ ପୂଜା



# ଲଣ୍ଡା ମଣିଷ



ଦେବଦତ୍ତ ପଟ୍ଟନାୟକ

ବିଦ୍ୱାନ୍‌ଙ୍କ ମତରେ, ପ୍ରାୟ ୭୦୦ ଶତାବ୍ଦୀରେ ଶଙ୍କରାଚାର୍ଯ୍ୟ ଯେତେବେଳେ ପଣ୍ଡିତ ମଦନ ମିଶ୍ରଙ୍କୁ ସାକ୍ଷାତ୍ କରିବାକୁ ଗଲେ, ସେତେବେଳେ ମିଶ୍ରେ ତାଙ୍କୁ ଚାହିଁଲେ ନାହିଁ। କାରଣ ଶଙ୍କରାଚାର୍ଯ୍ୟଙ୍କ ମୁଣ୍ଡ ଲଣ୍ଡା ଥିଲା। ଏଥିପାଇଁ ଏବେ ବି ଶଙ୍କରାଚାର୍ଯ୍ୟ ତାଙ୍କ ମୁଣ୍ଡକୁ ଏକ କନାରେ ଘୋଡ଼ାଇ ରଖନ୍ତି; ଯେହେତୁ ଲଣ୍ଡିତ ମସ୍ତକକୁ ଏବେ ମଧ୍ୟ ଦୁର୍ଭାଗ୍ୟ ଓ ଅମଙ୍ଗଳର ସଙ୍କେତ ଭାବେ ଦେଖାଯାଉଛି। ସମୟ ଥିଲା, ଏହି କାରଣରୁ ଗୃହସ୍ଥମାନେ ସନ୍ନ୍ୟାସୀଙ୍କ ଠାରୁ ଦୂରେଇ ରହୁଥିଲେ। ପାରମ୍ପରିକ ଭାବେ ପୁରାତନ କାଳରେ ବୈଦିକ ସନ୍ନ୍ୟାସୀ ବା ଯୋଗୀମାନଙ୍କର ଲମ୍ବା କେଶ ଥିଲା ଏବଂ ସେମାନେ ଗଣ୍ଠି ପକାଇ ବାନ୍ଧୁଥିଲେ। ଋଗ୍‌ବେଦରେ ଲମ୍ବା କେଶକୁ ଆକାଶର ସଙ୍କେତ ବୋଲି କୁହାଯାଇଛି। ଏହାର ସମ୍ପର୍କ ରୁଦ୍ରଙ୍କ ସହ ରହିଛି ଏବଂ ୧୫୦୦ ଖ୍ରୀଷ୍ଟାବ୍ଦ ପରେ ସଂସ୍ଥା ରୂପେ ସାମ୍ନାକୁ ଆସିଥିବା ଆଖଡ଼ା ନାଗାଙ୍କର ବୈଦିକ ପ୍ରତିରୂପ ହୋଇପାରେ। ସାଞ୍ଚି ସ୍ତୂପରେ ସ୍ପଷ୍ଟଭାବେ ଦର୍ଶାଯାଇଛି ଯେ, ୨୦୦୦ ବର୍ଷ ପୂର୍ବେ ସହରରେ ବାସ କରୁଥିବା ଧନୀକଙ୍କର ମଧ୍ୟ ଲମ୍ବାକେଶ ଥିଲା। ସେମାନେ ତାହାକୁ ଗଣ୍ଠିକରି ସେଥିରେ ବିଭିନ୍ନ ରତ୍ନ ସଜାଇ ଆକର୍ଷଣୀୟ କରୁଥିଲେ।

ବୁଦ୍ଧ ଯେତେବେଳେ ସନ୍ନ୍ୟାସୀ ହେଲେ ସେତେବେଳେ ସେ ଲଣ୍ଡାହୋଇ କେଶ ଦାନ କରିଥିଲେ। ଏହାକୁ ଦେବତାଙ୍କ ରାଜା ସକ୍ରା (ସାକ୍କ ବା ଶାକ୍ର ଭାବେ ମଧ୍ୟ ଜଣାଶୁଣା) ସଂଗ୍ରହ କରିଥିଲେ। ପରେ ବୁଦ୍ଧଙ୍କ କେଶରୁ କେତୋଟି ବଣିକମାନଙ୍କୁ ଏବଂ ଉପକାନ୍ତର ତପୁସା ଓ ଭଲ୍ଲିକା (ବୁଦ୍ଧଙ୍କର ପ୍ରଥମ ଶିଷ୍ୟ)ଙ୍କୁ ଦେଇଥିଲେ। ଏମାନେ ବୁଦ୍ଧଙ୍କ ଦେହାବଶେଷ (କେଶ, ଦାନ୍ତ ଓ ଅସ୍ଥି)କୁ ସ୍ତୂପରେ ରଖିବାର ପରମ୍ପରା ଆରମ୍ଭ କରିଥିଲେ। ଯୋଗୀ ଭାବେ ନିଜକୁ ପ୍ରତିପାଦିତ କରିବା ଏବଂ ମହିଳାଙ୍କ ଠାରୁ ଦୂରେଇ ରହିବା ସକାଶେ ବୁଦ୍ଧ ଓ ତାଙ୍କ ସନ୍ନ୍ୟାସୀମାନେ ଲଣ୍ଡା ହେଉଥିଲେ। ତେବେ ଖ୍ରୀଷ୍ଟାବ୍ଦ ୧୦୦ ପରେ ବୁଦ୍ଧଙ୍କ କଳାକୃତି ଯେତେବେଳେ ସୃଷ୍ଟି କରାଗଲା, ସେତେବେଳେ ତାଙ୍କୁ ବନ୍ଧାଯାଇଥିବା କେଶ ସହ ଚିତ୍ରଣ କରାଯାଇଥିଲା। କାରଣ ସେତେବେଳେ ଲୋକେ ଲଣ୍ଡାମୁଣ୍ଡିଆ ମଣିଷଙ୍କ ମୂର୍ତ୍ତିକୁ ଘୃଣା କରୁଥିଲେ। ପରେ ବୌଦ୍ଧଧର୍ମ ଚାଇନା ଓ ଜାପାନକୁ ବ୍ୟାପିଥିଲା, ଯେଉଁଠି ତାଓ ଧର୍ମର ସନ୍ନ୍ୟାସୀମାନେ ଲଣ୍ଡା ହେଉଥିଲେ। ସେଠାରେ ଲଣ୍ଡିତ ବୌଦ୍ଧ ସନ୍ନ୍ୟାସୀଙ୍କ ମୂର୍ତ୍ତି ଅତି ଲୋକପ୍ରିୟ ହୋଇଗଲା। ଲଣ୍ଡିତ ମସ୍ତକଧାରୀ ଲାଫିଙ୍ଗ୍ ବୁଦ୍ଧଙ୍କ ମୂର୍ତ୍ତି ମଧ୍ୟ ସାମ୍ନାକୁ ଆସିଲା। ଥାଇଲାଣ୍ଡରେ ବୁଦ୍ଧଙ୍କ ମୁଣ୍ଡ ଉପରେ ଥିବା ଜଟ ଆକାରରେ



ବନ୍ଧା ହୋଇଥିବା କେଶକୁ ହଟାଇ ଦିଆଗଲା। ଏହାସହ ଜୈନଧର୍ମରେ ସନ୍ନ୍ୟାସୀମାନେ ପାର୍ଥିବ ବିଷୟାସକ୍ତକୁ ତ୍ୟାଗ କରିଛନ୍ତି ବୋଲି ଦର୍ଶାଇବା ପାଇଁ ଲଣ୍ଡା ହେଉଥିଲେ। କିନ୍ତୁ ଚିତ୍ରକଳାରେ ଜୈନ ତୀର୍ଥଙ୍କରଙ୍କୁ ବହୁ ସମୟରେ କୁଞ୍ଚୁକୁଞ୍ଚିଆ କେଶ ସହ ଦେଖିବାକୁ ମିଳେ ଏବଂ ଋଷଭନାଥଙ୍କ ତାଙ୍କ କାନ୍ଧ ପର୍ଯ୍ୟନ୍ତ ଲମ୍ବିଥିବା କେଶ ସହ ଚିତ୍ରଣ କରାଯାଇଛି।

ବିଭିନ୍ନ ଧର୍ମୀୟ ବିଷୟକୁ ଦର୍ଶାଇବା ପାଇଁ କେଶକୁ ଦୀର୍ଘଦିନରୁ ବ୍ୟବହାର କରାଯାଇଆସିଛି। ଲଣ୍ଡାମୁଣ୍ଡ ତ୍ୟାଗର ପ୍ରତୀକ ହୋଇଥିବାବେଳେ କେଶପୂର୍ଣ୍ଣ ମୁଣ୍ଡ ପୌରୁଷତ୍ୱ, ଶକ୍ତି ଓ ସୌନ୍ଦର୍ଯ୍ୟକୁ ସୂଚିତ କରେ। ବଳରାମଙ୍କର ଲମ୍ବା ଓ ସୁନ୍ଦର କେଶ ଥିଲାବେଳେ କୃଷ୍ଣଙ୍କର ବହଳିଆ କୁଞ୍ଚୁକୁଞ୍ଚିଆ କେଶ ଥିବା ବର୍ଣ୍ଣନା କରାଯାଇଛି। କୃଷ୍ଣ ଅଧାଲଣ୍ଡା ହୋଇ ଓ ନିଶ ଅଧା କାଟି ରୁକ୍ମିଣୀଙ୍କୁ ଏକ ଶିକ୍ଷା ଦେଇଥିବା କଥା ମହାଭାରତର ଏକ କାହାଣୀରେ ବର୍ଣ୍ଣନା କରାଯାଇଛି। ଜଣେ କଠୋର ତପସ୍ୱୀ ଭାବେ ଶିବ ତାଙ୍କ ଜଟାକୁ ଏଭଳି ମଜଭୁତ କରି ବାନ୍ଧିଥିଲେ ଯେ ସ୍ୱର୍ଗରୁ ମର୍ତ୍ତ୍ୟକୁ ମାତା ଗଙ୍ଗା ଓହ୍ଲାଇବା ବେଳେ ଧାରା ଭାଙ୍ଗିଯାଇଥିଲା ଅର୍ଥାତ୍ ଗତିପଥ ବଦଳି ଯାଇଥିଲା। କିନ୍ତୁ ଜଟା ଖୋଲି ନ ଥିଲା। ଏହି ଜଟାରେ ମଧ୍ୟ ଚନ୍ଦ୍ର ରହିଛନ୍ତି।

ବ୍ରାହ୍ମଣମାନେ ଆଧୁନିକ ଜଗତରେ ସେମାନଙ୍କ ଦାୟିତ୍ୱର ସଙ୍କେତ ଭାବେ ଦର୍ଶାଇବା ପାଇଁ ମୁଣ୍ଡର କିଛି ଅଂଶ ଲଣ୍ଡା ହୋଇଥାନ୍ତି। ତଥାପି ଗଣ୍ଠି ପକାଯାଇଥିବା କେଶ ଧାରଣ କରି ଦର୍ଶାଇଥାଆନ୍ତି ଯେ, ସେମାନେ ଏପର୍ଯ୍ୟନ୍ତ ସାଂସାରିକ ଜଗତ ସହ ସଂଶ୍ଳିଷ୍ଟ ଅଛନ୍ତି। ସେମାନଙ୍କ କାର୍ଯ୍ୟ ସୂଚିତ କରୁଛି ସେମାନେ ସମ୍ପୂର୍ଣ୍ଣ ସନ୍ନ୍ୟାସୀ କିମ୍ବା ଗୃହସ୍ଥ ନୁହନ୍ତି। ପୁରାଣ ଲୋକକଥାରେ କୁହାଯାଇଛି, ଚାଣକ୍ୟ ତାଙ୍କ କେଶର ଗଣ୍ଠି ଖୋଲିଦେଇଥିଲେ ଏବଂ ତାଙ୍କୁ ନନ୍ଦରାଜ କରିଥିବା ଅପମାନର ପ୍ରତିଶୋଧ ନ ନେବା ଯାଏ କେଶ ବାନ୍ଧିବେ ନାହିଁ ବୋଲି ପ୍ରତିଜ୍ଞା କରିଥିଲେ। ଲୋକନାଟକରେ ନାରଦ ତାଙ୍କ ଗଣ୍ଠିପକା କେଶରେ ଫୁଲଗୁଡ଼ିଏ ବାନ୍ଧିଥିବା ଦେଖାଯାଏ ଏବଂ ଏହିସବୁ ଫୁଲ କୃଷ୍ଣଙ୍କ ବୈଜୟନ୍ତୀ ମାଳାର ସୁଗନ୍ଧ ଦେଇଥାଏ ବୋଲି କୁହାଯାଏ।

ଶୁଦ୍ଧିକ୍ରିୟାରେ ଲଣ୍ଡାହେବା ପରମ୍ପରା ରହିଛି। ମୃତ ବ୍ୟକ୍ତିଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ପ୍ରକାଶ କରିବା ପାଇଁ ଏହା କରାଯାଇଥାଏ। ତେବେ ମୃତବ୍ୟକ୍ତି ପୃଥିବୀକୁ ସମ୍ପୂର୍ଣ୍ଣ ଛାଡ଼ିଯାଇ ନାହାନ୍ତି ବୋଲି ଦର୍ଶାଇବା ଲାଗି ମୁଣ୍ଡରେ କିଛି କେଶ ଛାଡ଼ିଦିଆଯାଏ। ସମ୍ପୂର୍ଣ୍ଣ ଲଣ୍ଡିତ ମୁଣ୍ଡ ସାଂସାରିକ ଜୀବନର ତ୍ୟାଗ ବା ସନ୍ନ୍ୟାସକୁ ସୂଚିତ କରେ। ଭୂମଧ୍ୟସାଗରୀୟ ଅଞ୍ଚଳ ବା ୟୁରୋପ, ଏସିଆ ଓ ଆଫ୍ରିକାର କିଛି ଅଞ୍ଚଳରେ କେଶକୁ ସ୍ୱାର୍ଥ ତଥା ଅହଂକାରର ସଙ୍କେତ ଭାବେ ଦେଖାଯାଉଥିଲା। ଏଣୁ ଏହିସବୁ ଅଞ୍ଚଳରେ ଖ୍ରୀଷ୍ଟିଆନ ସନ୍ନ୍ୟାସୀମାନେ ଲଣ୍ଡା ହେଉଥିଲେ। ପ୍ରାଚୀନକାଳରେ ବିଶେଷକରି ଯୋଦ୍ଧାମାନେ ଲମ୍ବାକେଶ ରଖୁଥିଲେ। ଇହୁଦୀ ବାଇବେଲ୍ (ଖ୍ରୀଷ୍ଟିଆନ୍‌ଙ୍କ ଓଲ୍ଡ ଟେଷ୍ଟାମେଣ୍ଟ)ରେ ଏ ସମ୍ପର୍କିତ କାହାଣୀ ରହିଛି। ଡେଲିହା(ଜଣେ ଇହୁଦୀ ମହିଳା) ସାମସନ୍‌ଙ୍କୁ ଲଣ୍ଡା କରିଦେବା ପରେ ସେ କିଭଳି ତାଙ୍କ ଶକ୍ତି ହରାଇଲେ ତାହା ଏଥିରେ ବର୍ଣ୍ଣନା କରାଯାଇଛି। ଏହାବ୍ୟତୀତ ରାଜକୁମାର ଅବସାଲୋମ୍ ତାଙ୍କ ଗହଳ ଓ ବହଳିଆ ଚୁଟିକୁ ନେଇ ଗର୍ବ କରୁଥିଲେ। ସେ ତାଙ୍କ ପିତାଙ୍କ ବିରୋଧରେ ବିଦ୍ରୋହ କରିଥିଲେ ଏବଂ ସୈନ୍ୟଙ୍କ ପାଖରୁ ଖସି ପଳାଉଥିବାବେଳେ ତାଙ୍କ ଚୁଟି ଏକ ଗଛ ଶାଖାରେ ଲାଗିଯାଇଥିଲା। ଫଳରେ ସେ ରଥରୁ ତଳକୁ ଛିଟିକିପଡ଼ିଥିଲେ ଏବଂ ସୈନ୍ୟମାନେ ତାଙ୍କୁ ହତ୍ୟା କରିଥିଲେ।

ଗ୍ରୀକ୍ ପୁରାଣରେ ବର୍ଣ୍ଣନା ରହିଛି ଯେ, ଆଖିଲେସ୍ ତାଙ୍କ ଅତିପ୍ରିୟ ସାଙ୍ଗ ପାଟ୍ରୋକ୍ଲସ୍‌ଙ୍କ ଦେହାନ୍ତ ପରେ ଶୋକବ୍ୟକ୍ତ କରିବା ଲାଗି ନିଜର ଲମ୍ବା ଚୁଟି କାଟିଦେଇଥିଲେ। ରୋମ୍‌ର ସୈନ୍ୟମାନେ କ୍ରିୟୁ କଟ୍(ମୁଣ୍ଡ ଉପରେ ଛୋଟ ଓ ବେକ ଆଡ଼କୁ ଅତି ଛୋଟ) କେଶ ପାଇଁ ବେଶ୍ ଜଣାଶୁଣା। ଶତ୍ରୁପକ୍ଷ ଚୁଟିକୁ ଧରି ବେକକୁ ଯେମିତି କାଟି ନ ପାରିବେ ସେଥିପାଇଁ ଏଭଳି ହେୟାର କଟ୍‌କୁ ଆପଣାଉଥିଲେ। ୧୭୦୦ ଦଶନ୍ଧିରେ ଗୁରୁ ଗୋବିନ୍ଦ ସିଂ ଯେତେବେଳେ ଖାଲସା ପ୍ରତିଷ୍ଠା କଲେ, ସେତେବେଳେ ଶିଖ ଯୋଦ୍ଧାମାନେ ଚୁଟି କାଟିବା ବନ୍ଦକରିଦେଲେ ଏବଂ ତାହାକୁ ପଗଡ଼ିରେ ବାନ୍ଧିଦେଲେ। ସୈନ୍ୟମାନେ ମୋଗଲ ଉତ୍ପୀଡ଼ନ ବିରୋଧରେ ଯୁଦ୍ଧ କରିବା ସମୟରେ ସେମାନଙ୍କୁ ଏହି ପଗଡ଼ି ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା।

ଜାପାନରେ ବୌଦ୍ଧଧର୍ମ ପ୍ରସାର କରିବା ପରେ ସେଠାରେ ଲଣ୍ଡାହେବା ପରମ୍ପରା ଲୋକପ୍ରିୟ ହୋଇଥିଲା। ପ୍ରାରମ୍ଭିକ ସମୟରେ ପୁରୁଷମାନେ ଲମ୍ବା କେଶ ଓ ଦାଢ଼ି ରଖୁଥିଲେ। କିନ୍ତୁ ୧୬୦୦ ଦଶନ୍ଧିର ଏଡୋ ସମୟ(ତୋକୁଗାୱା ଶାସନକାଳ)ରେ ସମୁରାଇ ଯୋଦ୍ଧାମାନଙ୍କୁ ଦାଢ଼ି କାଟିବା ଦରକାର ପଡ଼ିଲା। ଫଳରେ ସେମାନେ ହେଲ୍‌ମେଟ ପିନ୍ଧିବା ସମୟରେ କମ୍ ଖାଲ ବାହାରୁଥିଲା ଏବଂ ହେଲମେଟ୍‌କୁ ସୁରକ୍ଷିତ ରଖିବା ଲାଗି କେଶକୁ ଗଣ୍ଠି ପକାଇ ମୁଣ୍ଡର ଉପରଭାଗରେ ବାନ୍ଧି ଦେଉଥିଲେ, ଯାହା ସମୁରାଇଙ୍କ ପାଇଁ ବ୍ୟବହାରିକ ହୋଇଗଲା। ସମୟକ୍ରମେ ଏହା ଏକ ଫ୍ୟାଶନ୍ ହେବା ସହ ଏକ ସଙ୍କେତ ମଧ୍ୟ ପାଲଟିଗଲା।

-devduttofficial@gmail.com

# ମଧ୍ୟରାତ୍ରିର ଚିନ୍ତା



ରୁଦ୍ର ପ୍ରସନ୍ନ ରଥ

ଦିନସାରା ହାଡ଼ଭଙ୍ଗା ପରିଶ୍ରମ ପରେ ରାତିରେ ଶାନ୍ତିରେ ଶୋଇବାକୁ ଯିବା ଆମ ସମସ୍ତଙ୍କର ଜୀବନର ଲକ୍ଷ୍ୟ। ଭଲ ନିଦ କିଏ ବା ନ ଚାହେଁ। ଜୀବନରେ ଆଉ କିଛି ଥାଉ କି ନ ଥାଉ, ଶୋଇବା ପାଇଁ ସମସ୍ତେ ଭଗବାନ୍‌ଙ୍କୁ ଡାକନ୍ତି ଏବଂ ନିଦ ଆସିଗଲେ ଭଗବାନ୍‌ଙ୍କୁ ଧନ୍ୟବାଦ ବି ଦିଅନ୍ତି। ତେବେ ଆମମାନଙ୍କ ଭିତରେ ଏମିତି ଅନେକ ଥିବେ ଯାହାଙ୍କ ଭାଗ୍ୟରେ ଭଲ ନିଦ ନ ଥାଏ। ଅନେକ ଚେଷ୍ଟା ପରେ, ଅନେକ ଯତ୍ନ ପରେ ବି ସେମାନଙ୍କ ଆଖିକୁ ନିଦ ଆସେ ନାହିଁ। କିଏ ମଧ୍ୟରାତ୍ରି ଯାଏ ଅନେଇ ବସେ ତ ଆଉ କିଏ ବୁଲାବୁଲି କରି ସାରିଲା ପରେ ହିଁ ବିଛଣାକୁ ଆସେ। ନିଦ୍ରାହୀନତା ସାରା ଦୁନିଆକୁ ଗିଳିବାକୁ ବସିଲାଣି। ଜାତୀୟ ମାନସିକ ସ୍ୱାସ୍ଥ୍ୟ ସର୍ଭେ ୨୦୧୬ ଅନୁଯାୟୀ ଭାରତରେ ପ୍ରତି ୫ ଜଣରେ ଜଣେ ଏହି ସମସ୍ୟା ଭୋଗନ୍ତି। ୨୦୧୯ ମସିହାରେ ଇଣ୍ଡିଆନ ଜର୍ଣ୍ଣାଲ ଅଫ୍ ସାଇକିଆଟ୍ରି ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ୩୩-୩୭ ପ୍ରତିଶତ ଭାରତୀୟ ଏହି ନିଦ୍ରାହୀନତାରେ ପୀଡ଼ିତ। ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ପରି ବଡ଼ ବଡ଼ ସହରରେ ଏହି ହାର ୪୦% ଯାଏ ଯାଇପାରେ। ବିପିଓ କିମ୍ବା ଆଇଟି କ୍ଷେତ୍ରରେ କାମ କରୁଥିବା ଲୋକ ଏବଂ ବୟସ୍କ ବର୍ଗରେ ଏହି ସଂଖ୍ୟା ବେଶ୍ ଅଧିକ। ରାତିରେ ଭଲ ଭାବେ ଶୋଇ ପାରୁ ନ ଥିବା ବ୍ୟକ୍ତିବିଶେଷ ସକାଳେ କାମ କରିବାରେ ଅସୁବିଧା ଭୋଗ କରନ୍ତି। କାମରେ ମନ ଲଗାଇ ପାରନ୍ତି ନାହିଁ। ଅଳ୍ପ କାମରେ ଥକି ଯାଆନ୍ତି। ସେମାନେ କାମ କରୁଥିବା କ୍ଷେତ୍ରର ଉତ୍ପାଦିକା ଶକ୍ତି ହ୍ରାସ ପାଏ।

ନିଦ୍ରାହୀନତାରେ ପୀଡ଼ିତ ବ୍ୟକ୍ତି ସବୁ କାମ ଶୀଘ୍ର ସାରିଦେଇ ଶୋଇବାକୁ ଯାଏ ସିନା ହେଲେ ତା' ଆଖିକୁ ନିଦ ଆସେ ନାହିଁ। ବୁଲି ତକିଆ ଶେଯ ତାକୁ କଣ୍ଟକିତ ମନେହୁଏ। ସେ ତକିଆ ବଦଳାଏ। ଖଟରେ ମୁଣ୍ଡ ଜାଗାରେ ଗୋଡ଼ ଆଉ ଗୋଡ଼ ଜାଗାରେ ମୁଣ୍ଡ ଲଗାଇ ଶୋଇବାକୁ ଚେଷ୍ଟା କରେ। ପଙ୍ଖା ବଢ଼ାଏ, କମାଏ। ମୋବାଇଲ ଘାଣ୍ଟୁ ଥାଏ। ପାଣି ପିଏ। ଶୌଚାଳୟ ଯାଏ। ଘୋଡ଼ାଇ ହୁଏ। ଚାଦର ବାହାର କରେ। ତଥାପି ନିଦ ତା' ଆଖିରେ ନ ଥାଏ। ନିଦ ନ ଥିଲା ବେଳେ ଚିନ୍ତା ସବୁ ତା' ମୁଣ୍ଡକୁ ଚିତାବାଘ ପରି ମାଡ଼ିଆସନ୍ତି। ରୋଗରାଗ, ପିଲାଙ୍କ ପାଠପଢ଼ା, ଚାକିରି ସମସ୍ୟା, ପରିବାର ଲୋକଙ୍କ କଥା ତା' ମନେପଡ଼େ। ସେ ଚିନ୍ତାରେ ଗୋଳେଇ ଘାଣ୍ଟି ହୁଏ। ଚିନ୍ତାରେ ଯେତେ ଯେତେ ଘାଣ୍ଟି ହୁଏ ନିଦ ତା' ଠୁ ସେତେ ସେତେ ପଛକୁ ଯାଉଥାଏ। ସମୟ ଗଡ଼ୁଥାଏ ଆଉ ସେ ଅନିଦ୍ରାଜନିତ ଅବସାଦର ଶିକାର ହୋଇ ଚାଲିଥାନ୍ତି। ହୁଏତ ନିଦ ବିଳମ୍ବରେ ଆସେ, ଆଉ ସେ ଆସିଲା ବେଳକୁ ତା'ପରଦିନର ରୁଟିନ ସବୁକୁ ବିଗାଡ଼ି ଦେଇଥାଏ।

ନିଦ୍ରାହୀନତା ବଜାରୁଆଙ୍କ ପାଇଁ ସବୁ ନେଇ ବେପାର ବେଉସା କରି ବଢ଼ି ଚାଲିଲାଣି। ତୁରନ୍ତ ନିଦ୍ରା ଆସିବା ପାଇଁ ବଟିକା, ଶିରପଥ୍ୟ ଆରମ୍ଭ କରି କେତେ କ'ଣ ଔଷଧ ଏବେ ବଜାରରେ ଉପଲବ୍ଧ। ଏଥିପାଇଁ ମୋବାଇଲରେ ଅନେକ ଆପ୍ସରୁ ଆରମ୍ଭ କରି ସୁଖ ନିଦ୍ରାପ୍ରଦାୟିନୀ ତକିଆଯାଏ ମିଳୁଛି। ବେପାରୀମାନେ ଏହାକୁ ଆଜିକାଲି ବର୍ଷକୁ ହଜାର ହଜାର କୋଟି ଟଙ୍କାର ବ୍ୟବସାୟ କରିପାରୁଛନ୍ତି। ସାଧାରଣ ତଥାପି ନିଦ ଆଖିଠାରୁ ଅନେକ ଦୂରରେ। ମଣିଷ ଶାରୀରିକ ପରିଶ୍ରମ କମ୍ କରୁଥିବା ବେଳେ ମୋବାଇଲରେ ଦୀର୍ଘ ସମୟ ଧରି ବ୍ୟସ୍ତ ରହୁଥିବାରୁ ନିଦ ତାକୁ ଧରାଛୁଆଁ ଦେଉ ନାହିଁ। ଏଣୁ ଏଥିପାଇଁ ଅନେକ ସାଧାରଣ ପ୍ରୟୋଗ କରିବା ପାଇଁ ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି। ଯେମିତି, ଦିନ ୨ଟା ପରେ ଚା କିମ୍ବା କଫି ନ ପିଇବା, ରାତିରେ ଖାଇବା ପୂର୍ବରୁ କିଛି ସମୟ ଚାଲିବା, ଶୋଇବା ପୂର୍ବରୁ ନିଶା ସେବନ ନ କରିବା ଏପରି କି ଶୋଇବାକୁ ଯିବାର ଅଧଘଣ୍ଟା ପୂର୍ବରୁ ମୋବାଇଲ ଦେଖିବା ବନ୍ଦ କରିବା ଆଦି କରିବା ସହ ଅଧ୍ୟାତ୍ମ ଚିନ୍ତାରୁ ବିରତ ରହିଲେ ହିଁ ସୁଖ ନିଦ୍ରା ପାଇବା ଚାବିକାଠି। ଏ ସବୁ ହୁଏତ ଏକାଥରେ କରିହେବ ନାହିଁ। କିନ୍ତୁ ଧୀରେ ଧୀରେ ନିଶ୍ଚୟ କରିହେବ। ଯଦି ଆପଣଙ୍କୁ ନିଦ ହେଉ ନାହିଁ ତେବେ ଡେରି କାହିଁକି ଆପଣ ଏସବୁ ଆଜି ହିଁ ଚେଷ୍ଟା କରି ଦେଖନ୍ତୁ।

ଧବଳଗିରି, ଯାଜପୁର ରୋଡ୍
ମୋ: ୭୬୭୮୭୬୧୭୭୬

## ଏଇ ଭାରତରେ

ଓଡ଼ିଶାର ନବୀନ କୁମାର ଚାକିରି ଛାଡ଼ି ଭିକାରି ଓ ଅସହାୟ ଲୋକଙ୍କୁ ନୂଆ ଜୀବନ ଦେଇଛନ୍ତି। ସେ ଭିକାରିମୁକ୍ତ ଦେଶର ଲକ୍ଷ୍ୟ ନେଇ ତାଙ୍କ ଅଭିଯାନ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟ ପାଇଁ ସେ ଅକ୍ଷୟମ ଟ୍ରଷ୍ଟ ଗଠନ କରିଛନ୍ତି। ଏବେ ସୁଦ୍ଧା ସେ ୧୪୦୦ରୁ ଅଧିକ ଭିକାରୀଙ୍କୁ ଥଇଥାନ କରିସାରିଲେଣି। ସେମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିଯୁକ୍ତ କରାଇବା ସହ ସେମାନଙ୍କ ପାଇଁ ରହିବାର ବନ୍ଦୋବସ୍ତ ମଧ୍ୟ କରିଛନ୍ତି। ନବୀନ ତାମିଲନାଡୁର ସାଲେମ୍‌ରେ ରହି ଚେଫ୍ ପାଇଁ ପ୍ରସ୍ତୁତ ହେଉଥିଲେ। ସେ ସମୟରେ ସେଠାରେ ଅଧିକ ଭିକାରୀ ଦେଖିଥିଲେ ଓ ସେମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବା ଲାଗି ଚିନ୍ତା କରିଥିଲେ। ପରେ ଅକ୍ଷୟମ ଟ୍ରଷ୍ଟ ଗଠନ କରି କାମ ଆରମ୍ଭ କରିଦେଇଥିଲେ। ଏହାକୁ ପ୍ରଥମେ ସେ ତାଙ୍କ ଦରମା ଟଙ୍କାରେ ଚଳାଉଥିଲେ। ଦିନରେ ଅଫିସ କାମ କରିବା ପରେ ରାତି ୧୧ଟା ପରେ ଟ୍ରଷ୍ଟ ପାଇଁ ସମୟ ଦେଉଥିଲେ। ପରେ ଚାକିରି ଛାଡ଼ି ପୁରା ସମୟ ଦେଉଛନ୍ତି। ଏବେ ଏଥିରେ ବିଭିନ୍ନ ଉତ୍ସରୁ ଆର୍ଥିକ ସହଯୋଗ ମିଳୁଛି। ବିଭିନ୍ନ ସ୍ଥାନରୁ ପ୍ରତିଦିନ ୨୦ରୁ ଅଧିକ କଲ୍ ପାଇ ଅସହାୟ ଭାବେ ରହୁଥିବା ଭିକାରୀଙ୍କ ପାଖରେ ପହଞ୍ଚି ସେମାନଙ୍କୁ ଉଦ୍ଧାରକରି ଆଶ୍ରୟସ୍ଥଳୀକୁ ଆଣୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୬ ଜୁନ୍ ୧୯୭୬

- ବମ୍ବେ ହାଇ ଅନ୍ତର୍ଗତ ଦୁଇଟି ତୈଳ କୂପରୁ ଦୈନିକ ୮,୦୦୦ ବ୍ୟାରେଲ ଅଶୋଧିତ ତୈଳ ଉତ୍ପାଦନ।
- ଦକ୍ଷିଣ ଆଫ୍ରିକା ବର୍ଣ୍ଣବିଦ୍ୱେଷ ହିଂସାକାଣ୍ଡରେ ୧ ହଜାରରୁ ଊର୍ଦ୍ଧ୍ୱ କୃଷ୍ଣକାୟଙ୍କୁ ହତ୍ୟା କରାଯାଇଥିବା ଜାତିସଂଘର ବର୍ଣ୍ଣବିଦ୍ୱେଷ ବିରୋଧୀ କମିଟିର ଯୋଗସୂତ୍ର ଅଧିକାରୀ ନିକାସିଓ ଲାଲଦୋରମା ପ୍ରକାଶ କରିଛନ୍ତି।
- ହାନୋଇଠାରେ ଉତ୍ତର ଓ ଦକ୍ଷିଣ ଉଭୟ ଭିଏତ୍‌ନାମର ମିଳିତ ଜାତୀୟ ଆସେମ୍ବ୍ଲି ଉଦ୍‌ଘାଟିତ ହେବା ସଙ୍ଗେ ସଙ୍ଗେ ଦୁଇ ଭିଏତ୍‌ନାମ ଆନୁଷ୍ଠାନିକ ଭାବେ ଗୋଟିଏ ଦେଶରେ ପରିଣତ ହୋଇଛି।

## su do ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | 4 | | 8 | | | 3 | | |
| | | | | 5 | | 2 | 9 | |
| | | | | | | | 8 | |
| | 9 | | | | | 6 | | 7 |
| | | 5 | | 6 | | | | |
| 4 | | 7 | | | | | 1 | |
| | | | | | 3 | 4 | | |
| 1 | | | | | 6 | 9 | | 2 |
| | | | | 1 | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 8 | 7 | 9 | 1 | 4 | 3 | 5 | 2 |
| 4 | 1 | 2 | 5 | 6 | 3 | 9 | 7 | 8 |
| 9 | 5 | 3 | 8 | 7 | 2 | 1 | 4 | 6 |
| 3 | 4 | 9 | 1 | 5 | 8 | 2 | 6 | 7 |
| 1 | 7 | 5 | 2 | 3 | 6 | 8 | 9 | 4 |
| 2 | 6 | 8 | 4 | 9 | 7 | 5 | 1 | 3 |
| 5 | 2 | 6 | 7 | 8 | 9 | 4 | 3 | 1 |
| 7 | 9 | 4 | 3 | 2 | 1 | 6 | 8 | 5 |
| 8 | 3 | 1 | 6 | 4 | 5 | 7 | 2 | 9 |

ଗତକାଲିର ଉତ୍ତର

# ସାମରିକ ଖର୍ଚ୍ଚ ବୃଦ୍ଧି ଓ ବିଶ୍ୱଶାନ୍ତି



ସୁକାନ୍ତ କୁମାର ପଟେଲ

ଦ୍ୱିତୀୟ ବିଶ୍ୱଯୁଦ୍ଧର ବିଭୀଷିକାକୁ ହୃଦୟଙ୍ଗମ କରିବା ପରେ ବିଶ୍ୱବାସୀ ବିଶ୍ୱଶାନ୍ତି ପ୍ରତିଷ୍ଠା ନିମନ୍ତେ ୨୪ ଅକ୍ଟୋବର ୧୯୪୫ରେ ଜାତିସଂଘ ପ୍ରତିଷ୍ଠା କରିଥିଲେ। କିନ୍ତୁ ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ନିରବଚ୍ଛିନ୍ନ ପ୍ରଚେଷ୍ଟା ପରେ ମଧ୍ୟ ବିଶ୍ୱରେ ଚିର ଶାନ୍ତି ପ୍ରତିଷ୍ଠା ଅସମ୍ଭବ ହୋଇଛି। କହିବା ବାହୁଲ୍ୟ, ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଏତେ ସହଜ ହୋଇ ନ ଥିଲେ ମଧ୍ୟ ଆଦୌ ଅସମ୍ଭବ ନୁହେଁ। ଏମିତି କୌଣସି ଦିନ ନାହିଁ, ଯେଉଁଦିନ ବିଶ୍ୱର କୋଣେ ଅନୁକୋଣେ ଯୁଦ୍ଧର ଘନଘଟା ଯୋଗୁ ଜୀବନ ହାନି ନ ହେଉଛି। ଯୁଦ୍ଧ ବନ୍ଦ ନ ହେବା ପର୍ଯ୍ୟନ୍ତ ବିଶ୍ୱରେ ଶାନ୍ତି ଆସିବା ଅସମ୍ଭବ। ଶକ୍ତି, ସାମର୍ଥ୍ୟ ଓ କ୍ଷମତାର ଲଢ଼େଇ ଜାରି ରହିଛି। ଶକ୍ତିଶାଳୀ ଦେଶଗୁଡ଼ିକ ନିଜର କ୍ଷମତା ବିସ୍ତାର ନିମନ୍ତେ ଯୁଦ୍ଧ ପ୍ରଚ୍ଛଦପଟର ଖଳ ନାୟକ ସାଜିଛନ୍ତି। ବିକଶିତ ରାଷ୍ଟ୍ରମାନଙ୍କର ଖେଳ ଆଜି ସମଗ୍ର ବିଶ୍ୱ ପାଇଁ କାଳ ପାଲଟିବାକୁ ଯାଉଛି।

ସେ ଯାହାହେଉ ପ୍ରତିରକ୍ଷା ଖର୍ଚ୍ଚ ଏବଂ ବିଶ୍ୱ ଶାନ୍ତି ଉଭୟ ଅନୁପୂରକ। ଯଦି ବିଶ୍ୱରେ ପ୍ରତିରକ୍ଷା ଖର୍ଚ୍ଚ ବୃଦ୍ଧି ପାଏ, ତେବେ ଶାନ୍ତି ସ୍ଥାପନା ଅସମ୍ଭବ। ଆଜିର ବିକାଶ ପ୍ରତିଯୋଗିତାରେ ଦେଶଗୁଡ଼ିକ ପ୍ରତିରକ୍ଷା ଖର୍ଚ୍ଚ ମାଧ୍ୟମରେ ବିଶ୍ୱର ବିନାଶକୁ ଆମନ୍ତ୍ରଣ କରିବାରେ ବ୍ୟସ୍ତ। ଏମିତି ସମୟ ଆସିଛି ଯେ, ଯେତେ ଦୁର୍ବଳ ଦେଶ ହେଲେ ମଧ୍ୟ ବିଶ୍ୱର ଅନେକ ଶକ୍ତିଶାଳୀ ଦେଶ ତାକୁ ଯୁଦ୍ଧାସ୍ତ୍ର ଯୋଗାଣରେ ସହାୟତା କରିବେ ଏବଂ ପ୍ରଚ୍ଛଦପଟର ଖଳନାୟକ ବନିଯିବେ। ଏହାଦ୍ୱାରା ସେମାନଙ୍କର ପ୍ରମୁଖ ଦୁଇଟି ଉଦ୍ଦେଶ୍ୟ ପୂରଣ ହେବ। ଯଥା ନିଜର ଶକ୍ତି ପରୋକ୍ଷରେ ପ୍ରଦର୍ଶନ କରାଇବା ସଙ୍ଗେ ସଙ୍ଗେ ନିଜର ଅସ୍ତ୍ରଶସ୍ତ୍ର ଅତିସହଜରେ ବିକ୍ରୟ କରିପାରିବେ।

ଷ୍ଟକ୍‌ହୋମ୍ ଅନ୍ତର୍ଜାତୀୟ ଶାନ୍ତି ଗବେଷଣା ସଂସ୍ଥା ଏହାର ବାର୍ଷିକ ପୁସ୍ତିକା ୨୦୨୫ ଏବେ ପ୍ରକାଶ କରିଛି। ଏହାର ରିପୋର୍ଟ ଅନୁଯାୟୀ, ବିଶ୍ୱର ସାମରିକ ଖର୍ଚ୍ଚ ୨୦୨୪ରେ ସର୍ବାଧିକ ବୃଦ୍ଧି ପାଇ ୨.୭ ଟ୍ରିଲିଅନ ଡଲାରରେ ପହଞ୍ଚିଛି, ଯାହାକି ପୂର୍ବବର୍ଷ ତୁଳନାରେ ୯.୪୫% ଅଧିକ। ସୁତରାଂ ବର୍ତ୍ତମାନ ପ୍ରତିରକ୍ଷା ଖର୍ଚ୍ଚ ବିଶ୍ୱର ମୋଟ ସାମଗ୍ରିକ ଆୟ (ଜିଡିପି)ର ୨.୫%, ଯାହାକି ଯୁଦ୍ଧରତ ଦେଶଗୁଡ଼ିକ ଅଞ୍ଚଳରେ ପ୍ରାୟ ୪.୪%। ୨୦୨୪ରେ ଏସିଆ ମହାଦେଶର ସମୁଦାୟ ପ୍ରତିରକ୍ଷା ଖର୍ଚ୍ଚ ଥିଲା ୬୨୯ ବିଲିଅନ ଡଲାର। ୟୁରୋପ ଏବଂ ଆଫ୍ରିକାର ସେହିବର୍ଷରେ ଖର୍ଚ୍ଚ ଥିଲା ଯଥାକ୍ରମେ ୬୯୩ ଓ ୫୨.୧ ବିଲିଅନ ଡଲାର। ଅପରପକ୍ଷରେ ଉତ୍ତର ଆମେରିକା, ଦକ୍ଷିଣ ଆମେରିକାର ଖର୍ଚ୍ଚ ଥିଲା ଯଥାକ୍ରମେ ୧୦୨୭ ଏବଂ ୫୩.୬ ବିଲିଅନ ଡଲାର। ମଧ୍ୟପ୍ରାଚ୍ୟର ସେହି ବର୍ଷରେ ଖର୍ଚ୍ଚ ୨୪୩ ବିଲିଅନ ଡଲାର। ଆହୁରି ମଧ୍ୟ ୟୁରୋପ ମହାଦେଶରେ ସାମରିକ ଖର୍ଚ୍ଚ ରୁଷିଆ-ୟୁକ୍ରେନ ଯୁଦ୍ଧ ଯୋଗୁଁ ପ୍ରାୟ ୧୭% ବୃଦ୍ଧି ପାଇଥିବାର ଏହି ରିପୋର୍ଟରେ ପ୍ରକାଶ ପାଇଛି। ୟୁରୋପର ରୋମାନିଆ, ପୋଲାଣ୍ଡ ଓ ଜର୍ମାନୀର ଦେଶର ସାମରିକ ଖର୍ଚ୍ଚ ବୃଦ୍ଧି ପାଇଛି ଯଥାକ୍ରମେ ୪୩, ୩୧ ଏବଂ ୨୮ ପ୍ରତିଶତ ହିସାବରେ। କିନ୍ତୁ ରୁଷିଆ ଓ ୟୁକ୍ରେନର ସାମରିକ ଖର୍ଚ୍ଚରେ ବୃଦ୍ଧି ଘଟିଛି ଯଥାକ୍ରମେ ୩୮ ଏବଂ ୨.୯ ପ୍ରତିଶତ ହିସାବରେ।

କେବଳ ସେତିକି ନୁହେଁ, ସମଗ୍ର ବିଶ୍ୱରେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ଖର୍ଚ୍ଚ ସର୍ବାଧିକ,



ଯାହା ୯୯୭ ବିଲିଅନ ଡଲାର। ଅନ୍ୟପଟେ ଚାଇନାର ସାମରିକ ଖର୍ଚ୍ଚ ମାତ୍ର ୩୧୪ ବିଲିଅନ ଡଲାର। ଏହି ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ, ବିଶ୍ୱର ଅସ୍ତ୍ରଶସ୍ତ୍ର ଉତ୍ପାଦନ ଶିଳ୍ପ ସଂଖ୍ୟା ଓ ଉତ୍ପାଦନ ଯଥେଷ୍ଟ ବୃଦ୍ଧି ପାଇଛି। ତାଲିକାରେ ଥିବା ପ୍ରଥମ ୧୦୦ଟି ଅସ୍ତ୍ର କମ୍ପାନି ୨୦୨୩ରେ ଆୟ କରିଥିଲେ ୬୩୨ ବିଲିଅନ ଡଲାର ଏବଂ ୭୫ଟି ଶିଳ୍ପର ଅଭିବୃଦ୍ଧି ହାର ଯଥେଷ୍ଟ ଅଧିକ ଥିବାବେଳେ ୩୯ଟି ଶିଳ୍ପର ଆୟ ପ୍ରାୟ ଦ୍ୱିଗୁଣିତ ହୋଇଥିଲା। ବିଶ୍ୱ ପ୍ରତିରକ୍ଷା ସାମଗ୍ରୀ ରପ୍ତାନି କ୍ଷେତ୍ରରେ ଆମେରିକାର ଅଂଶ ୪୩%, ଯାହା ସବୁଠାରୁ ଅଧିକ। ଏହାପରେ ଫ୍ରାନ୍ସ ୧୦, ରୁଷିଆ ୮, ଚାଇନା ୬, ଜର୍ମାନୀ ଏବଂ ଇଟାଲୀ ୫% ସାମଗ୍ରୀ ରପ୍ତାନି କରୁଥିବାବେଳେ ଇଂଲଣ୍ଡ ୪ ପ୍ରତିଶତ, ଇସ୍ରାଏଲ ଏବଂ ସ୍ପେନ ୩% ଓ ଦକ୍ଷିଣ କୋରିଆ ୨% ରପ୍ତାନି କରିଥାନ୍ତି।

ଏବେ ଆସନ୍ତୁ, ବିଶ୍ୱରେ ଯୁଦ୍ଧର ଘନଘଟା ଉପରେ ସମ୍ୟକ୍ ଆଲୋକପାତ କରିବା। ସମ୍ମୁଖ ଯୁଦ୍ଧ, ସେନାବାହିନୀ ଦ୍ୱାରା କରାଗଲାବେଳେ ପ୍ରଚ୍ଛଦପଟରୁ ଯୁଦ୍ଧ ପରିଚାଳନା କରନ୍ତି ରାଜନେତାମାନେ। ଅର୍ଥାତ୍ ଯୁଦ୍ଧ ଆରମ୍ଭ ଏବଂ ଶେଷ ହୁଏ ରାଜନେତାଙ୍କ ନିର୍ଦ୍ଦେଶରେ। କିନ୍ତୁ ମୃତାହତ ହୁଅନ୍ତି ସେନା ଏବଂ ସାଧାରଣ ଜନତା। ଇତିହାସ ପୃଷ୍ଠା ଅବଲୋକନ କଲେ ଜଣାଯାଏ ଯେ, ପ୍ରଥମ ବିଶ୍ୱଯୁଦ୍ଧ ଜୁନ ୨୮, ୧୯୧୪ରୁ ୧୯୧୮ ପର୍ଯ୍ୟନ୍ତ ଦୀର୍ଘ ଚାରି ବର୍ଷ ଧରି ଜାରି ରହିଥିଲା। ଏଥିରେ ଜର୍ମାନୀ, ଅଷ୍ଟ୍ରିଆ, ହଙ୍ଗେରୀ ଏବଂ ତୁର୍କୀ ଭଳି ପ୍ରମୁଖ ଦେଶଗୁଡ଼ିକ କେନ୍ଦ୍ର ଶକ୍ତି ଭାବେ ମିଳିତ ହୋଇ ଫ୍ରାନ୍ସ, ଇଂଲଣ୍ଡ, ରୁଷିଆ, ଇଟାଲୀ, ଜାପାନ ଓ ଆମେରିକା (ଆମେରିକାର ଯୋଗଦାନ ୧୯୧୭ ରେ) ମିତ୍ର ଶକ୍ତି ବିରୋଧରେ ଲଢ଼େଇ କରିଥିଲେ। ପରିଶେଷରେ ମିତ୍ର ଶକ୍ତି ବିଜୟ ଲାଭ କରିଥିବାବେଳେ ବିଶ୍ୱର ବିପୁଳ କ୍ଷୟକ୍ଷତି ସହ ମୋଟ ୮.୫ ନିୟୁତ ସୈନ୍ୟ ଏବଂ ଅସଂଖ୍ୟ ସାଧାରଣ ଜନତା ନିହତ ଏବଂ ଆହତ ହୋଇଥିଲେ।

ଦ୍ୱିତୀୟ ବିଶ୍ୱଯୁଦ୍ଧରେ ମୁଖ୍ୟ କାର୍ଯ୍ୟକର୍ତ୍ତା ଦେଶ ଥିଲେ ଜର୍ମାନୀ, ଜାପାନ ଏବଂ ଇଟାଲୀ। ମୁଖ୍ୟ ମିତ୍ରଶକ୍ତି ଭାବେ ବିରୋଧରେ ଅସ୍ତ୍ର ଧରିଥିଲେ ଫ୍ରାନ୍ସ, ଇଂଲଣ୍ଡ, ଆମେରିକା ଏବଂ ଚାଇନା। ଯଦିଓ ମିତ୍ରଶକ୍ତି ଏଥିରେ ବିଜୟୀ ହୋଇଥିଲେ, ଏହାଥିଲା ବିଶ୍ୱ ଇତିହାସରେ ସବୁଠାରୁ ରକ୍ତାକ୍ତ ଯୁଦ୍ଧ। ସେହି ଦିନଠାରୁ ବିଶ୍ୱର କୋଣେ ଅନୁକୋଣେ ନିରବଚ୍ଛିନ୍ନ ଯୁଦ୍ଧ ଚାଲୁ ରହିଛି। ଏହାପରେ ପ୍ରମୁଖ ଯୁଦ୍ଧ ହେଲା: କୋରିଆ ଯୁଦ୍ଧ (୧୯୫୦-୧୯୫୩), ଭିଏତ୍‌ନାମ ଯୁଦ୍ଧ (୧୯୫୫-୭୫), ଗଲ୍ଫ ବା ଖାଡ଼ି ଯୁଦ୍ଧ (୧୯୯୦-୯୧), ବୋସ୍‌ନିଆ ଯୁଦ୍ଧ (୧୯୯୨-୧୯୯୫), କସୋଭୋ ଯୁଦ୍ଧ (୧୯୯୮-୧୯୯୯), ଆଫଗାନିସ୍ତାନ ଯୁଦ୍ଧ (୨୦୦୧-୨୧) ଏବଂ ଇରାକ ଯୁଦ୍ଧ (୨୦୦୩-୧୧)। ଏହାଛଡ଼ା ରୁଷିଆ-କ୍ରିମିଆ ଯୁଦ୍ଧ (୨୦୧୪) ଏବଂ ଇସ୍ରାଏଲର ଗାଜା ଯୁଦ୍ଧ (୨୦୧୪) ଓ ୨୦୨୨ରୁ ଆଜି ପର୍ଯ୍ୟନ୍ତ ଅବ୍ୟାହତ ଥିବା ରୁଷିଆ-ୟୁକ୍ରେନ ଯୁଦ୍ଧ ଏବଂ ଇସ୍ରାଏଲ-ପାଲେଷ୍ଟାଇନ (ହମାସ୍) ଯୁଦ୍ଧ ୨୦୨୩ରୁ ଅବ୍ୟାହତ ରହିଛି ଇତ୍ୟାଦି ପ୍ରଧାନ।

ଏବେ ମଧ୍ୟପ୍ରାଚ୍ୟରେ ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଯୁଦ୍ଧ ପାଇଁ ବିଶ୍ୱବାସୀ ଆତଙ୍କିତ। କାରଣ ଏମାନଙ୍କ ପଛରେ ଶକ୍ତିଶାଳୀ ଦେଶ ଯଥା ଆମେରିକା ଏବଂ ଚାଇନା ଗୋପିଚାଳନା କରିବାରେ ବ୍ୟସ୍ତ। ଏସବୁ ପରିପ୍ରେକ୍ଷୀରେ ବିଶ୍ୱଶାନ୍ତି ଏକ ମରୀଚିକା ମାତ୍ର। ସାମରିକ ଖର୍ଚ୍ଚ ବୃଦ୍ଧି ହ୍ରାସ ନ ହେବା ପର୍ଯ୍ୟନ୍ତ ସମଗ୍ର ବିଶ୍ୱରେ ଶାନ୍ତି ଆସିପାରିବ ନାହିଁ।

ବିଦ୍ୟାନାସୀ, କଟକ
ମୋ: ୭୦୦୮୩୫୦୪୭୭

## ପାଠକ ଶ୍ରେଷ୍ଠ ବିଚାରକ

### ବର୍ଷାଋତୁରେ ଫାଷ୍ଟଫୁଡ୍ ଦୋକାନ ବନ୍ଦ ହେଉ

ମହାଶୟ,

ବର୍ତ୍ତମାନ ବର୍ଷାଋତୁ ଆରମ୍ଭ ହୋଇଯାଇଥିବାରୁ ଜଳଉତ୍ସ ଦୂଷିତ ହୋଇପଡ଼ିଛି। ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଅଭାବରୁ ନଦୀ, ନାଳ, ପୋଖରୀ ଓ କୂଅ ପାଣି ଲୋକେ ପିଉଛନ୍ତି। କଟକ, ଭୁବନେଶ୍ୱର ମହାନଗର ରାସ୍ତା ପାର୍ଶ୍ୱରେ ଦହିବରା, ଗୁପଚୁପ ଭଳି ଜଳଖିଆ ଦୋକାନ ଚାଲିଛି। ଦୂଷିତ ଜଳରେ ପ୍ରସ୍ତୁତ ଖାଦ୍ୟଦ୍ରବ୍ୟ କଲେରା ଓ ଝାଡ଼ାବାନ୍ତିର ବାହକ ସାଜିଛି। ଫଳରେ ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ଭୟର ବାତାବରଣ ସୃଷ୍ଟି ହୋଇଛି। ସମସ୍ତେ ସତର୍କ ହୋଇ ଚଳିଲେ ଝାଡ଼ାବାନ୍ତିରୁ ରକ୍ଷା ପାଇପାରିବା। ସ୍କୁଲ କଲେଜରେ ବିଶୁଦ୍ଧ ଜଳଯୋଗାଣ ଓ ପରିବେଶ ସଫାସୁତରା ରଖିବା ଓ ହାତଧୁଆ ଅଭ୍ୟାସ ପ୍ରତି ଗୁରୁତ୍ୱ ଦେବା ଉଚିତ୍। ଅନେକ ଅପରିଷ୍କାର ପରିବେଶରେ ସ୍କୁଲ କଲେଜ ନିକଟରେ ଫାଷ୍ଟଫୁଡ୍ ଦୋକାନ ଚାଲିଛି। ପୂର୍ବରୁ ସାବଧାନ ହେଲେ ସହରାଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିବାର ସମ୍ଭାବନାକୁ ଏଡ଼ାଇ ଦେଇହେବ। ଏଥିପାଇଁ ସରକାର ଓ ବିଏମ୍‌ସି ଦୃଷ୍ଟି ଦେବା ସଙ୍ଗେସଙ୍ଗେ ବର୍ଷା ଋତୁରେ ଫାଷ୍ଟଫୁଡ୍ ଦୋକାନ ବନ୍ଦ କରାଯାଉ।

-ନିର୍ମଳ ଚନ୍ଦ୍ର ସାମଲ, ଅନନ୍ତବିହାର, ପୋଖରୀପୁଟ, ଭୁବନେଶ୍ୱର

## ଚିରନ୍ତନୀ

ନବୀନ ପୂଜକ ରୂପେ ଏ ଧରାର
ଥିଲ ବିଜେ ଧ୍ୟାନ
କହୁଥିଲ ଯେଣୁ ତା'ର ହୋଇ ଏକ
ପୂତ ଅବଦାନ।
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ଋସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ: E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଜେଏମ୍ଏଫ୍ସି କୋର୍ଟରେ ନୂତନ ମାଜିଷ୍ଟ୍ରେଟଙ୍କ ଯୋଗଦାନ

**ଥୁଆମୂଳ ରାମପୁର, ୨୫।୬(ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକସ୍ଥିତ ଜେଏମ୍ଏଫ୍ସି କୋର୍ଟରେ ନୂତନ ମାଜିଷ୍ଟ୍ରେଟ ଭାବରେ ଡ଼. ତରୁଣ କୁମାର ସାହୁ ବୁଧବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ପୂର୍ବରୁ ଏଠାରେ ମାଜିଷ୍ଟ୍ରେଟ ଥିବା ସୋମେଶ ସୋମ୍ୟାଜିତ ପଣ୍ଡାଙ୍କ ଭୁବନେଶ୍ୱରସ୍ଥିତ ଜେଏମ୍ଏଫ୍ସି କୋର୍ଟକୁ ବଦଳି ପରେ ଏହି ସ୍ଥାନ ଖାଲି ରହିଥିଲା। ଏହା ପୂର୍ବରୁ ଡ. ସାହୁ କଟକସ୍ଥିତ ଜେଏମ୍ଏଫ୍ସି କୋର୍ଟରେ ବିଚାରପତି ଭାବରେ କାର୍ଯ୍ୟ କରୁଥିଲେ। ଦାୟିତ୍ୱ ଗ୍ରହଣ ପରେ ରହିଯାଇଥିବା ବିଭିନ୍ନ କେସ୍ର ବିଚାର ଶୀଘ୍ର ତ୍ୱରାନ୍ୱିତ ହେବ ବୋଲି ଅଞ୍ଚଳବାସୀ ଆଶା ପୋଷଣ କରିଛନ୍ତି।

### ମୌଳିକ କର୍ତ୍ତବ୍ୟ ଉପରେ ସଚେତନତା

**ଭବାନୀପାଟଣା,୨୫।୬(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବୁଧବାର ଭବାନୀପାଟଣାସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ମୌଳିକ କର୍ତ୍ତବ୍ୟ ଓ ପୋସୋ ଆକ୍ଟ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାତୀୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ଆଇନ ଉପରେ ଆଲୋକପାତ କରାଯାଇଥିଲା। ଏଥିରେ ଜିଲା ଆଇନସେବା ପ୍ରାଧିକରଣ ସଚିବ ସ୍ନିଗ୍ଧା ପଣ୍ଡା, ଅଫିସ ରିଟେନର ଦିପ୍ତିରାଣି ପଟ୍ଟନାୟକ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ରୁପସିଂହ ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅଧିକାରୀମାନେ ଜାତୀୟ ଆଇନସେବା ପ୍ରାଧିକରଣର ଟୋଲଫ୍ରି ନମ୍ବର ବିଷୟରେ ଅବଗତ କରାଇବା ସହ ଅସୁବିଧା ସମୟରେ ଏହି ନମ୍ବରର ସାହାଯ୍ୟ ନେବା ପାଇଁ କହିଥିଲେ। ଶେଷରେ ଏକ ଖୋଲା ଆଲୋଚନାରେ ଉପସ୍ଥିତ ଅତିଥିମାନେ ଅଂଶଗ୍ରହଣକାରୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ।

### ବଦଳି କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

**ଖଡ଼ିଆଳ,୨୫।୬ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ରେ କାର୍ଯ୍ୟରତ ଥିବା ୧୨ଜଣ କର୍ମଚାରୀଙ୍କ ଏକାସାଙ୍ଗରେ ବଦଳି ହୋଇଛି। ସେମାନଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ ବୁଧବାର ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଡିଓ ନରସିଂହ ଗଡବା, ପଞ୍ଚାୟତ ସମିତି ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ବିନୋଦ ବିହାରୀ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ବଦଳି ହୋଇଥିବା ପିଇଓ ବିଜୟଲକ୍ଷ୍ମୀ ମହାନ୍ତି, ପିଇଓ ସୀମାଞ୍ଚଳ ଶବର, ପିଇଓ ନମିତା ସାହୁ, ପିଇଓ କୁନ୍ତୀ ସତ୍ନାମୀ, ଜେଇ ଶ୍ରୀନାଥ ମୁର୍ମୁ, ଜେଇ ମଧୁସ୍ମିତା ସିଂ, ଉନ୍ନୟନ ଶାଖା ଦାୟିତ୍ୱରେ ଥିବା ଏସ୍ଆର୍ଏ ହରି ସିଂ ରାଜପୁତ, କ୍ୟାଶିୟର ଦାୟିତ୍ୱରେ ଥିବା ଏସ୍ଆର୍ଏ ସରୋଜ ହୋତା, ଏଇ ବିକର୍ତ୍ତନ ହାଁସଦା ପ୍ରମୁଖଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ ଓ ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଭୂତି ଭୂଷଣ ବିଶି ପରିଚାଳନା କରିଥିବା ବେଳେ ପିଇଓ ପ୍ରଫୁଲ୍ଲ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଦୁର୍ଘଟଣାରେ ଜଣେ ମୃତ, ୫ ଗୁରୁତର

**ଖଡ଼ିଆଳ,୨୫।୬ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅରେଡା ଗ୍ରାମ ପଞ୍ଚାୟତ ଅମଲାପାଲି ମୁନାଣୀଠାରେ ବୁଧବାର ଦୁଇ ବାଇକ୍ ଧକ୍କାରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଥାନା ଗୋହିରାପଦର ଗ୍ରାମର ଯୋଗସାଏ ଭୋଇ (୫୦)। ସୂଚନା ମତେ ଯୁଗସାଏଙ୍କ ସହିତ ଅନ୍ୟ ଦୁଇଜଣ ଗୋଟିଏ ବାଇକ୍ରେ ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥିଲେ। ଚିକିତ୍ସା ସାରି ସେମାନେ ଫେରୁଥିବା ସମୟରେ ଅରେଡା ଗ୍ରାମ ପଞ୍ଚାୟତ ଅମଲାପାଲି ମୋଡଣୀରେ କଣ୍ଟାବାଞ୍ଜି ପଟୁ ଆସୁଥିବା ଏକ ବାଇକ୍ ସହିତ ଧକ୍କା ହୋଇଥିଲା। ଏହି ବାଇକ୍ରେ ମଧ ତିନିଜଣ ବସିଥିଲେ। ଦୁର୍ଘଟଣା ପରେ ସମସ୍ତଙ୍କୁ ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଯୋଗସାଏଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଆହତଙ୍କୁ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

# କଳାହାଣ୍ଡିରେ ଯୁବ-ଛାତ୍ର ବିଜେଡିର ବିକ୍ଷୋଭ

**ଭବାନୀପାଟଣା, ୨୫।୬(ଉତ୍ତମ କୁମାର ଦାଶ)**


ଯୁବ-ଛାତ୍ର ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ ଆଜି ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଥିବା ଅଭିଯୋଗ କରି ବୁଧବାର କଳାହାଣ୍ଡି ଜିଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଭବାନୀପାଟଣାସ୍ଥିତ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛକଠାରେ ଧାରଣା ସହ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଗୋପାଳପୁର ଭଳି ଏକ ପର୍ଯ୍ୟଟନସ୍ଥଳୀଠାରେ ଜଣେ ଛାତ୍ରୀଙ୍କ ପୁରୁଷ ବନ୍ଧୁଙ୍କୁ ଗଛରେ ବାନ୍ଧି ତାଙ୍କ ସମ୍ମୁଖରେ ଛାତ୍ରୀ ଜଣଙ୍କୁ ଗଣବଳାତ୍କାର କରିବା ଘଟଣା ନାରୀ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣାକୁ ନେଇ ଜିଲା ଯୁବ ଓ ଛାତ୍ର ଜନତା ଦଳର କର୍ମକର୍ତ୍ତା 'ବର୍ଷ ଏକ ନାରୀ ନିର୍ଯାତନା ଅନେକ' ନାରା ଦେଇ ମୋହନ ସରକାରଙ୍କ ଉପରେ ବର୍ଷିଛନ୍ତି। ରାଜ୍ୟରେ ବଳାତ୍କାର ୮ଶତକଡା ବୃଦ୍ଧି ପାଇଥିବା ବେଳେ ଦିନକୁ ୧୫ ବଳାତ୍କାର ମାମଲା ରୁଜୁ ହେଉଛି ବୋଲି ଯୁବ-ଛାତ୍ର ବିଜେଡି ଅଭିଯୋଗ କରିଛି। ସେହିପରି

**ଗୋପାଳପୁର ଛାତ୍ରୀ ଗଣବଳାତ୍କାର, ମହିଳା ନିର୍ଯାତନାକୁ ବିରୋଧ**

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ଦେଶର ମହିଳା ନାଗରିକଙ୍କୁ ଓଡ଼ିଶା ସମେତ କିଛି ରାଜ୍ୟକୁ ଏକା ନ ଯିବା ପାଇଁ ପରାମର୍ଶ ଦେବା ଘଟଣା ମୋହନ ସରକାରଙ୍କୁ ଲଜ୍ଜିତ କରିଛି। ମୁଖ୍ୟମନ୍ତ୍ରୀଙ୍କ ନିଜଜିଲା କେନ୍ଦୁଝରରେ ଜଣେ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ସାମ୍ନାକୁ ଆସିଛି। ଆଇନ ଶୃଙ୍ଖଳାରେ ବିଫଳ ରାଜ୍ୟ ସରକାର ବିକାଶ ମେଳା ନାମରେ ଉତ୍ସବ ପାଳନ କରିବା ନିନ୍ଦନୀୟ ଓ ହାସ୍ୟାସ୍ପଦ ବୋଲି ରାଜ୍ୟ ଛାତ୍ର ବିଜେଡି କାର୍ଯକାରୀ ସଭାପତି ଅବିନାଶ ଠାକୁର କହିଛନ୍ତି। ଏକବର୍ଷ ପୂର୍ତ୍ତି ପରେ ବି ରାଜ୍ୟରେ ମହିଳା ଆୟୋଗ ଓ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ ବୋଲି ଠାକୁର ଅଭିଯୋଗ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂହଦେଓ, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ପୂର୍ବତନ ଜୁନାଗଡ଼ ବିଧାୟକ ଗୋବର୍ଦ୍ଧନ ଦାଶ, ଭବାନୀପାଟଣା ଭାରପ୍ରାପ୍ତ ନଗରପାଳ ବିଷ୍ଣୁ ପ୍ରଧାନ, ଜିଲା ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ଯୁବ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ଜିଲା ମହିଳା ସଭାନେତ୍ରୀ ଲଳିତା ନାଏକ, ପୂର୍ବତନ ନଗରପାଳ ସଂଯୁକ୍ତା ବେହେରା, ଯୁବ ଜୋନ ସଭାପତି ମନିନ୍ଦ୍ର ମହାନ୍ତି, ବରିଷ୍ଠ ବିଜେଡି ନେତା ଜିତେନ୍ଦ୍ର ମହାନ୍ତି, ଜିଲା ଛାତ୍ର ବିଜେଡି ସଭାପତି ଅଜିତ କୁମାର ସାହୁ, ଯୁବନେତା ରବି ପଟ୍ଟନାୟକ, ରଞ୍ଜୁଲ୍ତା ପ୍ରଧାନ, ସମିତା ମହାପାତ୍ର, ସିନୁ ବେହେରା, ଛାତ୍ର ନେତା ଆଶୁତୋଷ ପୁରୋହିତ ପ୍ରମୁଖ ଯୋଗଦେଇଥିଲେ।

# ବହୁଚର୍ଚ୍ଚିତ ମହାଲିଙ୍ଗ କଲେଜ ହଷ୍ଟେଲରୁ ଯୁବକ ନିଖୋଜ

**ଗୋଲାମୁଣ୍ଡା, ୨୫।୬(ବଟକୃଷ୍ଣ ପଣ୍ଡା)**

ମମିତା ମେହେର ହତ୍ୟାକାଣ୍ଡକୁ ନେଇ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକର ମହାଲିଙ୍ଗ କଲେଜ ଚର୍ଚ୍ଚାରେ ରହିଥିଲା। ଏବେ ଏହି କଲେଜ ହଷ୍ଟେଲରୁ ଜଣେ ଛାତ୍ର ନିଖୋଜ ଘଟଣା ଆଲୋଚନାର ବିଷୟ ହୋଇଛି। ଏ ନେଇ ଛାତ୍ରଙ୍କ ବାପା କେଗାଁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଛାତ୍ରଙ୍କ ବାପା ସୁରେନ୍ଦ୍ର ରଣାଙ୍କ ଅଭିଯୋଗରୁ ଜଣାଯାଏ ଯେ ତାଙ୍କ ପୁଅ ତ୍ରିନାଥ ରଣା (୨୧) ମହାଲିଙ୍ଗ ବିଜ୍ଞାନ କଲେଜରେ ଯୁକ୍ତ ତିନି ତୃତୀୟ ବର୍ଷର ଛାତ୍ର ଭାବେ କଲେଜ ହଷ୍ଟେଲରେ ରହି ପାଠ ପଢୁଥିଲେ। ଏପରିସ୍ଥଳେ ମଙ୍ଗଳବାର ସକାଳଠାରୁ ତ୍ରିନାଥ ନିଖୋଜ ଥିବା ନେଇ ସାଙ୍ଗମାନେ ପରିବାର ଲୋକଙ୍କୁ ଫୋନ କରି ଜଣାଇଥିଲେ। ପରିବାର ଲୋକେ ଖୋଜା ଖୋଜି କରି ନ ପାଇବାରୁ ବୁଧବାର ଛାତ୍ରଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କେସ୍ ନଂ.୩୪/୨୫ରେ ଏକ ନିଖୋଜ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା କେଗାଁ ଥାନାଧିକାରୀ ମୁକୁନ୍ଦ ନାୟକ ସୂଚନା ଦେଇଛନ୍ତି। ଅନ୍ୟପଟେ ପୂର୍ବରୁ ଏହି କଲେଜ ମମିତା

**ଥାନାରେ ଏତଲା ପରେ ପୋଲିସର ତନାଘନା**

ମେହେର ହତ୍ୟାକାଣ୍ଡରେ ବିବାଦ ଘେରକୁ ଆସିଥିଲା। କଲେଜ ପ୍ରତିଷ୍ଠାତା ହିଁ ମମିତା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ପ୍ରମାଣ ହୋଇଥିଲା। ଜେଲରେ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ମୃତ୍ୟୁ ପରେ କଲେଜର ଅନେକ କର୍ତ୍ତୃପକ୍ଷଙ୍କୁ ପୋଲିସ ଗିରଫ କରିଥିଲା। ଏବେ ହଷ୍ଟେଲ ଭିତରୁ ଯୁବକ ନିଖୋଜ ହେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। କଲେଜ ପରିସରରେ ସିସିଟିଭି କ୍ୟାମେରା, ପାଚେରୀ, ସୁରକ୍ଷା ବ୍ୟବସ୍ଥା ଥିଲେ ସୁଦ୍ଧା କିଭଳି ଜଣେ ଯୁବକ ନିଖୋଜ ହେଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଯୁକ୍ତ ୩ ପ୍ରିନ୍ସିପାଲ ଅଶ୍ୱିନ କୁମାର ବାଗ କହନ୍ତି, ହଷ୍ଟେଲ ଆମ ଅଧୀନରେ ନାହିଁ। ଅନୁକମ୍ପାମୂଳକ ଭାବେ ମୃତକ ଗୋବିନ୍ଦ ସାହୁଙ୍କ ଝିଅ ହଷ୍ଟେଲ ସମ୍ଭାଳୁଛନ୍ତି। ଏଥିରେ ଆମର କୌଣସି ଭୂମିକା ନାହିଁ ବୋଲି କହିଥିଲେ। ଅନ୍ୟପଟେ କଲେଜ ପରିସରରେ କିଭଳି ବେଆଇନ ହଷ୍ଟେଲ ଗଢିଉଠିଛି ତାହାର ତଦନ୍ତ କରି ପ୍ରଶାସନ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

# ସମିତି ସଭ୍ୟଙ୍କ ମୃତ୍ୟୁ ଘଟଣାର ଅଭିଯୁକ୍ତଙ୍କୁ ଗିରଫ ଦାବି

**କୋକସରା,୨୫।୬ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଖୁଣ୍ଟିଆ ପଞ୍ଚାୟତର ସମିତି ସଭ୍ୟ ଥିବା ପିପଳପଡା ଗ୍ରାମର ଦେବେନ୍ଦ୍ର ଧରୁଆ (୪୨)ଙ୍କ ଝୁଲନ୍ତା ମୃତଦେହ ଘର ଭିତରୁ ଉଦ୍ଧାର ହୋଇଥିଲା। ଦେବେନ୍ଦ୍ରଙ୍କ ବଡଭାଇ ଦିଗମ୍ବର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, କୌଣସି ଘଟଣାକୁ ନେଇ ନିକଟ ଗ୍ରାମର ଜଣେ ଯୁବକ ଜୀବନରେ ମାରିଦେବାକୁ ଧମକ ଦେଇ ଆସୁଥିଲେ। ଏହି କାରଣକୁ ନେଇ ସେ ମାନସିକ ସ୍ତରରେ ଚାପରେ ଥିଲେ। ଏ ନେଇ ଗତ ୧୬ ତାରିଖରେ ଦେବେନ୍ଦ୍ର କୋକସରା ଥାନାରେ ଅଭିଯୋଗ ପରେ ମଧ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ଫଳରେ ଦେବେନ୍ଦ୍ର ମାନସିକ ଚାପ ଓ ଭୟରେ ମଙ୍ଗଳବାର ନିଜ ଘରେ ବେକରେ


ଆଦିବାସୀ ସଂଘ କର୍ମକର୍ତ୍ତା ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଫାଶି ଲଗାଇ ଆତ୍ମହତ୍ୟା କରିଥିଲେ। ଏହି ଘଟଣା ପରେ ବୁଧବାର କୋକସରା ବ୍ଲକ ଆଦିବାସୀ ସଂଘ ପକ୍ଷରୁ ବ୍ଲକ ସଭାପତି ହେମନ୍ତ କୁମାର ମାଝୀ, ସମ୍ପାଦକ ତ୍ରିନାଥ ଶବର ଓ ଶତାଧିକ କର୍ମକର୍ତ୍ତା କୋକସରା ପୋଲିସର ଅପାରଗତାକୁ ଦାୟୀ କରିଥିଲେ। ଧମକ ଦେଇଥିବା ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିବା ପାଇଁ ଦାବି କରିଥିଲେ। ଆସନ୍ତା ୩ ଦିନ ମଧ୍ୟରେ ଗିରଫ କରା ନ ଗଲେ ଆଦିବାସୀ ସଙ୍ଘ ପକ୍ଷରୁ ୨୮ ତାରିଖରେ ଥାନା ଘେରାଉ କରିବା ନେଇ ଚେତାବନୀ ଦେଇଛନ୍ତି।

# ମୂଳନିବାସୀ ବହୁଜନ ମିଳିତ ମହାସଂଘର ଦାବିପତ୍ର

**ଭବାନୀପାଟଣା, ୨୫।୬(ଉତ୍ତମ କୁମାର ଦାଶ)**

ଉତ୍ତର ପ୍ରଦେଶର ଇଟାୱାଠାରେ ଦୁଇଜଣ ଯାଦବ ସମ୍ପ୍ରଦାୟର କଥାବାଚକଙ୍କ ଉପରେ ଅମାନୁଷିକ ଅତ୍ୟାଚାର ଓ ଓଡ଼ିଶାର ଗଞ୍ଜାମ ଜିଲା ଧରାକୋଟ ଥାନା ଖରିଗୁମାରେ ଦୁଇଜଣ ଦଳିତଙ୍କୁ ନିର୍ଯାତନା ଦେବା ଘଟଣାକୁ ନେଇ କଳାହାଣ୍ଡି ଜିଲାରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ରାଜ୍ୟସ୍ତରୀୟ ସାମାଜିକ ଓ ବୁଦ୍ଧିଜୀବୀ ସଂଗଠନ, ମୂଳନିବାସୀ ବହୁଜନ ମିଳିତ ମହାସଂଘ ତରଫରୁ ବୁଧବାର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଉଭୟ ଘଟଣାରେ କେନ୍ଦ୍ର ସରକାର ତୁରନ୍ତ ହସ୍ତକ୍ଷେପ କରିବା ସହ ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଓ ପୀଡିତଙ୍କୁ ୨୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ରାଶି


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଦେବାକୁ ଦାବି କରିଛି ମହାସଂଘ। ଜିଲା ସଭାପତି ସଚ୍ଚିଦାନନ୍ଦ ମହାଖୁଡ଼ଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ସମୟରେ ରାଜ୍ୟ ଉପସଭାପତି ଲିଙ୍ଗରାଜ ଆଜାଦ, ଜିଲା କାର୍ଯ୍ୟକାରୀ ସଭାପତି କମଳିନୀ ଯାଦବ, ଯତୀନ୍ଦ୍ର କର, ଜୟପ୍ରକାଶ ଜାଲ, ସାଧାରଣ ସମ୍ପାଦକ କୀର୍ତ୍ତନ ନାୟକ ଯାଦବ, ସତ୍ୟ ମାହାର, ରାଜ୍ୟ ସାଧାରଣ ସମ୍ପାଦକ ଦିଗମ୍ବର ଦୁରିଆ, ଆଇନଜୀବୀ ପୃଥୀରାଜ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରାଣୀସମ୍ପଦ ବିକାଶ ଯୋଜନାର ସମୀକ୍ଷା: ଅଗ୍ରଣୀ ଜିଲାରେ ପରିଣତ କରିବାକୁ ଆହ୍ୱାନ

**ନୂଆପଡ଼ା,୨୫।୬ (ମକାରୁ ବେମାଲ)**

ନୂଆପଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ପ୍ରାଣୀ ସମ୍ପଦ ବିକାଶ ଯୋଜନାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. କେ. ପାର୍ଥସାରଥି ଦୋରା ବିଭାଗର ଜନକଲ୍ୟାଣକାରୀ ଯୋଜନା ବିଷୟରେ ଧାରଣା ଦେଇଥିଲେ। ଜିଲା ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ବାଳକୃଷ୍ଣ ଦ୍ୱିବେଦୀ ଯୋଜନାର ପ୍ରଗତି ବିଷୟରେ ତଥ୍ୟ ପ୍ରଦାନ କରିଥିଲେ। ୨୦୨୫-୨୬ ଆର୍ଥିକ ବର୍ଷରେ ଯୋଜନାର ଧାର୍ଯ୍ୟଲକ୍ଷ୍ୟ ଏବଂ ଜିଲାସ୍ତରୀୟ କମିଟିରେ ଜିଲାପାଳଙ୍କ ଦ୍ୱାରା ଅନୁମୋଦନ ପ୍ରସ୍ତାବ ଓ ତା'ର କାର୍ଯ୍ୟାନ୍ୱୟନ ବିଷୟରେ ଆଲୋଚନା କରାଯାଇଥିଲା। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅଧୀନରେ ଗୋପାଳନ, ମଇଁଷି ପାଳନ, ସବୁଦିନିଆ ଘାସ ଚାଷ ଓ ବୀମାକରଣ ଆଦିର ସମୀକ୍ଷାକରି ଧାର୍ଯ୍ୟ ସମୟସୀମା ମଧ୍ୟରେ ଲକ୍ଷ୍ୟ ହାସଲ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିଭିନ ଯୋଜନାରେ ଥିବା ୫୨୫ ଧାର୍ଯ୍ୟ ଲକ୍ଷ୍ୟ ପାଇଁ ୨୨୫ଟି ପ୍ରସ୍ତାବ ଅନୁମୋଦନ କରାଯାଇଥିଲା। ଅବଶିଷ୍ଟ ଲକ୍ଷ୍ୟ ହାସଲ ପାଇଁ ଆବେଦନପତ୍ର ସଂଗ୍ରହ କରି ତୁରନ୍ତ ଅନୁମୋଦନ କରିବା ପାଇଁ ସିଡିଭିଓଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଅଧିକାରୀ ଆନ୍ତରିକତା ସହ କାର୍ଯ୍ୟ କରି ପ୍ରାଣୀ ସମ୍ପଦ ବିକାଶ କ୍ଷେତ୍ରରେ ନୂଆପଡାକୁ ଏକ ଅଗ୍ରଣୀ ଜିଲାରେ ପରିଣତ କରିବା ପାଇଁ ଜିଲାପାଳ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।

# ଜୁନ୍ ୨୫କୁ କଳା ଦିବସ ପାଳିଲା ଭାଜପା


କାର୍ଯ୍ୟକ୍ରମରେ ସାମିଲ ଦଳୀୟ କର୍ମକର୍ତ୍ତା।

**ଲାଞ୍ଜିଗଡ଼,୨୫।୬(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ପଞ୍ଚାୟତସ୍ଥିତ ଶିବମନ୍ଦିର ପ୍ରାଙ୍ଗଣରେ ଭାଜପାର ଲାଞ୍ଜିଗଡ ମଣ୍ଡଳ ଓ ବିଶ୍ୱନାଥପୁର ମଣ୍ଡଳ ମିଳିତ ଆନୁକୂଲ୍ୟରେ ଜୁନ ୨୫କୁ କଳା ଦିବସ ରୂପେ ପାଳନ କରାଯାଇଛି। ୧୯୭୫ ମସିହାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଦେଶରେ ଆଭ୍ୟନ୍ତରୀଣ ଓ ବାହ୍ୟ ବିପଦ କାରଣ ଦର୍ଶାଇ ଦେଶରେ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିଥିଲେ। ଏହା ସମସ୍ତ ଭାରତୀୟଙ୍କ ପାଇଁ କଳାପାଣି ଦଣ୍ଡଠାରୁ କିଛି କମ୍ ନ ଥିଲା। କଂଗ୍ରେସ ଦ୍ୱାରା ଜାରି କରାଯାଇଥିବା ଜରୁରିକାଳୀନ ପରିସ୍ଥିତି କଳା ଅଧ୍ୟାୟର ୫୦ ବର୍ଷ ପୂରିଛି। ଏଣୁ ଭାଜପା କଳାଦିବସ ରୂପେ ପାଳନ କରିଆସୁଥିବା ଏହାର କର୍ମକର୍ତ୍ତା ଦର୍ଶାଇଛନ୍ତି। ଏହି ଅବସରରେ ବିଶ୍ୱନାଥପୁର ଶିବମନ୍ଦିର ପ୍ରାଙ୍ଗଣରେ ୩୦ରୁ ଉର୍ଦ୍ଧ୍ୱ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଲାଞ୍ଜିଗଡ ମଣ୍ଡଳ ସଭାପତି ନରେନ୍ଦ୍ର ବେହେରା, ବିଶ୍ୱନାଥପୁର ମଣ୍ଡଳ ସଭାପତି ତୁଳସୀ ମାଝୀ, କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ଅଗ୍ରୱାଲ, ସମ୍ପାଦକ ସଞ୍ଜୟ ସାହୁ, ବିଶ୍ୱନାଥପୁର ମଣ୍ଡଳ ସମ୍ପାଦକ ଗୌତମ ନାଗ, ପୂର୍ବତନ ଏମପି ପ୍ରତିନିଧି ଲକ୍ଷ୍ମୀଧର ସନ୍ତୋଷ ରାୟ, ବରିଷ୍ଠ ନେତା ଅନନ୍ତ ପ୍ରଧାନୀ, ପ୍ରଭୁ ରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# କଳା ଦିବସ ପାଳିତ

**ନୂଆପଡ଼ା,୨୫।୬ (ମକାରୁ ବେମାଲ)**

ନୂଆପଡ଼ା ଜିଲା ଖରିଆର ରୋଡ ଜିଲା ଶିକ୍ଷା ତାଲିମ ପ୍ରତିଷ୍ଠାନଠାରେ ବୁଧବାର କଳା ଦିବସ ପାଳିତ ହୋଇଯାଇଛି। ପ୍ରତିଷ୍ଠାନର ଅଧକ୍ଷ ସରୋଜ କୁମାର ଦାସଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀ ମୁଖ୍ୟଅତିଥି, ଚତୁର୍ଭୁଜ ଶର୍ମା, ମନିଜର ଆର୍ଯ୍ୟ, ଦୃଷ୍ଟିଚନ୍ଦ୍ର ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ୧୯୭୫ ଜୁନ ୨୫ ମଧରାତ୍ରିରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଆଭ୍ୟନ୍ତରୀଣ ଅଶାନ୍ତି ବାହାନାରେ ଭାରତରେ ଜରୁରିକାଳୀନ ପରିସ୍ଥିତି ଲାଗୁ କରିଥିଲେ। ଏହି ନିଷ୍ପତ୍ତି କୌଣସି ଯୁଦ୍ଧ କିମ୍ୱା ବିଦ୍ରୋହ ଯୋଗୁ ନୁହେଁ, ବରଂ କ୍ଷମତା ବଞ୍ଚାଇବା ପାଇଁ ବୋଲି କହିଥିଲେ। ସେହିପରି ବୃଦ୍ଧିକୋମନା ପଞ୍ଚାୟତ କଲେଜ ଅଧକ୍ଷଙ୍କ ଅଧକ୍ଷତରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପାଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦିବସ ଉପରେ ମତବ୍ୟକ୍ତ କରିଥିଲେ।

# ବିଷାକ୍ତ ଦ୍ରବ୍ୟଠାରୁ ଦୂରେଇ ରହିବା ନେଇ ସଚେତନତା

**କେସିଙ୍ଗା,୨୫।୬ (ତୁମେଶ୍ୱର ସାହୁ)**

ଜିଲା ଅବକାରୀ ଓ କେସିଙ୍ଗା ପଞ୍ଚାୟତ ସମିତି ମିଳିତ ଉଦ୍ୟମରେ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବିଡ଼ିଓ ଜନ୍ମେଜୟ ସ୍ୱାଇଁଙ୍କ ନେତୃତ୍ୱରେ ନିଶା ଦ୍ରବ୍ୟ ତଥା ଅପମିଶ୍ରିତ ବିଷାକ୍ତ ଦ୍ରବ୍ୟ ବିରୋଧରେ ଗତ ୨୦ତାରିଖରେ ସଚେତନତା ଅଭିଯାନ ଆରମ୍ଭ ହୋଇଥିଲା। ୨୫ତାରିଖ ପର୍ଯ୍ୟନ୍ତ ବ୍ଲକର ୨୬ ଗ୍ରାମ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରେ ପାଲା, ଘୁମରା, ନାଚଗୀତ ମାଧମରେ ଲୋକଙ୍କୁ ସଚେତନ କରାଯାଇଥିଲା। ବୁଧବାର ଏହି କାର୍ଯ୍ୟକ୍ରମ ତୁର୍ଲାଖମାନ, ବୋରିଆ ଆଦି ଗ୍ରାମ ପଞ୍ଚାୟତରେ ଅନୁଷ୍ଠିତ ହୋଇଥିଲା। ଗରିବ ଲୋକମାନେ ଦୁଇ ପଇସା ରୋଜଗାର କରି ପରିବାର ପୋଷିବା ପରିବର୍ତ୍ତେ ମଦ ପଛରେ ଉଡାଉଛନ୍ତି। ଫଳରେ ପରିବାର ପ୍ରତିପୋଷଣରେ ସମସ୍ୟା ଦେଖା ଯାଉଛି। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ନିଷ୍ପତ୍ତି କ୍ରମେ ଜିଲା ଅବକାରୀ ବିଭାଗ ନିର୍ଦ୍ଦେଶରେ କାର୍ଯ୍ୟକ୍ରମ କରାଯାଉଥିଲା। ଏଥିରେ କେସିଙ୍ଗା ଅବକାରୀ ବିଭାଗ ଉପନିରୀକ୍ଷକ ବିଶ୍ୱଜିତ ଆରୁକଙ୍କ ସମେତ ସମସ୍ତ କର୍ମଚାରୀ ସାମିଲ ଥିଲେ।


ସଚେତନତା କାର୍ଯ୍ୟକ୍ରମରେ କଳାକାରଙ୍କ ସହ ବିଭାଗୀୟ

# ମୌଳିକ ସୁବିଧାରୁ ବଞ୍ଚିତ ମହୁଲପଡ଼ାବାସୀ

**ନୂଆପଡ଼ା,୨୫।୬ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ସିଲ୍ଭା ପଞ୍ଚାୟତ ପଟପରପାଲି ଗାଁର ମହୁଲପଡ଼ାବାସୀ ସ୍ୱାଧୀନତାର ଦୀର୍ଘବର୍ଷ ପରେ ମଧ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଅଭିଶପ୍ତ ଜୀବନ ବିତାଉଛନ୍ତି। ସୂଚନା ଅନୁଯାୟୀ ମହୁଲପଡ଼ାରେ ୧୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ପଡ଼ାରେ ଗୋଟିଏ ନଳକୂଅ ଥିଲେ ମଧ ସେଥିରୁ ଫ୍ଲୋରାଇଡ ଯୁକ୍ତ ପାଣି ବାହାରୁଥିବାରୁ ତାହାକୁ ନିଷିଦ୍ଧ ଘୋଷଣା କରାଯାଇଛି। ଫଳରେ ପଡ଼ାବାସୀ ଖୋଲା କୂଅ, ପୋଖରୀ, ନଈ, ନାଳ ପାଣି ବ୍ୟବହାର କରି ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଗାଁକୁ ଭଲ ରାସ୍ତାଟିଏ ନାହିଁ। କଚ୍ଚା ରାସ୍ତାଟି ବର୍ଷାଦିନେ କାଦୁଅ ହେଉଥିବାରୁ ପଡ଼ାବାସୀ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରାଥମିକ ବିଦ୍ୟାଳୟ ଦୂର କଥା ଅଙ୍ଗନୱାଡି କେନ୍ଦ୍ରଟିଏ ନ ଥିବାରୁ କୋମଳମତି ଶିଶୁ


ମହୁଲପଡ଼ାର ଦୃଶ୍ୟ।

ପ୍ରାକ୍ ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି। ବିଜୁଳି ପାଇଁ ଅନେକ ଥର ଜିଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗଠାରେ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ। ବିଭିନ୍ନ ସରକାରୀ ଯୋଜନା ଓ ଆବାସ ଗୃହ ସାତସପନ ହୋଇଛି। ପଡ଼ାର ତୋଷନ ଶବରଙ୍କ ରାଶନ କାର୍ଡ ନୂଆପଡ଼ା ସଦର ବ୍ଲକ ଜାମପାଣି ପଞ୍ଚାୟତରେ ଥିବାରୁ ରାଶନ ସାମଗ୍ରୀ ପାଇଁ ସେ ପ୍ରତି ମାସରେ ୨୫ରୁ ୩୦ କିଲୋମିଟର ଯାଇ ହଇରାଣ ହେଉଛନ୍ତି। ଏହିସବୁ ସମସ୍ୟା ବିଷୟରେ ପଡ଼ାବାସୀ ନିର୍ବାଚିତ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଡିଓ, ଜିଲା ପ୍ରଶାସନକୁ ଲିଖିତ ଭାବରେ ଜଣାଇଥିଲେ ମଧ ସମାଧାନ ହୋଇପାରି ନାହିଁ। ଏ ନେଇ ଏକ ବୈଠକ କରି ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ପଡ଼ାର ପିଲାସିଂ ଶବର, ରୂପସିଂ ଶବର, ସୁନାତନ ଶବର, ତୋଷନ ଶବର, ଭୂରେଶ୍ୱର ଶବର, ଭୃଞ୍ଜରାଜ ଶବର, ଭିତେଶ୍ୱର ଶବର, ଲକ୍ଷ୍ମୀବନ୍ତ ଶବର, ସରବତି ଶବର, ଚଣ୍ଡବ ଶବର ପ୍ରମୁଖଙ୍କଠାରୁ ସୂଚନା ମିଳିଛି। ଏ ସଂକ୍ରାନ୍ତରେ କୋମନା ବିଡିଓ ବିନୟ କୁମାର ଭୋଇଙ୍କୁ ପଚାରିବାରୁ ଗୁରୁବାର ଉକ୍ତ ପଡ଼ାକୁ ଯାଇ ତଦନ୍ତ କରିବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

# ତାତିଲେ ଚାଷୀ, ଧାନ ରଖି ରାସ୍ତାରେ ବସିଲେ



ଖୁଣ୍ଟଲିପାଲି ମଣ୍ଡି ଆଗରେ ଚାଷୀଙ୍କ ରାସ୍ତା ଅବରୋଧ।

**ଭେଡେନ,୨୫।୬(ହୃଷିକେଶ ଖମାରୀ)**

ଆଉ ୪ଦିନ ପରେ ବରଗଡ଼ ଜିଲାରେ ରବି ଧାନ ସଂଗ୍ରହ ପ୍ରକ୍ରିୟାକୁ ଦେଢମାସ ପୂରିବ। ହେଲେ ଏପର୍ଯ୍ୟନ୍ତ ଜିଲାର ଚାଷୀମାନଙ୍କ ଧାନ ବିକ୍ରି ସରି ନାହିଁ। ଅନ୍ୟପକ୍ଷରେ ବର୍ଷା ଆରମ୍ଭ ହୋଇଯାଇ ଥିବାବେଳେ ଖରିଫ ଚାଷ କାର୍ଯ୍ୟ ସମୟ ଗଡ଼ି ଚାଲିଛି। ଜିଲାର ବିଭିନ୍ନ ମଣ୍ଡିରେ ବିକ୍ରି ଅପେକ୍ଷାରେ ବହୁ ପରିମାଣରେ ଧାନ ପଡ଼ି ରହିଛି। କେତେକ ସ୍ଥାନରେ ଧାନ ଗଜା ମଧ୍ୟ ହୋଇଗଲାଣି। ଏହାସତ୍ତ୍ୱେ ଧାନ ଉଠାଣ ତ୍ୱରାନ୍ୱିତ ହୋଇ ପାରିନାହିଁ। ବରଗଡ଼ ଜିଲା ଭେଡେନ ବ୍ଲକ ଅନ୍ତର୍ଗତ ଖୁଣ୍ଟଲିପାଲି ମଣ୍ଡିରେ ଏଭଳି ସ୍ଥିତି ଉପୁଜିଛି। ଏହାକୁ ନେଇ ଚାଷୀ ଅସନ୍ତୋଷ ତେଜି ଉଠିଛି। ଏହି କ୍ରମରେ ବୁଧବାର ପୂର୍ବାହ୍ନ ୧୦ଟାରୁ ଅଞ୍ଚଳର ଚାଷୀମାନେ ସଂଗଠିତ ହୋଇ ଧାନ ବୋଝେଇ ଟ୍ରାକ୍ଟର ରଖି ଖୁଣ୍ଟଲିପାଲି ଧାନ ମଣ୍ଡି ସମ୍ମୁଖରେ ଗୋଡଭଗା – ସୋନପୁର ରାସ୍ତା ଅବରୋଧ କରିଥିଲେ। ଫଳରେ ଏହି ରାସ୍ତାରେ ଯାତାୟାତ ଠପ ପଡ଼ିଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ବହୁସଂଖ୍ୟକ ଯାନବାହାନ ଅଟକି ରହିଥିଲା। ଆନ୍ଦୋଳନସ୍ଥଳକୁ ଭେଡେନ ତହସିଲଦାର ରଶ୍ମିତା ସ୍ୱାଇଁ, ଅତିରିକ୍ତ ତହସିଲଦାର ଏ. କେ ନାୟକ, ଦେଶଭଟଲି ରାଜସ୍ୱ ନିରୀକ୍ଷକ ମାନସ ସେଟ, ଦୀପକ ସାହୁ, ବରଗଡ଼ ଏସଡ଼ିପିଓ ପଦାରବିନ୍ଦ ତ୍ରିପାଠୀ, ଭେଡେନ ଥାନା ଆଇଆଇସି ସୁଶାନ୍ତ କୁମାର ଦାଶ, ରୁଷୁଡ଼ା ଫାଣ୍ଡି ଅଧିକାରୀ ପ୍ରମୋଦ କୁମାର ସାହୁ ଏବଂ ଯୋଗାଣ ବିଭାଗ ଅଧିକାରୀମାନେ ପହଞ୍ଚି ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ। ଆସନ୍ତା ୩୦ତାରିଖ ସୁଦ୍ଧା ଚାଷୀଙ୍କ ସମସ୍ତ ଧାନ କିଣାଯିବ ବୋଲି ତହସିଲଦାର ସ୍ୱାଇଁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଅପରାହ୍ନ ପ୍ରାୟ

**ମଣ୍ଡିରୁ ଉଠୁନି ଧାନ, ରାସ୍ତା ଅବରୋଧ କଲେ ଚାଷୀ**

୧ଟା ୩୦ମିନିଟରେ ଚାଷୀମାନେ ରାସ୍ତା ଉପରୁ ଉଠିଥିଲେ ଏବଂ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଖୁଣ୍ଟଲିପାଲି ମଣ୍ଡିରେ ବିକ୍ରି ହୋଇ ନ ପାରି ୪୦ହଜାର ପକେଟ ଧାନ ଏବେ ସୁଦ୍ଧା ପଡ଼ି ରହିଛି। ଅନ୍ୟପକ୍ଷରେ ଏହି ମଣ୍ଡିରେ ଏପର୍ଯ୍ୟନ୍ତ ୩୭ ହଜାର ୭୯୪ କୁଇଣ୍ଟାଲ ଧାନ ବିକ୍ରି ହେବାକୁ ଥିବାବେଳେ ୧୩ହଜାର ୯ଟି ଟୋକନ ଆସିଛି ବୋଲି ମଣ୍ଡି ଅଧିକାରୀ ଦିଲ୍ଲିପ ମିଶ୍ର କହିଛନ୍ତି। ଏହି ମଣ୍ଡିରୁ ଧାନ ଉଠାଯାଉ ନଥିବାରୁ ଚାଷୀମାନେ ପୂର୍ବରୁ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ମାତ୍ର କିଛି ସୁଫଳ ମିଳି ନ ଥିଲା। ଅନ୍ୟପଟେ ଗତ ୨୦ ତାରିଖ ଏହି ମଣ୍ଡିକୁ ବରଗଡ଼ ଉପଜିଲାପାଳ, ଯୋଗାଣ ଅଧିକାରୀ ଆସିଥିଲେ ଏବଂ ଚାଷୀଙ୍କ ସମସ୍ତ ଧାନ ଉଠାଯିବ ବୋଲି କହିଥିଲେ। ମାତ୍ର ଧାନ ଉଠି ନଥିଲା। ଫଳରେ ଚାଷୀମାନେ ରାସ୍ତାରୋକୋ କରିବା ପାଇଁ ଗତ ୨୪ ତାରିଖ ଭେଡ଼େନ ଥାନା ଓ ତହସିଲଦାରଙ୍କୁ ଲିଖିତ ଜଣାଇଥିଲେ ଏବଂ ବୁଧବାର ରାସ୍ତା ଉପରେ ଧାନ ବୋଝେଇ ଟ୍ରକ୍ ରଖି ରାସ୍ତା ଅବରୋଧ କରିଥିଲେ। ପ୍ରକାଶ ଥାଉକି, ଏପର୍ଯ୍ୟନ୍ତ ଉକ୍ତ ଭେଡେନ ବ୍ଲକ ଅନ୍ତର୍ଗତ ଦେଶପଥର୍ଲା, ଦେଶଭଟଲି, ଉଦେପୁର, ସାଲନା, ଦେଶକୁମ୍ଭାରୀ, ଲିମଛୋଡ଼, ଖୁଣ୍ଟଲିପାଲି, ପାପପାଲି, ବାନିପାଲି, ଡାଲବ, ଡାଲବୀ, କାଣ୍ଡପାଳି, ସର୍କଡା ଆଦି ଗ୍ରାମର ଚାଷୀମାନଙ୍କ ଧାନ କ୍ଷେତ, ଖଳାରେ ବିକ୍ରି ଅପେକ୍ଷାରେ ପଡ଼ିଛି। ତେବେ ଆସନ୍ତା ୩୦ତାରିଖ ସୁଦ୍ଧା ଚାଷୀମାନଙ୍କ ସମସ୍ତ ଧାନକୁ କ୍ରୟ କରା ନ ଗଲେ, ଚାଷୀମାନେ ପୁଣି ଏଭଳି ଆନ୍ଦୋଳନକୁ ଓହ୍ଲାଇବା ଆଶଙ୍କା ରହିଛି।

## ଆସିଲେନି ୱାର୍ଡସଭ୍ୟ କାଟ ଖାଇଲା ଅନାସ୍ଥା

**ବରଗଡ଼,୨୫।୬(ପ୍ରେମାନନ୍ଦ ଖମାରୀ):** ବରଗଡ଼ ବ୍ଲକ ଅନ୍ତର୍ଗତ ତୋରା ଗ୍ରାମ ପଞ୍ଚାୟତର ସରପଞ୍ଚ ଦେବରାଜ ସାହୁଙ୍କୁ ପଦବୀରୁ ହଟାଇବା ପାଇଁ ୧୬ ୱାର୍ଡସଭ୍ୟ ଅନାସ୍ଥା ଭୋଟ ଆଗତ କରିବାକୁ ଜିଲା ପ୍ରଶାସନକୁ ଫେରାଦ ହୋଇଥିଲେ। ଏହି କ୍ରମରେ ବୁଧବାର ତୋରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନାସ୍ଥା ଭୋଟ ପ୍ରକ୍ରିୟା ଚାଲିଥିଲା। କିନ୍ତୁ ଏଥିରେ ଭାଗ ନେବାକୁ ପଞ୍ଚାୟତର ୨୪ଜଣ ୱାର୍ଡସଭ୍ୟଙ୍କ ମଧ୍ୟରୁ କେହି ଆସି ନ ଥିଲେ। ଫଳରେ ସରପଞ୍ଚ ସାହୁଙ୍କ ବିରୋଧରେ ଆସିଥିବା ଅନାସ୍ଥା କାଟ ଖାଇଥିଲା। ପୋଲିସ ସୁରକ୍ଷା ଭିତରେ ବରଗଡ଼ ତହସିଲଦାର ଓ ବରଗଡ଼ ବିଡ଼ିଓଙ୍କ ଉପସ୍ଥିତିରେ ପୂର୍ବାହ୍ନ ୧୧ଟାରୁ ୧୨ଟା ପର୍ଯ୍ୟନ୍ତ ଅନାସ୍ଥା ଭୋଟ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଥିଲା। କିନ୍ତୁ ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ୱାର୍ଡସଭ୍ୟ ପହଞ୍ଚି ନଥିଲେ। ଫଳରେ ତୋରା ପଞ୍ଚାୟତର ସରପଞ୍ଚ ଦେବରାଜ ସାହୁ ନିଜ ପଦବୀ ବଜାୟ ରଖିଥିବାବେଳେ ତାଙ୍କ ସମର୍ଥକ ମହଲରେ ଆନନ୍ଦ ପ୍ରକାଶ ପାଇଛି।

## ରାସ୍ତାରେ ଅଟକିଲା ଆମ୍ବୁଲାନ୍ସ, ରୋଗୀ ହସ୍ତସନ୍ତ

**ବାଉଁଶୁଣି, ୨୫।୬(ଦେବାଶିଷ ନେପାକ):** ବୌଦ୍ଧ ବ୍ଲକ ଅନ୍ତର୍ଗତ ମନୁପାଲି ଗ୍ରାମ ପଞ୍ଚାୟତର ଜମଟାଙ୍ଗି – ମନୁପାଲି ରାସ୍ତାରେ ବୁଧବାର ପୂର୍ବାହ୍ନରେ ଏକ ଆମ୍ବୁଲାନ୍ସ ଫାଶୀ ଥିବା ଦେଖିବାକୁ ମିଳିଥିଲା। ଆମ୍ବୁଲାନ୍ସଟି ଉକ୍ତ ପଞ୍ଚାୟତର କନାପଡ଼ା ଗ୍ରାମକୁ ରୋଗୀ ନେଇ ଆସୁଥିବା ବେଳେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଦୀର୍ଘ ସମୟ ଧରି ରାସ୍ତାରେ ଅଟକି ରହିଥିଲା। ଦୀର୍ଘ ସମୟ ଅଟକି ରହିଥିବାରୁ ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଜଣାପଡ଼ିଛି। ଯଦି ଏଭଳି ଭାବରେ ୧୦୮ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯିବ ତା'ହେଲେ ରୋଗୀ ନିହାତି ହନ୍ତସନ୍ତ ହେବେ ବୋଲି ଅଞ୍ଚଳରେ ଆଲୋଚନା ହେଉଛି। ସୂଚନା ଅନୁଯାୟୀ, ଉକ୍ତ ୧୦୮ ଆମ୍ବୁଲାନ୍ସଟି ଜହ୍ନାପଙ୍କ ଡାକ୍ତରଖାନାର ବୋଲି ଜଣାପଡ଼ିଛି। ତେବେ ତୁରନ୍ତ ଜିଲା ପ୍ରଶାସନ ଏ ବାବଦରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ାଉ

**ପଦ୍ମପୁର,୨୫।୬ (ପ୍ରଦୀପ୍ତ ଦାଶ)**

**୭ ଦିନରେ ଫୁଡ୍ ଲାଇସେନ୍ସ କରିବାକୁ ତାଗିଦ**



ଖାଦ୍ୟ ନମୁନା ଯାଞ୍ଚ କରୁଛନ୍ତି।

ବରଗଡ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ବୁଧବାର ପଦ୍ମପୁର ବ୍ଲକ ଅଞ୍ଚଳରେ ହୋଟେଲ, ଢାବା, ତେଜରାତି ଏବଂ ରେଷ୍ଟୁରାଣ୍ଟରେ ଚଢାଉ କରାଯାଇଛି। ଉକ୍ତ ଚଢାଉରେ ୨୦ଟି ସ୍ଥାନରେ ଖାଦ୍ୟର ମାନ ଯାଞ୍ଚ କରାଯାଇଥିଲା। ପରେ ବାସି ଖାଦ୍ୟ ଓ ଖରାପ ତେଲକୁ ନଷ୍ଟ କରାଯାଇଛି। ଡାଇରିଆକୁ ଆଖି ଆଗରେ ରଖି ସବୁ ହୋଟେଲ, ଠେଲାଗୁଡ଼ିକରେ ସଫା ପାଣି ଦେବା, ସଫା ସୁତୁରା ପରିବେଶ ରଖିବା ତଥା ବାସି ଖାଦ୍ୟ ନ ଦେବା, ଖାଦ୍ୟରେ ରଙ୍ଗ ବ୍ୟବହାର ନ କରିବା, ଖବରକାଗଜରେ ଖାଦ୍ୟ ସାମଗ୍ରୀ ନ ଦେବା ବୋଲି ସଚେତନ କରାଯାଇଛି। ଏଥିସହ ୭ ଦିନ ମଧ୍ୟରେ ଫୁଡ ଲାଇସେନ୍ସ କରିବାକୁ ତାଗିଦ୍ କରାଯାଇଥିଲା। ଏହି ଚଢ଼ାଉରେ ଜିଲା ଖାଦ୍ୟ ନିରାପତ୍ତା ଅଧିକାରୀ ପରମେଶ୍ୱର ନାଏକ, ଜିଲା ସ୍ୱାସ୍ଥ୍ୟ ପରିଦର୍ଶକ ତେଜଭାନୁ ସାହୁ, ଏମ.ଟି.ଏସ ସୁନିତ ମଲ୍ଲିକ ଉପସ୍ଥିତ ଥିଲେ।

## ଟ୍ରକ୍‌କୁ ଧକ୍କା ଦେଇ ବାଇକ୍ ଆରୋହୀ ମୃତ

**ପାଇକମାଳ,୨୫।୬(ବଡ଼ ଶତପଥୀ)**

ପାଇକମାଳରୁ ୬କିମି ଦୂର ନୂଆପଡା ଯିବା ରାସ୍ତାରେ କିଙ୍ଗ ହୋଟେଲ ନିକରେ ଛିଡ଼ା ହୋଇଥିବା ଟ୍ରକ୍‌କୁ ଧକ୍କା ଦେବାରୁ ଜଣେ ବାଇକ୍ ଆରୋହୀଙ୍କ ବୁଧବାର ମୃତ୍ୟୁ ଘଟିଛି। ମୃତକ ହେଲେ ଝୁନଗାପାଲି (ଦିପ୍ତୀପୁର) ଗ୍ରାମର କ୍ଷୀରସିନ୍ଧୁ ବରିହା (୪୨)। ସେ ବାଇକ୍‌ରେ ନୂଆପଡ଼ା ଯାଇଥିଲେ। ସେଠାରୁ ସନ୍ଧ୍ୟାରେ ନିଜ ଘରକୁ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା। ପାଇକମାଳ ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ କହିଛନ୍ତି।

## 'ପ୍ରସ୍ତାବନା' ଶୀର୍ଷକ ଆଲୋଚନାଚକ୍ର

**ପାଇକମାଳ,୨୫।୬(ବଡ଼ ଶତପଥୀ)**

ପାଇକମାଳ ସ୍ଥିତ ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଅଧ୍ୟକ୍ଷ ଲୋହିତ କୁମାର ବାରିକଙ୍କ ସଭାପତିତ୍ୱରେ ଭାରତୀୟ ସମ୍ବିଧାନର ପ୍ରସ୍ତାବନା ସମ୍ପର୍କରେ ଏକ ଆଲୋଚନାଚକ୍ର ବୁଧବାର ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ବାରିକ ବିଭିନ୍ନ ସମାଲୋଚକ ତଥା ରାଷ୍ଟ୍ରନୀତିଜ୍ଞମାନଙ୍କ ମତକୁ ଆଧାର କରି ପ୍ରସ୍ତାବନା ସମ୍ପର୍କିତ ଅନେକ ତଥ୍ୟ ଉପସ୍ଥାପନ କରିଥିବା ବେଳେ ରାଜନୀତି ବିଜ୍ଞାନ ବିଭାଗର ଛାତ୍ର ସୁରଜ ପ୍ରଧାନ, ସୌମ୍ୟରଞ୍ଜନ ହୋତା, ଛାତ୍ରୀ ଭାରତୀ ପଟେଲ ପ୍ରସ୍ତାବନା ସମ୍ପର୍କିତ ପ୍ରବନ୍ଧ ପାଠ କରିଥିଲେ। ଉକ୍ତ ଆଲୋଚନା ଚକ୍ରର ମୁଖ୍ୟଅତିଥି ଅବସରପ୍ରାପ୍ତ ପ୍ରାଧ୍ୟାପକ ସରୋଜ କୁମାର ପ୍ରଧାନ ଛାତ୍ରୀଛାତ୍ରଙ୍କୁ ପ୍ରବନ୍ଧ ସମ୍ପର୍କରେ ମତାମତ ଦେବା ସହ ସମ୍ବିଧାନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ପ୍ରଭାତ କୁମାର ବିଶ୍ୱାଳ, ପ୍ରଦୀପ୍ତ କୁମାର ସାହୁ, ପ୍ରଦୀପ କୁମାର ଦେୱାନ, ଅଧ୍ୟାପିକା ମୀନା କୁମାରୀ ସାହୁ ପ୍ରମୁଖ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଅବିନାଶ ମହାପାତ୍ର ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ପୁଷ୍ପମଞ୍ଜରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ଆଲୋଚାନ କରାଯାଉଛି।

## ଆମ ସଂକଳ୍ପ ନିଶା ନୁହେଁ ଜୀବନ

**ପଦ୍ମପୁର,୨୫।୫ (ପ୍ରଦୀପ୍ତ ଦାଶ)**

ପି ଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପଦ୍ମପୁରରେ ଓଡ଼ିଶା ଅବକାରୀ ବିଭାଗ ଆନୁକୂଲ୍ୟରେ ବୁଧବାର ବିଜ୍ଞାପିତ ଅଞ୍ଚଳ ପରିଷଦ ସ୍ତରୀୟ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗୀତା ହୋଇଯାଇଛି। ଏଥିରେ ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ବିଦ୍ୟାଳୟର ୩୫ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବକ୍ତୃତା ପ୍ରତିଯୋଗିତା ପ୍ରତିଯୋଗୀତାରେ ସାଇ ଶ୍ରୀୟା ଦାସ, ସହେଲୀ ସାହୁ, ଆକାଶ ସରାଫ ଓ ପ୍ରବନ୍ଧ ପ୍ରତିଯୋଗିତାରେ ଦୀପ ଶିଖା ଗଡତିଆ, ପ୍ରଜ୍ଞାଶ୍ରୀ ପ୍ରଧାନ, ଅଙ୍କୁଶ କୁମାର ବାରିକ ଯଥାକ୍ରମେ ପ୍ରଥମ, ଦିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପବିତ୍ର କୁମାର ସାହୁ , ପୂଜାରାଣୀ ନାୟକ ଓ ଅମୃତା ବାରିକ ବିଚାରକ ଦାୟିତ୍ୱ ତୁଲାଇ ଥିଲେ। ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନ ଶିକ୍ଷୟିତ୍ରୀ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅବକାରୀ ବିଭାଗ ତରଫରୁ ସମର ଜିତ୍ ଦାଶ, ଲକ୍ଷ୍ମୀଧର ମାଝୀ, ପ୍ରଶାନ୍ତ ବାଗ , ତରକାନ୍ତି ଭୁଏ, ଧର୍ମେନ୍ଦ୍ର ବେହେରା ଯୋଗ ଦେଇଥିଲେ। ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ସୁରେଶ ଚନ୍ଦ୍ର ଚୌହାନ ଓ ରବି ନାରାୟଣ ପଣ୍ଡା ଉପସ୍ଥିତ ଥିଲେ।



ପୁରସ୍କୃତ ପ୍ରତିଯୋଗୀ ଓ ଅତିଥି।

## କାଠଡ଼େରା ରଥଯାତ୍ରା ପ୍ରସ୍ତୁତି ଚୂଡ଼ାନ୍ତ



ରଥଯାତ୍ରା ପାଇଁ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି କର୍ମକର୍ତ୍ତା ।

**ଅତାବିରା/ଗୋଡ଼ଭଗା, ୨୫।୬ (ଯୁଧିଷ୍ଠିର ମହାପାତ୍ର/ସୁରେଶ ଦାଶ)**

**୮୬ ବର୍ଷରେ କାଠଡେରା ରଥଯାତ୍ରା**

- ୬ ଗ୍ରାମରୁ ରଥ ଆସି କାଠଡେରାରେ ସମ୍ମିଳିତ ହେବେ

ଅତାବିରା ବ୍ଲକ କାଠଡେରାର ରଥଯାତ୍ରା ମହୋତ୍ସବ ପ୍ରତିବର୍ଷ ଭଳି ଚଳିତ ବର୍ଷ ୧୧ ଦିନ ଧରି ଚାଲିବ । ଏ ନେଇ ବୁଧବାର ଗୁଣ୍ଡିଚାଦେବୀ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। କାଠଡେରା ଶ୍ରୀ ଶ୍ରୀ ଗୁଣ୍ଡିଚା ରଥଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ୧୯୪୦ରୁ ଅନୁଷ୍ଠିତ ହୋଇଆସୁଥିବା ଏହି ଯାତ୍ରା ମହୋତ୍ସବ ୮୫ ବର୍ଷ ପୂରଣ ହୋଇ ୮୬ ତମ ରଥଯାତ୍ରା ହେବାକୁ ଯାଉଛି। ଆଷାଢ଼ ଶୁକ୍ଳ ପକ୍ଷ ଦ୍ୱିତୀୟ ଆସନ୍ତା ୨୭ ତାରିଖ ଶୁକ୍ରବାର ଅତାବିରା ବ୍ଲକର ୪ଟି ଗ୍ରାମ ପଞ୍ଚାୟତର ଲଦିଦା, କତାବଗା, ହିଲ୍ଲିପାଲି, ଲୁରୁପାଲି, ଟିଙ୍ଗିପାଲି, ଭୁର୍ଷିପାଲି ଆଦି ୬ଟି ଗ୍ରାମରୁ ନିଜ ନିଜ ମନ୍ଦିରରୁ ଜଗତର ନାଥ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରା ରଥରେ କାଠଡେରା ମାଉସୀ ମା' ଗୁଣ୍ଡିଚା ଦେବୀଙ୍କ ମନ୍ଦିରକୁ ଆସିବେ। ପ୍ରତ୍ୟହ ରୀତିନୀତି ପୂର୍ବକ ପୂଜାପାଠ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜୁଲାଇ ୭ ତାରିଖ ବାହୁଡା ଯାତ୍ରା ଅନୁଷ୍ଠିତ ହେବ। ୨୭ ତାରିଖ ଦ୍ୱିତୀୟା ଦିନ ଘଣ୍ଟବାଦ୍ୟ ସହ ସଞ୍ଚାର ୨୮ ତାରିଖ ତୃତୀୟା ଦିନ ବିଭିନ୍ନ ବିଦ୍ୟାଳୟରୁ ଛାତ୍ରୀଛାତ୍ରଙ୍କ ନୃତ୍ୟ ଗୀତ ପରିବେଷଣ ସଙ୍ଗେ ସଞ୍ଚାର, ୨୯ ତାରିଖ ଚତୁର୍ଥୀରେ ସଞ୍ଚାର ଓ ବନବସାପାଲିର ଜ୍ୟୋତି ସାହୁ ଏବଂ ବୁଡାମାଲର ନିକିତା ସରିତା ମହିଳା ସଂକୀର୍ତ୍ତନ ଦଳ, ୩୦ ତାରିଖ ପଞ୍ଚମୀରେ ସଞ୍ଚାର ସହ ରେମଣ୍ଡାର ବୁଲୁ ଶତପଥୀ ଓ ବ୍ରହ୍ମଚାରୀର ଆକାଶ ବାଗ ପୁରୁଷ ସଂକୀର୍ତ୍ତନ ମଣ୍ଡଳୀ, ଜୁଲାଇ ୧ରେ ନୀତୀଶ ଆଚାର୍ଯ୍ୟ, ଦେବେନ୍ଦ୍ର ସାହୁ, ସଚ୍ଚିଦାନନ୍ଦ ପଣ୍ଡା, ଶିଶିର ପୁରୋହିତ ଜ୍ୟୋତିର୍ଲିନା ପଣ୍ଡା, ହରିଲାଲ ସାହୁ ଏବଂ ରଞ୍ଜିତ୍ ପଧାନଙ୍କ ହାସ୍ୟକବି ସମ୍ମିଳନୀ, ୨ତାରିଖ ସପ୍ତମୀରେ ବର୍ଷାରାଣୀ ତ୍ରିପାଠୀଙ୍କ ପାରାୟଣ, ୩ ତାରିଖ ଅଷ୍ଟମୀରେ ଲୋକ ମହୋତ୍ସବ, ବିଶେଷ ଆକର୍ଷଣ କଲାଜିବି, ବରଗଡ଼ ଗାୟିକା ପଦ୍ମଶ୍ରୀ ଖଟେଇ ଓ ଦଳ, ୪ତାରିଖ ନବମୀ ଲୋକ ମହୋତ୍ସବ ରୁମକୁଝୁମାନା ସୁବର୍ଣ୍ଣପୁର ଗାୟକ ଶାଶ୍ୱତ ତ୍ରିପାଠୀ, ଗାୟିକା ଚୁମ୍‌କି ପାଢ଼ୀ ଓ ସାଥୀ, ୫ ତାରିଖ ଦଶମୀରେ ସମ୍ପ୍ରଦା ସାଂସ୍କୃତିକ କାର୍ଯ୍ୟକ୍ରମ, ୬ ତାରିଖ ଏକାଦଶୀରେ ଗାୟକ ଉମାକାନ୍ତ ବାରିକଙ୍କ ସମ୍ବଲପୁରୀ ଅର୍କେଷ୍ଟ୍ରା ଅନୁଷ୍ଠିତ ହେବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଜୁଲାଇ ୭ ତାରିଖ ବାହୁଡ଼ାଯାତ୍ରା ଅନୁଷ୍ଠିତ ହେବ। ଖବରଦାତା ସମ୍ମିଳନୀରେ ସଭାପତି ପଞ୍ଚାନନ ତ୍ରିପାଠୀ, ଉପ ସଭାପତି ପ୍ରତାପ ଗର୍ତିଆ, ସମ୍ପାଦକ ଅଜିତ ପତି ଏବଂ କୋଷାଧ୍ୟକ୍ଷ ବୀରେନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚସୀନ ଥିବା ବେଳେ ୬ଟି ଗ୍ରାମର ୩୫ ଜଣ ଆବାହକ ଉପସ୍ଥିତ ଥିଲେ।

## ନାରୀ ନିର୍ଯାତନା ବୃଦ୍ଧି ଅଭିଯୋଗରେ ବିକ୍ଷୋଭ

**ବରପାଲି,୨୫।୬(ଚିତ୍ତରଞ୍ଜନ ସାହୁ)**

ରାଜ୍ୟରେ ନାରୀ ନିର୍ଯାତନା ବୃଦ୍ଧି ଅଭିଯୋଗ କରି ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ବୁଧବାର ବରପାଲିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ନିକଟ ଅତୀତରେ ଗୋପାଳପୁରଠାରେ ଜଣେ ଛାତ୍ରୀଙ୍କୁ ଗଣବଳାତ୍କାର ପରି ନିନ୍ଦନୀୟ ଘଟଣା ଘଟୁଥିଲେ ମଧ୍ୟ ରାଜ୍ୟ ସରକାର ଏହାକୁ ରୋକିବାରେ ବିଫଳ ହେଉଥିବା ଅଭିଯୋଗ ନେଇ ସାରା ରାଜ୍ୟରେ ବିକ୍ଷୋଭ କରାଯାଇଥିଲା। ବରପାଲିରେ ମଧ୍ୟ ମହିଳା ମହାବିଦ୍ୟାଳୟ ଓ ବରପାଲି ମହାବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ କଳା ବ୍ୟାଜ୍ ପିନ୍ଧି ଏଥିରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଯୁବ ବିଜେଡି ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ନଗରପାଳ ଦିନେଶ ଗହୀର, ସୌରଭ ସାହୁ, ଟିକାୟତ ମହନ୍ତମ, ବିଜନ ଦାଶ, ଜଟା ଶଙ୍କର ଗୁପ୍ତା, ରାକେଶ ପ୍ରଧାନ ପ୍ରମୁଖ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ।



ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ କରାଯାଉଛି।

## ବରପାଲି ମହାବିଦ୍ୟାଳୟରେ ସମ୍ବିଧାନ ହତ୍ୟା ଦିବସ

**ବରପାଲି,୨୫।୬(ଚିତ୍ତରଞ୍ଜନ ସାହୁ)**

ବରପାଲି ମହାବିଦ୍ୟାଳୟରେ ଅଧ୍ୟକ୍ଷା ଜୟନ୍ତୀ ଦାଶଙ୍କ ଅଧ୍ୟକ୍ଷତାରେ ବୁଧବାର ସମ୍ବିଧାନ ହତ୍ୟା ଦିବସ ପାଳିତ ହୋଇଛି। ଏହି ସଭାରେ ଇଂଲିଶ ବିଭାଗ ମୁଖ୍ୟ ପ୍ରଫେସର ସୁଶୀଲ କୁମାର ଶତପଥୀ, ଅଧ୍ୟାପକ ଅଶୋକ ପ୍ରଧାନ ଅତିଥି ଭାବରେ ଯୋଗ ଦେଇ ସମ୍ବିଧାନର ମହତ୍ତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଭାରତୀୟ ସମ୍ବିଧାନର ପ୍ରସ୍ତାବନା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ଅଧ୍ୟାପକ ଅଲେଖ ମହାନନ୍ଦ ସଂଯୋଜନା କରିଥିବା ବେଳେ ବହୁ ଛାତ୍ରୀଛାତ୍ର ସ୍ୱରଚିତ ପ୍ରବନ୍ଧ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧ୍ୟାପିକା ଓ ଅଧ୍ୟାପକ।

# ଆର୍‌ଡି ରାସ୍ତାରେ ଟୋଲ୍‌ଟ୍ୟାକ୍ସ ଅସୁଲିକୁ ବିରୋଧ

**ବରଗଡ଼,୨୫।୬(ପ୍ରେମାନନ୍ଦ ଖମାରୀ)**



ବାଇପାସ୍ ରାସ୍ତାରେ ସ୍ଥାପିତ ଟୋଲଗେଟ୍‌କୁ କୋଶଳ ସଂଗ୍ରାମୀ ଭାଙ୍ଗୁଛନ୍ତି।

**ଟୋଲ୍‌ଗେଟ୍ ଭାଙ୍ଗିଲେ କୋଶଳ ସଂଗ୍ରାମୀ**

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାଠାରେ ରହିଥିବା ଟୋଲପ୍ଲାଜା ନିକଟରେ ଜାତୀୟ ରାଜପଥରୁ ବରାହଗୋଡ଼ା–ତୋରା ପଟକୁ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ(ଆରଡ଼ି)ବିଭାଗର ଏକ ବାଇପାସ୍ ରାସ୍ତାରୁ ଟୋଲଟ୍ୟାକ୍ସ ଅସୁଲି କରିବାକୁ ଟୋଲପ୍ଲାଜା କର୍ତ୍ତୃପକ୍ଷ ବାରମ୍ବାର ଉଦ୍ୟମ କରୁଛନ୍ତି। ଆରଡ଼ି ବିଭାଗ ଅଧିନରେ ରହିଥିବା ବାଇପାସ୍ ରାସ୍ତାରୁ ଟୋଲଟ୍ୟାକ୍ସ ଅସୁଲି ବେଆଇନ ବୋଲି ଅଭିଯୋଗ କରି ଟୋଲପ୍ଲାଜା କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ଲୋକେ ବାରମ୍ବାର ମୁହାଁମୁହିଁ ହେଉଛନ୍ତି। ଏହାକୁ ନେଇ ବାରମ୍ବାର ଉତ୍ତେଜନା ପ୍ରକାଶ ପାଇବା ସହିତ ଆଇନଶୃଙ୍ଖଳା ପରିସ୍ଥିତି ମଧ୍ୟ ଉପୁଜିଥିବା ନଜିର ରହିଛି। ତେବେ ପ୍ରଶାସନର ହସ୍ତକ୍ଷେପ ପରେ ସେହି ବାଇପାସ୍ ରାସ୍ତାରୁ ଟୋଲଟ୍ୟାକ୍ସ ଅସୁଲିକୁ ସାମୟିକ ବନ୍ଦ କରିଦେଇ କିଛିଦିନ ପରେ ପୁଣି ଟୋଲଟ୍ୟାକ୍ସ ଅସୁଲି କରାଯାଉ ଥିବା ଯୋଗୁ ଉତ୍ତେଜନା ଦ୍ୱିଗୁଣିତ ହେବାରେ ଲାଗିଛି। ମଙ୍ଗଳବାର ଏହି ବାଇପାସ୍ ରାସ୍ତାରେ ଟୋଲପ୍ଲାଜା କର୍ତ୍ତୃପକ୍ଷ ଟୋଲଟ୍ୟାକ୍ସ ଅସୁଲି ଉଦ୍ଦେଶ୍ୟ ନେଇ ଗେଟ୍ ନିର୍ମାଣ କରିବା ପରେ ଚାପା ଉତ୍ତେଜନା ଲାଗି ରହିଥିଲା। ସେଠାରୁ ସେହି ଗେଟ୍ ହଟାଇବା ପାଇଁ ମଙ୍ଗଳବାର କୋଶଳ ସଂଗ୍ରାମୀ ରମଣୀ ଦନ୍ତା ଟୋଲପ୍ଲାଜା କର୍ତ୍ତୃପକ୍ଷଙ୍କୁ ଭେଟି ଅନୁରୋଧ କରିଥିଲେ। ଯଦି ୨୪ଘଣ୍ଟା ପରେ ବାଇପାସ୍ ରାସ୍ତାରେ ନିର୍ମିତ ସେହି ଗେଟ୍‌କୁ ଟୋଲପ୍ଲାଜା କର୍ତ୍ତୃପକ୍ଷ ନ ହଟାଇବେ, ସେ ନିଜେ ସେଠାକୁ ପହଞ୍ଚି ତାକୁ ସେଠାରୁ ହଟାଇ ଦେବେ ବୋଲି ଚେତାବନୀ ଦେଇଥିଲେ। ଏହି କ୍ରମରେ ବୁଧବାର ଅପରାହ୍ନରେ କୋଶଳ ସଂଗ୍ରାମୀ ଦନ୍ତା ସେଠାକୁ ପହଞ୍ଚିଥିଲେ ଏବଂ ବାଇପାସ୍ ରାସ୍ତାରେ ଟୋଲଗେଟ୍ ସ୍ଥାପନ ବେଆଇନ ଦର୍ଶାଇ ସେଠାରେ ରହିଥିବା ଫାଟକକୁ ହଟାଇବା ସହିତ ତାକୁ ଫୋପାଡ଼ି ମଧ୍ୟ ଦେଇଥିଲେ। କୋଶଳ ସଂଗ୍ରାମୀ ଦନ୍ତାଙ୍କ ଏଭଳି ପଦକ୍ଷେପକୁ ସୋସିଆଲ ମିଡ଼ିଆରେ ଅନେକ ପ୍ରଶଂସା କରୁଥିବାବେଳେ ପ୍ରଶାସନର ବାରମ୍ବାର ହସ୍ତକ୍ଷେପ ପରେ ମଧ୍ୟ କେଉଁ ସାହାସରେ ଟୋଲପ୍ଲାଜା କର୍ତ୍ତୃପକ୍ଷ ବାଇପାସ୍ ରାସ୍ତାରେ ଟୋଲଟ୍ୟାକ୍ସ ଅସୁଲି କରିବା ପାଇଁ ସେଭଳି ଟୋଲଗେଟ୍ କରୁଛନ୍ତି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। କେବଳ ସେତିକି ନୁହେଁ, ଟୋଲପ୍ଲାଜା କର୍ତ୍ତୃପକ୍ଷଙ୍କ ସେଭଳି ମନମାନୀ ବିରୋଧରେ ଜଣେ କୋଶଳ ସଂଗ୍ରାମୀ ଆଗେଇ ଆସୁଥିବାବେଳେ ସେଥିପ୍ରତି ସ୍ଥାନୀୟ ଜନ ପ୍ରତିନିଧି, ତଥାକଥିତ ବଡ଼ବଡ଼ିଆ ନେତାଙ୍କ ନୀରବତା ଏବେ ସବୁଠି ଚର୍ଚ୍ଚାର ବିଷୟ ହୋଇଛି।

# ଦ୍ୱିତୀୟ ଦିନରେ କୋଇଡ଼ା ଖଣି ମଣ୍ଡଳରେ ଏସ୍ଆଇଟିର ତଦନ୍ତ

**ମାଙ୍ଗାନିଜ, ଲୁହାପଥର ଚୋରା ଚାଲାଣ ଘଟଣା**

ଟେନ୍ସା,୨୫।୬(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡା ଖଣି ସେକ୍ଟରରେ ମାଙ୍ଗାନିଜ ଓ ଲୁହାପଥର ଚୋରାଚାଲାଣ ହେଉଥିବା ଘଟଣାର ତଦନ୍ତ ପାଇଁ ଭିଜିଲାନ୍ସ ସେଲ୍ ଦ୍ୱାରା ଗଠିତ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ(ଏସଆଇଟି)ମଙ୍ଗଳବାରଠାରୁ କୋଇଡାରେ ପହଞ୍ଚି ତନାଘନା ଚଳାଇଛି। ଦ୍ୱିତୀୟ ଦିନରେ ଅର୍ଥାତ୍ ବୁଧବାର ମଧ୍ୟ ତଦନ୍ତ ଚାଲିଥିଲା। କେବଳ କୋଇଡା ଅଞ୍ଚଳରେ ବନ୍ଦ ଥିବା ଖଣି ଓ ସଂରକ୍ଷିତ ଜଙ୍ଗଲରୁ ବେଆଇନ ଭାବେ ୨୦ହଜାରରୁ ଉର୍ଦ୍ଧ୍ୱ ମେଟ୍ରିକ ଟନ ଠାରୁ ଅଧିକ ମାଙ୍ଗାନିଜ ପଥର ଏବଂ ୧୨୦୦ରୁ ଉର୍ଦ୍ଧ୍ୱ ମେଟ୍ରିକ ଟନରୁ ଅଧିକ ଲୁହା ପଥର ବେଆଇନ ଭାବେ ଉତ୍ତୋଳନ କରାଯାଇଥିବା ଅନୁମାନ କରାଯାଉଛି। ଯାହାର ଆନୁମାନିକ ମୂଲ୍ୟ ୩୦ କୋଟିରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି।



ଏସଆଇଟି ଯାଞ୍ଚ କରୁଛି।

ପ୍ରକାଶ ଯେ, ମାଙ୍ଗାନିଜ ଓ ଲୁହାପଥର ଚୋରା ଚାଲାଣ ଘଟଣାର ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଭିଜିଲାନ୍ସ ତରଫରୁ ଏସଆଇଟି ଟିମ୍ ଗଠନ କରାଯାଇଥିଲା। ମଙ୍ଗଳବାର ଏହି ଟିମ୍ କୋଇଡା ଖଣି ଉପନିର୍ଦ୍ଦେଶକଙ୍କ ଅଧୀନରେ ଆସୁଥିବା ଗଣୁଆ ସରଂକ୍ଷିତ ଜଙ୍ଗଲର ୨୦ଟି ସ୍ଥାନରେ ଚଢ଼ାଉ କରିଥିଲା। ବୁଧବାର ୧୨ଟି ସ୍ଥାନକୁ ଯାଇ ଯାଞ୍ଚ କରିଥିଲା। ଭିଜିଲାନ୍ସ ସେଲ ଦ୍ୱାରା ଗଠିତ ଏସଆଇଟି ଟିମ୍‌ରେ ୧୨ ଅଧିକାରୀ, ଭିଜିଲାନ୍ସ ଏସ୍‌ପି, ଓରସାକର ୪ ଜଣ, ତହସିଲଦାର, ଖଣି ଉପ ନିର୍ଦ୍ଦେଶକ ଓ ରେଞ୍ଜର ସାମିଲ ଅଛନ୍ତି।

## ସଂକ୍ଷେପରେ

### ଚିକିତ୍ସାଧୀନ ନାବାଳିକା ମୃତ

**କୁଆଁରମୁଣ୍ଡା,୨୫।୬(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ପୁରୁଣିଖମଣ ଗ୍ରାମର ଜଏସ ଗିଲବର୍ଟ ଟେଟେଙ୍କ ନାବାଳିକା ସାନ ଝିଅ ଆନାମିକା ଟେଟେ(୦୭)ଙ୍କ ବୁଧବାର ସକାଳ ୮ଟା୫୫ରେ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ ଆନାମିକାଙ୍କ ଚିକିତ୍ସା ଚାଲିଥିଲା ବେଳେ ତାଙ୍କ ପାଟିରୁ ଫେଣ ବାହାରୁଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ଶୋଇଲା ବେଳେ ତାଙ୍କୁ ସାପ କାମୁଡ଼ିଥିବା ବାପା ଗିଲବର୍ଟ ବୁଧବାର କୁଆଁରମୁଣ୍ଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଫାଣ୍ଡି ପୋଲିସ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରିଛି।

### ବଜ୍ରପାତରେ ୩ ଗାଈ ମୃତ

**ଲହୁଣୀପଡା,୨୫।୬(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ କୁଡେଇକଲା ପଞ୍ଚାୟତ ଦଲମକୁଚା ଗ୍ରାମର ବାଲିଆବେର୍ଣ୍ଣା ସାହିରେ ବୁଧବାର ସକାଳ ପ୍ରାୟ ୭ ଟାରେ ବଜ୍ରପାତରେ ୩ଟି ଗାଈ ମୃତ୍ୟୁବରଣ କରିଥିବା ଜଣାପଡିଛି। ସୂଚନାରୁ ପ୍ରକାଶ, ବୁଧବାର ସକାଳେ ଉକ୍ତ ଅଞ୍ଚଳରେ ଘଡଘଡି ସହ ପ୍ରବଳ ବର୍ଷା ହୋଇଥିଲା। ବାଲିଆବେର୍ଣ୍ଣା ଗ୍ରାମର ଥୋମାସ ମୁଣ୍ଡା ସକାଳୁ ଗୁହାଳରୁ ଗାଈ ମାନଙ୍କୁ ବାହାର କରି ଦେଇଥିଲେ। ଘର ନିକଟ ଏକ ଗଛ ମୂଳରେ ଗାଈ ଛିଡା ହୋଇଥିଲେ। ଏହି ସମୟରେ ଘଡଘଡି ସହ ପ୍ରବଳ ବର୍ଷା ହେବା ସହିତ ଉକ୍ତ ଗଛରେ ବଜ୍ରପାତ ପଡିଥିଲା। ଫଳରେ ଗଛ ମୂଳରେ ଥିବା ୩ଟି ଗାଈ ମୃତ୍ୟୁବରଣ କରିଥିଲେ। କଲେଇପୋଷ ରାଜସ୍ୱ ନିରୀକ୍ଷକ ବାଲିଆବେର୍ଣ୍ଣାରେ ପହଞ୍ଚି ଘଟଣାର ତଦନ୍ତ କରିଥିବା ଜଣାପଡିଛି।

### ବିଜୁ ଯୁବ ଛାତ୍ର ଜନତା ଦଳର ବିକ୍ଷୋଭ

**ହେମଗିର,୨୫।୬(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଡୁଡୁକାଠାରେ ରାଜ୍ୟରେ ବଢ଼ିଚାଲିଥିବା ନାରୀ ଅତ୍ୟାଚାର ଓ ନିର୍ଯ୍ୟାତନାକୁ ନେଇ ବୁଧବାର ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ବିଜୁ ଯୁବ ଛାତ୍ର ଜନତା ଦଳ ହେମଗିର ସଭାପତି କଳାକାହ୍ନୁ ମେହେର, ଲକି କରଣ, ଲୋହିତ କଉଡ଼ିଙ୍କ ସମେତ ଅନେକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ରଥଯାତ୍ରା ପୂର୍ବରୁ ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ାଉ

**ସୁନ୍ଦରଗଡ,୨୫।୬(ଜୟ ନାରାୟଣ ମେଣ୍ଡୁଲି):** ରଥଯାତ୍ରା ପୂର୍ବରୁ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ବୁଧବାର ସୁନ୍ଦରଗଡ ସହରର ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ ଓ ରାସ୍ତାକଡ ବିଭିନ୍ନ ଖାଦ୍ୟପେୟ ଦୋକାନ ଗୁଡିକରେ ଚଢାଉ କରାଯାଇଥିଲା। ଖାଦ୍ୟ ନିରାପତ୍ତା ବିଭାଗ,ସ୍ୱାସ୍ଥ୍ୟ ବିଭାଗ ଓ ପୌରପାଳିକାର ଅଧିକାରୀମାନଙ୍କୁ ନେଇ ଗଠିତ ଏହି ସ୍ୱତନ୍ତ୍ର ଟିମ ୧୮ଟି ଦୋକାନ ପରିଦର୍ଶନ କରିଥିଲା। ଏଥି ମଧ୍ୟରେ ୨ଟି ଖାଦ୍ୟ ସାମଗ୍ରୀ ଓ ୭ଟି ପାଣି ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ୨୫ କେଜି ବାସି ଓ ଅପମିଶ୍ରିତ ଖାଦ୍ୟ ନଷ୍ଟ କରାଯାଇଛି। ଏହି ଚଢାଉ ହସ୍ପିଟାଲ, ବିଏସ ହାଇସ୍କୁଲ ଛକ,କାଳୀମନ୍ଦିର ଛକ ପର୍ଯ୍ୟନ୍ତ ଥିବା ଦୋକାନ, ହୋଟେଲ ଗୁଡିକରେ ହୋଇଥିଲା।

### ପାଣି ସ୍ରୋତରେ ଭାସିଗଲା ଟ୍ରକ୍

**ଲହୁଣୀପଡ଼ା,୨୫।୬(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗୀ ଥାନା ଅନ୍ତର୍ଗତ ଗୋପନା ପଞ୍ଚାୟତ ବାନ୍ଧୁପଡା ନାଳରେ ପାଣି ସ୍ରୋତରେ ବୁଧବାର ଏକ ଟ୍ରକ୍ ଭାସି ଯାଇଛି। ସୂଚନାରୁ ପ୍ରକାଶ, ମଙ୍ଗଳବାର ବିଳମ୍ବିତ ରାତିରୁ ବୁଧବାର ସକାଳ ପ୍ରାୟ ୯ ଟା ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିଲା। ଫଳରେ ବିଭିନ୍ନ ନାଳରେ ଜଳସ୍ତର ବୃଦ୍ଧି ପାଇଛି। ଖଣି ଅଞ୍ଚଳରୁ ଏକ ଲୁହାପଥର ବୋଝେଇ ଟ୍ରକ୍ ବାନ୍ଧୁପଡାଠାରୁ ପଟାସହି ରେଲୱେ ସାଇଡ଼ିଂକୁ ଯାଉଥିବା ବେଳେ ବାନ୍ଧୁପଡା ପୁରୁଣାପଣି ମଧ୍ୟରେ ଥିବା ନାଳର କଲଭର୍ଟ ଉପରେ ପାଣି ସ୍ରୋତ ଥିଲେ ମଧ୍ୟ ଚାଳକ ଟ୍ରକକୁ ପାରି କରିବା ପାଇଁ ଯାଉଥିବା ବେଳେ ନାଳରେ ପ୍ରଖର ବେଗରେ ପାଣି ଆସିବା ଯୋଗୁ ଟ୍ରକଟି କଲଭର୍ଟ ତଳକୁ ଖସିପଡି ଭାସି ଯାଇଥିଲା। ଚାଳକଙ୍କ କୌଣସି କ୍ଷୟକ୍ଷତି ହୋଇ ନ ଥିବା ସୂଚନା ମିଳିଛି।

## ଡାଲମିଆ ମହାବିଦ୍ୟାଳୟରେ ସମ୍ବିଧାନ ହତ୍ୟା ଦିବସ

କୁତ୍ରା,୨୫।୬(ଦେବାଶିଷ ସାହୁ)

କୁତ୍ରା ବ୍ଲକ ଝାରବେଡା ସ୍ଥିତ ଡାଲମିଆ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ବୁଧବାର ସମ୍ବିଧାନ ହତ୍ୟା ଦିବସ ପାଳନ କରାଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଜିତେନ୍ଦ୍ର କୁମାର ପଟେଲ, ଆଡମିନିଷ୍ଟ୍ରେଟିଭ ବରସାର ଲକ୍ଷ୍ମୀକଲ୍ୟାଣ ପାଇକରାୟ ନିମନ୍ତ୍ରିତ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହାସହିତ ଛାତ୍ରୀଛାତ୍ରଙ୍କୁ ସମ୍ବିଧାନର ଗୁରୁତ୍ୱ, ସୁରକ୍ଷାପ୍ରତି ସଚେତନର ବାର୍ତ୍ତା ଦେବା ସହ ସମ୍ବିଧାନର ମୁଖବନ୍ଧ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପିକା ଗୁଲାପି ଓରାମ ସମ୍ବିଧାନ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଦିବସ ଉପଲକ୍ଷେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ହୋଇଥିଲା। ରାଜନୀତି ବିଜ୍ଞାନ ବିଭାଗର ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରୀ କୁମାରୀ ସେମ୍ପୋରିଆନ ଲାକ୍ରା ପ୍ରବନ୍ଧ ଉପସ୍ଥାପନ କରିଥିଲେ। ରାଜନୀତି ବିଜ୍ଞାନର ଅଧ୍ୟାପକ ସରୋଜ କେର୍କେଟା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶେଷରେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଚିତ୍ତରଞ୍ଜନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାସ୍ଥ୍ୟ ବିଭାଗ ତରଫରୁ ଖାଦ୍ୟ ପଦାର୍ଥ ଯାଞ୍ଚ

କୁତ୍ରା,୨୫।୬(ଦେବାଶିଷ ସାହୁ)

କୁତ୍ରା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାଶନ ଦୋକାନ, ହୋଟେଲ, ଫାଷ୍ଟ ଫୁଡ ଦୋକାନ ଗୁଡିକରେ ବୁଧବାର ଖାଦ୍ୟ ପଦାର୍ଥ ଗୁଡିକର ମାନ ଯାଞ୍ଚ କରାଯାଇଛି। ଯାଞ୍ଚ ବେଳେ କେତେକ ସ୍ଥାନରେ ଖାଦ୍ୟ ପଦାର୍ଥ ଏକ୍ସପାରୀ ହୋଇଥିବା ଦେଖି ସେ ସବୁକୁ ଜବତ କରି ନଷ୍ଟ କରାଯାଇଥିଲା। ସେହିଭଳି ପାନୀୟଜଳ ମାନ ପରୀକ୍ଷା କରିବା ପାଇଁ କେତେକ ଦୋକାନରୁ ନମୁନା ସଂଗ୍ରହ କରାଯାଇଛି। ସେଗୁଡିକର ମାନ ପରୀକ୍ଷଣ ପରେ ଦୋକାନୀଙ୍କୁ ତାଗିଦ କରାଯିବ। ତେବେ ଆଗାମୀ ଦିନ ଗୁଡିକରେ ଜନସାଧାରଣଙ୍କ ସ୍ୱାସ୍ଥ୍ୟବସ୍ଥା ପ୍ରତି ବିଭାଗ ଧ୍ୟାନ ଦେଇ ଖାଦ୍ୟ ପଦାର୍ଥ ବିକ୍ରି କରୁଥିବା ସ୍ଥାନ ଗୁଡିକର ପରିମଳ ବ୍ୟବସ୍ଥା ଠିକ ରଖିବା ପାଇଁ ବିଶେଷ ଦୃଷ୍ଟି ଦିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ପ୍ରଥମ ଦିନରେ ଖାଦ୍ୟ ଦୋକାନ, ଫାଷ୍ଟଫୁଡ, ଗ୍ରୋସରି, ଆଇସକ୍ରିମ, ପାନୀୟଜଳ ଆଦି ଦୋକାନ ପରିଦର୍ଶନ ଏବଂ ତଦାରଖ କରାଯାଇଛି।



ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାଶନ ଦୋକାନରେ ଯାଞ୍ଚ କରାଯାଉଛି।

## ଡିଗ୍ରୀ କଲେଜରେ ସମ୍ବିଧାନ ହତ୍ୟା ଦିବସ

ବଡ଼ଗାଁ,୨୫।୬(ଅଶୋକ ଷଡ଼ଙ୍ଗୀ)

ଗଣତନ୍ତ୍ରର ଆତ୍ମା ହେଉଛି ସମ୍ବିଧାନ। ସମ୍ବିଧାନର ସୁରକ୍ଷା ରାଷ୍ଟ୍ରର କର୍ତ୍ତବ୍ୟ। ଏହି ଉକ୍ତିକୁ ସାକାର କରିବା ପାଇଁ ସୁନ୍ଦରଗଡ଼ ଜିଲା ବଡ଼ଗାଁ ସ୍ଥିତ ଡିଗ୍ରୀ କଲେଜରେ ବୁଧବାର ସମ୍ବିଧାନ ହତ୍ୟା ଦିବସ ପାଳନ କରାଯାଇଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବିଜ୍ଞପ୍ତି ଅନୁଯାୟୀ, ରାଷ୍ଟ୍ର ଜରୁରିକାଳୀନ ପରିସ୍ଥିତି ଘୋଷଣାର ୫୦ତମ ଦିବସକୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରୁଛି। ଏହି ଅବସରରେ ଗଣତନ୍ତ୍ର ପାଇଁ ଅନ୍ଧକାରମୟ ଇତିହାସର ସ୍ମୃତିଚାରଣ କରି କଲେଜରେ ଅନେକ କାର୍ଯ୍ୟକ୍ରମ, ଆଲୋଚନା କରାଯାଇଥିଲା। ପୂର୍ବାହ୍ନରେ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଜନ ସଚେତନତା ରାଲିରେ ପରିକ୍ରମା କରିଥିଲେ। ଏହାପରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା, କର୍ମଶାଳା ଏବଂ ବୌଦ୍ଧିକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ରାଜନୀତି ବିବିଭାଗ ତରଫରୁ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ଯାହାର ଶୀର୍ଷକ ଥିଲା ଭାରତୀୟ ସମ୍ବିଧାନର ମୁଖବନ୍ଧ। ଏହାପରେ ପ୍ରବନ୍ଧ ଓ ଅନ୍ୟାନ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କଲେଜ ଅଧ୍ୟକ୍ଷ ହେମନ୍ତ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ସୁଶାନ୍ତ କୁମାର ବିଶି, ତାପସ କୁମାର କର, ଲକ୍ଷ୍ମୀକାନ୍ତ ସାହୁଙ୍କ ସହିତ କର୍ମଚାରୀମାନେ ଯୋଗଦେଇଥିଲେ। ଶେଷରେ କାର୍ଯ୍ୟକ୍ରମର ସଂଯୋଜିକା ମାଳବିକା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।




ଛାତ୍ରୀଛାତ୍ରମାନେ ରାଲିରେ ଯାଉଛନ୍ତି।

## ସରକାରୀ କଲେଜ ସମ୍ମୁଖରେ ବିଜୁ ଯୁବ, ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ

ସୁନ୍ଦରଗଡ଼,୨୫।୬(ଜୟ ନାରାୟଣ ମେଣ୍ଡୁଲି)

ବଢ଼ିଚାଲିଥିବା ନାରୀ ନିର୍ଯ୍ୟାତନା ପ୍ରତିବାଦରେ ରାଜ୍ୟ ସରକାରଙ୍କ ବିରୋଧରେ ବୁଧବାର ବିଜୁ ଯୁବଛାତ୍ର ଜନତା ଦଳ ପକ୍ଷରୁ ବିଭିନ୍ନ କଲେଜ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ଓ ମହିଳା କଲେଜ ସମ୍ମୁଖରେ ବିଜୁଯୁବଛାତ୍ର ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ରାଜ୍ୟ ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ, ପଶ୍ଚିମ ଓଡ଼ିଶା ଜୋନ ଉପସଭାପତି ଉମେଶ ଶର୍ମା, ରାଜ୍ୟ ସାଧାରଣ ସମ୍ପାଦକ ଶିବାଜୀ ନାଏକ, ରାଜ୍ୟ ସମ୍ପାଦକ ମୁକେଶ ପୁରୋହିତ, ଜିଲା ସଭାପତି ଦେବେନ୍ଦ୍ର ମାଝୀ, ବିଜୁ ଛାତ୍ର ଜନତା ଦଳ ଜିଲା ସଭାପତି ସେହେବାଜ ହୁସେନ ପ୍ରମୁଖଙ୍କ ନେତୃତ୍ୱରେ ଏହା ଆୟୋଜିତ ହୋଇଥିଲା। ରାଜ୍ୟ ସରକାର ଗୋଟିଏ ବର୍ଷ ପୂର୍ତ୍ତି ପାଳନ କରୁଥିବା ବେଳେ ଏହି ଏକ ବର୍ଷ ମଧ୍ୟରେ ନାରୀ ନିର୍ଯ୍ୟାତନା ବଢ଼ିଚାଲିଛି। ନିକଟରେ ଗୋପାଳପୁରରେ ଛାତ୍ରୀ ବଳତ୍କାର ଘଟଣା ପରେ ରାଜ୍ୟରେ ନାରୀମାନେ ଅସୁରକ୍ଷିତ ହୋଇପଡିଛନ୍ତି ବୋଲି ଏହି ନେତୃବୃନ୍ଦ ଅଭିଯୋଗ କରି ଏଥିପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ।

## ଖୋଲିଲା କୋଇଡ଼ା ଜେଏମ୍ଏଫ୍‌ସି କୋର୍ଟ

ବଣାଇଁ, ୨୫।୬(ପ୍ରଦୀପ ତ୍ରିପାଠୀ)

ବଣାଇଁ ଅଦାଲତ ପରିସରରେ କୋଇଡ଼ା ଜେଏମଏଫସି କୋର୍ଟକୁ ଉଚ୍ଚନ୍ୟାୟଳୟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଆଭାସୀ ମାଧ୍ୟମରେ ବୁଧବାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଜିଲା ଦୌରାଜଜ ଶିଖାରାଣି ରଥ, ବଣାଇଁ ଅତିରିକ୍ତ ଜିଲା ଦୌରାଜଜ ଆଶୁତୋଷ ଦାଶ, ସବ୍ ଜଜ ରଞ୍ଜନ କୁମାର ପ୍ରଧାନ, ରେଜିଷ୍ଟ୍ରାର ସୌଭାଗ୍ୟ ରଞ୍ଜନ ସ୍ୱାଇଁ, ଏସଡିଜେଏମ ପ୍ରୀତୀଶ ମିଶ୍ର, ବଣାଇଁ ଓକିଲ ସଂଘ ସଭାପତି ଲିଙ୍ଗରାଜ ମିଶ୍ର, ବରିଷ୍ଠ ଆଇନଜୀବୀ ଜିତେନ୍ଦ୍ରିୟ ଦେହୁରୀ, ବିନୟ ଦାସ, ବିଜନ ସେନଙ୍କ ସମେତ ୫୦ ରୁ ଉର୍ଦ୍ଧ୍ୱ ଓକିଲ ଉପସ୍ଥିତ ଥିଲେ। ସମାରୋହରେ ବଣାଇଁ ଓକିଲ ସଂଘ ସଭାପତି ଲିଙ୍ଗରାଜ ମିଶ୍ର ଓ ବରିଷ୍ଠ ଆଇନଜୀବୀ ବିନୟ ଦାସ କହିଛନ୍ତି, ଏହି ପ୍ରକ୍ରିୟା ଦୀର୍ଘଦିନରୁ ଆରମ୍ଭ ହୋଇଥିଲା। ସାମୟିକ ଭାବେ ଏହା ଏବେ ବଣାଇଁ ଅଦାଲତ ପରିସରରେ ଖୋଲିଥିଲେ ହେଁ କୋଇଡ଼ାରେ ଆବଶ୍ୟକୀୟ ବ୍ୟବସ୍ଥା ପରେ ଅଦାଲତ କୋଇଡ଼ାରେ ଚାଲିବ ବୋଲି ଜଣାପଡିଛି। ବଣାଇଁ ଉପଖଣ୍ଡର ଉପାନ୍ତ ଅଞ୍ଚଳ କୋଇଡ଼ା ବାସୀଙ୍କ ପାଇଁ ନ୍ୟାୟିକ ସୁବିଧା ଏକ ସପ୍ନ ସାଜିଥିବା ବେଳେ ଆଜି ତାହା ପୂରଣ ହୋଇଛି।



ଜେଏମଏଫସି କୋର୍ଟ ଉଦ୍‌ଘାଟନ କରାଯାଉଛି।

## ସିନ୍ଦୂର ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା

ସୁନ୍ଦରଗଡ,୨୫।୬(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଗୁଣ୍ଡିଆଡ଼ିହି ପଞ୍ଚାୟତ ହରସମରା ଗ୍ରାମର ଭାରତୀୟ ସେନାର ଯବାନ ମନୋହର ଖାଲକୋଙ୍କୁ ବୁଧବାର ଜଗନ୍ନାଥ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଜମ୍ମୁରେ ବିଏସ୍ଏଫ୍ ଯବାନଭାବେ କାର୍ଯ୍ୟରତ ମନୋହର ଅପରେଶନ ସିନ୍ଦୂରରେ ନିଜ ପରାକ୍ରମ ଦେଖାଇଥିଲେ। ଏପରିକି ଶତ୍ରୁର ବୋମା ମାଡ଼ରେ ତାଙ୍କର ଡାହାଣ ହାତରେ ଆଘାତ ଲାଗିଛି। ଏହି ବୀର ଯବାନଙ୍କୁ ସୁନ୍ଦରଗଡ଼ ବିଜୟା ଟକିଜ ରୋଡରେ ଥିବା ଜଗନ୍ନାଥ ଯୁବକ ସଂଘ ପକ୍ଷରୁ ସମ୍ମାନିତ କରାଯାଇଛି। କମିଟି ସଭାପତି ସଂଗ୍ରାମ ମହାନ୍ତିଙ୍କ ନେତୃତ୍ୱରେ ଯବାନ ମନୋହର ଖାଲକୋଙ୍କୁ ତାଙ୍କ ବୀରତ୍ୱ ପାଇଁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେବା ସହ ମିଠା ଖୁଆଇ ଅଭିନନ୍ଦନ ଜଣାଇଥିଲେ। କମିଟି ସଦସ୍ୟ ଅଞ୍ଜନ କୁମାର ରାଉତ, ସୁକାନ୍ତ ମଲ୍ଲିକ, ନୂତନ ନାୟକ, ବିଜୁ ନାୟକ, ମଣ୍ଟୁ ରକ୍ସା, ସିପୁ ଶର୍ମା, ଗଣେଶ ପତି, ଆଶିଷ ଶ୍ରୀବାସ, ସୁରେନ୍ଦ୍ର ବିଶ୍ୱକର୍ମା, ପ୍ରଦୀପ କାଲୋ ପ୍ରମୁଖ ଉପସ୍ଥିତ ରହି ସମ୍ମାନୀତ କରିଥିଲେ।



ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ସରକାରୀ ମହିଳା ମହାବିଦ୍ୟାଳୟରେ ସମ୍ବିଧାନ ହତ୍ୟା ଦିବସ

ସୁନ୍ଦରଗଡ଼,୨୫।୬(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସରକାରୀ ମହିଳା ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ବୁଧବାର ସମ୍ବିଧାନ ହତ୍ୟା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ଇନ୍ଦିରା ଗଡନାୟକ ଅଧ୍ୟକ୍ଷତା କରି ଛାତ୍ରୀମାନଙ୍କୁ ସମ୍ବିଧାନର ସୁରକ୍ଷା ଓ ଗଣତାନ୍ତ୍ରିକ ଅଧିକାର ସମ୍ପର୍କରେ ସଚେତନ କରିଥିଲେ। ଯୁବ ରେଡକ୍ରସ ସଂସ୍ଥା ଏବଂ ଜାତୀୟ ସେବା ଯୋଜନାର ସଂଯୋଜକ ଡକ୍ଟର ଚିତ୍ତରଞ୍ଜନ ବାରିକ ଓ ମନୋଜ କୁମାର ନାଏକଙ୍କ ତତ୍ତ୍ୱାବଧାନରେ ପ୍ରବନ୍ଧ ଲିଖନ, କୁଇଜ ସ୍ଲୋଗାନ ଏବଂ ପୋଷ୍ଟର ତିଆରିରେ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ପରେ ଭର୍ଚୁଆଲ ମାଧ୍ୟମରେ ଏକ ପାଠ ଚକ୍ର ଆୟୋଜିତ ହୋଇଥିଲା। ଏଥିରେ ରମାଦେବୀ ବିଶ୍ୱ ବିଦ୍ୟାଳୟର ସହକାରୀ ପ୍ରଫେସର . ଡକ୍ଟର ମାନସ ବେହେରା ଯୋଗଦେଇ ଛାତ୍ରୀମାନଙ୍କୁ ଗଣତନ୍ତ୍ରର ମୂଲ୍ୟ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାପିକା ସଳିଳା କୁଜୁର ଧନ୍ୟବାଦ ଦେଇଥିଲେ।




ଅଧ୍ୟାପିକା, ଅଧ୍ୟାପକଙ୍କ ସହ ଉପସ୍ଥିତ ଛାତ୍ରୀମାନେ।

## ପଟ୍ଟା ରଦ୍ଦ ପାଇଁ ସ୍ୱତନ୍ତ୍ର ଗ୍ରାମସଭା

କୁଆଁରମୁଣ୍ଡା,୨୫।୬(ମହେନ୍ଦ୍ର କୁମାର ସାହୁ)

ଜମିଦାରୀ ସମୟରୁ କୁଆଁରମୁଣ୍ଡା ଜଗନ୍ନାଥ ମନ୍ଦିରର ସେବା କରିବା ପାଇଁ ସେତେବେଳେ କୁଆଁରମୁଣ୍ଡାର କୁନ୍ଦା ଗଉଡ ନାମକ ଜଣେ ବ୍ୟକ୍ତିଙ୍କୁ ନିୟୋଜିତ କରାଯାଇଥିଲା। ସେଥି ନିମନ୍ତେ କୁନ୍ଦାଙ୍କୁ କୁଆଁରମୁଣ୍ଡା ମୌଜା ଖାତା ନଂ.୫୪ରେ ଥିବା ଜମିକୁ ଭୋଗ ଦଖଲ ନିମନ୍ତେ ଜମିଦାରଙ୍କ ତରଫରୁ ପ୍ରଦାନ କରାଯାଇଥିଲା। କାଳକ୍ରମେ ୧୯୭୭ ମସିହାରେ କୁନ୍ଦାଙ୍କ ମୃତ୍ୟୁ ହୋଇଥିଲା। ତାଙ୍କର କୌଣସି ସନ୍ତାନସନ୍ତତି ନ ଥିବାରୁ ସେଟଲମେଣ୍ଟ ଉକ୍ତ ଜମିକୁ ନିବଂଶ ବୋଲି ଦର୍ଶାଇଥିଲେ। ଏହାପରେ ଉକ୍ତ ଜମି ରାଜେନ୍ଦ୍ର ପ୍ରତାପ ସିଂଦେଓଙ୍କ ଦଖଲରେ ରହିଥିବା ତହସିଲ ରେକର୍ଡରେ ଲିପିବଦ୍ଧ ରହିଛି। ରାଜେନ୍ଦ୍ର ପ୍ରତାପ ମଧ୍ୟ ଉକ୍ତ ଜମିରେ ମାଉସୀ ମା' ମନ୍ଦିର ନିର୍ମାଣ କରିବା ପାଇଁ ଗ୍ରାମବାସୀଙ୍କୁ ଅନୁମତି ଦେଇଛନ୍ତି। କିନ୍ତୁ କୁଆଁରମୁଣ୍ଡାରେ ଜମି ଦର ଆକାଶଛୁଆଁ ହୋଇଥିବା ଯୋଗୁ ସେହି ଜମିକୁ ଏବେ ଚଞ୍ଚକତା କରି କୁଆଁରମୁଣ୍ଡାର ଜଣେ ବ୍ୟକ୍ତି ନିଜ ନାମରେ ପଟ୍ଟା କରିଦେଇଛନ୍ତି। ଏହି ଖବର ଜଣାପଡ଼ିବା ପରେ ଗ୍ରାମବାସୀ ସମ୍ମିଳିତ ଭାବେ ଗତ ୨୧ ତାରିଖରେ କୁଆଁରମୁଣ୍ଡା ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନିବଂଶ ଜମିର କିପରି ବଂଶାବଳୀ କରାଯାଇ ଜନୈକ ବ୍ୟକ୍ତିଙ୍କ ନାମରେ ପଟ୍ଟା କରାଗଲା ବୋଲି ପ୍ରଶ୍ନ କରିଥିଲେ। ହେଲେ ଯଥୋଚିତ ଉତ୍ତର ତହସିଲଦାରଙ୍କଠାରୁ ନ ପାଇବାରୁ ବୁଧବାର କୁଆଁରମୁଣ୍ଡା ସରପଞ୍ଚଙ୍କ ଜରିଆରେ ଏକ ସ୍ୱତନ୍ତ୍ର ଗ୍ରାମ ସଭା ଆୟୋଜନ ହୋଇଥିଲା। ଏଥିରେ ସରପଞ୍ଚ, ନାଏବ ସରପଞ୍ଚ, ସମିତି ସଭ୍ୟ, ନିର୍ବାଚିତ ସମସ୍ତ ୱାର୍ଡମେମ୍ବର, ଜମିଦାର ରାଜେନ୍ଦ୍ର ପ୍ରତାପ ସିଂଦେଓ, ସଞ୍ଜୀବ ପ୍ରତାପ ସିଂଦେଓ, ଗୁପ୍ତେଶ୍ୱର ସିଂ, କୁଆଁରମୁଣ୍ଡା ରଥ କମିଟି ସଦସ୍ୟ, କୁଆଁରମୁଣ୍ଡା ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଶିବ ନାରାୟଣ ସାହୁ ଓ ଅନ୍ୟ କାର୍ଯ୍ୟକର୍ତ୍ତାଙ୍କ ସହ ଶତାଧିକ ଗ୍ରାମବାସୀ ଉପସ୍ଥିତ ହୋଇ ଉକ୍ତ ପଟ୍ଟାକୁ ରଦ୍ଦ କରାଯାଇ ସେଠାରେ ମାଉସୀ ମା' ମନ୍ଦିର ନିର୍ମାଣ ପାଇଁ ପ୍ରସ୍ତାବ ରଖିଛନ୍ତି। ଏହାର ଉପଯୁକ୍ତ ତଦନ୍ତ କରି ଜିଲା ପ୍ରଶାସନ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦୃଢ଼ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ତହସିଲରେ ତାଲା ପକାଇ ରାଜରାସ୍ତାରେ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।




କୁଆଁରମୁଣ୍ଡା ପଞ୍ଚାୟତରେ ଅନୁଷ୍ଠିତ ସ୍ୱତନ୍ତ୍ର ଗ୍ରାମସଭାରେ ଉପସ୍ଥିତ ଗ୍ରାମବାସୀ ଓ ଅନ୍ୟମାନେ।

**ଖଲିଦନା ଗୋଦାମରେ ନିଆଁ ଲାଗିଲା**

ସମ୍ବଲପୁର,(ଭବାନୀ ଶଙ୍କର ଭୋଇ): ସମ୍ବଲପୁର ଧନୁପାଲି ଥାନା ଅଧୀନ ସାରସ୍ୱତ କଲୋନି ରାଉତ ଟ୍ୟୁଟରାଲ କୋଠାରେ ଥିବା ଏକ ଖଲିଦନା ଗୋଦାମରେ ବୁଧବାର ରାତି ୧୦ଟାରେ ନିଆଁ ଲାଗି ଯାଇଥିଲା। ସ୍ଥାନୀୟ ଲୋକେ ବାଲଟିରେ ପାଣିଆଣି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ହେଁ ଆୟତ୍ତ କରିପାରି ନଥିଲେ। ଖବର ପାଇ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଆୟତ୍ତ କଲାବେଳକୁ ଗୋଦାମରେ ଥିବା ଲକ୍ଷାଧିକ ଟଙ୍କାର ଖଲିଦନା ଓ ଅନ୍ୟାନ୍ୟ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଥିଲା। ଏହି ସମୟରେ ସମ୍ବଲପୁରରେ ବର୍ଷା ହେଉଥିବାବେଳେ ସାରସ୍ୱତ କଲୋନିରେ ନିଆଁର ଲାଲ ଶିଖା ଜଳୁଥିବାଦେଖିବାକୁ ମିଳିଥିଲା।

# ଯୋଜନାର ସଫଳ ରୂପାୟନ କର


ସମୀକ୍ଷା ବୈଠକରେ ମଞ୍ଚାସୀନ ଅତିଥି।

**ଦାରିଦ୍ର୍ୟ ନିରାକରଣ ଯୋଜନା ସମୀକ୍ଷା ବୈଠକରେ ଜିଲାପାଳଙ୍କ ନିର୍ଦ୍ଦେଶ**

ସମ୍ବଲପୁର,୨୫।୬(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲାରେ ବିଭିନ୍ନ ଦାରିଦ୍ର୍ୟ ନିରାକରଣ ଯୋଜନା ଓ ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକର କାର୍ଯ୍ୟାନ୍ୱୟନ ସମ୍ପର୍କରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ, ବ୍ଲକ ଉନ୍ନୟନ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ମହାତ୍ମାଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନା, ସୋସିଆଲ ଅଡିଟ, ଗ୍ରାମ ପଞ୍ଚାୟତ ନିବାସ ସମିତି ଭବନ ନିର୍ମାଣ, ଗ୍ରାମୀଣ ଗୃହ ନିର୍ମାଣ, ଗ୍ରାମପଞ୍ଚାୟତରେ ବ୍ୟାଙ୍କ ସଂଖ୍ୟା ବୃଦ୍ଧି, ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ସମ୍ପର୍କିତ ଅତିରିକ୍ତ ଶ୍ରେଣୀକକ୍ଷ ଏବଂ ଆଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ, ପ୍ରାଥମିକ ବୈଷୟିକ ଓ ରାଜସ୍ୱ ପ୍ରତିଷ୍ଠାନର ପୁନରୁଦ୍ଧାର ଓ ମରାମତି, ଓରମାସ, ଓଡ଼ିଶା ଜୀବିକା ମଶନ ଏବଂ ମିଶନ ଶକ୍ତି ପରିଚାଳିତ ଉଦ୍ୟୋଗୁଡ଼ିକ ଉପରେ ଆଲୋଚନା ହୋଇଥିଲା। ଜିଲାପାଳ ସମସ୍ତ ଯୋଜନାଗୁଡିକର ସଠିକ ରୂପାୟନ ଉପରେ ଦିଗଦର୍ଶନ ଦେଇଥିଲେ। ଅଧିକାରୀମାନେ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ପାଇଁ କ୍ଷେତ୍ର ପରିଦର୍ଶନ କରି ସଫଳତା ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ଉନ୍ନୟନ ଅଧିକାରୀମାନଙ୍କୁ ପ୍ରତ୍ୟେକ ଯୋଜନାର ସ୍ୱୟଂ ମନିଟରିଂ କରି ବ୍ୟକ୍ତିଗତଭାବେ ପ୍ରକଳ୍ପ ପରିଦର୍ଶନ କରିବା ଉପରେ ଜିଲାପାଳ ଜୋର ଦେଇଛନ୍ତି। ଦୈନିକ ବିକାଶ ରିପୋର୍ଟ ପ୍ରଦାନ କରି କେନ୍ଦ୍ରୀୟ ଏବଂ ରାଜ୍ୟ ସରକାରଙ୍କ ଲକ୍ଷ୍ୟ ଅନୁଯାୟୀ କାର୍ଯ୍ୟ ସମ୍ପାଦନ କରିବା ନିମିନ୍ତେ ଦାୟିତ୍ୱବୋଧ ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି ବୈଠକ ମାଧ୍ୟମରେ ସମ୍ବଲପୁର ଜିଲାର ଅନେକ ଗୁରୁତ୍ୱପୂର୍ଣ୍ଣ ଯୋଜନା ଏବଂ ସେଗୁଡ଼ିକର ପ୍ରଭାବ ଲକ୍ଷ୍ୟକୁ ନେଇ ନୂଆ ଗତି ଏବଂ ଗୁଣବତ୍ତାମୂଳକ କାର୍ଯ୍ୟାନ୍ୱୟନ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଛି। ଉକ୍ତ ବୈଠକରେ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ଭେଦ ଭୂଷଣ, ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ ପାତ୍ର, ପିଡି ଆଦିବାସୀ ଅଞ୍ଚଳ ବିକାଶ ହେମସାଗର ଭୋଇ ମଞ୍ଚାସୀନ ଥିଲେ।

# ଧାଡ଼ିବୁଣା ଧାନ କାର୍ଯ୍ୟକ୍ରମର ଶୁଭାରମ୍ଭ

ଜମନକିରା,୨୫।୬(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ବଡ଼ମାଲ ପଞ୍ଚାୟତ ନୂଆଡ଼ିହିଠାରେ ବୁଧବାର ରୋପ ଅନୁଷ୍ଠାନ ଦ୍ୱାରା ଯନ୍ତ୍ରଚାଳିତ ଧାଡ଼ି ବୁଣା ଧାନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଧାନ ଚାଷରେ ପାଣି, ଶ୍ରମିକ ଏବଂ ସମୟ ଅଭାବକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଚାଷୀମାନେ ତାଙ୍କ ଢିପ ଜମିରେ ଧାନ ବୁଣି ଦେଇଥାନ୍ତି। କିନ୍ତୁ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ଅଧିକ ଲାଭ ପ୍ରଦାନ କରିବା ପାଇଁ ଧାଡ଼ି ବୁଣା ଯନ୍ତ୍ର ସାହାଯ୍ୟରେ ଧାନ ଧାଡ଼ିରେ ବୁଣିବାକୁ ପଦକ୍ଷେପ ନିଆଯାଇଛି। ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ଜମନକିରା ବ୍ଲକର ବଡ଼ମାଳ ଗ୍ରାମ ପଞ୍ଚାୟତରେ ୩୦ହେକ୍ଟର ଚାଷ ମେଶିନରେ ଧାଡ଼ି ବୁଣା ଯିବାର ଯୋଜନା ରହିଛି। ଚାଷୀଙ୍କୁ ସଚେତନ କରିବା ସହ ନୁଆଡ଼ିହୀ ଗ୍ରାମର ଦିଲ୍ଲୀପ ନାୟକଙ୍କ ୧ଏକର ୨ଟି ଜମିକୁ ଟ୍ରାକ୍ଟର ସିଡ ଡ୍ରିଲର ଯନ୍ତ୍ର ମାଧ୍ୟମରେ ଧାନ ବୁଣା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜମନକିରା ବ୍ଲକର ସହକାରୀ କୃଷି ଅଧିକାରୀ ତନ୍ମୟ କୁମାର ମୁର୍ମୁ, ଗ୍ରାମ୍ୟ କୃଷି କର୍ମଚାରୀ ଶରତ ଚନ୍ଦ୍ର କିସାନ, ଅବସରପ୍ରାପ୍ତ କୃଷି ଅଧିଦର୍ଶକ ଜଗଦୀଶ ପ୍ରସାଦ ଧାନ, କୃଷକ ସାଥୀ ମନୋଜ ଜୟପୁରିଆ, ନୂଆଡିହି ଗ୍ରାମର କୃଷକ, ରୋପ କର୍ମକର୍ତ୍ତା ତୃପ୍ତିମୟୀ ଦାଶ ଏଂ ଭୂମିଶତୋ ଧୁରୁଆ ଉପସ୍ଥିତଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଚାଷୀ ଓ କୃଷି ଅଧିକାରୀ।


ସମ୍ବଲପୁର ଜିଲା ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଜିଏମୟୁ ମୁଖ୍ୟ ଫାଟକ ସମ୍ମୁଖରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଆନ୍ଦୋଳନ କରାଯାଉଛି।

# ଆନ୍ଦୋଳନକୁ ଓହ୍ଲାଇଲା ବିଜୁ ଯୁବ ଛାତ୍ର ଜନତା ଦଳ

ସମ୍ବଲପୁର,୨୫।୬(ବି.ଶଙ୍କର)

**ଗୋପାଳପୁର ଛାତ୍ରୀ ଗଣବଳାତ୍କାର ଘଟଣା**

**ଜିଏମ୍‌ୟୁ, ଏସ୍‌ୟୁ ସମ୍ମୁଖରେ ପ୍ରତିବାଦ ସଭା**

ବ୍ରହ୍ମପୁର ଜିଲା ଗୋପାଳପୁର ବେଳାଭୂମିରେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାକୁ ନେଇ ରାଜ୍ୟ ବିଜୁ ଯୁବ ଛାତ୍ର ଜନତା ଦଳ ଆହ୍ୱାନକ୍ରମେ ବୁଧବାର ଆନ୍ଦୋଳନ କରାଯାଇଛି। ସମ୍ବଲପୁର ଜିଲା ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ବୁଧବାର ପୂର୍ବାହ୍ନ ୧୧ଟାରୁ ୧୨ଟା ପର୍ଯ୍ୟନ୍ତ ଆନ୍ଦୋଳନ ହୋଇଥିଲା। ଏହି ଆନ୍ଦୋଳନରେ ବିଜୁ ଜନତା ଦଳର ବରିଷ୍ଠ ନେତୃମଣ୍ଡଳୀ, କର୍ମକର୍ତ୍ତା, କର୍ମୀମାନେ ଏକତ୍ରିତ ହୋଇ ଗୋପାଳପୁରଠାରେ ଘଟିଥିବା ଘଟଣା ଅତ୍ୟନ୍ତ ଲଜ୍ଜାଜନକ ବୋଲି କହିଥିଲେ। ଛାତ୍ରୀ ଗଣବଳାତ୍କାର ରାଜ୍ୟରେ ଦିନକୁ ଦିନ ବଢିବାରେ ଲାଗିଛି। ସେହିପରି ପ୍ରତିଦିନ ରାଜ୍ୟରେ ମହିଳାମାନେ ନିର୍ଯାତିତ ହେଉଛନ୍ତି। ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି। ଅପରପକ୍ଷେ ଭାଜପା ସରକାର କେବଳ ରଙ୍ଗ ଓ ନାମ ପରିବର୍ତ୍ତନ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ନିଜର ପ୍ରଚାର କରିବାରେ ବ୍ୟସ୍ତ ରହିଛନ୍ତି। ତେଣୁ ପ୍ରକୃତପକ୍ଷେ ଦିନକୁ ଦିନ ରାଜ୍ୟରେ ମହିଳା ନିର୍ଯାତନା, ଗଣବଳାତ୍କାର ବଢ଼ି ଚାଲିଛି। ଆଇନଶୃଙ୍ଖଳା ଭୁଶୁଡ଼ି ପଡ଼ିଛି ବୋଲି ନେତୃମଣ୍ଡଳୀ ଅନ୍ଦୋଳନସ୍ଥଳରେ ହୋଇଥିବା ବିକ୍ଷୋଭ ସମାବେଶରେ ନିଜର ମତବ୍ୟକ୍ତ କରିଥିଲେ।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଫାଟକ ସମ୍ମୁଖରେ ଛାତ୍ର ନେତା ମିଳନ ହୋତାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଶ୍ରମିକ ନେତା ଗୋକୁଳ ମେହେର, ବରିଷ୍ଠ ନେତା ମହମ୍ମଦ ସନାଉଲ୍ଲା, ସଞ୍ଜିତ ମହାନ୍ତି, ରେଙ୍ଗାଲି ବ୍ଲକ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ସୁରୁବାବୁ ମେହେର, ପ୍ରହ୍ଲାଦ ଗୁରୁ, ମନୋଜ ମହାପାତ୍ର, ସୁକେଶ ସିଂ, ଲିଙ୍ଗରାଜ ପରିଡ଼ା, ଲିଙ୍ଗରାଜ ତ୍ରିପାଠୀ, ଦିଲ୍ଲୀପ ଦାଶ, ଚୁମନ ପ୍ରଧାନ, ସୁମିତ ପଟେଲ, ମିତାଲି ସାହୁ, ମମତା ପଣ୍ଡାଙ୍କ ସମେତ ଛାତ୍ରୀଛାତ୍ର ଏବଂ ବିଜୁ ଜନତା ଦଳର ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ସମ୍ବଲପୁର ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକରେ ପୂର୍ବତନ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସଭାପତି ଅବିନାଶ ପଟେଲ, ପୂର୍ବତନ ଯୁବ ଜୋନ ସଭାପତି ଦେବାଶିଷ ପରିଡ଼ା, ପୂର୍ବତନ ଛାତ୍ର ରାଜ୍ୟ ସମ୍ପାଦକ ଅନମୋଲ ଦାସ, ଦୀପ୍ତି ରଞ୍ଜନ ମଲ୍ଲିକ, ସୋମ ପ୍ରକାଶ ବେହେରା, ସତ୍ୟମ ସାହୁ, ଗୌତମ ବେହେରା, ସଞ୍ଜୟ ଗୌଡ଼, ସୁରେନ୍ଦ୍ର ବିଶ୍ୱାଳ, ଗୋପବନ୍ଧୁ ମହାନନ୍ଦ, ଉଷା ପ୍ରଧାନ, ନନ୍ଦିନୀ ପ୍ରଧାନ, ବ୍ରହ୍ମଦେବ ମହାନ୍ତି, ମୃତ୍ୟୁଞ୍ଜୟ ସାମଲ ପ୍ରମୁଖଙ୍କ ସମେତ ଛାତ୍ରୀଛାତ୍ର ଏବଂ ବିଜୁ ଜନତା ଦଳର କର୍ମକର୍ତ୍ତା ସାମିଲ ହୋଇ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ।

# ଏମର୍ଜେନ୍ସିର କଳା ଇତିହାସ ଯୁବପିଢ଼ି ଜାଣିବା ଆବଶ୍ୟକ

ସମ୍ବଲପୁର,୨୫।୬(ପ୍ରମୋଦ ବହିଦାର)

୫୦ବର୍ଷତଳେ ଆଜିର ଦିନରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଦେଶରେ ଏମର୍ଜେନ୍ସି(ଜରୁରୀ ପରିସ୍ଥିତି) ଘୋଷଣା କରିଥିଲେ । ୧୯୭୧ ମସିହା ସାଧାରଣ ନିର୍ବାଚନରେ କ୍ଷମତାକୁ ଆସିଥିବା ଇନ୍ଦିରା ଗାନ୍ଧୀଙ୍କ ବିଜୟକୁ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟ ଅସିଦ୍ଧ ଘୋଷଣା କରିଥିଲେ। ଦେଶରେ ଅସ୍ଥିରତା ସୃଷ୍ଟି ହେବା ଆଶଙ୍କାରେ ଜରୁରୀ ପରିସ୍ଥିତି ଘୋଷଣା ପୂର୍ବକ ପ୍ରାୟ ୨୧ ମାସ କାଳ ଇନ୍ଦିରା କ୍ଷମତାରେ ରହି ଚଳାଇଥିଲେ ଦମନଲୀଳା। ଏହି ସମୟ ଥିଲା ଆମର ଗଣତନ୍ତ୍ର ପାଇଁ କଳା ଅଧ୍ୟାୟ। ଏହି କଳା ଇତିହାସ ବିଷୟରେ ଦେଶର ଯୁବପିଢି ଜାଣିବା ଏକାନ୍ତ ଆବଶ୍ୟକ। ସମ୍ବଲପୁର ଦୁର୍ଗପାଲିସ୍ଥିତ ଏକ ହୋଟେଲରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପାର କେନ୍ଦ୍ରୀୟ ଉପସଭାପତି ତଥା କେନ୍ଦ୍ରପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡା। ଜରୁରୀ ପରିସ୍ଥିତି ସମୟରେ ବିରୋଧୀ ଦଳ ନେତାଙ୍କ ଉପରେ ନିର୍ଯାତନା ସୀମା ଟପିଥିଲା। ଏପରିକି ଗଣମାଧ୍ୟମ ପ୍ରତିନିଧିମାନେ ମଧ୍ୟ ନିର୍ଯାତନାର ଶିକାର ହୋଇଥିଲେ। ଭାରତ ଭଳି ବିଶ୍ୱର ସର୍ବବୃହତ୍ତ ଗଣତନ୍ତ୍ର ରାଷ୍ଟ୍ରରେ ଗଣତନ୍ତ୍ରକୁ ହତ୍ୟା କରା ଯାଇଥିଲା। ଏଥିରୁ ମୁକୁଳିବା ପରେ ଦେଶକୁ ଦ୍ୱିତୀୟ ସ୍ୱାଧୀନତା ମିଳିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହାର ସ୍ମୃତିକୁ ଉଜ୍ଜିବିତ ରଖିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନକୁ ସମଗ୍ର ଭାରତବର୍ଷରେ କଳା ଦିବସ ଭାବେ ପାଳନ କରାଯାଉଛି ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ବକ୍ସି, ଜିଲା ଗଣମାଧ୍ୟମ ସଂଯୋଜକ ସଞ୍ଜୟ କୁମାର ଷଡଙ୍ଗୀ ଉପସ୍ଥିତ ଥିଲେ।

# ସମ୍ବିଧାନ ହତ୍ୟା ଦିବସ ପାଳିତ


ସମ୍ବିଧାନ ହତ୍ୟା ଦିବସ ସଭାରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

ସମ୍ବଲପୁର,୨୫।୬(ବି.ଶଙ୍କର)

**■ସଚେତନା ଶୋଭାଯାତ୍ରା, ବିଭିନ୍ନ ପ୍ରତିଯୋଗିତା**

**■ଛାତ୍ରୀଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ମଞ୍ଚସ୍ଥ**

ସମ୍ବିଧାନ ହତ୍ୟା ଦିବସ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟରେ ସଭାକକ୍ଷରେ ବୁଧବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନା, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ୟୁନିଟ ଓ ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗ ମିଳିତ ଉଦ୍ୟମ କାର୍ଯ୍ୟକ୍ରମ ହୋଇଥିଲେ। ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ନେତୃତ୍ୱରେ ସକାଳ ୭ଟାରେ ସମ୍ବିଧାନ ସୁରକ୍ଷା ତଥା ସମ୍ବିଧାନ ସଚେତନତା ପାଇଁ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏଥିରେ ଛାତ୍ରୀମାନେ ପ୍ଲାକାର୍ଡ ଧରି ସହର ପରିକ୍ରମା କରିଥିଲେ। ପରେ ମହାବିଦ୍ୟାଳୟ ଛାତ୍ରୀମାନଙ୍କ ମଧ୍ୟରେ କ୍ୱିଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବେବୀ ରାଉତ, ସମୀରା ବେଗମ ଓ ଆକାଂକ୍ଷା ପୂଜାହାରୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ପୋଷ୍ଟର ପ୍ରତିଯୋଗିତାରେ ଅନନ୍ୟା ସେଠ, ଅସ୍ମିତା ଦୀପ ଓ ତମନ୍ନା ତରନ୍ନୁମ୍ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ହୋଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସମ୍ବିଧାନ ହତ୍ୟା ଦିବସ ବିଷୟକୁ ଆଧାର କରି ସ୍ନାତକୋତ୍ତର, ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ସମ୍ବଲପୁର ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ପ୍ରଫେସର ଉମାଶଙ୍କର ଦାଶ ମୁଖ୍ୟ ଆଲୋଚକ ଭାବେ ଯୋଗଦାନ କରିଥିଲେ। ଶୈଳଜା ମହାନନ୍ଦ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ରାଜନୀତି ବିଜ୍ଞାନ ପ୍ରଫେସର ଡ. ପ୍ରଶାନ୍ତ କୁମାର ପ୍ରଧାନ ଜରୁରୀକାଳୀନ ପରିସ୍ଥିତି ଉପରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଆଲୋଚକ ପ୍ରଫେସର ଦାଶ ବ୍ୟକ୍ତି ସ୍ୱାଧୀନତା ଉପରେ ଆଧାରିତ ସମ୍ବିଧାନର ବିଭିନ୍ନ ଧାରା ଉପରେ ଆଲୋକପାତ କରିଥିଲେ। ଏଥିସହ ଜରୁରୀକାଳୀନ ପରିସ୍ଥିତିରେ ଏହାର କିପରି ହନନ ହୋଇଥିଲା କହିଥିଲେ। ପ୍ରଫେସର ଭାରତୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିବାବେଳେ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ କାର୍ଯ୍ୟକ୍ରମର ସଞ୍ଚାଳନା କରିଥିଲେ। ସମ୍ବିଧାନ ସୁରକ୍ଷା ତଥା ଜରୁରୀକାଳୀନ ପରିସ୍ଥିତିକୁ ଆଧାର କରି ଛାତ୍ରୀମାନେ ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରିଥିଲେ।

# ଗଣତନ୍ତ୍ରର ସୁରକ୍ଷା ପାଇଁ ଏମର୍ଜେନ୍ସିକୁ ମନେ ରଖିବା ଜରୁରୀ

ସମ୍ବଲପୁର,୨୫।୬(ଭବାନୀ ଶଙ୍କର ଭୋଇ)


ସମ୍ବର୍ଦ୍ଧିତ ବ୍ୟକ୍ତି ବିଶେଷଙ୍କ ସହ ଭାଜପା ରାଷ୍ଟ୍ରୀୟ ଉପ ସଭାପତି ବୈଜୟନ୍ତ ପଣ୍ଡା।

ଦେଶରେ ଏମର୍ଜେନ୍ସି ବା ଜରୁରୀକାଳୀନ ପରିସ୍ଥିତି ଜାରି ହେବାର ୫୦ତମ ବର୍ଷ ପୂର୍ତ୍ତିକୁ ନେଇ ଭାଜପା ପକ୍ଷରୁ ବୁଧବାର ସମ୍ବଲପୁରରେ ସମ୍ବିଧାନ ହତ୍ୟା ଦିବସ ପାଳନ କରାଯାଇଥିଲା। ଏଥିରେ ଭାଜପା ରାଷ୍ଟ୍ରୀୟ ଉପ ସଭାପତି ତଥା କେନ୍ଦ୍ରପଡା ଏମ୍‌ପି ବୈଜୟନ୍ତ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଦୁର୍ଗାପାଲିସ୍ଥିତ ଗିଭର ଇନ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ସେ କହିଥିଲେ, ଆଜି ୫୦ବର୍ଷ ପରେ ବି ଗଣତନ୍ତ୍ର ହତ୍ୟାର ଛାପ ଲୋକଙ୍କ ମନରେ ରହିଛି। ନିଜର ସ୍ୱାର୍ଥ ହାସଲ ପାଇଁ ଇନ୍ଦିରା ଗାନ୍ଧୀ ସରକାର ୧୯୭୫ ମସିହାରେ ଗଣମାଧ୍ୟମ ଉପରେ ପ୍ରତିବନ୍ଧକ ଲଗାଇ ପ୍ରତିବାଦକାରୀ ବିରୋଧୀଙ୍କୁ ଜେଲରେ ଭରିଦେଇଥିଲେ। ଏହି ଘଟଣାକୁ ମନେ ପକାଇ ଏହାର ଯେଭଳି ପୁନରାବୃତ୍ତି ନ ହେବ ସେଥିପାଇଁ ସଜାଗ ରହିବାକୁ ସେ ଆହ୍ୱାନ କରିଥିଲେ। ଏହି ଅବସରରେ ଜରୁରୀକାଳୀନ ପରିସ୍ଥିତିରେ ବର୍ବରତାକୁ ନେଇ ଆୟୋଜିତ ଏକ ପ୍ରଦର୍ଶନୀକୁ ଏମ୍‌ପି ପଣ୍ଡା ଉଦ୍‌ଘାଟନ କରିଥିଲେ। ଆପାତକାଳ ସମୟରେ ଜେଲଦଣ୍ଡ ଭୋଗିଥିବା ବିଜୟ କେଡିଆ, ଜଗନ୍ନାଥ ପ୍ରଧାନ, ପରିମଳ ପାଲ, ସୁରେନ୍ଦ୍ର ଲାଠଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ କରିବା ଅବସରରେ ପଣ୍ଡା କହିଥିଲେ ବର୍ତ୍ତମାନର ଯୁବପିଢି ଗଣତାନ୍ତ୍ରିକ ଭାରତରେ ଆପାତକାଳର ବିଭୀଷିକାକୁ ଅନୁଭବ କରିବା ସମ୍ଭବ ନୁହେଁ। ତେଣୁ ଯେଉଁମାନେ ସେତେବେଳେ ଗଣତନ୍ତ୍ର ରକ୍ଷା ପାଇଁ ସଂଘର୍ଷ କରିଥିଲେ ସେମାନଙ୍କ କାହାଣୀ ଶୁଣିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଭାଜପା ଜିଲା ସାଧାରଣ ସମ୍ପାଦକ ଅନୀଲ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶୁଭଶ୍ରୀ ମିଶ୍ର ଏବଂ ଆପାତକାଳରେ ଜେଲ ଯାଇଥିବା ଯଶପାଲ ଟଣ୍ଡନ ମଞ୍ଚାସୀନ ଥିଲେ। ଆପାତକାଲ ଉପରେ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମକୁ ନିରଞ୍ଜନ କିଶୋର ଦାସ ପରିଚାଳନା କରିଥିଲେ। ଏଥିପୂର୍ବରୁ ଏମ୍‌ପି ପଣ୍ଡା ପୋତାପାଲି ସ୍ଥିତ ଶ୍ରୀକୃଷ୍ଣ ଗୋଶାଳାରେ ଗଣତନ୍ତ୍ର ସୁରକ୍ଷା ପାଇଁ ବୃକ୍ଷରୋପଣ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ମକ୍ ପାର୍ଲିଆମେଣ୍ଟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ରାମଚନ୍ଦ୍ର ମେହେର, ଦାମୋଦର କର, ଅଜିତ ବେହେରା, ଡ. ପ୍ରମୋଦ ରଥ, ରାମଦାଶ ପଣ୍ଡା, ପ୍ରଦୀପ ସୁପକାର, ମୋହନ ଦାଶ, ପ୍ରଫୁଲ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

# ଦୃଢ଼ ଇଚ୍ଛାଶକ୍ତିରେ ସଫଳତା ମିଳେ

ସମ୍ବଲପୁର,୨୫।୬(ବି.ଶଙ୍କର)



ନିଟ୍ ୟୁଜି ଏବଂ ଜେଇଇରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରମାନେ।

**କେନ୍ଦ୍ରୀୟ ବିଦ୍ୟାଳୟ-୧ରେ ନିଟ୍ ଓ ଜେଇଇ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ସମ୍ମାନ କାର୍ଯ୍ୟକ୍ରମ**

ନିଟ୍ ୟୁଜି ଏବଂ ଜେଇଇ-୨୫ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କ ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ବୁଧବାର ସମ୍ବଲପୁର ବରେଇପାଲି ଶିକ୍ଷାଞ୍ଚଳସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୧ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲାପାଳ ତଥା ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ଡାକ୍ତର ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥି, ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ ସମ୍ମାନୀତ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ମାନୀତ କରିଥିଲେ। ବିଦ୍ୟାଳୟ ଅଧକ୍ଷ ରଣରଞ୍ଜୟ ସିଂହ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ଏହା ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। ଜେଇଇ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶ୍ରେଷ୍ଠା ଘୋଷ, ମୌର୍ଯ୍ୟ ପ୍ରକାଶ, ସ୍ୱୟଂ ସ୍ୱାଗତ ତ୍ରିପାଠୀ, ସୂର୍ଯ୍ୟକାନ୍ତ ପାଢ଼ି ଓ ପ୍ରଭାଷ କୃଷ୍ଣ ମଲ୍ଲିକ ରହିଛନ୍ତି। ସେହିପରି ଜେଇଇ ଆଡ଼ଭାନ୍ସରେ ଉତ୍ତୀର୍ଣ୍ଣ ହୋଇଥିଲେ ପ୍ରିୟାଂଶୁ କୁମାର ମହାପାତ୍ର, କ୍ଷେତ୍ର ରାଜ ଓ ପ୍ରଭାଷ କୃଷ୍ଣ ମଲ୍ଲିକ। ପ୍ରଭାଷକୃଷ୍ଣ ମଲ୍ଲିକ ଉଭୟ ନିଟ୍ ଓ ଜେଇଇରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟର ଗର୍ବ ବଢ଼ାଇଛନ୍ତି। ଏହି ସମାରୋହରେ ବିଦ୍ୟାଳୟର ଭବ୍ୟା ଭାରତଙ୍କୁ ମଧ ସମ୍ମାନିତ କରାଯାଇଥିଲା। ଭବ୍ୟା ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧିନ ସିସିଆରଟି ପକ୍ଷରୁ ଦିଆଯାଉଥିବା ସାଂସ୍କୃତିକ ବର୍ଗରେ ଜାତୀୟ ଶିଶୁ ପ୍ରତିଭା ସ୍କଲାରଶିପ ଅର୍ଜନ କରିଛନ୍ତି। ଜିଲାପାଳ ବୋନ୍ଦର ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କୁ ଲକ୍ଷ୍ୟ ନିର୍ଦ୍ଧାରଣ, ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ରଖିବାକୁ ପ୍ରେରଣା ଦେଇଥିଲେ। ଏସ୍‌ପି ଭାମୁ ଓ ସମ୍ବଲପୁର ମହାନଗର ନିଗମ କମିଶନର ଦେବ ଭୂଷଣ ଛାତ୍ରୀଛାତ୍ରୀଙ୍କୁ ଅନ୍ୟମାନଙ୍କ ପାଇଁ ଆଦର୍ଶ ହେବାକୁ ଉତ୍ସାହିତ କରିଥିଲେ। ଅତିଥିମାନେ ବିଦ୍ୟାଳୟ ପ୍ରଶାସନ, ପ୍ରଧାନ ଶିକ୍ଷକ ଓ ଶିକ୍ଷୟତ୍ରୀଶିକ୍ଷକଙ୍କୁ ଶ୍ରମ ଓ ସମର୍ପଣ ପ୍ରତି ବିଶେଷ ଶ୍ରଦ୍ଧା ଜଣାଇଥିଲେ। ଶିକ୍ଷକ ପ୍ରମୋଦ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କମଳଲୋଚନ ଦେହୁରୀ, ଅଜନ୍ତା ପଣ୍ଡା, ସୁବ୍ରତ ବାରିକ, ସୁଧାଂଶୁ ନାଇକ କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ନାଟକୀୟ ଢଙ୍ଗରେ ଜିଲା ପରିଷଦ ସଭ୍ୟାସଭ୍ୟଙ୍କ ଧାରଣା ପ୍ରତ୍ୟାହୃତ

## ଫୁଲ, ଦୀପ, ନଡିଆ ଧରି ଜିଲାପାଳ ଅଫିସକୁ ଗଲେ ପରିଷଦ ସଭ୍ୟାସଭ୍ୟ

ବଲାଙ୍ଗୀର,୨୫।୬(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପରିଷଦ ପ୍ରତିନିଧି ଓ ଜିଲା ପ୍ରଶାସନ ମଧ୍ୟରେ ଗତ ଦୁଇଦିନ ଧରି ଚାଲିଥିବା ମୁହାଁମୁହିଁ ପରିସ୍ଥିତି ବୁଧବାର ଅପରାହ୍ନରେ ନାଟକୀୟ ଢଙ୍ଗରେ ଶେଷ ହୋଇଛି। ଜିଲା ପରିଷଦ ସଭାପତି ଦେବକୀ ସାହୁଙ୍କ ନେତୃତ୍ୱରେ ପରିଷଦ ସଭ୍ୟା, ସଭ୍ୟମାନେ ଥାଳିରେ ଫୁଲ, ଦୀପ, ନଡିଆ ଧରି, ଥାଳି ପିଟି ହୁଳହୁଳି ଦେଇ ଜିଲାପାଳ କାର୍ଯ୍ୟାଳୟକୁ ଯାଇ ଜିଲାପାଳଙ୍କୁ ନିମନ୍ତ୍ରଣ କରିବାକୁ ଆସିଛୁ କହି ଅଭିନବ ପ୍ରତିବାଦ ଜଣାଇଥିଲେ।

ଜିଲାପାଳଙ୍କ ପ୍ରକୋଷ୍ଠ ସମ୍ମୁଖରେ ଥାଳି ପିଟି ହୁଳହୁଳି ଦେବା ପରେ ଜିଲାପାଳ ଗୌରବ ଶିୱାଜୀ ଇସଲୱାର ତାଙ୍କ ପ୍ରକୋଷ୍ଠରୁ ବାହାରିଥିଲେ। ଜିଲା ପରିଷଦ ସଭାପତି ସାହୁ କହିଥିଲେ, ପରିଷଦର ସଭ୍ୟା ସଭ୍ୟମାନେ ଦୁଇଦିନ ହେଲା ଜିଲା ପରିଷଦ ଅଫିସ ସମ୍ମୁଖରେ ଧାରଣରେ ବସିଥିଲେ ମଧ ସେଠାକୁ ଜିଲାପାଳ ଆସିଲେ ନାହିଁ। ଏଣୁ ସେମାନେ ଫୁଲ, ଦୀପ, ନଡିଆ ଧରି ନିମନ୍ତ୍ରଣ କରିବାକୁ ଆସିଛନ୍ତି। ସଭାପତି ସାହୁଙ୍କ ଠାରୁ ଏହା ଶୁଣିବା ପରେ ଜିଲାପାଳ ଇସଲୱାର ଦାବିପତ୍ର ଆଣିଛନ୍ତି କି ବୋଲି ପଚାରିଥିଲେ। ଏହାପରେ ସେଠାରେ କିଛି ସମୟ ଧରି ଜିଲା ପରିଷଦ ପ୍ରତିନିଧି ଓ ଜିଲାପାଳଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ପରିଷଦ ସଭାପତି ଓ ଅନ୍ୟ ସଦସ୍ୟମାନେ ସେମାନଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ କରିଥିଲେ। ଦୁଇ ଦିନ ଧାରଣା ଦେବା ସତ୍ତ୍ୱେ ଜିଲାପାଳ ଦାବିପତ୍ର ଗ୍ରହଣ କରିବାକୁ କାହିଁକି ଆସିଲେ ନାହିଁ ବୋଲି ପ୍ରଶ୍ନ କରିଥିଲେ।

ଏହାର ଉତ୍ତର ରଖି ଜିଲାପାଳ ଇସଲୱାର ପ୍ରଶାସନ କାହାକୁ ହେୟଜ୍ଞାନ କରୁନାହିଁ। ଦାବିପତ୍ର ଦେବାକୁ ଯେଉଁ ଦିନ ଆସିଥିଲେ ସେଦିନ ସେ କ୍ଷେତ୍ର ପରିଦର୍ଶନରେ ଥିଲେ। ତା' ପର ଦିନ ଦାବିପତ୍ର ଗ୍ରହଣ କରିବା ସମୟ ଧାର୍ଯ୍ୟ ହୋଇଥିଲା। ଆମେ ଅପେକ୍ଷା କରିଥିଲୁ ଏହା ସତ୍ତ୍ୱେ ଆପଣମାନେ ଆସିଲେ ନାହିଁ ବୋଲି କହିଥିଲେ। ସବୁ କିଛି ଉପଯୁକ୍ତ ଫୋରମ୍‌ରେ ହେବ। ଜିଲା ପରିଷଦ ଅଫିସ ଅଛି । ସେଠାରେ ଆଲୋଚନା ହେବ ଓ ସେଠାରେ ସେ ଦାବିପତ୍ର ନେବେ ବୋଲି କହିବା ପରେ ପରିଷଦ ସଭ୍ୟାସଭ୍ୟମାନେ ସେଠାରୁ ଜିଲା ପରିଷଦ ଅଫିସକୁ ଫେରି ଯାଇଥିଲେ। ପରେ ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ ଓ ଉପଜିଲାପାଳ ଆଲୋକ ପଟେଲ ଜିଲା ପରିଷଦ ଅଫିସକୁ ଯାଇ ସେଠାରେ ପରିଷଦ ସଦସ୍ୟା, ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଜିଲାପାଳ ଜିଲା ପରିଷଦ ଅଫିସ ସମ୍ମିଳନୀ କକ୍ଷକୁ ଯାଇ ସେଠାରେ କିଛି ସମୟ ଆଲୋଚନା କରିବା ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ର ଗ୍ରହଣ କରିଥିଲେ। ଏହି ଅବସରରେ ଜିଲା ପରିଷଦ ସଭାପତି ସାହୁ ପରିଷଦ ପ୍ରତିନିଧି ଓ ପ୍ରଶାସକମାନଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ନ ରହିଲେ ଜିଲାର ବିକାଶ ସମ୍ଭବ ନୁହେଁ। ଏଣୁ ପ୍ରଶାସନ ଏ ଦିଗରେ ସଚେତନ ରହି ସହଯୋଗ କରିବାକୁ କହିଥିଲେ। ଜିଲାପାଳ ଇସଲୱାର ପ୍ରଶାସନ ଜିଲାର ବିକାଶ କାର୍ଯ୍ୟ ପାଇଁ ସମସ୍ତଙ୍କ ସହଯୋଗ ଲୋଡୁଛି। ମାତ୍ର ଉପଯୁକ୍ତ ଫୋରମ୍‌ରେ ପ୍ରୋଟୋକଲ୍ ଅନୁଯାୟୀ ସବୁକାମ କରାଯିବ ବୋଲି କହିଥିଲେ। ଜିଲା ପରିଷଦ ସଭାପତିଙ୍କ ଠାରୁ ଜିଲାପାଳ ଦାବିପତ୍ର ଗ୍ରହଣ କରିବା ପରେ ଏହି ସମସ୍ୟାର ସମାଧାନ ହୋଇଥିଲା। ପରେ ଦୁଇଦିନ ଧରି ଚାଲିଥିବା ଧାରଣା ପ୍ରତ୍ୟାହୃତ ହେଲା ବୋଲି ଜିଲା ପରିଷଦ ସଭାପତି ସାହୁ ଗଣମାଧ୍ୟମକୁ କହିଥିଲେ। ଏ ନେଇ ଜିଲାପାଳ ଇସଲୱାର କହିଥିଲେ, ଜିଲାରେ ସମସ୍ତ ବିକାଶମୂଳକ କାର୍ଯ୍ୟକ୍ରମକୁ ପ୍ରଶାସନ ସଫଳତାର ସହ ଆୟୋଜନ କରୁଛି। ଆଗକୁ ସମନ୍ୱୟ ରହିବ ବୋଲି ସେ କହିଥିଲେ।


ଜିଲା ପରିଷଦ ସଭାପତି ଓ ସଭ୍ୟାସଭ୍ୟ ଫୁଲ, ଦୀପ ଓ ନଡିଆ ଧରି ଜିଲାପାଳ କାର୍ଯ୍ୟାଳୟକୁ ଆସିଛନ୍ତି।

# ୪ ଘଣ୍ଟା ଧରି ତୁଷୁରା ମୁଖ୍ୟ ରାସ୍ତା ଅବରୋଧ


ରାସ୍ତା ଅବରୋଧରେ ସାମିଲ ଏନ୍‌ଏସି ଅଧ୍ୟକ୍ଷ, ବିଧାୟକଙ୍କ ପ୍ରତିନିଧି ଓ ଅନ୍ୟମାନେ।

ଗୁଡଭେଲା,୨୫।୬(ମନୋଜ କୁମାର ଜୈନ)

ବଲାଙ୍ଗୀର–ତୁଷୁରା ମୁଖ୍ୟ ରାସ୍ତାର ତୁଷୁରା ସହରର ଜଗନ୍ନାଥ ମନ୍ଦିର ସମ୍ମୁଖରେ ବୁଧବାର ସ୍ଥାନୀୟ ଯୁଥ ଏକ୍ସନ କମିଟି ପକ୍ଷରୁ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରାଯାଇଥିଲା। ଏନଏସି ଅଧ୍ୟକ୍ଷ ଅଜୟ କୁମାର ଜୟଶ୍ୱାଳ ଓ ଟିଟିଲାଗଡ ବିଧାୟକଙ୍କ ତୁଷୁରା ଏନଏସି ପ୍ରତିନିଧି ଜିତେନ୍ଦ୍ର ମହାପାତ୍ର ରାସ୍ତାରୋକୋ ଆନ୍ଦୋଳନରେ ସାମିଲ ହୋଇଥିଲେ। ତୁଷୁରା ସହରର ଏମଇ ସ୍କୁଲ ଠାରୁ ଚିକିତ୍ସାଳୟ, ମିଳନ ଛକରୁ ସୋନଗଡ ନଦୀ, ଅଗ୍ରସେନ ଭବନ ଠାରୁ ବିହାରୀପଡା ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡିଛି। ଏହି ରାସ୍ତା ନିର୍ମାଣ ପାଇଁ ତିନି ବର୍ଷ ହେଲା ଟେଣ୍ଡର ସରିବା ସହ କିଛି କାମ ଆରମ୍ଭ ହୋଇଛି। ତେବେ ଜନସ୍ୱାସ୍ଥ୍ୟ ବିଭାଗ ଓ ପୂର୍ତ୍ତ ବିଭାଗର ସମନ୍ୱୟ ଅଭାବ ଯୋଗୁ ରାସ୍ତା କାମ ହୋଇ ପାରୁ ନ ଥିବାରୁ ଶେଷରେ ରାସ୍ତାରୋକୋ କରାଯାଇଥିବା କମିଟି ପକ୍ଷରୁ କୁହାଯାଇଛି। ଜନସ୍ୱାସ୍ଥ୍ୟ ବିଭାଗର ଜେଇ ରାଜୀବ ଭୂଷଣ କିଶାନ ୨୫ ଦିନ ଭିତରେ ପାଇପ ବିଛାଇବା କାମ ସାରିବାକୁ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ପୂର୍ତ୍ତ ବିଭାଗର ଜେଇ ଟଙ୍କଧର ପ୍ରଧାନ ପାଇପ ବିଛା ସରିବା ପରେ କାମ କରିବୁ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ଏନେଇ ଏନଏସି ଅଧ୍ୟକ୍ଷ କହିଥିଲେ, ବହୁ ଥର ବିଭାଗୀୟ ଅଧିକାରୀଙ୍କୁ ଚିଠି ଲେଖିବା ପରେ ମଧ କୌଣସି ସୁଫଳ ମିଳି ନାହିଁ। ବିଧାୟକ ପ୍ରତିନିଧି ମହାପାତ୍ର କହିଥିଲେ, ବିଭାଗୀୟ ଅଧିକାରୀ ଓ ଜିଲାପାଳଙ୍କୁ ବହୁଥର ଜଣାଇବା ସହ ଜିଲାପାଳଙ୍କ ଜନଶୁଣାଣିରେ ମଧ ଅଭିଯୋଗ କରାଯାଇ ଥିଲା। କିନ୍ତୁ କିଛି ସୁଫଳ ମିଳି ନ ଥିବା ସେ ପ୍ରକାଶ କରିଥିଲେ। ଏହି ରାସ୍ତାରୋକୋରେ ଲିସନ ପ୍ରଧାନ, କାହ୍ନା ପ୍ରଧାନ, ଦେବବ୍ରତ ପାଣିଗ୍ରାହୀ, ପ୍ରୀତମ ସାହୁ, ଶୁଭମ ସାହୁଙ୍କ ସମେତ ଯୁଥ ଏକ୍ସନ କମିଟିର କର୍ମକର୍ତ୍ତା ସାମିଲ ଥିଲେ।

# ରୋତ କଲେଜରେ ସମ୍ବିଧାନ ହତ୍ୟା ଦିବସ ପାଳିତ

ଲୋଇସିଂହା,୨୫।୬(ସୁଶାନ୍ତ ବାରିକ)

ବୁଧବାର ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରୋତ କଲେଜରେ ସମ୍ବିଧାନ ହତ୍ୟା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଆଲୋଚନାଚକ୍ରରେ କଲେଜ ଅଧ୍ୟକ୍ଷ ପ୍ରଦୀପ ଷଡଙ୍ଗୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ପ୍ରଧାପକ ଡ.ଅନ୍ତର୍ଯ୍ୟାମୀ ନାଏକ, ପ୍ରମୋଦ ଦାଶ, ଅର୍ଦ୍ଧେନ୍ଦୁ ମେହେର, ବୁଦ୍ଧଦେବ ପଣ୍ଡା, ବାମଦେବ ମେହେର, ଡ.ହିମାଂଶୁ ମହନ୍ତ, ଡ. ଭୁରିଶ୍ରବା ମାଝି, ଗୋପାଳ ସାହୁ, ଡ.ରଶ୍ମିଲତା ମହାନନ୍ଦ, ମାନସ କୁମାର, ଡ.ସୋମନାଥ ପଧାନ, ନୀଳାମ୍ବର ବାରିକ, ରୂପେଶ ଷାଣ୍ଢ ପ୍ରମୁଖ ସମ୍ବିଧାନ ହତ୍ୟା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ ବିତର୍କ ପ୍ରତିଯୋଗିତାରେ ଅମିଷା ନାଏକ, ତିଲୋତ୍ତମା ସାହୁ ଓ ଶୁଭଶ୍ରୀ ହରିପାଲ ଯଥାକ୍ରମେ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ସେହିପରି କୁଇଜରେ ନିକିତା ସାହୁ, ସୁମିତା ସାହୁ ଯୁଗ୍ମ ଭାବେ ପ୍ରଥମ, ସଙ୍ଗୀତା ସାହୁ ଓ ଲଳିତା ସାହୁ ଯୁଗ୍ମ ଭାବେ ଦ୍ୱିତୀୟ ଓ ରାମକୃଷ୍ଣ ଦୋରା ତୃତୀୟ ହୋଇ ପୁରସ୍କୃତ ହୋଇଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକଙ୍କୁ ନେଇ ଗାଁରେ ସଚେତନତା ଶୋଭାଯାତ୍ରା କରାଯାଇଥିଲା।

# ନାରୀ ନିର୍ଯାତନା ନେଇ ଗର୍ଜିଲା ଯୁବ ଓ ଛାତ୍ର ବିଜେଡି


ଟିଟିଲାଗଡରେ ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଟିଟିଲାଗଡ଼,୨୫।୬(ଶରତ ମିଶ୍ର)

ଓଡ଼ିଶାରେ ମହିଳାଙ୍କ ପ୍ରତି ନିର୍ଯାତନା ଓ ହିଂସା ବୃଦ୍ଧି ପାଇଛି । ସମସ୍ତ ବ୍ୟବସ୍ଥା ଫେଲ୍ ମାରିଛି । ନାରୀ ଅସୁରକ୍ଷିତ ହୋଇ ପଡିଛନ୍ତି। ଏଭଳି ପରିସ୍ଥିତିରେ ରାଜ୍ୟ ସରକାର ସ୍ଥାଣୁ ପାଲଟିଥିବା ଅଭିଯୋଗ କରି ବୁଧବାର ଟିଟିଲାଗଡ଼ଠାରେ ଆୟୋଜିତ ବିକ୍ଷୋଭ ସମାବେଶରେ ବିଜେଡି ଗର୍ଜିଛି । ଟିଟିଲାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀର ଯୁବ ଏବଂ ଛାତ୍ର ବିଜେଡ଼ିର ନେତା,କର୍ମୀମାନେ ସହରରେ ଏକ ବାଇକ୍ ଶୋଭାଯାତ୍ରା କରିବା ସହ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେବା ସହ କୁଶ ପୁତ୍ତଳିକା ଦାହ କରିଥିଲେ। ବିକ୍ଷୋଭରେ ଦଳର ବରିଷ୍ଠ ନେତା ତଥା ତୁଷୁରା ବିଜ୍ଞାପିତ ପରିଷଦର ଅଧ୍ୟକ୍ଷ ଅଜୟ ଜୟସ୍ୱାଲ, ରଞ୍ଜିତ ପୃଷ୍ଟି, ରାଜେଶ ପ୍ରଧାନ, ଦେବାଶିଷ ସୌରା, ସୁଧୀର ପଟ୍ଟନାୟକ, ଜଗଦୀଶ ମହାଲିଙ୍ଗ, କାଉନସିଲର ମାନସ ସାହୁ, ସଚିକାନ୍ତ ବାରିକ, ବୈକୁଣ୍ଠ ନାଗ, ପୁଷ୍ପ ଜୈନ ସାମିଲ ହୋଇଥିଲେ। ଯୁବ ନେତା ସୁବ୍ରତ ବେହେରା, ଜ୍ଞାନରଞ୍ଜନ ସରାଫ, ବାପି ଗୁମାନ ସିଂ, ସୁବ୍ରତ ସାହୁ, ବିକାଶ ବେହେରା, ବୁଲୁ ସେଠ, ପ୍ରବୀଣ ଆଚାର୍ଯ୍ୟ, ନିଲୁ ମହାନନ୍ଦ, ତୁଳସୀ ବଚ୍ଛା, ଜୟପ୍ରସାଦ ନାୟକ, ଯୋଗେଶ୍ୱର ଟାକ୍ରୀ, ବୁଡାଚନ୍ଦ୍ର କୁମ୍ଭାର, ଦୀପକ ବେହେରା, ବଣ୍ଟି ସେଠ, ପ୍ରହଲ୍ଲାଦ ବେହେରା, ହର୍ଷବର୍ଦ୍ଧନ ସୋନି ପ୍ରମୁଖ ଶତାଧିକ କର୍ମୀ ସାମିଲ ହୋଇଥିଲେ। ଟିଟିଲାଗଡ଼ ଏସଡ଼ିପିଓ ଯଶୋବନ୍ତ ପ୍ରଧାନୀ, ଆଇଆଇସି କଲ୍ୟାଣୀ ବେହେରାଙ୍କ ନେତୃତ୍ୱରେ ଆଇନଶୃଙ୍ଖଳା ଦୃଷ୍ଟିରୁ ବ୍ୟାପକ ପୋଲିସ ବଳ ମୁତୟନ ହୋଇଥିବା ଦେଖିବାକୁ ମିଳିଥିଲା।

# ନାରୀ ସୁରକ୍ଷା ଦାବିରେ ବିକ୍ଷୋଭ



ଦେଓଗାଁ ଯୁକ୍ତ ଦୁଇ କଲେଜ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ଦେଓଗାଁ,୨୫।୬(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଭାଜପା ସରକାରର ଏକ ବର୍ଷ ମଧ୍ୟରେ ରାଜ୍ୟରେ ନାରୀ ନିର୍ଯାତନା, ବଳାତ୍କାର ବୃଦ୍ଧି ପାଇଥିବା ଅଭିଯୋଗ ଉଠାଇ ନାରୀଙ୍କ ସୁରକ୍ଷା ଦାବିରେ ବୁଧବାର ଦେଓଗାଁ ବ୍ଲକ ବିଜେଡି ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ବ୍ଲକ ବିଜୁ ଯୁବ ଜନତା ଦଳ ସଭାପତି ଶୈଳେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଦେଓଗାଁ ବସଷ୍ଟାଣ୍ଡଠାରେ ଏକତ୍ରିତ ହୋଇଥିଲେ । ଏହି ଅବସରରେ ସେମାନେ କଳାବ୍ୟାଜ୍ ପିନ୍ଧି ବ୍ୟାନର ଓ ପ୍ଲାକାର୍ଡ ଧରି ରାଜ୍ୟ ସରକାରଙ୍କ ବିରୋଧରେ ବିକ୍ଷୋଦ୍‌ଗାର କରିଥିଲେ । କର୍ମୀମାନେ ବିଭିନ୍ନ ନାରା ଦେଇ ବାଇକ୍ ରାଲିରେ ଦେଓଗାଁ ଯୁକ୍ତ ଦୁଇ କଲେଜ , ଡିଗ୍ରୀ କଲେଜ, ଜରାସିଂହା ଯୁକ୍ତ ଦୁଇ ଓ ଡିଗ୍ରୀ କଲେଜ ସମେତ କୁତୁର୍ଲା ଧୃବାନନ୍ଦ କଲେଜକୁ ଯାଇ ଆଜି ଦିନକ ପାଇଁ କଲେଜ ଅଧ୍ୟୟନ କାର୍ଯ୍ୟକୁ ସ୍ଥଗିତ ରଖି ଏହି କାର୍ଯକ୍ରମକୁ ସଫଳ କରିବା ପାଇଁ ଅନୁରୋଧ କରିଥିଲେ । ଏଥିରେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ର, ବ୍ରାହ୍ମଣୀଯୋର ସରପଞ୍ଚ ମହେନ୍ଦ୍ର ମଲ୍ଲିକ, ଗାଇବାହାଲ ସରପଞ୍ଚ ତ୍ରିଲୋଚନ ନାଗ, ଛାତ୍ରନେତା ଦୀପକ ବେହେରା, ଜିଲା ଛାତ୍ର ଜନତା ଦଳର ସମ୍ପାଦକ ଫକିର ମୋହନ ଦାସ, ବରିଷ୍ଠ ନେତା ଅନ୍ତର୍ଯ୍ୟାମୀ ଭୋଇ, ହିତେଶ ଦଲାଇ, ମକୁନ୍ଦପୁର ସମିତି ସଭ୍ୟ ଅଭିମନ୍ୟୁ ମାଝୀ, କାର୍ତ୍ତିକ ମଲ୍ଲିକ, ଯୁଗେଶ୍ୱର ସାହୁଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

# ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ

ଲୋଇସିଂହା,୨୫।୬(ସୁଶାନ୍ତ ବାରିକ)

ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି। ସେହିପରି ନାରୀ ନିର୍ଯାତନା ବୃଦ୍ଧି ପାଇବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଏହାକୁ ନେଇ ବୁଧବାର ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି କ୍ରମରେ ବଲାଙ୍ଗୀର ଜିଲାର ଲୋଇସିଂହା କଲେଜ ଓ ଆଗଲପୁର ବ୍ଲକର ରୋତ କଲେଜରେ ପ୍ରତିବାଦ ସ୍ୱରୂପ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଲୋଇସିଂହା କଲେଜଠାରେ ବ୍ଲକ ଯୁବ ବିଜେଡି ସଭାପତି ପ୍ରକାଶ ମହାରଣାଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କଲେଜର ଛାତ୍ରୀଛାତ୍ରମାନେ ଶ୍ରେଣୀ ବର୍ଜନ କରିବା ସହ କଳାବ୍ୟାଜ୍ ପରିଧାନ କରି ଏଥିରେ ସାମିଲ ହୋଇଥିଲେ। ଗୋପାଳପୁର ଛାତ୍ରୀ ଗଣବଳାତ୍କାର ଘଟଣାକୁ ନେଇ ବିକ୍ଷୋଭକାରୀମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ସେହିପରି ରୋତ କଲେଜରେ ଯୁବ ସଭାପତି ନାରାୟଣ ସାହୁଙ୍କ ନେତୃତ୍ୱରେ ବିକ୍ଷୋଭ ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା।



ଲୋଇସିଂହା କଲେଜଠାରେ ବିକ୍ଷୋଭ ପ୍ରଦର୍ଶନ ବେଳେ ଛାତ୍ରୀମାନେ ସାମିଲ ହୋଇଛନ୍ତି।

# ବଲାଙ୍ଗୀର ଜିଲା କ୍ଷେତ୍ର ପରିଦର୍ଶନ କଲେ ଗୃହ କମିଟି ସଦସ୍ୟ

ବଲାଙ୍ଗୀର/କଣ୍ଟାବାଞ୍ଜି,୨୫।୬(ବୀରେନ୍ଦ୍ର କୁମାର ଝାଙ୍କର/ଗୁରୁଦୟାଲ ହଂସ)

ଓଡିଶା ବିଧାନସଭା ଗୃହ କମିଟିର ୯ ଜଣିଆ ପ୍ରତିନିଧିମଣ୍ଡଳୀ ବୁଧବାର ଜିଲାର ବିଭିନ୍ନ ସ୍ଥାନ ପରିଦର୍ଶନ କରି ସ୍ଥିତି ତଦାରଖ କରିଥିବା ଜଣାପଡିଛି। ବିଧାନସଭା ଗୃହ କମିଟି ଅଧ୍ୟକ୍ଷ ତଥା କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କ ନେତୃତ୍ୱରେ କମିଟି ସଦସ୍ୟ ତଥା କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ, କନ୍ଧମାଳ ବିଧାୟକ ଉମାଚରଣ ମଲ୍ଲିକ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ବିଧାୟକ ଦୁର୍ଗାଚରଣ ତନ୍ତୀ, ବିଧାୟକ ନରସିଂହ ମାଡକାମୀ, ବିଧାୟକ ନରସିଂହ ଭତ୍ରା ଓ ଅନ୍ୟ ସଦସ୍ୟ ବୁଧବାର ସକାଳୁ ବଲାଙ୍ଗୀର ସର୍କିଟ ହାଉସଠାରୁ କ୍ଷେତ୍ର ପରିଦର୍ଶନ ଅଭିଯାନ ଆରମ୍ଭ କରିଥିଲେ। ପ୍ରଥମେ ବଲାଙ୍ଗୀର ସହରର ସମଲେଶ୍ୱରୀ ମନ୍ଦିର ଓ ପାଟଣେଶ୍ୱରୀ ମନ୍ଦିରକୁ ଯାଇ ଦେବୀ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ସେଠାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ କମିଟି ଅଧ୍ୟକ୍ଷ ବିଧାୟକ ବାଗ ବଲାଙ୍ଗୀର ଜିଲାର ଜଳସେଚନ, ପିଡିଏସ୍, ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟ ବିଷୟରେ କମିଟି ସ୍ଥିତି ତଦାରଖ ଏବଂ କ୍ଷେତ୍ର ପରିଦର୍ଶନ କରିବ ବୋଲି ସୂଚନା ଦେଇଥିଲେ। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ କମିଟି ସଦସ୍ୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। କଣ୍ଟାବାଞ୍ଜିର ଜୀବନରେଖା କୁହାଯାଉଥିବା ପମ୍ପୁ ତାଲାବକୁ ପ୍ରଥମେ ପରିଦର୍ଶନ କରିଥିଲେ। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହି ତାଲାବ କିଭଳି ଶୋଚନୀୟ ଅବସ୍ଥାରେ ଅଛି ଦେଖି ଶୀଘ୍ର ଏହାର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ଉପରେ ପଦକ୍ଷେପ ନେବାକୁ ଉଦ୍ୟମ କରାଯିବା ନେଇ ଆଲୋଚନା କରିଥିଲେ। କଣ୍ଟାବାଞ୍ଜିର ୪ ନମ୍ବର ୱାର୍ଡସ୍ଥିତ ରାସନ ବିତରଣ କେନ୍ଦ୍ର ପରିଦର୍ଶନ କରି ପିଡିଏସ୍ ବଣ୍ଟନ ବ୍ୟବସ୍ଥା ତଦାରଖ କରିଥିଲେ। ସେଠାରେ ପିଡିଏସ୍ ଚାଉଳର ମାନ ଯାଞ୍ଚ କରିଥିଲେ। ପରେ ହିତାଧିକାରୀମାନଙ୍କ ସହ ସେଠାରେ ଆଲୋଚନା କରିଥିଲେ। ଏହାପରେ ଝରନୀ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟର ଅସୁବିଧା ବୁଝିଥିଲେ। ଛାତ୍ରୀଛାତ୍ର ମାନଙ୍କୁ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ ତଦାରଖ କରିଥିଲେ। ଛାତ୍ରୀଛାତ୍ର ମାନଙ୍କ ପାଠ ପଢ଼ା ବିଷୟରେ ଆଲୋଚନା କରିଥିଲେ। ତୁରେକେଲାର ନବନିର୍ମିତ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତୁରେକେଲା ବ୍ଲକର ମୁଡକାନି ଗ୍ରାମର ମେଗା ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ସ୍ଥଳ ପରିଦର୍ଶନ କରିଥିଲେ। ଏହାସହିତ ବିଭିନ୍ନ ଉନ୍ନୟନ କାମ ସମ୍ପର୍କରେ ଆଲୋଚନା କରିଥିଲେ। ତୁରେକେଲା, ସିନ୍ଧେକେଲାର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଥିଲେ। ଏହି କମିଟି ସହ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ଏପିଡି ତରଣୀ ସୁନା, ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାପାତ୍ର, ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରୌପ୍ୟରଞ୍ଜନ ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ରାତି ପ୍ରାୟ ୯ଟା ସମୟରେ କମିଟି ବଲାଙ୍ଗୀର ପହଞ୍ଚି ଡିଏଫ୍‌ଓ ସମ୍ମିଳନୀ କକ୍ଷରେ ସମୀକ୍ଷା କରିଥିଲେ।

**OFFICE OF THE DIVISIONAL FOREST OFFICER**
**BHADRAK WILDLIFE DIVISION**
AT/P.O/P.S.-CHANDBALI, DISTRICT-BHADRAK, PIN-756133
Phone/Fax- 06786-220472, Mob- +91 9437041541,
Email-dfo.bhadrakwl@odisha.gov.in
No. 2608 -1F-421/2025, Dated 23rd June 2025

**TENDER CALL NOTICE FOR SUPPLY OF TREE GUARD (BAMBOO GABION)**

**No.MM-99:** Sealed Tenders are invited from reputed Dealers / Manufacturers / Individuals for supply of good quality tree guard (seasoned bamboo gabion) of size 6' height and 2'6" diameter with fixing in different plantation sites to be taken up in Bhadrak (WL) Division under MGNREGS schemes during the financial year 2025-26. The tender application can be obtained from the Section Officer, 3F / 4F Section O/O the DFO, Bhadrak (WL) Division on any working day during 10.00 AM to 05:30 PM from date 24.06.2025 to 30.06.2025 on payment of ₹1000.00 (Rupees One Thousand) only in form of cash. Sample of the Tree Guard should be submitted along with the Tender document. The timeline for submission of sealed tender by any means is 02.00 PM on date 30.06.2025. Only the Technical bids shall be opened at 04:00 PM of 30.06.2025 in presence of the bidder (s) or their authorized representative in the Office of the undersigned. The undersigned reserves the right to reject any or all tender without assigning any reasons thereof.

Sd/- Divisional Forest Officer
Bhadrak (WL) Division
OIPR-08048/11/0003/2526

**OFFICE OF THE SUPERINTENDING ENGINEER**
**ELECTRICAL CIRCLE (R&B)**
**NIRMAN SOUDHA, BHUBANESWAR**
E-mail: seec.bbsr2010@gmail.com
Bid Identification No. S.E.E.C (R&B) 06/2025-26
No.2287/Date: 23.06.2025

**No.B-240:** The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.30.06.2025 at 05.00 P.M. to dt.15.07.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt. 16.07.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www. tendersorissa.gov.in. Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B) Odisha, BBSR
OIPR-34006/11/0037/2526

No.B-233
**OFFICE OF THE SUPERINTENDING ENGINEER**
JAGATSINGHPUR (R&B) DIVISION, JAGATSINGHPUR
GOVERNMENT OF ODISHA
E-Mail I.D. - eerbjspr@gmail.com
('e' Procurement Notice)
Bid Identification No. S.E. JSP(R&B)-05 of 2025-26
**TENDER CALL NOTICE**

1. The Superintending Engineer, Jagatsinghpur (R&B) Division, Jagatsinghpur on behalf of Governor of Odisha invites on Percentage rate basis bid in Double cover system in ONLINE MODE from eligible contractor for Building works as mentioned below.
2. No. of Work : **03 No.**
3. Nature of work : **Civil, E.I & PH work**
4. Class of Contractor : **"B"**
5. Tender Paper Cost : **Rs.10000/- (Online)**
6. Available of bid documents in the website : **From 30/06/2025 to 5 P.M. of 15/07/2025**
7. Date of Opening of Bid : **11 A.M. of 16/07/2025**

The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/corrigendum/ cancellation of tender can also be seen in the said website.

Sd./- (Er Sarbendu Sutar)
Superintending Engineer,
Jagatsinghpur (R&B) Division
OIPR-34093/11/0022/2526

**MILK UNION SAMBALPUR**
**CORRIGENDUM**
The Tender Notice No.373 dt.24.06.2025 & SAMUL Website No.278 Talmal-Kirmira Milk Route (Auto or similar type of Vehicle) has been changed i.e. Tata Ace or similar type of vehicle, other Route & terms & conditions is remain unchanged.

ଆମ ଶିମିଳିପାଳ ଆମ ଗର୍ବ
OUR SIMILIPAL OUR PRIDE
**OFFICE OF THE DEPUTY DIRECTOR, SIMILIPAL (NORTH) WILDLIFE DIVISION**
AT-MATIAGARH CHHAKA, PO-K.JASHIPUR, DIST.-MAYURBHANJ, ODISHA-757091
Tel : 06797-295030, Email - dfo.similipalnorthwl@odisha.gov.in / ddsimilipalnorth@gmail.com
Office Order No. : 74//, Dated 21.06.2025

*01st Corrigendum to Bid invited vide this Office Tender Call Notice No.1921, dtd.10.06.2025*

**No.MM-100** : In pursuance to this Office Tender Call Notice No.1921, dtd.10.06.2025, due to unavoidable circumstances all the committee member constituted for supply and installation of Solar High Mast Light are hereby absent in the time of opening of technical bid. So the Date & time of opening of technical bid is re-schedule on dtd.25.06.2025 at 12.30 P.M.

| Sl. No. As per Original TCN | Items | As per Original TCN | As per 01st Corrigendum to TCN & DTCN |
|---|---|---|---|
| 5 | Date & time of opening of technical bid | Dt.21.06.2025 at 12.30 hours onwards | Dt.25.06.2025 at 12.30 hours onwards |

OIPR-08133/11/0017/2526
Sd./- Deputy Director, Similipal (North) WL Division, Jashipur

# ପ୍ରକଳ୍ପ କାମ ନିର୍ଦ୍ଧାରିତ ଅବଧିରେ ସମ୍ପୂର୍ଣ୍ଣ କର

## ବିଧାନସଭା ଗୃହ କମିଟିର ସୁବର୍ଣ୍ଣପୁର ଗସ୍ତ

**ସୋନପୁର,୨୫।୬(ମୃତ୍ୟୁଞ୍ଜୟ ଶତପଥୀ)**

ଓଡ଼ିଶା ବିଧାନସଭା ଗୃହ କମିଟି (ଉପସ୍ଥାପନା) ସୁବର୍ଣ୍ଣପୁର ଜିଲାଗସ୍ତରେ ଆସି ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। କମିଟି ଅଧ୍ୟକ୍ଷ ତଥା କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କ ନେତୃତ୍ୱରେ ୭ ଜଣ ବିଧାୟକ ଏହି ଗସ୍ତରେ ଆସିଥିଲେ। କମିଟି ଜିଲାରେ ଚାଲୁ ରହିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ପ୍ରକଳ୍ପ କାର୍ଯ୍ୟ ସରକାରଙ୍କ ନିର୍ଦ୍ଧାରିତ ଅବଧି ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ କମିଟି ପରାମର୍ଶ ଦେଇଛି । ମଙ୍ଗଳବାର ରାତି ୧୦ଟା ୩୦ ପର୍ଯ୍ୟନ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏହି ବୈଠକ ଚାଲିଥିଲା। ପୂର୍ବରୁ କମିଟି ଜିଲାର ସୋନପୁର ବ୍ଲକ କଳାପଥର ପଞ୍ଚାୟତରେ ପିଡିଏସ୍ ସାମଗ୍ରୀ ବଣ୍ଟନ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ପରେ ରୁଗୁଡ଼ିପାଲି ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ପୋଷଣ, ମମତା ଓ ଶିଶୁ ସୁରକ୍ଷା ଯୋଜନାର କ୍ରିୟାନ୍ୱୟନ ସମ୍ପର୍କରେ ଅବଗତ ହୋଇଥିଲେ। ପରେ ଉଲୁଣ୍ଡା ବ୍ଲକ ମୁଣ୍ଡୋଘାଟ ସ୍ଥିତ ଅଙ୍ଗନୱାଡି କେନ୍ଦ୍ର, ବିଶିପଡ଼ା ପରମେଶ୍ୱରୀ ଉଚ୍ଚ ବିଦ୍ୟାଳୟ, ବିଶିପଡା ପାକ୍ସର ଧାନମଣ୍ଡି ପରିଦର୍ଶନ କରି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ସେହିପରି କୋଟସମଲାଇ ସ୍ଥିତ ପାତାଳି ଶ୍ରୀକ୍ଷେତ୍ର ପର୍ଯ୍ୟଟନସ୍ଥଳୀ ପରିଦର୍ଶନ ସହ ସ୍ଥାନୀୟ ଜନସାଧାରଣଙ୍କ ସହିତ ଅଞ୍ଚଳର ବିକାଶ ନେଇ ଆଲୋଚନା କରିଥିଲେ। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହିତ ସମୀକ୍ଷା ସମୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲାରେ ଚାଲିଥିବା ଜନ କଲ୍ୟାଣକାରୀ ଯୋଜନାର ସ୍ଥିତି ଓ ଅଗ୍ରଗତି ନେଇ ଆଲୋଚନା ହୋଇଥିଲା। କମିଟିର ସଦସ୍ୟ ତଥା ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ, ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଏବଂ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ପ୍ରମୁଖ କୃଷି ଓ କୃଷକଙ୍କ ନିମନ୍ତେ ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ତଥା ବୈଷୟିକ କୃଷିକୁ ଲୋକାଭିମୁଖୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଗସ୍ତ ଅବସରରେ ଗୃହ କମିଟି ସୋନପୁର ବ୍ଲକ ନାଇକେନପାଲି ସିଏଚ୍‌ସିରେ ନୂଆ ଭବନ ନିର୍ମାଣ ପାଇଁ ଆର୍ଥିକ ସହଯୋଗ ମଞ୍ଜୁର କରିବାର ଆବଶ୍ୟକତା, ସୁବର୍ଣ୍ଣପୁର ସହର ବିଜୁ ପଟ୍ଟନାୟକ ଛକଠାରୁ ତେନ୍ତୁଲିଘାଟକୁ ସଂଯୋଗ କରୁଥିବା ସୋନପୁର ମୁଖ୍ୟରାସ୍ତାକୁ ପ୍ରଶସ୍ତ କରିବା, ଡୁଙ୍ଗୁରିପାଲି ବ୍ଲକରେ ଏକ ଉଚ୍ଚ ବିଦ୍ୟାଳୟ ଖୋଲିବା, ସୁବର୍ଣ୍ଣପୁର ପୋଲିସ ପାଇଁ ୩ଟି ଆପାତକାଳୀନ ସେବା ଗାଡ଼ି ଯୋଗାଇବାର ଆବଶ୍ୟକତା, ବିନିକା ସହର ରିଙ୍ଗ ରୋଡ ନିର୍ମାଣ ସମ୍ବନ୍ଧରେ କମିଟି ଅଧ୍ୟକ୍ଷ ତଥା ସଦସ୍ୟମାନେ ତର୍ଜମା କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ, ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର, ସୋନପୁର ଉପଜିଲାପାଳ ସୌମ୍ୟାରୁପା ରଥ, ବୀରମହାରାଜପୁର ଉପଜିଲାପାଳ ସୁରେନ୍ଦ୍ର କୁମାର ମେହେର ଏବଂ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ କମିଟିର ଅଧ୍ୟକ୍ଷ, ସଭ୍ୟ ଓ ଅଧିକାରୀମାନେ।

# ପ୍ରବଳ ବର୍ଷା, ଜନଜୀବନ ଅସ୍ତବ୍ୟସ୍ତ


ପାଣି ଘେରରେ ରହିଥିବା ସରକାରୀ କାର୍ଯ୍ୟାଳୟ।

**ବୀରମହାରାଜପୁର,୨୫।୬(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ବୁଧବାର ସକାଳ ୬ଟାରୁ ବର୍ଷା ହୋଇଥିଲା। ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ମୂଷଳ ଧାରାରେ ବର୍ଷା ହେବା ଫଳରେ ବୀରମହାରାଜପୁର ମେଲଣ ପଡ଼ିଆରେ ବର୍ଷା ପାଣି ଜମି ରହିଥିଲା। ରେଜିଷ୍ଟ୍ରି କାର୍ଯ୍ୟାଳୟ, ଟ୍ରେଜେରି କାର୍ଯ୍ୟାଳୟ, ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟ ପାଣି ଘେରେରେ ରହିଥିଲା । ବହୁ ସମୟ ଧରି ତହସିଲ, ବ୍ଲକ ଓ ସିଡିପିଓ ଅଫିସକୁ ମୁଖ୍ୟ ଛକ ଦେଇ ଯିବା ଆସିବା କରିଥିଲେ ସାଧାରଣ ଲୋକେ। ବୀରମହାରାଜପୁରରେ ଜଳ ନିଷ୍କାସନ ପାଇଁ ଡ୍ରେନ ବ୍ୟବସ୍ଥା ନ ଥିବାରୁ ବର୍ଷାଦିନେ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଏଣୁ ତୁରନ୍ତ ଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

# ବଜ୍ରପାତରେ ଘର ଭାଙ୍ଗିଲା, ପରିବାରର ୫ ଆହତ

**ବୀରମହାରାଜପୁର,୨୫।୬(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ଅନ୍ତର୍ଗତ ବିକଲପାଲି ଗାଁରେ ବୁଧବାର ସକାଳେ ବଜ୍ରପାତ ଘଟି ପବିତ୍ର ଦେହୁରୀଙ୍କ ଘର ଭାଙ୍ଗିଛି। ଏଥିସହିତ ଘରେ ଥିବା ପରିବାରର ୫ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ପବିତ୍ର, ତାଙ୍କ ମା' ଲକ୍ଷ୍ମୀ ଦେହୁରୀ(୬୦), ସ୍ତ୍ରୀ ସୁଜାତା, ୪ ବର୍ଷର ପୁଅ କିଷାନ ଓ ଦେଢ ବର୍ଷର ପୁଅ ଗୌରାଙ୍ଗ। ସେମାନଙ୍କୁ ବୀରମହାରାଜପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସମସ୍ତେ ବିପଦମୁକ୍ତ ବୋଲି ଡାକ୍ତର କହିଛନ୍ତି। ସୂଚନା ଅନୁସାରେ ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ପ୍ରବଳ ବର୍ଷା ସହିତ ବଜ୍ରପାତ ହୋଇଥିଲା। ଏଥିରେ ବିକଲପାଲି ଗାଁର ପବିତ୍ର ଦେହୁରୀଙ୍କ ଘରର ଆଜବେଷ୍ଟସ ଭାଙ୍ଗି ଯାଇଥିଲା। ଏଥି ସହ ଘରେ ଥିବା ଟିଭି ଓ ଅନ୍ୟାନ୍ୟ ସାମଗ୍ରୀ ପୋଡି ଯାଇଥିଲା। ସେହିସମୟରେ ଘରେ ଥିବା ପବିତ୍ରଙ୍କ ସମେତ ପରିବାର ଲୋକେ ଆହତ ହୋଇଥିଲେ। ଦିନ ମଜୁରିଆଭାବେ କାମ କରୁଥିବା ପବିତ୍ରଙ୍କୁ ଅନୁକମ୍ପାମୂଳକ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି। ବୀରମହାରାଜପୁର ଉପଜିଲାପାଳ ସୁରେନ୍ଦ୍ର ମେହେର ଓ ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀଙ୍କୁ ପଚାରିବାରୁ ଆରଆଇଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ କୁହାଯାଇଛି। ରିପୋର୍ଟ ମିଳିବା ପରେ ନିୟମ ଅନୁଯାୟୀ ପବିତ୍ରଙ୍କ ପରିବାରକୁ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ଛାତ୍ର ସଂଘର ବିଧାନସଭା ଗୃହ କମିଟିକୁ ସ୍ମାରକପତ୍ର

**ସୋନପୁର,୨୫।୬(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲାକୁ ବିଧାନସଭା ଗୃହ କମିଟି ଗସ୍ତ ଅବସରରେ ମଙ୍ଗଳବାର ସୋନପୁର କଲେଜ ଛାତ୍ର ସଂଘ ପକ୍ଷରୁ କଲେଜକୁ ସରକାରୀ ମାନ୍ୟତା ପ୍ରଦାନ ଦାବିରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ସଂଘ ଉପସଭାପତି ଗତିକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ସମ୍ପାଦକ ଭାରତ ଭୂଷଣ ଦାଶ, ରାମଶଙ୍କର ଭୋଇ, ସୁଧୀର କୁମାର ପଣ୍ଡା, ମିଡିଆ ସେଲର ରାଜ କିଶୋର ତ୍ରିପାଠୀ, ମହାଦେବ ମଲ୍ଲିକ ଓ ସୱରୂପ ପାତ୍ର ପ୍ରମୁଖ ଏକ ପ୍ରତିନିଧି ଦଳ ଏ ନେଇ ସର୍କିଟ ହାଉସଠାରେ କମିଟିକୁ ସାକ୍ଷାତ୍ କରିଥିଲେ। ଗୃହ କମିଟି ସହ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ଉପସ୍ଥିତ ଥିଲେ। ସୋନପୁର କଲେଜ ୧୯୬୪ ମସିହାରୁ ସ୍ଥାପିତ ହୋଇଥିଲେ ସୁଦ୍ଧା ଅଦ୍ୟାବଧି ସରକାରୀ ମାନ୍ୟତା ପାଇ ପାରିନାହିଁ। ଜିଲାର ସର୍ବପୁରାତନ ସୋନପୁର କଲେଜ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ବର୍ତ୍ତମାନ କଲେଜରେ ଯୁକ୍ତ ୨ ଓ ଯୁକ୍ତ ୩ ପର୍ଯ୍ୟନ୍ତ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ମୋଟ ୨୩୦୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନରତ ଅଛନ୍ତି। ଏହି କଲେଜ ବିଭିନ୍ନ କ୍ଷେତ୍ରରେ ବହୁ ପ୍ରତିଷ୍ଠିତ ପ୍ରଶାସନିକ ଅଧିକାରୀ, ବୈଜ୍ଞାନିକ, ଡାକ୍ତର, ଯନ୍ତ୍ରୀ, ଲୋକ ପ୍ରତିନିଧି ସୃଷ୍ଟି କରିଛି। ୨୦୧୬ ମସିହା ରାଷ୍ଟ୍ରିୟ ମୂଲ୍ୟାଙ୍କନ ଏବଂ ପ୍ରତ୍ୟାୟନ ପରିଷଦ ଅନୁସାରେ ମହାବିଦ୍ୟାଳୟଟି ବି ଗ୍ରେଡ୍ ମାନ୍ୟତା ଲାଭ କରିଥିଲା । ଛାତ୍ର ସଂଘ ପକ୍ଷରୁ ଏଥିନେଇ ଦୃଷ୍ଟି ଆକର୍ଷଣ କରଯାଇଛି ।

# ସୋନପୁର କଲେଜ ସମ୍ମୁଖରେ ବିସିଜେଡିର ବିକ୍ଷୋଭ



ଗୋପାଳପୁର ଛାତ୍ରୀ ବଳାତ୍କାର ଘଟଣାରେ ବିକ୍ଷୋଭ କରାଯାଉଛି।

**ସୋନପୁର,୨୫।୬(ମୃତ୍ୟୁଞ୍ଜୟ ଶତପଥୀ)**

ଗଞ୍ଜାମ ଜିଲା ଗୋପାଳପୁର ଛାତ୍ରୀ ଗଣବଳାତ୍କାର ଘଟଣାକୁ ବିସିଜେଡି(ବିଜୁ ଛାତ୍ର ଜନତା ଦଳ) ନିନ୍ଦା କରିଛି। ରାଜ୍ୟରେ ମହିଳା ଓ ନାବାଳିକାଙ୍କ ବିରୋଧରେ ନିର୍ଯାତନା ବଢିଥିବା ଛାତ୍ର ସଙ୍ଗଠନ ଅଭିଯୋଗ କରିଛି। ବୁଧବାର ସୋନପୁର କଲେଜ ପରିସରରେ ପିକେଟିଂ କରାଯିବା ସହ କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ସଙ୍ଗଠନ ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ଛାତ୍ରନେତା ଅଭିଶେକ ଶର୍ମାଙ୍କ ନେତୃତ୍ୱରେ ଶତାଧିକ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ବିସିଜେଡି ସୁବର୍ଣ୍ଣପୁର ଜିଲା ସଭାପତି ଶାଶ୍ୱତ ମିଶ୍ର, ଯୁବ ବିଜେଡି ଜିଲା ସଭାପତି ତଥା ବିନିକା ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ ଅଶୋକ କୁମାର ନନ୍ଦ, ବିଜେଡି ନେତା ତଥା ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହଲ୍ଲାଦ ନାୟକ, ବୀରମହାରାଜପୁର ବ୍ଲକ ଯୁବ ବିଜେଡି ସଭାପତି ତଥା ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଦେବାଶିଷ ପଟ୍ଟନାୟକ, ରୋଶନ ଶର୍ମା ଓ ସିପୁନ ଦାଶ ଏଥିରେ ସାମିଲ ହୋଇଥିଲେ।

# ସମ୍ବିଧାନ ହତ୍ୟା ଦିବସ ପାଳନ



ସମ୍ବିଧାନ ହତ୍ୟା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ।

**ଡୁଙ୍ଗୁରିପାଲି, ୨୫।୬ (ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକସ୍ଥିତ ଶ୍ରୀରାମ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଅଧ୍ୟକ୍ଷ ଜନାର୍ଦ୍ଦନ ସାହୁଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ହତ୍ୟା ଦିବସ ବୁଧବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବଲାଙ୍ଗୀର ଡିଗ୍ରୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଅଶୋକ କୁମାର ମହାପାତ୍ର ଯୋଗଦେଇ ଥିଲେ। ସେ ତାଙ୍କ ବକ୍ତବ୍ୟରେ ସମ୍ବିଧାନର ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ଡ. ରବିନାରାୟଣ ତ୍ରିପାଠୀ ସମ୍ବିଧାନର ପ୍ରସ୍ତାବନାକୁ ନେଇ ଶପଥ ପାଠ କରାଇଥିଲେ। ଅଧ୍ୟକ୍ଷ ସାହୁ ଓ ବିଭାଗୀୟ ଅଧ୍ୟାପକ ମଧୁସୂଦନ ରଥ ଭାରତର ସମ୍ବିଧାନ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ଡ. ଗୁଣନିଧି ବାରିକ ସ୍ୱାଗତ ସମ୍ଭାଷଣ ରଖିବା ସହିତ ଭାରତରେ ଜରୁରୀକାଳୀନ ପରିସ୍ଥିତିର ଐତିହାସିକତା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ରାଜେଶ କୁମାର ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ। ଏହି ଅବସରରେ ସମ୍ବିଧାନ ସମ୍ପର୍କିତ ବକ୍ତୃତା, ପ୍ରବନ୍ଧ ଲିଖନରେ ବହୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ଦଣ୍ଡନୃତ୍ୟ ମାଧ୍ୟମରେ ନିଶା ନିବାରଣ ସଚେତନତା


କେନ୍ଝିରିଆପାଲିରେ ନିଶା ନିବାରଣ ଉପରେ ସଚେତନ କରାଯାଉଛି।

**ଅମରପାଲି,୨୫।୬(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନ୍ଝିରିଆପାଲି ଗ୍ରାମ ଭାଗବତ ମନ୍ଦିର ପ୍ରାଙ୍ଗଣରେ ଜିଲା ସଂସ୍କୃତି ବିଭାଗ ଓ ଅବକାରୀ ବିଭାଗ ମିଳିତ ଆନୁକୂଲ୍ୟରେ ବୁଧବାର ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆମ ସଂକଳ୍ପ ନିଶା ନୁହେଁ ଜୀବନ ଏହାକୁ ଦଣ୍ଡ ନୃତ୍ୟ ମାଧ୍ୟମରେ ସଚେତନ କରାଯାଇଥିଲା। ବର୍ଷିୟାନ ଦଣ୍ଡନୃତ୍ୟ କଳାକାର ଲୋକନାଥ ଗୁରୁ, ମହନ କର୍ମୀ, ଭୀମ ପଧାନ, ଅଶୋକ ସାହୁ, ଗଙ୍ଗାଧର ଗର୍ଡିଆ, ଲକ୍ଷ୍ମଣ ମାଲି ଓ ସାଥି ଦଣ୍ଡ ନୃତ୍ୟର ବୀଣାକାର ସୁଆଙ୍ଗ ମାଧ୍ୟମରେ ଲୋକଙ୍କୁ ନିଶା ନିବାରଣ,ଏହାର କୁପ୍ରଭାବ ବିଷୟରେ ଲୋକଙ୍କୁ ସଚେତନ କରିଥିଲେ। କଳାକାର ଅଶୋକ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବୀଣାକାର ଗୀତକୁ ରଚନା କରିଥିବା କବି ନାରାୟଣ ଦେହୁରୀଙ୍କୁ ଅଙ୍ଗବସ୍ତ୍ର ଓ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ବୀରମହାରାଜପୁର ଅବକାରୀ ଏସ ଆଇ ଭରତ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିଲା। ସେ ପ୍ରାରମ୍ଭରେ ନିଶା ସେବନ ନ କରିବା ପାଇଁ ଲୋକଙ୍କୁ ସଚେତନ କରିଥିଲେ।

# ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ୧୦ଦଫା ଦାବିପତ୍ର

## ରାଜସ୍ୱ ଅମଲା ସଂଘ ସୁବର୍ଣ୍ଣପୁର ଜିଲା ଶାଖା ବୈଠକ

**ସୋନପୁର,୨୫।୬(ମୃତ୍ୟୁଞ୍ଜୟ ଶତପଥୀ)**

ରାଜସ୍ୱ ଅମଲା ସଂଘ ସୁବର୍ଣ୍ଣପୁର ଜିଲା ଶାଖା ବୈଠକ ବୁଧବାର ସୋନପୁରଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ନିଷ୍ପତ୍ତି ଅନୁସାରେ ସଂଘର ଜିଲା ଶାଖା ଅଧ୍ୟକ୍ଷ ନୀଳାମ୍ବର ଶତପଥୀଙ୍କ ନେତୃତ୍ୱରେ ୧୦ଦଫା ଦାବି ସମ୍ବଳିତ ଦାବିପତ୍ର ଅତିରିକ୍ତ ଜିଲାପାଳ ଅଞ୍ଜଳୀନା ପ୍ରଧାନଙ୍କ ଜରିଆରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଜିଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର ଦୀର୍ଘଦିନର ଦାବି ପୂରଣ କରିବା ପ୍ରତି ରାଜ୍ୟ ସରକାର ବୈମାତୃକ ମନୋଭାବ ପୋଷଣ କରୁଥିବା ଯୋଗୁ ବୈଠକରେ ଅମଲାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଦାବି ଗୁଡିକ ମଧ୍ୟରେ ରାଜସ୍ୱ ଅମଲାମାନଙ୍କ ମୂଳ ଦରମା ଓଆରଏସପି-୨୦୧୭ ନିୟମ ଅନୁଯାଇ ଲେବେଲ-୯କୁ ବୃଦ୍ଧି କରିବା, ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗର ପତ୍ର ସଂଖ୍ୟା ୮୮୯୮/୧୫।୩।୨୦୨୪ ଅନୁଯାୟୀ ସମସ୍ତ ଜିଲାପାଳମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ, କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁକରିବା, ୨୦୨୦ ମସିହାରେ ଲାଗୁ କରାଯାଇଥିବା ପୁନଃ ଥଇଥାନ ଯୋଜନାର ନିୟମାବଳୀକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରି ୧୯୯୦ ମସିହାରେ ଲାଗୁ କରାଯାଇଥିବା ନିୟମାବଳୀ ଅନୁଯାୟୀ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ ପାଇଁ ଦାବି ହୋଇଛି। ରାଜ୍ୟ ସରକାର ଆସନ୍ତା ୧୫ ଦିନ ମଧ୍ୟରେ ଦାବିଗୁଡିକ ପୂରଣ ନକଲେ ସଂଘ ଜୁଲାଇ ୭ରୁ ୧୧ ତାରିଖ ଯାଏ କଳାବ୍ୟାଜ ପରିଧାନ, ଜୁଲାଇ ୧୪ରୁ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ଉପାଧ୍ୟକ୍ଷ ସହଦେବ ମେହେର, କାର୍ଯ୍ୟକାରୀ ସଭାପତି ସିତେଶ ପୂଜାହାରୀ, ସମ୍ପାଦକ ବନମାଳୀ ମେହେର ପ୍ରକାଶ କରିଛନ୍ତି। ଜିଲା ସଭାପତି ଜ୍ୟୋତିରଞ୍ଜନ ଦାନୀ, କୋଷାଧ୍ୟକ୍ଷ ଜିତେନ୍ଦ୍ରିୟ ଦୀପ, ଯୁଗ୍ମ ସମ୍ପାଦକ ପ୍ରେମାନନ୍ଦ କୁଅଁର, ମୁଖ୍ୟ ଉପଦେଷ୍ଟା ଅଶୋକ କୁମାର ମିଶ୍ର, ଜିଲା କାର୍ଯ୍ୟପରିଷଦ ସଭ୍ୟ ଶିବଦତ୍ତ ଦାସଙ୍କ ସହ ଜିଲାର ସମସ୍ତ ଅମଲା ଓ ଉପବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।


ରାଜସ୍ୱ ଅମଲା ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

**OFFICE OF THE DIVISIONAL FOREST OFFICER**
**BHADRAK WILDLIFE DIVISION**
AT/P.O/P.S.-CHANDBALI, DISTRICT-BHADRAK, PIN-756133
Phone/Fax- 06786-220472, Mob- +91 9437041541,
Email-dfo.bhadrakwl@odisha.gov.in
No. 2608 -1F-421/2025, Dated 23rd June 2025

**TENDER CALL NOTICE FOR SUPPLY OF TREE GUARD (BAMBOO GABION)**

**No.MM-99:** Sealed Tenders are invited from reputed Dealers / Manufacturers / Individuals for supply of good quality tree guard (seasoned bamboo gabion) of size 6' height and 2'6" diameter with fixing in different plantation sites to be taken up in Bhadrak (WL) Division under MGNREGS schemes during the financial year 2025-26. The tender application can be obtained from the Section Officer, 3F / 4F Section O/O the DFO, Bhadrak (WL) Division on any working day during 10.00 AM to 05:30 PM from date 24.06.2025 to 30.06.2025 on payment of ₹1000.00 (Rupees One Thousand) only in form of cash. Sample of the Tree Guard should be submitted along with the Tender document. The timeline for submission of sealed tender by any means is 02.00 PM on date 30.06.2025. Only the Technical bids shall be opened at 04:00 PM of 30.06.2025 in presence of the bidder (s) or their authorized representative in the Office of the undersigned. The undersigned reserves the right to reject any or all tender without assigning any reasons thereof.

Sd/- Divisional Forest Officer
Bhadrak (WL) Division
OIPR-08048/11/0003/2526

**OFFICE OF THE SUPERINTENDING ENGINEER**
**ELECTRICAL CIRCLE (R&B)**
**NIRMAN SOUDHA, BHUBANESWAR**
E-mail: seec.bbsr2010@gmail.com
Bid Identification No. S.E.E.C (R&B) 06/2025-26
No.2287/Date: 23.06.2025

**No.B-240:** The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.30.06.2025 at 05.00 P.M. to dt.15.07.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt. 16.07.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www. tendersorissa.gov.in. Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B) Odisha, BBSR
OIPR-34006/11/0037/2526

**MILK UNION SAMBALPUR**
**CORRIGENDUM**
The Tender Notice No.373 dt.24.06.2025 & SAMUL Website No.278 Talmal-Kirmira Milk Route (Auto or similar type of Vehicle) has been changed i.e. Tata Ace or similar type of vehicle, other Route & terms & conditions is remain unchanged.

No.B-233
**OFFICE OF THE SUPERINTENDING ENGINEER**
JAGATSINGHPUR (R&B) DIVISION, JAGATSINGHPUR
GOVERNMENT OF ODISHA
E-Mail I.D. - eerbjspr@gmail.com
('e' Procurement Notice)
Bid Identification No. S.E. JSP(R&B)-05 of 2025-26
**TENDER CALL NOTICE**

1. The Superintending Engineer, Jagatsinghpur (R&B) Division, Jagatsinghpur on behalf of Governor of Odisha invites on Percentage rate basis bid in Double cover system in ONLINE MODE from eligible contractor for Building works as mentioned below.
2. No. of Work : 03 No.
3. Nature of work : Civil, E.I & PH work
4. Class of Contractor : "B"
5. Tender Paper Cost : Rs.10000/- (Online)
6. Available of bid documents in the website : From 30/06/2025 to 5 P.M. of 15/07/2025
7. Date of Opening of Bid : 11 A.M. of 16/07/2025

The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/corrigendum/ cancellation of tender can also be seen in the said website.

Sd./- (Er Sarbendu Sutar)
Superintending Engineer,
Jagatsinghpur (R&B) Division
OIPR-34093/11/0022/2526

ଆମ ଶିମିଳିପାଳ ଆମ ଗର୍ବ | OUR SIMILIPAL OUR PRIDE
**OFFICE OF THE DEPUTY DIRECTOR, SIMILIPAL (NORTH) WILDLIFE DIVISION**
AT-MATIAGARH CHHAKA, PO-K.JASHIPUR, DIST.-MAYURBHANJ, ODISHA-757091
Tel : 06797-295030, Email - dfo.similipalnorthwl@odisha.gov.in / ddsimilipalnorth@gmail.com
Office Order No. : 74//, Dated 21.06.2025
*01st Corrigendum to Bid invited vide this Office Tender Call Notice No.1921, dtd.10.06.2025*

**No.MM-100** : In pursuance to this Office Tender Call Notice No.1921, dtd.10.06.2025, due to unavoidable circumstances all the committee member constituted for supply and installation of Solar High Mast Light are hereby absent in the time of opening of technical bid. So the Date & time of opening of technical bid is re-schedule on dtd.25.06.2025 at 12.30 P.M.

| Sl. No. As per Original TCN | Items | As per Original TCN | As per 01st Corrigendum to TCN & DTCN |
|---|---|---|---|
| 5 | Date & time of opening of technical bid | Dt.21.06.2025 at 12.30 hours onwards | Dt.25.06.2025 at 12.30 hours onwards |

OIPR-08133/11/0017/2526
Sd./- Deputy Director, Similipal (North) WL Division, Jashipur

## ଖଣି ବିଭାଗର ଚଢ଼ାଉ:ବାଲି ଟ୍ରକ ଧରାପଡ଼ିଲା

ରାଉରକେଲା (ସଙ୍ଗୀତା ଜେନା) : ବୁଧବାର ପୂର୍ବାହ୍ନ ୧୧ ଟାରେ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ସ'ମିଲ ଛକରେ ଖଣିଜ ବିଭାଗ ପକ୍ଷରୁ ହୋଇଥିବା ଯାଞ୍ଚରେ ଗୋଟିଏ ବାଲି ବୋଝେଇ ଟ୍ରକ ଧରାପଡ଼ିଥିବା ସୂଚନା ମିଳିଛି। ଦିନ ସମୟରେ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ଯୋଗୁଁ ଏହି ଧରପଗଡ ହୋଇଥିଲା। ଉକ୍ତ ଟ୍ରକ ଥାନା ପରିସରରେ ରହିଛି। ବିଭାଗ ତରଫରୁ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ସୂଚନା ମିଳିଛି।

## ସଂକ୍ଷେପରେ

### ଜାତୀୟ କବାଡିରେ ସ୍ଥାନ ପାଇଲେ ରାଉରକେଲାର ପଦମ ଥାପା

ରାଉରକେଲା,୨୫।୬(ସଙ୍ଗୀତା ଜେନା): ଉତ୍ତରାଖଣ୍ଡ ଶ୍ରୀପ୍ରେମନଗର ଆଶ୍ରମରେ ୨୮ ଜୁନ୍‌ରୁ ଜୁଲାଇ ୧ ପର୍ଯ୍ୟନ୍ତ ୧୮ ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗରେ ଜାତୀୟ ସ୍ତରୀୟ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ଏହି ପ୍ରତିଯୋଗିତାରେ ରାଉରକେଲା ଇସ୍ପାତ କାରଖାନା କବାଡି ଦଳର ତଥା ସୁନ୍ଦରଗଡ଼ ଜିଲାରୁ ଏକମାତ୍ର ଖେଳାଳୀ ଭାବେ ପଦମ ଥାପା ଓଡ଼ିଶା ରାଜ୍ୟ କବାଡି ଦଳରେ ସ୍ଥାନ ପାଇ ଜିଲାକୁ ଗୌରବାନ୍ୱିତ କରିଛନ୍ତି। ଏହି ରାଜ୍ୟ କବାଡି ପାଇଁ କଟକ ବାରବାଟୀ ଷ୍ଟାଡିୟମ୍‌ଠାରେ ଚଳିତ ମାସ ଜୁନ୍ ୮ରେ ଓଡ଼ିଶା କବାଡ଼ି ଆସୋସିଏସନ୍ ଦ୍ୱାରା ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଉଭୟ ବାଳକ ଏବଂ ବାଳିକା ଦଳ ବିଭାଗରେ ୪ଶହରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ। ଉକ୍ତ ପ୍ରକ୍ରିୟାରେ ପଦମ ଆର୍.ଏସ୍‌ପି କବାଡ଼ି ଦଳ ପକ୍ଷରୁ ଅଂଶଗ୍ରହଣ କରିପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପର୍ଯ୍ୟାୟରେ ଉତ୍ତମ ଖେଳ ପ୍ରଦର୍ଶନ କରି ରାଜ୍ୟ ୧୪ ଜଣିଆ ବାଳକ କବାଡ଼ି ଦଳରେ ସ୍ଥାନ ସଂରକ୍ଷଣ କରିଥିଲେ। ପଦମ ଥାପା ଗତ ୨ ବର୍ଷରୁ ଜାତୀୟ ସ୍ତରୀୟ କବାଡି କୋଚ୍ ଶୁକ୍ରୁ ତନ୍ତୀଙ୍କ ଠାରୁ ପ୍ରଶିକ୍ଷଣ ନେଇ ରାଉରକେଲା ସେକ୍ଟର-୨୦ ଇସ୍ପାତ କବାଡି କମ୍ପ୍ଲେକ୍ସ ଠାରେ ନିୟମିତ କଠିନ ପରିଶ୍ରମ କରିଆସୁଥିଲେ। ପଦମ କଳୁଙ୍ଗା ହାଇସ୍କୁଲରେ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ସହ ସ୍କୁଲ ଦଳ ପାଇଁ ଜିଲାସ୍ତରୀୟ କବାଡି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିସାରିଛନ୍ତି। କଳୁଙ୍ଗା ବେଲଡିହି ପତ୍ରାପାଲି ଗ୍ରାମରେ ରହୁଥିବା ପଦମଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବା ସତ୍ତ୍ୱେ କବାଡି ଅଭ୍ୟାସ ଜାରି ରଖିଥିଲେ। ତାଙ୍କ ବାପା କ୍ରିଷ୍ଣା ଥାପା ଘରୋଇ କମ୍ପାନୀରେ ସିକ୍ୟୁରିଟି ଗାର୍ଡ ଭାବେ କାମ କରୁଥିବା ବେଳେ ମାଆ ରୀତା ଥାପା କାର କମ୍ପାନୀରେ ହାଉସ କିପିଂ କାମ କରୁଛନ୍ତି। ତେବେ ପଦମ ମନୋନୀତ ହୋଇଥିବା କବାଡି ଦଳ ବୁଧବାର ରାତିରେ ଉତ୍ତରାଖଣ୍ଡ ଅଭିମୁଖେ ଯାତ୍ରା କରିଛନ୍ତି। ପଦମ ତାଙ୍କ ସଫଳତା ପାଇଁ ପ୍ରଶିକ୍ଷକ ଶୁକ୍ରୁତନ୍ତୀ, କାମେଶ୍ୱର ସିଂହ, ତିଲୋତ୍ତମା ଅଗ୍ରୱାଲ୍, ଆକାଶ ମହତୋ, ଅମରେଶ ପ୍ରଧାନ ଓ ଓଡ଼ିଶା କବାଡ଼ି ଆସୋସିଏସନ୍‌ର ସାଧାରଣ ସମ୍ପାଦକ ଅଜୟ କୁମାର ଓ ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି। ରାଉରକେଲାର ଅଗ୍ରଣୀ କ୍ରୀଡ଼ା ସଙ୍ଗଠନ କଳିଙ୍ଗ ସ୍ପୋର୍ଟସ ଫେଡେରେସନ୍‌ର ସଞ୍ଜୟ ବାବୁତା, ବନମାଳୀ ଜମକେୟାର, ବାନାମ୍ବର ମହାନ୍ତି, ଚନ୍ଦ୍ରଶେଖର କ୍ରୀଡ଼ା ସଂଗଠନର ଦେବଦତ୍ତ ଜେନା ପ୍ରମୁଖ ପଦମଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବିଲୁପ୍ତ ହେଉଛନ୍ତି ଜଙ୍ଗଲି ଶୁଆ

- ରାଉରକେଲା ବନାଞ୍ଚଳ
- ଅବୈଧ କାରବାର ବଢ଼ୁଛି

ରାଉରକେଲା,୨୫।୬(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ବନାଞ୍ଚଳରେ ବିଭିନ୍ନ ପ୍ରଜାତିର ବନ୍ୟପ୍ରାଣୀ ଓ ପକ୍ଷୀଙ୍କ ବଂଶ ବିଲୁପ୍ତ ହେବାରେ ଲାଗିଛି। ତେବେ ଏସବୁ ପଛରେ ବୃଦ୍ଧି ପାଉଥିବା ଜନବସତି ଓ ଅବୈଧ ବନ୍ୟପ୍ରାଣୀ ଶିକାର କାରଣ ସାଜୁଥିବା କୁହାଯାଉଛି। ଶୁଆଶାରୀ ପ୍ରଜାତୀର ପକ୍ଷୀଙ୍କର ଅବୈଧ ଶିକାର ଏବଂ ଚୋରା କାରବାର ରାଉରକେଲା ବନାଞ୍ଚଳ କ୍ଷେତ୍ରରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଯାହାଫଳରେ ଶୁଆଶାରୀ ବଂଶ ଦିନକୁ ଦିନ ବିଲୁପ୍ତ ହେବାକୁ ଲାଗିଛି। ରାଉରକେଲା ପ୍ରାଣୀବିଭାଗ ସୂଚନା ମୁତାବକ ଶୁଆ ହେଉଛି ପ୍ରକୃତିର ଏକ ଅମୂଲ୍ୟ ବରଦାନ। ଏହି ପ୍ରଜାତୀର ପକ୍ଷୀ ଦୈନିକ ଭୂପୃଷ୍ଠକୁ ଉର୍ବର କରିବା ସହ ବାୟୁମଣ୍ଡଳ ସନ୍ତୁଳନତାକୁ ବଜାୟ ରଖିବା କ୍ଷେତ୍ରରେ ବଳିଷ୍ଠ ଯୋଗଦାନ ଦେଇଥାନ୍ତି। ଏହି ପ୍ରଜାତୀର ପକ୍ଷୀ ଘଞ୍ଚ ବଣଜଙ୍ଗଲର ସବୁଜ ଘନତ୍ୱକୁ ମଧ ବିଶେଷ ବିକଶିତ କରିଥାନ୍ତି। ମାତ୍ର ପରିତାପର ବିଷୟ ଜୀବଜଗତ ପାଇଁ ପ୍ରକୃତ ବନ୍ଧୁଟିଏ ସାଜିଥିବା ଏଭଳି ଶୁଆଶାରୀ ପ୍ରଜାତୀର ପକ୍ଷୀ



ପୂର୍ବରୁ ବନବିଭାଗ ପକ୍ଷରୁ ଉଦ୍ଧାର ହୋଇଥିବା ଶୁଆ।

ପତନ ଖୁବ ତୀବ୍ରବେଗରେ ବୃଦ୍ଧି ପାଇଚାଲିଛି। ପ୍ରକାଶ ଥାଉକି ରାଉରକେଲା ବନାଞ୍ଚଳ ଅଧିନ ଚମ୍ପାଝରନ, ପୂର୍ବ ଚମ୍ପାଝରନ, ମୁତକୁ ଝରନ ଓ ସାରଣ୍ଡା ଆଦି ବିଭିନ୍ନ ଘଞ୍ଚ ଜଙ୍ଗଲ ଆଦିରୁ ଅବାଧରେ ଚାଲିଛି ଜଙ୍ଗଲୀ ଶୁଆ ଚୋରାଚାଲାଣ କାରବାର। ଏଭଳି ଅବୈଧ ମାମଲାରେ ଗତ ୨୦୨୪ ଜାନୁଆରୀ ୨୧ରେ ରାଉରକେଲା ବନ ବିଭାଗ ପକ୍ଷରୁ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହିତ ୮୨ଟି ଜଙ୍ଗଲୀ ଶୁଆ ଶାବକ ଉଦ୍ଧାର କରାଯାଇଥିଲା। ପରେ ପୁଣି ୩ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ବନବିଭାଗ କହିବା ମୁତାବକ ରାଉରକେଲା ବନାଞ୍ଚଳର ବନବାସୀ ଲୋକମାନଙ୍କୁ ପ୍ରଲୋଭିତ କରାଇ ବିଳମ୍ବିତ ରାତିରେ ଶୁଆଙ୍କୁ ଗଛ କୋରଡରୁ ଚୋରି କରାଯାଉଛି। ଧରାଯାଇ ବାହାରକୁ ଚାଲାଣ କରାଯାଉଛି। ଜଙ୍ଗଲୀ ଶୁଆ ବିଶେଷତଃ ବାହାର ରାଜ୍ୟକୁ ଚାଲାଣ ହେଉଛି। ମୁଖ୍ୟ ଅଭିଯୁକ୍ତମାନେ ବାହାର ରାଜ୍ୟର ଅଟନ୍ତି। ସେମାନେ ରାଉରକେଲା ସହରରେ ଭଡାଘରେ ରହି ଏଭଳି ଅବୈଧ କାରବାର କରୁଛନ୍ତି। ସରକାରଙ୍କ ଜଙ୍ଗଲ ମନ୍ତ୍ରଣାଳୟ ଘୋଷିତ ସଂରକ୍ଷିତ ପକ୍ଷୀ ଜଙ୍ଗଲୀ ଶୁଆ ଚୋରାଚାଲାଣ ର୍‍ୟାକେଟ ଚେର ରାଜ୍ୟ ବାହାରକୁ ଲମ୍ବିଛି। ରାଞ୍ଚି, କୋଲକାତା, ରାୟପୁର ଆଦି ଅଞ୍ଚଳରେ ଏ କାରବାର ଜୋରସୋର ଚାଲିଛି। ସାଇଜ ଅନୁସାରେ ଜଙ୍ଗଲୀ ଶୁଆ ବିକ୍ରି ହେଉଛି। ଏଭଳି ଭାବେ ଜଙ୍ଗଲୀ ପକ୍ଷୀ ନିଜେ ଘରେ ରଖିବା ବା ବିକ୍ରି କରିବା ଦଣ୍ଡନୀୟ ଅପରାଧ ଥିବାବେଳେ ଏହି ର୍‍ୟାକେଟ ଉପରେ ବନବିଭାଗ ସମ୍ପୂର୍ଣ୍ଣ ଲଗାମ ଲଗାଇ ପାରୁନାହିଁ। ତେବେ ଆଗକୁ ଯେଭଳି ଜଙ୍ଗଲୀ ଶୁଆ ପ୍ରଜାତୀର ପକ୍ଷୀଙ୍କର ବଂଶ ବିଲୁପ୍ତ ନ ହୁଏ ସେଦିଗରେ ବିଭାଗୀୟ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ ହେବା ଜରୁରୀ ହୋଇ ପଡିଛି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ଏନେଇ ରାଉରକେଲା ବନଖଣ୍ଡ ଅଧିକାରୀ ଯଶବନ୍ତ ସେଠୀଙ୍କୁ ପଚାରିବାରୁ ସେ କହିଲେ, ନିଶ୍ଚିତ ଭାବେ ଜଙ୍ଗଲୀ ଶୁଆଙ୍କର ଅବୈଧ କାରବାର ଚାଲୁଥିଲା। ମାତ୍ର ଏହି ଅବୈଧ କାରବାର ଉପରେ ସମ୍ପୂର୍ଣ୍ଣ ଭାବେ ବ୍ରେକ ଲଗାଯାଇଛି। ଯେଉଁ ଅଞ୍ଚଳରେ ଶୁଆ ଧରା ଯାଉଛି ସେ ବନାଞ୍ଚଳ କ୍ଷେତ୍ରମାନଙ୍କରେ ବନବିଭାଗ ତତ୍ପରତା ସହ ଜଗୁଆଳୀ କରୁଛି ବୋଲି କହିଥିଲେ।

## ଅହିରାବନ୍ଧ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ପ୍ରସ୍ତୁତି



ଅହିରାବନ୍ଧ ଜଗନ୍ନାଥ ମନ୍ଦିରରେ ରଥ ପ୍ରସ୍ତୁତ ହୋଇରହିଛି।

ରାଉରକେଲା,୨୫।୬(ବିପ୍ଳବରଞ୍ଜନ ଦାଶ)

ଶୁକ୍ରବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥିନିମନ୍ତେ ରାଉରକେଲାର ସମସ୍ତ ଜଗନ୍ନାଥ ମନ୍ଦିର ଚଳଚଞ୍ଚଳ ହୋଇପଡିଛି। ପଶ୍ଚିମ ଓଡ଼ିଶାର ସର୍ବପୁରାତନ ସେକ୍ଟର ୩ ଅହିରାବନ୍ଧ ଜଗନ୍ନାଥ ମନ୍ଦିରରେ ଚଳିତବର୍ଷ ରଥଯାତ୍ରା ନିମନ୍ତେ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶ୍ରୀଶ୍ରୀ ଜଗନ୍ନାଥ ବୈଦ୍ୟନାଥ ମହାପ୍ରଭୂ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଚଳିତବର୍ଷ ରଥଯାତ୍ରା ଶୃଙ୍ଖଳିତ ଓ ସୁପରିଚାଳନା ନିମନ୍ତେ ପୋଲିସ, ସେବାୟତ, ଦୟିତାପତି ନିୟୋଗ, ନୀଳଚକ୍ର, ସତ୍ୟସାଇ ସେବା ସଙ୍ଗଠନ, ଅହିରାବନ୍ଧ ଜଗନ୍ନାଥ ମନ୍ଦିର ଷ୍ଟିଅରିଂ କମିଟି ପ୍ରମୁଖ ସମସ୍ତ ସହଯୋଗ ପ୍ରଦାନ ନିମନ୍ତେ ଆଗେଇ ଆସିଛନ୍ତି। ଟ୍ରଷ୍ଟ ପକ୍ଷରୁ ରଥଯାତ୍ରା ନିମନ୍ତେ ସମୟ ନିର୍ଘଣ୍ଟ ସ୍ଥିରିକୃତ ହୋଇସାରିଛି। ଗୁରୁବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନେତ୍ର ଉତ୍ସବ ପ୍ରାତଃ ୮ଟା ୧୧, ନବଯୌବନ ଦର୍ଶନ ଅପରାହ୍ନ ୪ଟା ୪୦ରେ ଅନୁଷ୍ଠିତ ହେବ। ଶୁକ୍ରବାର ଶ୍ରୀଗୁଣ୍ଡିଚା ଯାତ୍ରା ଦିନ ପ୍ରାତଃରେ ମଙ୍ଗଳ ଆଳତି ସକାଳ ୪ଟା ୪୫, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ବାଲ୍ୟ ଭୋଗ, ଖେଚୁଡ଼ି ଧୂପ, ମଧାହ୍ନ ଧୂପ, ଚକାଛାଡ, ସେଣାପଟା ଲାଗି, ଟାହିଆ ଲାଗି, ମଙ୍ଗଳାର୍ପଣ ସମାପନ ପରେ ପୂର୍ବାହ୍ନ ୧୧ଟା ୪୫ରେ ପହଣ୍ଡି ବିଜେ ଆରମ୍ଭ ହେବ। ଅପରାହ୍ନ ୨ଟାରେ ଗଜପତି ମହାରାଜାଙ୍କ ଦ୍ୱାରା ରଥ ଉପରେ ଛେରାପହଁରା, ଅପରାହ୍ନ ୩ଟାରେ ରଥଟଣା ଆରମ୍ଭ ହେବ। ସର୍ବପୁରାତନ ଜଗନ୍ନାଥ ମନ୍ଦିର ହୋଇଥିବାରୁ ରଥଯାତ୍ରା ସମୟରେ ସହରର ବହୁ ସାମାଜିକ ସଙ୍ଗଠନ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ନିମନ୍ତେ ପାନୀୟଜଳ, ସରବତ, ଚଣା, ଖେଚୁଡ଼ି, ସୁଜି ଡାଲମା, ଅନ୍ନ, ଡାଲମା ଓ ଖଟା ଆଦି ବଣ୍ଟନ କରିଥାନ୍ତି। ଚଳିତବର୍ଷ ଅହିରାବନ୍ଧ ରଥଯାତ୍ରା ମେଳାର ଆୟୋଜନ ଟ୍ରଷ୍ଟ ପକ୍ଷରୁ କରାଯାଇଛି ଯାହାର ସୁଯୋଗ ଭକ୍ତ ଓ ଶ୍ରଦ୍ଧାଳୁମାନେ ନେଇ ପାରିବେ। ଶ୍ରୀଶ୍ରୀ ଜଗନ୍ନାଥ ବୈଦ୍ୟନାଥ ମହାପ୍ରଭୁ ମନ୍ଦିର ଟ୍ରଷ୍ଟର ସଭାପତି ଗିରିଜା ଶଙ୍କର ଦ୍ୱିବେଦୀ ଚଳିତବର୍ଷ ରଥଯାତ୍ରା ନିମନ୍ତେ ସମସ୍ତ ରାଉରକେଲାବାସୀ, ଅଗଣିତ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଆଗମନ ନିମନ୍ତେ ବେଶ ଆଶା ରଖିଛନ୍ତି।

## ଖଣି କ୍ଷେତ୍ରରେ ଡିପ୍-ଟେକ୍ ନବସୃଜନ ନେତୃତ୍ୱ ନେବ ଏନ୍‌ଆଇଟି

ରାଉରକେଲା,୨୫।୬(ସଙ୍ଗୀତା ଜେନା)

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ରାଉରକେଲା ଏହାର ମାଇନିଂ ସାଇବର ଫିଜିକାଲ ସିଷ୍ଟମ ସେଣ୍ଟର ଅଫ୍ ଏକ୍ସିଲେନ୍ସ (ସିଇଓ) ସହିତ ଖଣିକ୍ଷେତ୍ରରେ ଡିପ୍ ଟେକ୍ ନବସୃଜନର ନେତୃତ୍ୱ ନେବାକୁ ଯାଉଛି। ଆଇଆଇଟି ଆଇଏସ୍‌ଏମ୍ ଧାନବାଦ ସହିତ ମିଳିତ ଭାବରେ ପ୍ରତିଷ୍ଠିତ ସିଇଓ ଖଣି ଏବଂ ଆନୁଷଙ୍ଗିକ କ୍ଷେତ୍ର ଗୁଡ଼ିକରେ କଡ଼ା ଚ୍ୟାଲେର ମୁକାବିଲା ପାଇଁ ସମାଧାନ ବିକାଶ ଉପରେ ଧ୍ୟାନ ଦେବାକୁ ପ୍ରୟାସ ଆରମ୍ଭ ହୋଇଛି। ଏଥିପାଇଁ ସିଇଓ ଆସନ୍ତା ୪ ବର୍ଷ ମଧ୍ୟରେ ୨ଶହଲକ୍ଷ ଟଙ୍କାର ପ୍ରକଳ୍ପ ଏବଂ ଫେଲୋସିପ୍ ପ୍ରଦାନ କରିବ। ଅଟୋମେସନ୍, ସାଇବର- -ଫିଜିକାଲ୍ ରୂପାନ୍ତରଣରେ ଦନବସୃଜନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏନ୍‌ଆଇଟି ରାଉରକେଲା ଧାନବାଦ ସହିତ ସହଯୋଗ କରି ଫାଉଣ୍ଡେସନ୍ ଫର୍ ଟେକନୋଲୋଜି ଆଣ୍ଡ ବିଜିନେସ୍ ଇନକ୍ୟୁବେସନ୍(ଏଫ୍‌ଟିବିଆଇ) ଟେକ୍ସମିନ୍ ସିଷ୍ଟମ(ସିପିଏସ୍) ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିଛି। ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗ ଦ୍ୱାରା ସମର୍ଥିତ, ସିଇଓକୁ ଏନ୍‌ଆଇଟି ରାଉରକେଲାର ଏଫ୍‌ଟିବିଆଇରେ (ଏନ୍‌ଆଇଟି) ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ଏବଂ ଆଇଆଇଟି ଧାନବାଦର ନିର୍ଦ୍ଦେଶକ ପ୍ରଫେସର ସୁକୁମାର





ଏନ୍‌ଆଇଟି ରାଉରକେଲା ଏଫ୍‌ଟିବିଆଇରେ ଉଦ୍‌ଘାଟନ ଅବସରରେ ଅତିଥି।

ମିଶ୍ର ମିଳିତ ଭାବେ ମଙ୍ଗଳବାର ଅପରାହ୍ନରେ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଏଫ୍‌ଟିବିଆଇ ସଭାପତି ପ୍ରଫେସର ମନୋଜ ମିଶ୍ର, ଆଇଆଇଟି ଧାନବାଦର ଉପନିର୍ଦ୍ଦେଶକ ଏବଂ ଟେକ୍ସମିନ୍‌ର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫେସର ଧୀରଜ କୁମାର ଓ ଏନ୍‌ଆଇଟିର ଅନ୍ୟ ଅଧ୍ୟାପକ, ଗବେଷକ ତଥା ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଏନ୍‌ଆଇଟି ରାଉରକେଲା ଏଫ୍‌ଟିବିଆଇ ମାଧ୍ୟମରେ ଅତ୍ୟାଧୁନିକ ଭିତ୍ତିଭୂମି ଏବଂ ପରାମର୍ଶ ସୁବିଧା ପାଇବ। ଏହି ଅବସରରେ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ର. ରାଓ ଆଧୁନିକ ଖଣିରେ ଡିଜିଟାଲ ନବସୃଜନ ଗୁରୁତ୍ୱାରୋପ କରିଥିଲେ। ସେହିପରି ଆଇଆଇଟି ନିର୍ଦ୍ଦେଶକ ପ୍ର. ମିଶ୍ର ସ୍କେଲେବଲ୍ ଏବଂ ସ୍ଥାୟୀ ପ୍ରଯୁକ୍ତି ବିଦ୍ୟା ସୃଷ୍ଟି କରିବାରେ ପ୍ରାୟୋଗିକ ଗବେଷଣାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ନୂତନ ଭାବେ ଉଦ୍‌ଘାଟିତ ଏଫ୍‌ଟିବିଆଇ ଟେକ୍ସମିନ୍ ଖଣି ସିପିଏସ୍ ଉତ୍କର୍ଷତା ଏନ୍‌ଆଇଟି ରାଉରକେଲାରେ ଅତ୍ୟାଧୁନିକ ସାଇବର ଭୌତିକ ସିଷ୍ଟମ ମାଧ୍ୟମରେ ବ୍ୟବସ୍ଥାଗତ ସମସ୍ୟା ସମାଧାନ କରିବ। ଆଇଟି, ଏଆଇ, ରୋବୋଟିକ୍ସ ଏବଂ ଡାଟା ଆନାଲିଟିକ୍ସକୁ ଏକୀକୃତ କରି ସ୍ମାର୍ଟ ୱେରେବଲ୍, ଡିଜିଟାଲ୍ ଟୁଇନ୍ସ ଏବଂ ଏଆଇ ଆଧାରିତ ବିପଦ ସତର୍କତା ମାଧ୍ୟମରେ ଖଣି ସୁରକ୍ଷାକୁ ବୃଦ୍ଧି କରିବ। ଡ୍ରୋନ୍, ଏଲ୍‌ଆଇଡିଏଆର୍ ଏବଂ ଭୂଗୋପନୀୟତା ଉପକରଣ ବ୍ୟବହାର କରି ସମ୍ବଲ ଅନୁସନ୍ଧାନକୁ ଉନ୍ନତ କରିବ। ଯାହା ଦ୍ୱାରା ଏହି ଆଧୁନିକୀକରଣ ଯୋଗୁ ଅଧିକ ସ୍ଥାୟୀ, ସୁରକ୍ଷିତ ଏବଂ ଦକ୍ଷ ଖଣି ଇକୋସିଷ୍ଟମ ନିର୍ମାଣ ପ୍ରସ୍ତୁତିରେ ଶତପ୍ରତିଶତ ଯୋଗଦାନ ଦେବ ବୋଲି ଅତିଥିବୃନ୍ଦ ଆଲୋପାତ କରିଥିଲେ।

## କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ ୧ରେ ଆର୍‌ପିଏଲ୍ ପ୍ରମାଣପତ୍ର ବିତରଣ

ରାଉରକେଲା,୨୫।୬(ବିପ୍ଳବ ରଞ୍ଜନ ଦାଶ): ଆରଏସପିର କ୍ୟାପଟିଭ ପାୱାର ପ୍ଲାଣ୍ଟ-୧ (ସିପିପି-୧) ବିଭାଗରେ ବୁଧବାର ପ୍ରାକ ଶିକ୍ଷା ସ୍ୱିକୃତୀ ପ୍ରମାଣପତ୍ର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପାୱାର ବିଭାଗର ସିଜିଏମ୍ ଦୀପକ ରାୟ ଏବଂ ଏଚ୍‌ଆରଏଲ ଏଣ୍ଡଡି ବିଭାଗର ସିଜିଏମ ପି.କେ ସାହୁ ଅଧ୍ୟକ୍ଷତା କରି ଅଭିଜ୍ଞତା ମାଧ୍ୟମରେ ଅର୍ଜିତ ଦକ୍ଷତା ଏବଂ ଜ୍ଞାନ ଦ୍ୱାରା ପ୍ରାକ ଶିକ୍ଷା ସ୍ୱିକୃତୀ ତାଲିମର ସଫଳ ସମାପ୍ତି ପାଇଁ ୨୦ଜଣ ଠିକା ଶ୍ରମିକଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏନେଇ ସିପିପି- -୧ ଏବଂ ଏଣ୍ଡଏମ ବିଭାଗର ଜିଏମ୍ ଏନ.ସି ପରିଡ଼ା,ଏଚଆରଏଲ ଏଣ୍ଡ ଡି ବିଭାଗର ଡିଜିଏମ କେ.କେ ଜଶୱାଲଙ୍କ ସମେତ ସିପିପି-୧ ଏବଂ ଏଲଏଣ୍ଡଡି ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଠିକା ଶ୍ରମିକମାନେ ବିଭିନ୍ନ ବିଶେଷଜ୍ଞ କ୍ଷେତ୍ରରେ ତାଲିମ ପାଇଁ ପ୍ରମାଣପତ୍ର ପାଇଥିଲେ। ଏହି କାର୍ଯ୍ୟକ୍ରମକୁ ସିପିପି-୧ ବିଭାଗର ସିନିୟର ମ୍ୟାନେଜର ଏବଂ ତାଲିମ ଇଞ୍ଜିନିୟର ଏସ.ଏସ ମହାନ୍ତି ସଂଯୋଜନା କରିଥିଲେ।

## ବାଳ ଓ ଯୁବ ସଂସ୍କାର ଶିବିର

ରାଉରକେଲା, ୨୫।୬(ବିପ୍ଳବ ରଞ୍ଜନ ଦାଶ)

ଭାରତ ବିକାଶ ପରିଷଦ ରାଉରକେଲା ଶାଖାର ମହିଳା ଶାଖା ତରଫରୁ ପାନପୋଷ ସ୍ଥିତ ରଘୁନାଥପଲୀ ୟୁପି ସ୍କୁଲରେ ବାଳ ଓ ଯୁବ ସଂସ୍କାର ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଅଶୋକ କକ୍କଡଙ୍କ ସଭାପତିତ୍ୱ କାର୍ଯ୍ୟକ୍ରମ ହୋଇଥିଲା। ସାଧାରଣ ସମ୍ପାଦିକା ବନ୍ଦିତା ମାହାତୋଙ୍କ ଆବାହକତ୍ୱ ତଥା କାର୍ଯ୍ୟକ୍ରମ ସମ୍ପାଦିକା ମଞ୍ଜୁ ମେହେରଙ୍କ ସଂଯୋଜନାରେ ପ୍ରାନ୍ତୀୟ ମହିଳା ସଚିବ ଡ. କଲ୍ୟାଣୀ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସମ୍ପର୍କ, ସହଯୋଗ, ସଂସ୍କାର, ସେବା ଓ ସମର୍ପଣ ସମ୍ପର୍କରେ ଆଲୋଚନା କରିଥିଲେ। ଉପଦେଷ୍ଟା ରବି ଦାସ, କୋଷାଧ୍ୟକ୍ଷ ଅସୀମ ଗୁପ୍ତା ପ୍ରମୁଖ ଯୁବ ସଂସ୍କାର ଶିବିରର ଆବଶ୍ୟକତା ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସ୍କୁଲର ତୃତୀୟ, ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ର ବାଳ ବିଭାଗରେ ତଥା ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ର ଯୁବ ସଂସ୍କାର ଶିବିରରେ ଅଂଶଗ୍ରହଣ କରିଥିଲେ। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅପର୍ଣ୍ଣା ସାମଲ ଓ ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ପରିଷଦ ତରଫରୁ ଅଞ୍ଜୁ କକ୍କଡ, ଗୀତା ଦାସ, ନଳିନୀ ମହାପାତ୍ର, ଉଷା ଦାସ, ଭାରତୀ ଗୁପ୍ତା, ପ୍ରାଞ୍ଜଳୀ ନାଗ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାରମ୍ଭରେ ସଭାପତି କକ୍କଡ ସ୍ୱାଗତ ଭାଷଣ ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସମ୍ପାଦିକା ବନ୍ଦିତା ମାହାତୋ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଜପା ପକ୍ଷରୁ ଆଲୋଚନାଚକ୍ର

ରାଉରକେଲା, ୨୫।୬(ବିପ୍ଳବ ରଞ୍ଜନ ଦାଶ)

ଭାରତୀୟ ଜନତା ପାର୍ଟି (ଭାଜପା) ରାଉରକେଲା ସାଙ୍ଗଠନିକ ଜିଲା ତରଫରୁ ବୁଧବାର ଆଲୋଚନାଚକ୍ର କରାଯାଇ ଅତୀତରେ କଂଗ୍ରେସ ସରକାର ଜାରି କରିଥିବା ଜରୁରୀକାଳୀନ ପରିସ୍ଥିତି ସମ୍ପର୍କରେ ଆଲୋଚନା କରାଯାଇଥିଲା। କଂଗ୍ରେସ ଦଳ ଦେଶର ଗଣତନ୍ତ୍ରକୁ ହତ୍ୟାକରିଥିବା ଭାଜପା କହିଛି। କଂଗ୍ରେସ ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରିଥିଲା। ଭାଜପା ପକ୍ଷରୁ ବୈଠକ ଓ ଆଲୋଚନାଚକ୍ରରେ ଏହାକୁ ନିନ୍ଦା କରାଯାଇଥିଲା। ଗଣତନ୍ତ୍ରର ମୂଲ୍ୟବୋଧକୁ ହତ୍ୟା କରି ସର୍ବବୃହତ ଗଣତନ୍ତ୍ରର ଆତ୍ମାକୁ କଂଗ୍ରେସ ନେତୃତ୍ୱାଧିନ ସରକାର ଏବଂ ସେତେବେଳର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଗଣତନ୍ତ୍ର ପାଇଁ ଏକ କଳା ଅଧ୍ୟାୟ ସୃଷ୍ଟି କରିଥିଲେ। ସେତେବେଳେ ଗଣମାଧମର ସ୍ୱାଧୀନତା ଛଡାଇ ନିଆଗଲା। ହଜାର ହଜାର ରାଜନୈତିକ ବ୍ୟକ୍ତି, ଛାତ୍ର, ବୁଦ୍ଧିଜୀବୀ,



ଆଲୋଚନାଚକ୍ରରେ ଭାଜପା କର୍ମକର୍ତ୍ତା।

ସାମାଜିକ କାର୍ଯ୍ୟକର୍ତ୍ତାଙ୍କୁ ଗିରଫ କରାଯାଇ ଜେଲରେ ଭର୍ତ୍ତି କରାଯାଇଥିଲା। ଫଳସ୍ୱରୂପ ଗଣତନ୍ତ୍ର ରାଷ୍ଟ୍ରରେ ଜଣେ ନାଗରିକଙ୍କ ସମସ୍ତ ମୌଳିକ ଅଧିକାର ଛଡାଇ ନିଆଯାଇଥିଲା। ଦୁଃଖ ଏବଂ ପରିତାପର ବିଷୟ ଯେଉଁ କଂଗ୍ରେସ ଦଳ ଗଣତନ୍ତ୍ର ହତ୍ୟାକାରୀ ସେମାନେ କେଉଁ ଭିତ୍ତିରେ ଆଜିର ଦିନକୁ କଳା ଦିବସ ରୂପେ ପାଳନ କରୁଛନ୍ତି ତାହା ଏକ ହାସ୍ୟାସ୍ପଦ ଘଟଣା ବୋଲି ଭାଜପା ରାଜ୍ୟ ପ୍ରବକ୍ତା ଧିରେନ ସେନାପତି କହିଛନ୍ତି। ଭାଜପାର ଏହି କାର୍ଯ୍ୟକ୍ରମରେ ଜିଲା ସଭାନେତ୍ରୀ ପୂର୍ଣ୍ଣିମା କେର୍କେଟା, ବରିଷ୍ଠ ନେତା ଜଗବନ୍ଧୁ ବେହେରା, ନୃସିଂହ ଜେନା, ରମେଶ ଅଗ୍ରୱାଲ, କେଏନ ଦୁବେ ସାର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମନୋଜ ସେନାପତି ସଭା ପରିଚାଳନା କରିଥିଲେ । ବିଭିନ୍ନ ମଣ୍ଡଳର ସଭାପତି ବୃନ୍ଦଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା କଳା ବ୍ୟାଜ ପରିଧାନ କରି ଏହି ଦିବସକୁ କଳା ଦିବସ ରୂପେ ପାଳନ କରିଥିଲେ।

## ସୁରକ୍ଷିତ ଆଶ୍ରୟ କେନ୍ଦ୍ରରେ ଅନ୍ତେବାସୀଙ୍କ ବିକ୍ଷୋଭ

ରାଉରକେଲା,୨୫।୬(ସଙ୍ଗୀତା ଜେନା)

ଓଡ଼ିଶାର ନାବାଳକ ଅଭିଯୁକ୍ତମାନଙ୍କ ପାଇଁ ନ୍ୟାୟିକ ବ୍ୟବସ୍ଥା ଉପଲବ୍ଧ ଥିବା ତଥା ରାଜ୍ୟର ଏକମାତ୍ର ସୁରକ୍ଷିତ ଆଶ୍ରୟ କେନ୍ଦ୍ର(ପ୍ଲେସ୍ ଅଫ୍ ସେଫ୍ଟି) ରାଉରକେଲାଠାରେ ବୁଧବାର ସକାଳ ଠାରୁ ଦେଖାଯାଇଛି ଅଶାନ୍ତି। ରାଉରକେଲା ସ୍ୱତନ୍ତ୍ର ଜେଲ୍ ନିକଟରେ ଅବସ୍ଥିତ ଉକ୍ତ କେନ୍ଦ୍ରରେ ବୁଧବାର ସକାଳ ୭ ଟାରୁ ଅନ୍ତେବାସୀ ଜଳଖିଆ ଓ ଅନ୍ୟ ଖାଦ୍ୟ ଗ୍ରହଣ କରି ନ ଥିଲେ। କେନ୍ଦ୍ରରେ ଅବ୍ୟବସ୍ଥା ହେଉଥିବା ଦର୍ଶାଇ ସମସ୍ତ ଅନ୍ତେବାସୀ ବିକ୍ଷୋଭ ଆରମ୍ଭ କରିଥିଲେ। ଅପରପକ୍ଷରେ କେନ୍ଦ୍ରର ପରିଚାଳକ ଏମାନଙ୍କୁ ବୁଝାଶୁଝା କରିବାରେ ଅସଫଳ ହୋଇଥିଲେ। ଅପରାହ୍ନ ୨ଟାରେ ଅନ୍ତେବାସୀ ଉତ୍ତ୍ୟକ୍ତ ହୋଇ ନିଜ ଆସବାବପତ୍ର ଜଳାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଘଟଣାସ୍ଥଳରେ ଜେଲ୍ କର୍ତ୍ତୃପକ୍ଷ ତଥା ଜିଲା ଶିଶୁମଙ୍ଗଳ ସମିତି ସଦସ୍ୟ ଓ ଶିଶୁ ସୁରକ୍ଷା ଅଧିକାରୀ ତଥା ରଘୁନାଥପାଲୀ ଥାନା ପୋଲିସ ପହଞ୍ଚିଥିଲେ। ଏ ସମ୍ପର୍କରେ ଶିଶୁ ମଙ୍ଗଳ ସମିତି ସଦସ୍ୟ(ସିଡ଼ବ୍ଲୁସି) ବାଲ୍ ମୁକୁନ୍ଦ ଶୁକ୍ଲାଙ୍କୁ ପଚରାଯିବାରୁ ସେ ସୂଚନା ପ୍ରଦାନ କରି କହିଲେ, ସକାଳୁ ଅନ୍ତେବାସୀମାନେ ଖାଦ୍ୟ ଗ୍ରହଣ କରି ନ ଥିଲେ। ତେବେ ଅପରାହ୍ନରେ ବିକ୍ଷୋଭ ପ୍ରଦର୍ଶନ ସମ୍ପର୍କରେ ସୂଚନା ମିଳିବା ପରେ ଆସିଥିଲୁ। ତେବେ କେନ୍ଦ୍ରରେ ଖାଇବାକୁ ନେଇ ଅସନ୍ତୋଷ ଥିବା ନେଇ କୁହାଯାଇଥିଲା। ପ୍ରତ୍ୟେକ ମାସରେ କେନ୍ଦ୍ରରେ ଗୃହପରିଚାଳନା କମିଟି ସମ୍ମୁଖରେ ଅନ୍ତେବାସୀମାନେ ଖାଦ୍ୟ ସମ୍ପର୍କରେ ନିଜର ମତାମତ ଦେଇଥାନ୍ତି। ମଙ୍ଗଳବାର ଭୁବନେଶ୍ୱରରୁ ଏକ ଟିମ୍ ରୁଟିନ୍ ଯାଞ୍ଚ କରିବାକୁ ଆସିଥିଲେ। କେନ୍ଦ୍ର ଭିତରକୁ ଗଲେ ସମ୍ପୂର୍ଣ୍ଣ ତଥ୍ୟ ମିଳିବ ବୋଲି ଶୁକ୍ଲା କହିଥିଲେ। ସୂଚନାଯୋଗ୍ୟ, ଜେଲ୍ ସୁପରିଟେଣ୍ଡେଣ୍ଟ ତଥା ସୁରକ୍ଷିତ ଆଶ୍ରୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଉମେଶ ସାବତ ପୂର୍ବରୁ କିଛି ଜେଲ କର୍ମଚାରୀଙ୍କ ବିରୋଧରେ ଅନିୟମିତତା ନେଇ ଅଭିଯୋଗ ଆଣିଥିଲେ। ପରେ ସାବତଙ୍କ ବିରୋଧରେ ମଧ୍ୟ ଜେଲ୍‌ରୁ ଅଭିଯୋଗ ଯାଇଥିଲା। ଏହାର ନିରପେକ୍ଷ ଯାଞ୍ଚ ପାଇଁ ମଙ୍ଗଳବାର ଓଡ଼ିଶା ଷ୍ଟେଟ୍ ଚାଇଲ୍ଡ ପ୍ରୋଟେକ୍ସନ ସୋସାଇଟି(ଓଏସ୍‌ସିପିଏସ୍)ର ପ୍ରୋଗାମ୍ ମ୍ୟାନେଜର ପ୍ରୀତିକାନ୍ତ ପଣ୍ଡାଙ୍କ ସମେତ ୪ ଜଣିଆ ଟିମ୍ ଆସିଥିଲେ। ଏହା ପୂର୍ବରୁ ପାନପୋଷ ଉପଜିଲାପାଳ ତଥା କେନ୍ଦ୍ରର ଗଭର୍ଣ୍ଣିଂ ବଡ଼ି ସମ୍ପାଦକ ବିଜୟ ନାୟକ ସାବତଙ୍କୁ ଯାଞ୍ଚ ଚାଲୁଥିବା ବେଳେ ଜେଲ୍ ମଧ୍ୟକୁ ଆସିବା ପାଇଁ ବାରଣ କରିଥିଲେ। ଏ ନେଇ ସମ୍ପାଦକ ନାୟକ ଏ ସଂକ୍ରାନ୍ତରେ ୨୧।୬।୨୪ରେ ଚିଠି (ନଂ. ୧୦୯୪)ରେ ନିର୍ଦ୍ଦେଶ ଜାରି ମଧ୍ୟ କରିଥିଲେ। ଜେଲ୍‌ରେ ଏପରି ମାହୋଲ ଥିବାବେଳେ ବୁଧବାର ଅନ୍ତେବାସୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତେବେ ଜେଲ୍‌ରେ ହୋଇଥିବା ପରିସ୍ଥିତିକୁ ନେଇ ଅନ୍ତେବାସୀମାନଙ୍କୁ ବ୍ୟବହାର କରି ଉକ୍ତ ବିକ୍ଷୋଭ ପ୍ରାୟୋଜିତ କରାଯାଇଥିବା ଚର୍ଚ୍ଚା ଜୋର ଧରିଛି।

### ଫିନାଇଲ୍ ପିଇ ଜୀବନହାରିବାକୁ ଉଦ୍ୟମ କଲେ ନାବାଳକ ଅନ୍ତେବାସୀ

ରାଉରକେଲା ପ୍ଲେସ ଅପ୍ ସେଫ୍ଟିରେ ଅସନ୍ତୋଷ ଓ ଗଣ୍ଡଗୋଳ ଜାରି ରହିଥିବା ବେଳେ ସେଥିମଧ୍ୟରୁ ଜଣେ ଅନ୍ତେବାସୀ ଫିନାଇଲ ପିଇ ଜୀବନ ହାରିବାକୁ ଉଦ୍ୟମ କରିଥିବା ସୂଚନା ମିଳିଛି। ଉକ୍ତ ନାବାଳକ ଅନ୍ତେବାସୀଙ୍କୁ ତୁରନ୍ତ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅପରାହ୍ନ ୨ଟାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା କୁହାଯାଇଛି।


**OFFICE OF THE DIVISIONAL FOREST OFFICER**
**BHADRAK WILDLIFE DIVISION**

AT/P.O/P.S.-CHANDBALI, DISTRICT-BHADRAK, PIN-756133
Phone/Fax- 06786-220472, Mob- +91 9437041541,
Email-dfo.bhadrakwl@odisha.gov.in
No. 2608 -1F-421/2025, Dated 23rd June 2025

**TENDER CALL NOTICE FOR SUPPLY OF TREE GUARD (BAMBOO GABION)**

**No.MM-99:** Sealed Tenders are invited from reputed Dealers / Manufacturers / Individuals for supply of good quality tree guard (seasoned bamboo gabion) of size 6' height and 2'6" diameter with fixing in different plantation sites to be taken up in Bhadrak (WL) Division under MGNREGS schemes during the financial year 2025-26. The tender application can be obtained from the Section Officer, 3F / 4F Section O/O the DFO, Bhadrak (WL) Division on any working day during 10.00 AM to 05:30 PM from date 24.06.2025 to 30.06.2025 on payment of ₹1000.00 (Rupees One Thousand) only in form of cash. Sample of the Tree Guard should be submitted along with the Tender document. The timeline for submission of sealed tender by any means is 02.00 PM on date 30.06.2025. Only the Technical bids shall be opened at 04:00 PM of 30.06.2025 in presence of the bidder (s) or their authorized representative in the Office of the undersigned. The undersigned reserves the right to reject any or all tender without assigning any reasons thereof.

Sd/- Divisional Forest Officer
Bhadrak (WL) Division
OIPR-08048/11/0003/2526



**OFFICE OF THE SUPERINTENDING ENGINEER**
**ELECTRICAL CIRCLE (R&B)**
**NIRMAN SOUDHA, BHUBANESWAR**

E-mail: seec.bbsr2010@gmail.com
Bid Identification No. S.E.E.C (R&B) 06/2025-26
No.2287/Date: 23.06.2025

**No.B-240:** The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.30.06.2025 at 05.00 P.M. to dt.15.07.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt. 16.07.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www. tendersorissa.gov.in. Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B) Odisha, BBSR
OIPR-34006/11/0037/2526



No.B-233

**OFFICE OF THE SUPERINTENDING ENGINEER**

JAGATSINGHPUR (R&B) DIVISION, JAGATSINGHPUR
GOVERNMENT OF ODISHA
E-Mail I.D. - eerbjspr@gmail.com
('e' Procurement Notice)
Bid Identification No. S.E. JSP(R&B)-05 of 2025-26

**TENDER CALL NOTICE**

1. The Superintending Engineer, Jagatsinghpur (R&B) Division, Jagatsinghpur on behalf of Governor of Odisha invites on Percentage rate basis bid in Double cover system in ONLINE MODE from eligible contractor for Building works as mentioned below.
2. No. of Work : 03 No.
3. Nature of work : Civil, E.I & PH work
4. Class of Contractor : "B"
5. Tender Paper Cost : Rs.10000/- (Online)
6. Available of bid documents in the website : From 30/06/2025 to 5 P.M. of 15/07/2025
7. Date of Opening of Bid : 11 A.M. of 16/07/2025

The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/corrigendum/ cancellation of tender can also be seen in the said website.

Sd./- (Er Sarbendu Sutar)
Superintending Engineer,
Jagatsinghpur (R&B) Division
OIPR-34093/11/0022/2526



**MILK UNION SAMBALPUR**
**CORRIGENDUM**

The Tender Notice No.373 dt.24.06.2025 & SAMUL Website No.278 Talmal-Kirmira Milk Route (Auto or similar type of Vehicle) has been changed i.e. Tata Ace or similar type of vehicle, other Route & terms & conditions is remain unchanged.



ଆମ ଶିମିଳିପାଳ ଆମ ଗର୍ବ — OUR SIMILIPAL OUR PRIDE

**OFFICE OF THE DEPUTY DIRECTOR, SIMILIPAL (NORTH) WILDLIFE DIVISION**

AT-MATIAGARH CHHAKA, PO-K.JASHIPUR, DIST.-MAYURBHANJ, ODISHA-757091
Tel : 06797-295030, Email - dfo.similipalnorthwl@odisha.gov.in / ddsimilipalnorth@gmail.com
Office Order No. : 74//, Dated 21.06.2025

*01st Corrigendum to Bid invited vide this Office Tender Call Notice No.1921, dtd.10.06.2025*

**No.MM-100** : In pursuance to this Office Tender Call Notice No.1921, dtd.10.06.2025, due to unavoidable circumstances all the committee member constituted for supply and installation of Solar High Mast Light are hereby absent in the time of opening of technical bid. So the Date & time of opening of technical bid is re-schedule on dtd.25.06.2025 at 12.30 P.M.

| Sl. No. As per Original TCN | Items | As per Original TCN | As per 01st Corrigendum to TCN & DTCN |
|---|---|---|---|
| 5 | Date & time of opening of technical bid | Dt.21.06.2025 at 12.30 hours onwards | Dt.25.06.2025 at 12.30 hours onwards |

OIPR-08133/11/0017/2526
Sd./- Deputy Director, Similipal (North) WL Division, Jashipur

## ସଂକ୍ଷେପରେ

### ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଦେବଗଡ଼,୨୫।୬(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ଼ଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ ଚୋପଦାର, ଉପବିଭାଗୀୟ ପୋଲିସ ଅଧିକାରୀ ଶରତ ଚନ୍ଦ୍ର ପାତ୍ର, ଟାଉନ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ, କନ୍‌ଷ୍ଟେବଲ୍ ଯୋଗେନ୍ଦ୍ର ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସଡ଼କ ସୁରକ୍ଷାର ନିୟମାବଳୀ ବୁଝାଇଥିଲେ।

ସେହିପରି ଦେବଗଡ଼ ପୋଲିସ ପକ୍ଷରୁ ସ୍ଥାନୀୟ ବିର୍ସା ମୁଣ୍ଡା ଛକରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ସବ୍ୟସାଚୀ ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସ୍‌ଡିପିଓ ଶରତ ପାତ୍ର ଯୋଗଦେଇ ଗାଡ଼ିଚାଳକଙ୍କୁ ସଚେତନ କରିଥିଲେ। ଏଥିସହ ହେଲ୍‌ମେଟ୍ ପିନ୍ଧି ଯାତ୍ରା କରୁଥିବା ବାଇକ ଚାଳକ ଏବଂ ସିଟବେଲ୍ଟ ଲଗାଇଥିବା କାର୍ ଚାଳକଙ୍କୁ ପାଣିବୋତଲ, ମୃଦୁ ପାନୀୟ, ଚକୋଲେଟ ଏବଂ ଗୋଲାପ ଫୁଲ ଦେଇ ଉତ୍ସାହିତ କରିଥିଲେ। ସେହିପରି ହେଲ୍‌ମେଟ୍ ପିନ୍ଧି ନ ଥିବା ଚାଳକଙ୍କୁ ମାଗଣାରେ ହେଲ୍‌ମେଟ୍ ପ୍ରଦାନ କରିବା ସହ ଭବିଷ୍ୟତରେ ଏଭଳି ଭୁଲ୍ ନକରିବାକୁ ଚେତାବନୀ ଦେଇଥିଲେ। ଆଗାମୀ ଦିନରେ ଅଧିକରୁ ଅଧିକ ଯାଞ୍ଚ ସହ ଅମାନିଆ ଗାଡ଼ି ଚାଳକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

### ଜବରଦଖଲ ଉଚ୍ଛେଦ

ଦେବଗଡ଼,୨୫।୬(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ପୌର ପରିଷଦ ୧୦ ନମ୍ବର ୱାର୍ଡ ଅଧୀନ ମିରଗିଡିଆ ସାହିରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ସିଭିଲ ଜଜ୍ ସିନିୟର ଡିଭିଜନଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ପୋଲିସ ଉପସ୍ଥିତିରେ ବୁଧବାର ମାଟିଆସ ମୁଣ୍ଡା, ତାଙ୍କ ପୁଅ ବିରାଜ ମୁଣ୍ଡା ଓ ସିରାଜ ମୁଣ୍ଡାଙ୍କ ଘରକୁ ଭଙ୍ଗାଯାଇ ଶୁକମଣି ମୁଣ୍ଡା ଓ ଈଶ୍ୱର ମୁଣ୍ଡାଙ୍କ ଜମିକୁ ଦଖଲ ମୁକ୍ତ କରାଯାଇଛି। ସୂଚନା ଅନୁଯାୟୀ, ମିରଗିଡିଆ ସାହିରେ ଶୁକମଣି ଓ ଈଶ୍ୱରଙ୍କ ନାମରେ ଥିବା ଖାତା ନମ୍ବର ୭୯ ଅନ୍ତର୍ଗତ ପ୍ଲଟ୍ ନମ୍ବର ୮୨୧ ଏବଂ ୮୨୨ (ଦୁଇଟି ଯାକର ପରିମାଣ ୫ ଡିସିମିଲ)ରେ ମାଟିଆସ ମୁଣ୍ଡା, ବିରାଜ ମୁଣ୍ଡା ଓ ସିରାଜ ମୁଣ୍ଡା ବେଆଇନ ଭାବେ ଘର କରି ରହୁଥିଲେ। ଏନେଇ ଶୁକମଣି ଓ ଈଶ୍ୱର ୨୦୨୧ରେ ଅଦାଲତଙ୍କ ଦ୍ୱାରସ୍ଥ ହୋଇ ସେମାନଙ୍କ ଜମି ଦଖଲ ମୁକ୍ତ କରିବାକୁ ଆବେଦନ କରିଥିଲେ। ଏହି ମାମଲାର ବିଚାରକରି ସିଭିଲ ଜଜ୍ ସିନିୟର ଡିଭିଜନ ଶୁକମଣି ଓ ଈଶ୍ୱରଙ୍କ ସପକ୍ଷରେ ରାୟ ପ୍ରକାଶ କରିବା ସହ ସମ୍ପୃକ୍ତ ଜମିକୁ ଦଖଲ ମୁକ୍ତ କରିବାକୁ ମାଟିଆସ ମୁଣ୍ଡା, ବିରାଜ ମୁଣ୍ଡା ଓ ସିରାଜ ମୁଣ୍ଡାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସେମାନେ ଉକ୍ତ ଜମିକୁ ଦଖଲ ମୁକ୍ତ ନ କରିବାରୁ ଜିଲା ପ୍ରଶସନ ପକ୍ଷରୁ ବୁଧବାର ସେମାନଙ୍କ ଘର ଭାଙ୍ଗିଦିଆଯାଇଛି।

### ଖାଦ୍ୟରେ ବିଷ ଦେଇ ବାପା, ଭାଇଙ୍କୁ ମାରିବାକୁ ଉଦ୍ୟମ: ଅଭିଯୁକ୍ତ କୋର୍ଟ ଚାଲାଣ

ଲଇକେରା,୨୫।୬(ରଞ୍ଜନ କୁମାର ମେହେର)

ମଦ ପିଇବା ପାଇଁ ଟଙ୍କା ନ ଦେବାରୁ ବାପା ଓ ଭାଇଙ୍କୁ ବିଷ ଦେଇ ମାରିବାକୁ ଉଦ୍ୟମ କରିବା ଅଭିଯୋଗରେ ଲଇକେରା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ କଙ୍କରା ମୁଣ୍ଡା ଗ୍ରାମର ଅନିଲ କଚାରିଆ। ସୂଚନା ଅନୁଯାୟୀ, କଙ୍କରା ମୁଣ୍ଡା ଗ୍ରାମର ଜିତୁ କଚାରିଆଙ୍କ ୪ ପୁଅଙ୍କ ମଧ୍ୟରୁ ବଡ଼ ପୁଅ ବାହାରେ ରହୁଥିବାବେଳେ ଅନ୍ୟ ୩ ଜଣ ଘରେ ରହୁଛନ୍ତି। ମଝିଆ ପୁଅ ଅନିଲ ଓ ସାନପୁଅ ସଲିତ ବାପାଙ୍କ ସହିତ ଚାଷକରି ପରିବାର ପ୍ରତିପୋଷଣ କରିଥାନ୍ତି। ଅନିଲ ସବୁବେଳେ ମଦ ପିଇବା ପାଇଁ ଘରେ ଟଙ୍କା ମାଗିବା ସହ ପାଟିତୁଣ୍ଡ କରିଥାନ୍ତି। ମଙ୍ଗଳବାର ଅନିଲ ମଦ ପିଇବାକୁ ବାପାଙ୍କୁ ଟଙ୍କା ମାଗିଥିଲେ। ହେଲେ ସେ ନ ଦେବାରୁ ଦୁଇ ଜଣଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ବାପା କିଛିସମୟ ପରେ ଚାଷ ପାଇଁ ସଲିତଙ୍କ ସହିତ କ୍ଷେତକୁ ଯାଇଥିଲେ। ଏହାର ସୁଯୋଗ ନେଇ ଅନିଲ କୀଟନାଶକକୁ ଭାତରେ ମିଶାଇ ଦେଇଥିଲେ। କ୍ଷେତରୁ କାମ ସାରି ସନ୍ଧ୍ୟାରେ ଫେରି ଭାତ ଖାଇବାବେଳେ ସେଥିରେ ବିଷ ମିଶିଥିବା ଜିତୁ ଜାଣିବାକୁ ପାଇଥିଲେ। ଏନେଇ ସେ ଅନିଲଙ୍କୁ ପଚାରିଥିଲେ। ମୁଁ ଖାଦ୍ୟରେ ବିଷ ମିଶାଇ ତୁମ ଦୁଇଜଣଙ୍କୁ ମାରିବାକୁ ଚାହୁଁଛି ବୋଲି ଅନିଲ କହିଥିଲେ। ଜିତୁ ଏବଂ ସଲିତ ବିଷ ମିଶା ଖାଦ୍ୟ ଖାଇଥିବାରୁ ମେଡିକାଲ ଯାଇ ଚିକିତ୍ସିତ ହୋଇଥିଲେ। ଏନେଇ ଜିତୁ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଅନିଲଙ୍କୁ ଗିରଫ କରିଛି।

# ନାରୀ ନିର୍ଯାତନା ବିରୋଧରେ ବିକ୍ଷୋଭ

ଦେବଗଡ଼/ଝାରସୁଗୁଡ଼ା,୨୫।୬(ଶଶାଙ୍କ ଶେଖର ଝାଙ୍କର/ଆଶିଷ ରଞ୍ଜନ ଦାଶ)



ଦେବଗଡ଼ କଲେଜ ସମ୍ମୁଖରେ ଜିଲା ବିଜୁ ଯୁବଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ।

ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ହୋଇପଡିଛନ୍ତି। ଦିନକୁ ଦିନ ବଳାତ୍କାର ଓ ନାରୀ ନିର୍ଯାତନା ବଢିଚାଲିଛି। ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଥିବାବେଳେ ମହିଳାଙ୍କୁ ସୁରକ୍ଷା ଦେବାରେ ସରକାର ବିଫଳ ହୋଇଛନ୍ତି। ଏନେଇ ଜିଲା ବିଜୁ ଯୁବଛାତ୍ର ଜନତା ଦଳ ପକ୍ଷରୁ ଦେବଗଡ଼ କଲେଜ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ବିଶେଷକରି ଗୋପାଳପୁର ବେଳାଭୂମିରେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା ଓ ନାରୀ ନିର୍ଯାତନାକୁ ନେଇ ସରକାରଙ୍କ ବିରୋଧରେ ନାରାବାଜି ଦିଆଯାଇଥିଲା। ଆଗାମୀ ଦିନରେ ମହିଳାଙ୍କୁ ସୁରକ୍ଷା ଦିଆ ନ ଗଲେ ଆନ୍ଦୋଳନ ଜୋର୍‌ଦାର୍ ହେବ ବୋଲି ବିଜୁ ଯୁବଛାତ୍ର ଜନତା ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ବିଜୁ ଯୁବଛାତ୍ର ଜନତା ଦଳର ସଭାପତି ପ୍ରତାପ ଦେବ, ଜିଲା ଛାତ୍ର ବିଜେଡି ସଭାପତି ଭବାନୀ ଶଙ୍କର ସାହୁ, ସୁନୀଲ ପ୍ରଧାନ, ଶରତ ମେହେର, ରୂପକ ମାଝୀ, ସଞ୍ଜୀବ ନାଏକ, ଅମିତ୍ ରଣଜିତ୍, ଖାଡେଶ୍ୱର ପ୍ରଧାନ, ଲକି ସାହୁ, କ୍ଷୀରୋଦ ହାତୀ, କ୍ଷିତୀଶ ସାହୁଙ୍କ ସମେତ ବହୁ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

ସେହିପରି ଗୋପାଳପୁର ଗଣବଳାତ୍କାର ଘଟଣା, ରାଜ୍ୟରେ ନାରୀ ନିର୍ଯାତନା ବିରୋଧରେ ବୁଧବାର ପୂର୍ବାହ୍ନରେ ଝାରସୁଗୁଡ଼ା ସହରର ଏଲ୍. ଏନ୍. କଲେଜ ସମ୍ମୁଖରେ ବିଜେଡି ଯୁବ ଓ ଛାତ୍ର ସାମ୍ମୁଖ୍ୟ କର୍ମକର୍ତ୍ତାମାନେ ବିକ୍ଷୋଭ କରିଥିଲେ। ଖବରପାଇ ଟାଉନ୍ ଥାନା ପୋଲିସ ପହଞ୍ଚି ସେମାନଙ୍କୁ କାବୁକରି ଥାନାକୁ ଆଣିଥିଲା। ପରେ ପିଆର୍ ବଣ୍ଡରେ ସେମାନଙ୍କୁ ଛାଡିଥିଲା। ଏହି ବିକ୍ଷୋଭରେ ଜିଲା ଯୁବ ବିଜେଡି ସଭାପତି ପ୍ରଶାନ୍ତ ଜେନା, ଛାତ୍ର ବିଜେଡି ସଭାପତି ପ୍ରକାଶ କର୍ମକାର, ନରେଶ ସିଂ, ବିନୟ ପଟେଲ, ଜୟ ଯୋଶୀ, ଆଲୋକ ପ୍ରଧାନ, ଅଭିଶେକ ଜୟସ୍ୱାଲ, ରିଙ୍କୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଚାଷୀଙ୍କ ଧାନ କିଣିବାକୁ ଦାବି

ଝାରସୁଗୁଡ଼ା,୨୫।୬(ଆଶିଷ ରଞ୍ଜନ ଦାଶ)


ପୂର୍ବତନ ବିଧାୟିକା ଅଳକା ମହାନ୍ତି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଲେ ପୂର୍ବତନ ବିଧାୟିକା**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅଞ୍ଚଳର ଅନେକ ଚାଷୀଙ୍କ ଧାନ ପ୍ରାଥମିକ ସେବା ସମବାୟ ସମିତି(ପ୍ୟାକ୍ସ)କୁ ଟାର୍ଗେଟ୍ ଦିଆଯାଇ କିଣିବା ପାଇଁ ବ୍ରଜରାଜନଗରର ପୂର୍ବତନ ବିଧାୟିକା ଅଳକା ମହାନ୍ତି ଦାବି କରିଛନ୍ତି। ଏନେଇ ସେ ବୁଧବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଆବୋଲୀ ସୁନୀଲ ନରୱଣେଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି, ଲଖନପୁର ବ୍ଲକ ଅଞ୍ଚଳର ଚାଷୀମାନେ କରିଥିବା ଧାନର ପ୍ରାୟ ୫୨% ପ୍ରତିଶତ ବିକ୍ରି ହୋଇସାରିଛି। ଆହୁରି ୪୮% ଧାନ ରହିଯାଇଛି। କିଛି ଧାନ ରୟତି ଜମିରେ ହୋଇଥିବାବେଳେ ଅଧିକାଂଶ ଧାନ ହୀରାକୁଦ ନଦୀବନ୍ଧ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ହୋଇଥିଲା। ଏହି ଧାନ ବିକ୍ରି ପାଇଁ ଚାଷୀମାନେ ନାମ ପଞ୍ଜିକରଣ କରିଛନ୍ତି। ହେଲେ ଏପର୍ଯ୍ୟନ୍ତ ପ୍ୟାକ୍ସଗୁଡିକୁ ଟାର୍ଗେଟ ଦିଆଯାଇ ନ ଥିବାରୁ ଚାଷୀମାନେ ଧାନ ବିକ୍ରି କରିପାରୁନାହାନ୍ତି। ବର୍ଷା ଯୋଗୁ ଧାନ ଗଜା ହେବାକୁ ବସିଲାଣି। ତୁରନ୍ତ ପ୍ୟାକ୍ସଗୁଡିକୁ ଟାର୍ଗେଟ୍ ଦିଆଯାଇ ଚାଷୀଙ୍କ ଧାନ କିଣିବା ପାଇଁ ବିଭିନ୍ନ ଚାଷୀ ସଙ୍ଗଠନ ସହିତ ବିଜେଡି ଦାବି କରିଛି। ଅପରପକ୍ଷରେ ଲଖନପୁର ବ୍ଲକ ଅଧୀନ ଧୁଲୁଣ୍ଡା ପ୍ୟାକ୍ସକୁ ମଙ୍ଗଳବାର ଅଳକା ମହାନ୍ତିଙ୍କ ସମେତ ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଯାଇଥିଲା। ସେଠାରେ ଆଲୋଚନା ସମୟରେ ଚାଷୀମାନେ ସେମାନଙ୍କ ସମସ୍ୟା ଜଣାଇଥିଲେ। ଦାବିପତ୍ର ପ୍ରଦାନବେଳେ ଜିଲା ପରିଷଦ ସଭ୍ୟ ସନତ ସିଂ, ତାପସ ରାୟ ଚୌଧୁରୀ, ମନୋରଞ୍ଜନ ମହାପାତ୍ର, ଶମ୍ଭୁ ମହାନ୍ତି, ପ୍ରମୋଦ ଗର୍ଡିଆ, ତପନ ରାଧାକାନ୍ତ ପ୍ରଧାନ, କୁଳମଣି ଦାସ, ଚିନ୍ତାମଣୀ ଦାସ, ସୁରେନ୍ଦ୍ର ଯଏଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ରେଡ୍‌କ୍ରସ ସୋସାଇଟିର ସମୀକ୍ଷା ବୈଠକ

ଦେବଗଡ଼,୨୫।୬(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ରେଡ୍‌କ୍ରସ୍ ସୋସାଇଟିର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରି ଜିଲାର ରେଡ୍‌କ୍ରସ ପାଣ୍ଠି କିପରି ବୃଦ୍ଧି କରାଯାଇପାରିବ ସେନେଇ ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ରେଡ୍‌କ୍ରସ୍ ପାଣ୍ଠିରୁ ଜରୁରିକାଳୀନ ପରିସ୍ଥିତିରେ ଅସହାୟ ଓ ଗରିବ ଲୋକଙ୍କୁ ସହାୟତା ଯୋଗାଇ ଦିଆଯାଉଛି। ଫଳରେ ଏହି ପାଣ୍ଠି ବୃଦ୍ଧି ପାଇଲେ ଜନସାଧାରଣ ଉପକୃତ ହେବେ ବୋଲି ଜିଲାପାଳ କହିଛନ୍ତି। ଏହି ବୈଠକରେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଉପଜିଲାପାଳ ପରକ୍ଷିତ ସାହୁ, ଜିଲା ଜରୁରିକାଳୀନ ଅଧିକାରୀ ହେମନ୍ତ ସିଂ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ବିଶ୍ୱମୋହନ ମିଶ୍ର, ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ସନ୍ଧ୍ୟା ମାଝୀ, ଟିପିଡବ୍ଲ୍ୟୁଓ ନିର୍ବାହୀଯନ୍ତ୍ରୀ ରାଜୁ ସାହା, ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ଅନ୍ୟମାନେ ପ୍ରମୁଖ ଉପସ୍ଥିତ ଥିଲେ।

# ଓବିସିଙ୍କୁ ୨୭% ସଂରକ୍ଷଣ ଦାବି


ବେଲପାହାଡ଼ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଝାରସୁଗୁଡ଼ା, ୨୫।୬ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ମ୍ୟୁନିସିପାଲିଟି ଓବିସି ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବୁଧବାର ପୂର୍ବାହ୍ନ ୧୦ଟାରେ ବେଲପାହାଡ଼ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଓବିସିମାନଙ୍କ ଅଧିକାର ପାଇଁ ମଣ୍ଡଳ କମିଶନ ସୁପାରିସ ଅନୁସାରେ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ନିଯୁକ୍ତି ଏବଂ ରାଜନୀତିରେ ସଂରକ୍ଷଣ ନିମନ୍ତେ ଓ ସରକାରଙ୍କ ସାଧାରଣ ଶିକ୍ଷାରେ ୧୧.୨୫ ପ୍ରତିଶତ ପରିବର୍ତ୍ତେ ୨୭ ପ୍ରତିଶତ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନବେଳେ ଜିଲା ଓବିସି ମଞ୍ଚ ସଭାପତି ବିରଞ୍ଚି ସାହୁ, ସମ୍ପାଦକ ଗୋପୀନାଥ ବେହେରା, ବେଲପାହାଡ଼ ମ୍ୟୁନିସିପାଲିଟି ସଭାପତି ତେଜରାମ ପ୍ରଧାନ, କାଉନସିଲର ଦୀପକ ଭଏଷାଲ, ବିଭୀଷଣ ରାଉତ, ଜଗଦୀଶ ମେହେର, ଓବିସି ମଞ୍ଚ ମହିଳା ନେତ୍ରୀ ମଞ୍ଜରୀ ପୃଷ୍ଟି, ଲକ୍ଷ୍ମୀପ୍ରିୟା ସାହୁ, ଯଶୋଦା ପଟେଲ, ଗୌରୀ ପାତ୍ର, ପଦ୍ମିନୀ ମହାରଣା, ନେତ୍ରାନନ୍ଦ ପ୍ରଧାନ, କାହ୍ନୁ ଚରଣ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

### କଲେଜ କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବ୍ରଜରାଜନଗର, ୨୫।୬ (ବିଜୟ ବରାଡ଼)

ବ୍ରଜରାଜନଗର କଲେଜ ପ୍ରେକ୍ଷାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କଲେଜରେ ପ୍ରାୟ ୨୯ ବର୍ଷ ଧରି ଗ୍ରନ୍ଥାଗାର ସହାୟକ ଭାବେ କାର୍ଯ୍ୟ କରିଥିବା ଜ୍ଞାନରଞ୍ଜନ ହୋତା ଗତ ମେ' ୩୧ରେ ଅବସରଗ୍ରହଣ କରିଥିଲେ। ଏହି ଅବସରରେ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଧ୍ୟକ୍ଷ ବିଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କଲେଜ ପ୍ରଶାସନିକ ଅଧିକାରୀ ତଥା ପ୍ରାଧ୍ୟାପକ ସୁପ୍ରକାଶ ଚୌଧୁରୀ, ଓଡ଼ିଆ ବିଭାଗ ମୁଖ୍ୟ ଶ୍ରୀକର ଭୋଇ, ବିକାଶ ନାୟକ ପ୍ରମୁଖ ଯୋଗଦେଇ ହୋତାଙ୍କ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ପଦ୍ମାବତୀ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ସଭାରେ ହୋତାଙ୍କୁ ଉପଢୌକନ, ପ୍ରଶଂସାପତ୍ର ଓ ଉପହାର ପ୍ରଦାନ କରାଯାଇଥିଲା। ଏହି ସଭାରେ ବହୁ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଜିଲାସ୍ତରରେ ନୂତନ ପଦବୀ ସୃଷ୍ଟି କରାଯାଉ

ଝାରସୁଗୁଡ଼ା/ଦେବଗଡ଼,୨୫।୬(ଆଶିଷ ରଞ୍ଜନ ଦାଶ/ ଶଶାଙ୍କ ଶେଖର ଝାଙ୍କର)

**ଜିଲା ରାଜସ୍ୱ ଅମଲା ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର**

ବିଭିନ୍ନ ଦାବି ପୂରଣ ପାଇଁ ଓଡ଼ିଶା ରାଜସ୍ୱ ଅମଲା ସଂଘ ଝାରସୁଗୁଡ଼ା ଜିଲା ଶାଖା ପକ୍ଷରୁ ବୁଧବାର ପୂର୍ବାହ୍ନ ୧୦ଟାରେ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଆବୋଲୀ ସୁନୀଲ ନରୱଣେଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ମୂଳ ଦରମା ଓ ଆର୍‌ଏସ୍‌ପି ୨୦୧୭ ନିୟମ ଅନୁଯାୟୀ ଲେବେଲ ୯କୁ ବୃଦ୍ଧି କରିବା, ଜିଲାସ୍ତରରେ ନୂତନ ପଦବୀ ସୃଷ୍ଟି କରିବା, କାର୍ଯ୍ୟରତ ସମସ୍ତ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ପାଇଁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ଲାଗୁ କରିବା, କନିଷ୍ଠ ରାଜସ୍ୱ ଅମଲାଙ୍କ ରେସିଡେନ୍ସି ପିରିୟଡ୍ ୬ ବର୍ଷ ବଦଳରେ ୪ ବର୍ଷ କରିବା, ପୁନଃ ଥଇଥାନ ଯୋଜନା କାର୍ଯ୍ୟକାରୀ କରି ମୃତ କର୍ମଚାରୀଙ୍କ ପରିବାର ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ଚାକିରି ଦେବା, ରାଜସ୍ୱ କର୍ମଚାରୀଙ୍କୁ ରାଜସ୍ୱ ସେବା ପଦବୀରେ ୧୦୦% ପଦୋନ୍ନତି ଦେବା ଏବଂ ନୂତନ ପେନ୍‌ସନ୍ ଯୋଜନା ରଦ୍ଦ କରି ନୂତନ ପେନ୍‌ସନ୍ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନବେଳେ ଜିଲା ରାଜସ୍ୱ ଅମଲା ସଂଘ ସଭାପତି ଆଦିତ୍ୟ କୁମାର ପାଣ୍ଡେ, କାର୍ଯ୍ୟକାରୀ ସଭାପତି ରୋହିତ କୁମାର ବେହେରା, ସାଧାରଣ ସମ୍ପାଦକ ପଲଟୁ କୁମାର ନାୟକ, ଯୁଗ୍ମ ସମ୍ପାଦକ ମିନତି ନାଇକ, ପାର୍ଥସାରଥି ଦାସ, ସଞ୍ଜିତ ସେଠ, ପ୍ରକାଶ ନାଇକଙ୍କ ଅନ୍ୟମାନେ ଉପସ୍ଥିତ ଥିଲେ। ଦାବି ପୂରଣ ନ ହେଲେ ଆସନ୍ତା ଜୁଲାଇ ୧୫ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ସଂଘ ଚେତାବନୀ ଦେଇଛି।

ସେହିପରି ନୂତନ ପଦବୀ ସୃଷ୍ଟି କରିବା ସହିତ ୧୦ ଦଫା ଦାବି ନେଇ ଓଡ଼ିଶା ରାଜସ୍ୱ ଅମଲା ସଂଘ ଦେବଗଡ଼ ଜିଲା ଶାଖା ପକ୍ଷରୁ ବୁଧବାର ସରକାରଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ଜିଲା ସଭାପତି କମଳାପତି ସାହୁ ଓ ସାଧାରଣ ସମ୍ପାଦକ ହେରମ୍ବ ନାରାୟଣ ସାହୁଙ୍କ ନେତୃତ୍ୱରେ ସଂଘର ବହୁ ସଦସ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଅମଲା ସଂଘର ଦାବି ପୂରଣ ନ ହେଲେ ଆସନ୍ତା ଜୁଲାଇ ୭ରୁ ୧୧ ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ କରି କାର୍ଯ୍ୟ କରିବେ। ଏହାସତ୍ତ୍ୱେ ସରକାର ପଦକ୍ଷେପ ଗ୍ରହଣ ନ କଲେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ସଂଘ ଚେତାବନୀ ଦେଇଛି।

# ଗାଡ଼ି ଧକ୍କାରେ ଯୁବକ ମୃତ

ଲଖନପୁର,୨୫।୬(ଗୌତମ ସାହୁ)

ରେଙ୍ଗାଲି ଥାନା ଅନ୍ତର୍ଗତ କନକତୋରା ନିକଟରେ ବୁଧବାର ବିଳମ୍ବିତ ରାତିରେ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଝାଡ଼ଖଣ୍ଡ ଧନବାଦର ହର୍ଷ କୁମାର। ସୂଚନା ଅନୁଯାୟୀ, ହର୍ଷ ରାସ୍ତାରେ ଚାଲି ଚାଲି ଯାଉଥିବାବେଳେ ଏକ ଗାଡ଼ି (ନଂ. ଓଆର୍୧୬ଇ-୦୯୧୮) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ଗାଡ଼ି ଚାଳକ ଫେରାର ହୋଇଯାଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିବା ସହ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ରିଆମାଳ, ବାରକୋଟରେ ସବ୍ ରେଜିଷ୍ଟ୍ରାର ଅଫିସ ସ୍ଥାପନ କରାଯାଉ


ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ଦେବଗଡ଼,୨୫।୬(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାର ରିଆମାଳ ଏବଂ ବାରକୋଟ ବ୍ଲକ ସଦର ମହକୁମାରେ ସବ୍-ରେଜିଷ୍ଟ୍ରାର ଅଫିସ ଖୋଲିବା ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ପୂର୍ବତନ ଜିଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ସାହୁ ବୁଧବାର ଭୁବନେଶ୍ୱରଠାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବାରକୋଟ ଏବଂ ରିଆମାଳଠାରେ ସବ୍-ରେଜିଷ୍ଟ୍ରାର ଅଫିସ ନ ଥିବାରୁ ଜମି କିଣାବିକା ସମ୍ପର୍କିତ କାର୍ଯ୍ୟ ପାଇଁ ଲୋକମାନେ ଜିଲା ସଦର ମହକୁମାସ୍ଥିତ ଡିଏସଆର୍ କାର୍ଯ୍ୟାଳୟ ଉପରେ ନିର୍ଭର କରୁଛନ୍ତି। ଏହି ଦୁଇ ବ୍ଲକର ଶେଷ ସୀମା ଜିଲା ସଦର ମହକୁମାଠାରୁ ପ୍ରାୟ ୬୦ରୁ ୭୦ କିଲୋମିଟର ଦୂରହେବ। ଫଳରେ ଲୋକଙ୍କୁ ଯାତାୟତରେ ସମସ୍ୟା ହେବା ସହ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଏହାକୁ ଦୃଷ୍ଟିରେ ରଖି ୨୦୧୮ରୁ ରାଜ୍ୟ ସରକାରଙ୍କ ନିକଟରେ ଏନେଇ ବାରମ୍ବାର ଦାବି କରାଯାଉଛି। ମାତ୍ର ଏଥିପ୍ରତି କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି।


**OFFICE OF THE DIVISIONAL FOREST OFFICER BHADRAK WILDLIFE DIVISION**

AT/P.O/P.S.-CHANDBALI, DISTRICT-BHADRAK, PIN-756133
Phone/Fax- 06786-220472, Mob- +91 9437041541,
Email-dfo.bhadrakwl@odisha.gov.in
No. 2608 -1F-421/2025, Dated 23rd June 2025

**TENDER CALL NOTICE FOR SUPPLY OF TREE GUARD (BAMBOO GABION)**

**No.MM-99:** Sealed Tenders are invited from reputed Dealers / Manufacturers / Individuals for supply of good quality tree guard (seasoned bamboo gabion) of size 6' height and 2'6" diameter with fixing in different plantation sites to be taken up in Bhadrak (WL) Division under MGNREGS schemes during the financial year 2025-26. The tender application can be obtained from the Section Officer, 3F / 4F Section O/O the DFO, Bhadrak (WL) Division on any working day during 10.00 AM to 05:30 PM from date 24.06.2025 to 30.06.2025 on payment of ₹1000.00 (Rupees One Thousand) only in form of cash. Sample of the Tree Guard should be submitted along with the Tender document. The timeline for submission of sealed tender by any means is 02.00 PM on date 30.06.2025. Only the Technical bids shall be opened at 04:00 PM of 30.06.2025 in presence of the bidder (s) or their authorized representative in the Office of the undersigned. The undersigned reserves the right to reject any or all tender without assigning any reasons thereof.

Sd/- Divisional Forest Officer
Bhadrak (WL) Division
OIPR-08048/11/0003/2526



**OFFICE OF THE SUPERINTENDING ENGINEER ELECTRICAL CIRCLE (R&B) NIRMAN SOUDHA, BHUBANESWAR**

E-mail: seec.bbsr2010@gmail.com
Bid Identification No. S.E.E.C (R&B) 06/2025-26
No.2287/Date: 23.06.2025

**No.B-240:** The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.30.06.2025 at 05.00 P.M. to dt.15.07.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt. 16.07.2025 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www. tendersorissa.gov.in. Addendum / Corrigendum, if required, will be available only in the Website.

Sd./- Superintending Engineer
OIPR-34006/11/0037/2526 Electrical Circle (R&B) Odisha, BBSR



No.B-233

**OFFICE OF THE SUPERINTENDING ENGINEER**

JAGATSINGHPUR (R&B) DIVISION, JAGATSINGHPUR
GOVERNMENT OF ODISHA
E-Mail I.D. - eerbjspr@gmail.com
('e' Procurement Notice)
Bid Identification No. S.E. JSP(R&B)-05 of 2025-26

**TENDER CALL NOTICE**

1. The Superintending Engineer, Jagatsinghpur (R&B) Division, Jagatsinghpur on behalf of Governor of Odisha invites on Percentage rate basis bid in Double cover system in ONLINE MODE from eligible contractor for Building works as mentioned below.
2. No. of Work : 03 No.
3. Nature of work : Civil, E.I & PH work
4. Class of Contractor : "B"
5. Tender Paper Cost : Rs.10000/- (Online)
6. Available of bid documents in the website : From 30/06/2025 to 5 P.M. of 15/07/2025
7. Date of Opening of Bid : 11 A.M. of 16/07/2025

The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/corrigendum/ cancellation of tender can also be seen in the said website.

Sd./- (Er Sarbendu Sutar)
Superintending Engineer,
Jagatsinghpur (R&B) Division
OIPR-34093/11/0022/2526



**MILK UNION SAMBALPUR CORRIGENDUM**

The Tender Notice No.373 dt.24.06.2025 & SAMUL Website No.278 Talmal-Kirmira Milk Route (Auto or similar type of Vehicle) has been changed i.e. Tata Ace or similar type of vehicle, other Route & terms & conditions is remain unchanged.



ଆମ ଶିମିଳିପାଳ ଆମ ଗର୍ବ — OUR SIMILIPAL OUR PRIDE

**OFFICE OF THE DEPUTY DIRECTOR, SIMILIPAL (NORTH) WILDLIFE DIVISION**

AT-MATIAGARH CHHAKA, PO-K.JASHIPUR, DIST.-MAYURBHANJ, ODISHA-757091
Tel : 06797-295030, Email - dfo.similipalnorthwl@odisha.gov.in / ddsimilipalnorth@gmail.com
Office Order No. : 74//, Dated 21.06.2025

*01st Corrigendum to Bid invited vide this Office Tender Call Notice No.1921, dtd.10.06.2025*

**No.MM-100** : In pursuance to this Office Tender Call Notice No.1921, dtd.10.06.2025, due to unavoidable circumstances all the committee member constituted for supply and installation of Solar High Mast Light are hereby absent in the time of opening of technical bid. So the Date & time of opening of technical bid is re-schedule on dtd.25.06.2025 at 12.30 P.M.

| Sl. No. As per Original TCN | Items | As per Original TCN | As per 01st Corrigendum to TCN & DTCN |
|---|---|---|---|
| 5 | Date & time of opening of technical bid | Dt.21.06.2025 at 12.30 hours onwards | Dt.25.06.2025 at 12.30 hours onwards |

OIPR-08133/11/0017/2526 Sd./- Deputy Director, Similipal (North) WL Division, Jashipur

# ଲଗାଣ ବର୍ଷା, ବଢ଼ୁଛି ହାତୀନଦୀ ଜଳ ସ୍ତର

## ଭୟଭୀତ ନଈକୂଳିଆବାସୀ

### ଆଡ଼ିବନ୍ଧ ନିର୍ମାଣ ପ୍ରତିଶ୍ରୁତି ପାଣିର ଗାର

ଭବାନୀପାଟଣା,୨୫।୬(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ଗତ କିଛିଦିନ ହେଲା ଲଗାଣ ବର୍ଷା ଜାରିରହିଛି। ଫଳରେ ଜିଲାରେ ପ୍ରବାହିତ ହାତୀ ନଦୀ ଜଳସ୍ତର ବଢ଼ିବାରେ ଲାଗିଛି। ଏହାକୁ ନେଇ ନଈକୂଳିଆ ଅଧିବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ନଦୀ କୂଳ ଲଘିଁଲେ ଜିଲାର ଜୁନାଗଡ଼ ଓ କଲମପୁର ବ୍ଲକର ପ୍ରାୟ ୨୫ ଗାଁ ପ୍ରଭାବିତ ହେବା ଆଶଙ୍କା ରହିଛି। ପୂର୍ବରୁ ନଦୀ କୂଳରେ ଆଡ଼ିବନ୍ଧ ନିର୍ମାଣ ପାଇଁ ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ତାହା ପାଣିର ଗାର ପାଲଟିଛି। ଆଗକୁ ବର୍ଷା ଋତୁ ଆସୁଥିବାରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ଜରୁରୀ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

କଳାହାଣ୍ଡିରେ ଇନ୍ଦ୍ରାବତୀ ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରେ ନିଷ୍କାସିତ ଜଳ ହାତୀନଦୀରେ ଛଡ଼ାଯାଇଥାଏ। ଏହା ନଦୀକୂଳିଆ ଅଧିବାସୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ୧୯୯୪ରୁ ହାତୀନଦୀରେ ବର୍ଷସାରା ଅତ୍ୟଧିକ ପାଣି ପ୍ରବାହିତ ହେଉଛି। ବର୍ଷାଦିନେ ଇନ୍ଦ୍ରାବତୀର ନିଷ୍କାସିତ ଜଳ, ବିଭିନ୍ନ ନାଳ ସଂଯୋଗ ଯୋଗୁ ହାତୀନଦୀରେ ଅତ୍ୟଧିକ ଜଳ ପ୍ରବାହିତ ହୋଇଥାଏ। ଫଳରେ ପ୍ରତିବର୍ଷ ନଦୀ କୂଳ ଖାଇବାରେ ଲାଗିଛି। ଏହାଦ୍ୱାରା ନଦୀ କୂଳରେ ରହୁଥିବା ଗ୍ରାମବାସୀ ଭୟଭୀତ ହୋଇ ରହୁଛନ୍ତି। ବିଶେଷକରି ଜିଲାର କଲମପୁର ବ୍ଲକର ଖଣ୍ଡିଡଙ୍ଗରିଗୁଡ଼ା, ବିରିପୁର, ମାଟିଖାଲ, ବାଲିଛଡ଼ା, କର୍ଲାପଡ଼ା, କରମେଲି, ପରୁଆଗୁଡା, ଚୁରାଗାଁ, ଟେମରା, ବଙ୍କାପଲା, ଜୁନାଗଡ଼ ବ୍ଲକର ଦାସିଗାଁ, ଚିଲଗୁଡା, କୋଳିଗାଁ, କୋଟେନ ଗାଁ, ବଣିଜରା, ମାଟିଗାଁ, ବରଗାଁପଲାସ, ବଳଦିଆମାଲ, ବାଗଡୁଙ୍ଗର, ସାହାଜକନା, ମିଚାଗାଁ, ମସିଗାଁ, ଭଇଁରିଗୁଡ଼ା, ମୁର୍ଲାପଦର, ଚିଙ୍ଗୁଡିସର, ପାଣିଗାଁ ଭଳି ଗ୍ରାମର ଅଧିବାସୀ ପ୍ରଭାବିତ ହେବା ଆଶଙ୍କା ରହିଛି। କୂଳ ଖାଇବା ଯୋଗୁ କଲମପୁର ବ୍ଲକର ବାଲିଛଡା ଗ୍ରାମ ଅସ୍ତିତ୍ୱ ହରାଇବାକୁ ବସିଛି। ଇନ୍ଦ୍ରାବତୀ ପ୍ରକଳ୍ପର ଶକ୍ତି ଉତ୍ପାଦନ ପରେ ନିଷ୍କାସିତ ଜଳ ପ୍ରତିଦିନ ହାତୀନଦୀରେ ଛଡାଯାଉଥିବାରୁ କୂଳରେ ଥିବା ଗାଁଗୁଡିକର ଲୋକମାନେ ବିପଦ ଆଶଙ୍କାରେ ଦିନ କାଟନ୍ତି। ବନ୍ୟା ଆସିଲେ ରାଜନେତାଙ୍କଠାରୁ ଆରମ୍ଭକରି ପ୍ରଶାସନ ପର୍ଯ୍ୟନ୍ତ ହାତୀନଦୀ କୂଳିଆ ଗାଁ କଥା ମନେପକାନ୍ତି। କିନ୍ତୁ ବନ୍ୟା ପରେ ଆଡ଼ିବନ୍ଧ ଦାବି ସରକାରୀ ଫାଇଲ ଭିତରେ ହଜିଯାଏ। ରାଜ୍ୟ ସରକାର ହାତୀ ନଦୀର ୫୫କି.ମି. ନଦୀ କୂଳ ଅସୁରକ୍ଷିତ ଥିବାରୁ ଆଡ଼ିବନ୍ଧ ନିର୍ମାଣ, ବ୍ୟାପକ ବୃକ୍ଷରୋପଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି। ଦୀର୍ଘମିଆଦୀ ସୂତ୍ରରେ ଏସବୁ କାର୍ଯ୍ୟକ୍ରମ ହାତକୁନିଆ ନ ଗଲେ ହାତୀନଦୀ ଉପକୂଳର ୨୫ରୁ ଊର୍ଦ୍ଧ୍ୱ ଗାଁ ମାନଚିତ୍ରରୁ ଉଭେଇଯିବା ଆଶଙ୍କାକୁ ଏଡ଼ାଇ ଦିଆଯାଇପାରିବ ନାହିଁ।

# ଛାତ୍ର, ଯୁବ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ



ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଗେଟ୍ ନିକଟରେ ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବଲାଙ୍ଗୀର,୨୫।୬ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟଠାରେ ବୁଧବାର ଛାତ୍ର ଓ ଯୁବ ବିଜେଡ଼ି ପକ୍ଷରୁ ଗୋପାଳପୁର ଛାତ୍ରୀ ଗଣବଳାତ୍କାର ଏବଂ ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ମହିଳା ନିର୍ଯାତନା ଘଟଣା ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ମୁଖ୍ୟ ଗେଟ୍ ସମ୍ମୁଖରେ ଛାତ୍ରୀଛାତ୍ର ଓ ଯୁବ ବିଜେଡି ସଦସ୍ୟ କୁଶପୁତ୍ତଳିକା ଦାହ କରି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ମାତ୍ର ଏକ ବର୍ଷ ଭିତରେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡି ଯାଇଛି ବୋଲି କହିଥିଲେ। ଜିଲା ଛାତ୍ର ବିଜେଡି ସଭାପତି ସୁମନ ନନ୍ଦ ଓ ଜିଲା ଯୁବ ବିଜେଡ଼ି ସଭାପତି ରାଜେନ୍ଦ୍ର ହୋତାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ର ବିଜେଡି ଓ ଯୁବ ବିଜେଡ଼ି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଅସାମାଜିକ ତତ୍ତ୍ୱଙ୍କ ଉତ୍ପାତ ବୃଦ୍ଧି ପାଇଚାଲିଥିବା ଅଭିଯୋଗ କରି ତୁରନ୍ତ ସମସ୍ୟା ସମାଧାନ କରିବାକୁ ଦାବି କରିଥିଲେ। ପରେ ପ୍ରତିବାଦ କରୁଥିବା ନେତୃବୃନ୍ଦଙ୍କୁ ପୋଲିସ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରୁ ଉଠାଇ ନେଇଥିଲେ।

# ଦାବି ପୂରଣ ନ ହେଲେ ଜୁଲାଇ ୧୪ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ



ଜିଲାପାଳଙ୍କୁ ଦାବିପତ୍ର ଦେଇ ଫେରୁଛନ୍ତି ଅମଲା।

ନୂଆପଡ଼ା,୨୫।୬ (ମକାରୁ ବେମାଲ)

ଓଡ଼ିଶା ରାଜସ୍ୱ ଅମଲାସଂଘର ଆହ୍ୱାନକ୍ରମେ ଜିଲା ଅମଲା ସଂଘ ନୂଆପଡା ପକ୍ଷରୁ ବୁଧବାର ଜିଲାପାଳ ମଧୁସୂଦନ ଦାଶଙ୍କୁ ୧୦ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ସଭାପତି ତ୍ରିଲୋଚନ ରଥଙ୍କ ନେତୃତ୍ୱରେ ସମସ୍ତ ଜିଲା ସ୍ତରୀୟ ଅମଲା ଉପସ୍ଥିତ ଥିଲେ। ଆସନ୍ତା ୧୫ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଜୁଲାଇ ୧୪ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ଅମଲାମାନେ ଚେତାବନୀ ଦେଇଛନ୍ତି। ପ୍ରମୁଖ ଦାବି ମଧ୍ୟରେ ଜିଲା ସ୍ତରରେ କାର୍ଯ୍ୟରତ ଅମଲାଙ୍କ ଶିକ୍ଷାଗତ ଯୋଗ୍ୟତା ଆଧାରରେ କନିଷ୍ଠ ରାଜସ୍ୱ ଅମଲାଙ୍କ ମୂଳ ଦରମା ଓଆରଏସପି-୨୦୧୭ ନିୟମ ଅନୁଯାୟୀ ଲେଭଲ-୯କୁ ବୃଦ୍ଧି, ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗର ପତ୍ର ସଂଖ୍ୟା-୮୪୯୮/୨୦୨୪ ମାର୍ଚ୍ଚ ୧୫ ଅନୁଯାୟୀ ସମସ୍ତ ଜିଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି, ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀ ଓ ତାଙ୍କ ପରିବାର ବର୍ଗଙ୍କ ପାଇଁ ବାର୍ଷିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା,୨୦୨୦ ମସିହାରେ ଲାଗୁ କରା ଯାଇଥିବା ପୁନଃ ଥଇଥାନ ଯୋଜନାର ନିୟମାବଳୀକୁ ଉଚ୍ଛେଦ କରାଯାଇ ୧୯୯୦ରେ ଲାଗୁ କରାଯାଇଥିବା ନିୟମାବଳୀ ଅନୁଯାୟୀ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ, ନୂତନ ପେନ୍‌ସନ ଯୋଜନା ବନ୍ଦ କରି ପୁରାତନ ପେନ୍‌ସନ ଯୋଜନାରେ ଅନ୍ତର୍ଭୁକ୍ତୀକରଣ ଆଦି ଅନ୍ୟତମ। ଏ ନେଇ ରାଜ୍ଯ ସରକାରଙ୍କ ସହ ଅନେକ ଥର ଆଲୋଚନା ହୋଇଥିଲେ ମଧ୍ୟ ଦାବି ପୂରଣ ହୋଇପାରି ନାହିଁ। ଆଗାମୀ ୧୫ ଦିନ ଭିତରେ ଦାବି ପୂରଣ ନ ହେଲେ ଜୁଲାଇ ୭ରୁ ୧୧ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ ଓ ଜୁଲାଇ ୧୪ରୁ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି ସମୟରେ ଜିଲା ସମ୍ପାଦକ ମଦନ ସୁନ୍ଦର ସାହୁ, କାର୍ଯ୍ୟକାରୀ ସଭାପତି ମନୋଜ କୁମାର ମହାରଣା, ମମତା ଶବରଦ, ସଙ୍ଗିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


**OFFICE OF THE PRINCIPAL**

**EKLAVYA MODEL RESIDENTIAL SCHOOL, KUARMUNDA, SUNDARGARH**

Managed by Odisha Model Tribal Education Society (OMTES)
Supported by ST & SC Development Department, Govt. of Odisha
At/PO-Kuarmunda, Dist.-Sundargarh, Pin-770039
Affiliated to CBSE New Delhi, Aff. No. 1520375, School no. 17461
Email - emrskuarmunda2018@gmail.com

Order No.50 — Date-25th June, 2025

**OFFICE ORDER**

**Walk-in Interview**

A walk-in interview will be held at EMRS Kuarmunda premises on 02.07.2025 (Wednesday) in order to engage guest techers against the exiting vacancy on purely temporary basis.
The interested candidates having the required qualification may appear for the interview.

| Sl. No. | Name of the post | Required qualification | Vacant Post |
|---|---|---|---|
| 1. | TGT Mathematics | B.Sc (PCM), B.Ed. | 01 |
| 2. | TGT Odia | BA (Odia Hons.), B.Ed. | 01 |

The preference will be given to CTET/OSSTET qualified candidates.
N.B. - No TA/DA will be provided to the candidates appearing for the said interview.

Sd./- Principal
Ekalavya Model Residential School, Kuarmunda, Sundargarh



**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଇଏଲ୍ଏସ୍‌ବି-୨୫-ରେଟ୍ରୋଫିଟ୍_ଏସି_୯୫-୦୬/ଟିଏନ୍, ତାରିଖ: ୨୪।୦୬।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ଡିଇଇ/ଟିଆର୍‌ଏସ୍, ଦକ୍ଷିଣ ପୂର୍ବ ରେଳପଥ, ବୋକାରୋ ଷ୍ଟିଲ୍ ସିଟି ନିମ୍ନଲିଖିତ କାର୍ଯ୍ୟ ପାଇଁ **ଟେଣ୍ଡର ନମ୍ବର: ଇଏଲ୍‌ଏସ୍‌ବି-୨୫-ରେଟ୍ରୋଫିଟ୍_ଏସି_୯୫-୦୬, ସମାପ୍ତି ତାରିଖ: ୧୮।୦୭।୨୦୨୫** ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **କାର୍ଯ୍ୟର ନାମ:** ଦକ୍ଷିଣ ପୂର୍ବ ରେଳପଥ (ବୋକାରୋ ଷ୍ଟିଲ୍ ସିଟି, ବଣ୍ଡମୁଣ୍ଡା, ରାଉରକେଲା, ସାନ୍ତ୍ରାଗାଛି ଓ ଟାଟାନଗର)ରେ ବିଭିନ୍ନ ଲୋକୋ ଶେଡ୍ ପାଇଁ ୩-ପିଏଚ୍ ଇଲେକ୍ଟ୍ରିକ୍ ଲୋକୋମୋଟିଭ୍‌ରେ କ୍ୟାବ୍‌ଗୁଡ଼ିକରେ ଏୟାର କଣ୍ଡିସନିଂ ପ୍ରଣାଳୀର ରେଟ୍ରୋଫିଟ୍‌ମେଣ୍ଟ । **ଅବଧି: ୨୪ ମାସ । ଆନୁମାନିକ ମୂଲ୍ୟ: ₹୧,୦୨,୭୯,୫୭୦ । ବିଡ୍ ଅମାନତ: ୨,୦୧,୪୦୦ । ଟେଣ୍ଡର ଫର୍ମ ମୂଲ୍ୟ: ଶୂନ ।** ଟେଣ୍ଡର ଦସ୍ତାବିଜ ଆଇଆର୍‌ଇପିଏସ୍ ୱେବ୍‌ସାଇଟ୍ ଅର୍ଥାତ୍ **www.ireps.gov.in ରେ ତା୧୮।୦୭।୨୦୨୫ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ ଉପଲବ୍ଧ ହେବ । ଟେଣ୍ଡରଦାତାଙ୍କ ଦ୍ୱାରା ଟେଣ୍ଡର ଅପଲୋଡ୍ କରାଯିବାର ଶେଷ ତାରିଖ/ସମୟ: ତା୧୮।୦୭।୨୦୨୫ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡର ଖୋଲାଯିବାର ତାରିଖ/ସମୟ: ତା୧୮।୦୭।୨୦୨୫ରିଖ ୧୧.୦୦ ଘଟିକା ।** (ଟେଣ୍ଡର ବନ୍ଦ ହେବାର ତୁରନ୍ତ ପରେ) । ସମସ୍ତ ପ୍ରତିଷ୍ଠିତ, ଅଭିଜ୍ଞ ଓ ଆଗ୍ରହୀ ଟେଣ୍ଡରଦାତା ଏହି କାର୍ଯ୍ୟ ପାଇଁ ଆବେଦନ କରିପାରନ୍ତି । (PR-315)



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ସଂ. CMSSBPLP252701A
ତାରିଖ: 20.06.2025

**କାର୍ଯ୍ୟର ବିବରଣୀ :** ମଣ୍ଡଳ ରେଳ ଚିକିତ୍ସାଳୟ, ସମ୍ବଲପୁର ପାଇଁ ଚୁକ୍ତିର ଘୋଷଣା ତାରିଖ ଠାରୁ 02 (ଦୁଇ) ବର୍ଷର ଅବଧି ପାଇଁ ଦୈନିକ ସ୍ଥାନୀୟ କ୍ରୟ ନିମନ୍ତେ (କ) ଔଷଧ, (ଖ) ସର୍ଜିକାଲ୍ ଉପକରଣ ଏବଂ (ଗ) ବ୍ୟବହାର୍ଯ୍ୟ ସାମଗ୍ରୀ ଯୋଗାଣ ପାଇଁ ଚୁକ୍ତିନାମା । ନିଲାମଦାତାଙ୍କ ଦ୍ୱାରା ପୃଥକ ଭାବେ ପ୍ରତ୍ୟେକ ଗ୍ରୁପ୍ ପାଇଁ ରିହାତି ମୂଲ୍ୟ ପ୍ରତିଶତରେ କିମ୍ବା ଟଙ୍କା 01 ରେ ହାର ନିର୍ଦ୍ଧାରଣ କରାଯିବ ।

2024-25 ବର୍ଷ ମଧ୍ୟରେ ଆନୁମାନିକ କ୍ରୟ ମୂଲ୍ୟ (ପ୍ରତି ବର୍ଷ): ₹9,60,000.00, EMD (₹) : 38,400.00

ଚୁକ୍ତିନାମାର ଅବଧି: କାର୍ଯ୍ୟ ଆରମ୍ଭ ତାରିଖରୁ ୦୨ (ଦୁଇ) ବର୍ଷ ।

**IREPS ଇ-ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :**
ତା.27.06.2025 ରିଖ (ଶୁକ୍ରବାର) 1300 ଘଟିକାରେ ।

ସମ୍ଭାବ୍ୟ ବିକ୍ରେତା/ ଔଷଧ ଦୋକାନୀମାନଙ୍କୁ IREPS ରେ ପଞ୍ଜୀକରଣ କରିବାକୁ ଏବଂ ବିସ୍ତୃତ ସୂଚନା ପାଇଁ IREPS ୱେବସାଇଟ http://www.ireps.gov.in ରେ ଟେଣ୍ଡର ବିଭାଗ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଇଛି ।

ମୁଖ୍ୟ ଚିକିତ୍ସା ଅଧୀକ୍ଷକ, ସମ୍ବଲପୁର
PR-280/Q/25-26



**ଭାରତୀୟ ରିଜର୍ଭ ବ୍ୟାଙ୍କ୍**

ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିମ୍ନଲିଖିତ କାର୍ଯ୍ୟ ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି;

i. **ବ୍ୟାଙ୍କର ଅଫିସର କ୍ୱାର୍ଟର୍ସ ନୟାପଲ୍ଲୀ, ଭୁବନେଶ୍ୱରରେ 50 KWp ରୁଫ୍ ଟପ୍ ଗ୍ରିଡ୍ ଇଣ୍ଟରଆକ୍ଟିଭ୍ ଏସ୍.ପି.ଭି ଆଧାରିତ ସୋଲାର ପାୱାର ସିଷ୍ଟମ୍ ର ଡିଜାଇନ୍, ଯୋଗାଣ, ସ୍ଥାପନ, ପରୀକ୍ଷଣ ଓ କାର୍ଯ୍ୟକ୍ଷମ କାର୍ଯ୍ୟ ।**

ii. **ବ୍ୟାଙ୍କର କାର୍ଯ୍ୟାଳୟ ଭବନ, ଭୁବନେଶ୍ୱରରେ 20 KWp ରୁଫ୍ ଟପ୍ ଗ୍ରିଡ୍ ଇଣ୍ଟରଆକ୍ଟିଭ୍ ଏସ୍.ପି.ଭି ଆଧାରିତ ସୋଲାର ପାୱାର ସିଷ୍ଟମ୍ ର ଡିଜାଇନ୍, ଯୋଗାଣ, ସ୍ଥାପନ, ପରୀକ୍ଷଣ ଓ କାର୍ଯ୍ୟକ୍ଷମ କାର୍ଯ୍ୟ ।**

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଉଭୟ ଟେଣ୍ଡର ଆବେଦନର ଶେଷ ତାରିଖ **ଜୁଲାଇ 14, 2025 ଅପରାହ୍ନ 02:00 ଟା** ଅଟେ ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, BALANGIR (R&B) CIRCLE : BALANGIR**

Mail ID : sepwdbalangir@gmail.com

**e-Procurement Notice**

**Bid Identification No. : CCE(R&B) BGR/07/2025-26**

**Letter No. - 1236** — **// Dtd. : 20.06.2025**

**No.B-229** : The **Chief Engineer, Balangir (R&B) Circle, Balangir** on behalf of Governor of Odisha invites percentage rate bid in double cover system in **ONLINE MODE** for the construction of works detailed in the table below from **"B" & "A" Class** Contractors registered with the State Governments and contractors of equivalent Grade/Class registered with Central Government/MES/Railways for execution of Civil works. The proof of registration from the appropriate authority shall be enclosed along with the bid.

1. Nature of Work : Building work
2. No. of tender : Building work - 9 Nos.
3. Tender Cost : Rs. 10,000/-
4. Class of Contractor : **"B" & "A" Class**
5. Date & Time of sale & Receipt of Bids : From Dt. 03.07.2025, 05.00 P.M. to Dt. 17.07.2025 up to 05.00 P.M.
6. Date of opening Bid : Dt. 18.07.2025 at 11.00 A.M.
7. The bidders have to participate in ONLINE bidding only. Further details can be seen from the website : http://tendersorissa.gov.in. All future corrigendum will be available on ONLINE MODE only.

**Sd./- Chief Costruction Engineer, Balangir (R&B) Circle, Balangir**

**OIPR-34131/11/0014/2526**


See Career Appointment on every Wednesday & Saturday

**ଓଡ଼ିଶା ସରକାର**

# କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

**File No. 378/2025** — **Dated: 25.04.2025**

No. XXVII-5: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ କୋରାପୁଟ ଜିଲ୍ଲାର ଜୟପୁର ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା: କୁପିଆ, ଥାନା: ବୋରିଗୁମ୍ମା ନଂ. ୪୦, ତହସିଲ: ବୋରିଗୁମ୍ମା, ଜିଲ୍ଲା: କୋରାପୁଟରେ ନିମ୍ନ ତଫସିଲମତେ ପ୍ରାୟ ଏ.୧୭.୦୭୮ଡି. ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

## ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୂପ ଜୟପୁର ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ନିର୍ବାହୀ ଯନ୍ତ୍ରୀ, ଉପ ମୁଖ୍ୟଯନ୍ତ୍ରୀ (ନିର୍ମାଣ), ପୂର୍ବତଟ ରେଳପଥ ଜଗଦଳପୁର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ଜୟପୁର ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରି କରିବା।
୪. ସାମୟିକ ପ୍ରଭାବ ମୂଲ୍ୟାୟନର ସାରାଂଶ ସଂଲଗ୍ନ କରାଗଲା।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ ଜିଲ୍ଲାପାଳ, ଜୟପୁର।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମାଞ୍ଚଳ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଏଥିସହିତ ସଂଲଗ୍ନ କରାଗଲା। | | | | | | | | |

ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ NIL ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନାଟି ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କୋରାପୁଟ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./ - ଜିଲ୍ଲାପାଳ, କୋରାପୁଟ

## ଭୂମି ଅନୁସୂଚୀ

**ମୌଜା: କୁପିଆ, ଥାନା: ବୋରିଗୁମ୍ମା, ନଂ. ୪୦, ତହସିଲ: ବୋରିଗୁମ୍ମା, ଜିଲ୍ଲା: କୋରାପୁଟ**
**ଜୟପୁର-ନବରଙ୍ଗପୁର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ**

| ଖାତା ନଂ. | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|
| ୨/କ | ୪୮୩/ ୧ | ୧.୧ | ୦.୩୧ | ଧାନ-୨ | ହରି ଗାଦବା, ନରେନ୍ଦ୍ର ଗାଦବା, ପି.: ସମ୍ବାରୁ ଗାଦବା, ଜା: ଗାଦବା, ବା: ନିଜଗାଁ |
| ୨/ଖ | ୪୮୩/ ୩ | ୧.୩ | ୦.୩୯୨ | ଧାନ-୨ | ମଙ୍ଗଳା ଡମ୍ବ, ପି.: ଚେନାଡ଼ି ଡମ୍ବ, ଜା: ଡମ୍ବ, ବା: ନିଜଗାଁ |
| ୧୯/୦୧ | ୪୬୭/ ୨ | ୧.୧ | ୦.୧୯୮ | ଧାନ-୩ | ଘାଷି ନାୟକ, ପି.: ମାଧବ ନାୟକ, ଜା: ଗାଦବା, ବା: ମୁଣ୍ଡିଗୁଡ଼ା |
| ୨୨ | ୪୭୭ | ୦.୮ | ୦.୪୯୭ | ଧାନ-୩ | ଟିଲୁ ଗାଦବା, ପି.: ବୁଦୁ ଗାଦବା, ଜା: ଗାଦବା, ବା: ନିଜଗାଁ ଗୁଡା ଖିଲଗୁଡ଼ା |
| ୧୫୨/ ୧୫୭ | ୪୭୭/ ୭୭୩ | ୧.୧୫ | ୦.୦୧ | ଧାନ-୩ | ଦୂର୍ଯ୍ୟଧନ ଗାଦବା, ପି.: ନରେନ୍ଦ୍ର ଗାଦବା, ଜା: ଗାଦବା, ବା: କାଳିଆଗୁଡ଼ା, କୁପିଆ |
| ୩୬ | ୫୦୭ | ୧.୪୯ | ୦.୨୭୬ | ଧାନ-୨ | ବୁଟୁକି ଡମୁଣି, ସ୍ୱା.: ଫଗଣୁ ଡମ, ଜା: ଡମ, ବା: ନିଜଗାଁ |
| ୩୬ | ୫୦୮ | ୦.୫୧ | ୦.୪୧୩ | ଧାନ-୩ | ବୁଟୁକି ଡମୁଣି, ସ୍ୱା.: ଫଗଣୁ ଡମ, ଜା: ଡମ, ବା: ନିଜଗାଁ |
| ୩୬ | ୪୮୧ | ୧.୫୬ | ୦.୧୯୮ | ଧାନ-୨ | ବୁଟୁକି ଡମୁଣି, ସ୍ୱା.: ଫଗଣୁ ଡମ, ଜା: ଡମ, ବା: ନିଜଗାଁ |
| ୩୬ | ୪୮୨ | ୦.୫୩ | ୦.୪୪୮ | ଧାନ-୩ | ବୁଟୁକି ଡମୁଣି, ସ୍ୱା.: ଫଗଣୁ ଡମ, ଜା: ଡମ, ବା: ନିଜଗାଁ |
| ୪୪ | ୪୯୦ | ୦.୪୭ | ୦.୧୬୮ | ଧାନ-୨ | ମଙ୍ଗଳା ଡମ୍ବ, ପି.: ଚେନାଡ଼ି ଡମ୍ବ, ଜା: ଡମ୍ବ, ବା: ନିଜଗାଁ |
| ୪୪ | ୪୯୧ | ୦.୦୮ | ୦.୦୪୪ | ଧାନ-୩ | ମଙ୍ଗଳା ଡମ୍ବ, ପି.: ଚେନାଡ଼ି ଡମ୍ବ, ଜା: ଡମ୍ବ, ବା: ନିଜଗାଁ |
| ୪୬/୧ | ୪୫୮ | ୦.୬୨ | ୦.୪ | ଧାନ-୩ | ରାମଚନ୍ଦ୍ର ଗାଦବା, ପି.: କମଲୁ ଗାଦବା, ଜା: ଗାଦବା, ବା: ନିଜଗାଁ |
| ୫୯ | ୪୭୦ | ୦.୭୩ | ୦.୧୯୨ | ଧାନ-୨ | ରଘୁନାଥ ଗାଦବା, ପି.: ବୁଡୁ ଗାଦବା, ଜା: ଗାଦବା, ବା: ନିଜଗାଁ, କାଳିଆଗୁଡ଼ା |
| ୯୬ | ୪୬୬ | ୨.୦୧ | ୦.୪୧୫ | ଧାନ-୩ | ଘାଷି ନାୟକ, ପି.: ମାଧବ ଗାଦବା, ଜା: ଗାଦବା, ବା: ନିଜଗାଁ, ଗୁଡା, ମୁଣ୍ଡିଗୁଡ଼ା |
| ୧୫୨/ ୧୪୮ | ୪୬୬/ ୭୬୮ | ୦.୭ | | ଧାନ-୩ | ରତ୍ନା ହାଲବାଣି, ସ୍ୱା.: ଟଙ୍କଧର ହାଲବା, ଜା: ହାଲବା, ବା: ଅଞ୍ଚଳା |
| ୧୦୧ | ୪୭୮ | ୨.୨୫ | ୦.୨୫୬ | ଧାନ-୨ | ଟିଲୁ ଗାଦବା, ପି.: ବୁଦୁ ଗାଦବା, ଜା: ଗାଦବା, ବା: ନିଜଗାଁ |
| ୧୦୧ | ୪୬୫ | ୦.୫୫ | ୦.୦୭୯ | ଧାନ-୩ | ଟିଲୁ ଗାଦବା, ପି.: ବୁଦୁ ଗାଦବା, ଜା: ଗାଦବା, ବା: ନିଜଗାଁ |
| ୧୦୩ | ୪୮୬ | ୦.୧୬ | ୦.୦୭୯ | ଧାନ-୨ | ଦୁଲଭ ଗାଦବା, ପି.: ମନଧର ଗାଦବା, ଜା: ଗାଦବା, ବା: ନିଜଗାଁ |
| ୧୧୬ | ୪୯୯ | ୧.୨୯ | ୦.୧୮୭ | ଧାନ-୨ | ବୁଦୁରା ଗାଦବା, ପି.: ମୁକୁନ୍ଦ ଗାଦବା, ଜା: ଗାଦବା, ବା: ନିଜଗାଁ, ଗୁଡା, ବନ୍ଧୁଗୁଡ଼ା |
| ୧୧୬ | ୪୯୮ | ୦.୩୮ | ୦.୩୨୧ | ଧାନ-୩ | ବୁଦୁରା ଗାଦବା, ପି.: ମୁକୁନ୍ଦ ଗାଦବା, ଜା: ଗାଦବା, ବା: ନିଜଗାଁ ଗୁଡ଼ା, ବନ୍ଧୁଗୁଡ଼ା |
| ୧୨୦ | ୪୯୩ | ୦.୯୨ | ୦.୧୪୫ | ଧାନ-୨ | ମଙ୍ଗଡୁ ଡମ, ପି.: ଅନକା ମହୁରିଆ, ଜା: ଡମ୍ବ, ବା: ନିଜଗାଁ |
| ୧୨୦ | ୪୯୨ | ୦.୩୧ | ୦.୨୦୭ | ଧାନ-୩ | ମଙ୍ଗଡୁ ଡମ, ପି.: ଅନକା ମହୁରିଆ, ଜା: ଡମ୍ବ, ବା: ନିଜଗାଁ |
| ୧୫୨/ ୧୦୩ | ୫୧୦ | ୩.୦୪ | ୨.୨୯୭ | ଧାନ-୨ | ବଳରାମ ଗାଦବା, ପି.: ଚୈତନ ଗାଦବା, ଜା: ଗାଦବା, ବା: ବନ୍ଧଗୁଡ଼ା |
| ୧୨୫ | ୪୯୬ | ୦.୯୯ | ୦.୧୭୫ | ଧାନ-୨ | ମୁଦୀ ଗାଦବା, ପି.: ଅର୍ଜୁନ ଗାଦବା, ବା: ନିଜଗାଁ, ବନ୍ଧୁଗୁଡ଼ା |
| ୧୨୫ | ୪୯୭ | ୦.୨୧ | ୦.୧୩୬ | ଧାନ-୩ | ମୁଦୀ ଗାଦବା, ପି.: ଅର୍ଜୁନ ଗାଦବା, ବା: ନିଜଗାଁ, ବନ୍ଧୁଗୁଡ଼ା |
| ୧୪୨ | ୪୭୫ | ୩.୪୮ | ୦.୦୧୭ | ଧାନ-୨ | ଶୁକ୍ରୁ ଗାଦବା, ପି.: ମଧୁ ଗାଦବା, ଜା: ଗାଦବା, ବା: ନିଜଗାଁ ମୁଣ୍ଡିଗୁଡ଼ା |
| ୧୪୨ | ୪୭୬ | ୦.୧ | ୦.୧ | ଧାନ-୩ | ଶୁକ୍ରୁ ଗାଦବା, ପି.: ମଧୁ ଗାଦବା, ଜା: ଗାଦବା, ବା: ନିଜଗାଁ ମୁଣ୍ଡିଗୁଡ଼ା |
| ୧୪୩ | ୪୬୮ | ୧.୨୮ | ୦.୨୩୪ | ଧାନ-୨ | ଶୁକ୍ରୁ ଗାଦବା, ପି.: ମଧୁ ଗାଦବା, ଜା: ଗାଦବା, ବା: ନିଜଗାଁ, ମୁଣ୍ଡିଗୁଡ଼ା |
| ୧୪୬ | ୪୫୯ | ୪.୮ | ୧.୭୫୫ | ଧାନ-୩ | ବଂଶିୟା ହରି ଗଉଡ଼, ପି.: ପତି ଚଲାଣ, ଜା: ଗାଦବା, ବା: ନିଜଗାଁ |
| ୧୪୯ | ୫୦୯ | ୫.୫୮ | ୨.୨୯ | ଧାନ-୨ | ହରି ଗାଦବା, ପି.: ଗୁରୁ ନାୟକ, ଜା: ଗାଦବା, ବା: ନିଜଗାଁ |
| ୧୫୨/ ୧୪୭ | ୪୮୩/ ୨ | ୦.୪୩ | ୦.୨୨୫ | ଧାନ-୨ | ମୀନ କେତନ ଗାଦବା, ପି.: ଗୋପିନାଥ ଗାଦବା, ଜା: ଗାଦବା, ବା: କୁପିଆ ତରଫା କାଳିଆ ଗୁଡ଼ା |
| ୧୫୨/ ୨୦୨ | ୪୬୭/ ୧ | ୧.୩୭ | ୦.୨୧୮ | ଧାନ-୩ | ଲକ୍ଷ୍ମୀ ନାୟକ, ପି.: ଗଣପତି ନାୟକ, ଜା: ଗାଦବା, ବା: ମୁଣ୍ଡିଗୁଡ଼ା |
| ୧୫୨/ ୨୦୫ | ୪୬୯ | ୧.୬୧ | ୦.୩୦୩ | ଧାନ-୨ | ଧନୁର୍ଯ୍ୟୟ ହରିଜନ, ପି.: ଘାସି ହରିଜନ, ଜା: ଡମ୍ବ, ବା: ପର୍ଲି |
| ୧୫୨/ ୩୮୬ | ୫୧୬ | ୧.୨୪ | ୦.୫୮୩ | ଧାନ-୩ | ସୁକଳ ଦେଇ ହରିଜନ, ପି.: ଭଗବାନ ହରିଜନ, ଜା: ଡମ୍ବ, ବା: ଅଞ୍ଚଳା |
| ୧୫୨/ ୩୮୫ | ୫୧୬/ ୯୮୬ | ୧.୨୪ | | ଧାନ-୩ | ଭାଗୀରଥି ହରିଜନ, ପି.: ତ୍ରିଲୋଚନ ହରିଜନ, ଜା: ଡମ୍ବ, ବା: ଅଞ୍ଚଳା |
| ୧୫୨/ ୩୮୯ | ୪୭୬/ ୭୬୩/ ୯୮୭ | ୦.୫ | ୦.୫ | ଧାନ-୩ | ପୂର୍ଣ୍ଣ ହରିଜନ, ପି.: ଜଗନ୍ନାଥ ହରିଜନ, ଜା: ଡମ୍ବ, ବା: ଅଞ୍ଚଳା |
| ୧୫୨/ ୩୯୦ | ୪୭୬/ ୭୬୩ | ୦.୫ | ୦.୫ | ଧାନ-୩ | କୁମାରୀ ଚଞ୍ଚଳା ହରିଜନ, ପି.: ବଳି ହରିଜନ, ଜା: ଡମ୍ବ, ବା: ଅଞ୍ଚଳା |
| ୧୫୨/ ୩୯୪ | ୪୫୭/ ୯୯୨ | ୧.୩୩୧୭ | ୦.୭୨୪ | ଘରବାରି | ଏସ୍. ଗୁପ୍ତେଶ୍ୱର ରାଓ, ପି.: ଏସ୍. ଲୋକନାଥ ସରାଫ୍, ଜା: ବିଶ୍ୱ ବ୍ରାହ୍ମଣ, ବା: ଜୟପୁର |
| ୧୫୨/ ୩୯୪ | ୪୫୭/ ୭୩୯/ ୯୮୯ | ୦.୪୬୨ | ୦.୧୭୯ | ଘରବାରି | ଏସ୍. ଗୁପ୍ତେଶ୍ୱର ରାଓ, ପି.: ଏସ୍. ଲୋକନାଥ ସରାଫ୍, ଜା: ବିଶ୍ୱ ବ୍ରାହ୍ମଣ, ବା: ଜୟପୁର |
| ୧୫୨/ ୩୯୫ | ୪୫୭/ ୯୯୨/ ୯୯୩ | ୦.୦୨ | ୦.୦୧୫ | ଘରବାରି | ନିରଞ୍ଜନ ସିଂ, ପି.: ମୀନ କେତନ ସିଂ, ଜା: କ୍ଷତ୍ରୀୟ, ବା: ଡାବୁଗୁଡ଼ା |
| ୧୫୨/ ୪୦୨ | ୪୫୭/ ୯୯୨/ ୯୯୮ | ୦.୧ | ୦.୦୧୮ | ଘରବାରି | ଦୀପକ ଦାସ, ପି.: ପ୍ରସନ୍ନ କୁମାର ଦାସ, ଜା: ବ୍ରାହ୍ମଣ, ବା: ଗଣ୍ଡମୁଣ୍ଡା ଖଣ୍ଡଗିରି |
| ୧୫୨/ ୪୦୩ | ୪୫୭/ ୯୯୨/ ୯୯୯ | ୦.୦୨ | ୦.୦୧୩ | ଘରବାରି | ଗୋବିନ୍ଦମ୍ ରାମଲେଲା, ପି.: ଜି. ରବିବାବୁ, ଜା: ଶାତାନି ବୈଷ୍ଣବ, ବା: ଆଦିତ୍ୟ ହସ୍ପିଟାଲ, ହାଇଦ୍ରାବାଦ |
| ୧୫୨/ ୪୦୫ | ୪୫୭/ ୯୯୨/୧୦୦୧ | ୦.୦୪ | ୦.୦୪ | ଘରବାରି | ସମିଷ୍ଠା ରଥ, ସ୍ୱା.: ଶ୍ରୀକାନ୍ତ କୁମାର ପଣ୍ଡା, ଜା: ବ୍ରାହ୍ମଣ, ବା: ଡଙ୍ଗରଭେଜା |
| ୧୫୨/ ୪୦୬ | ୪୫୭/ ୬୮୧/ ୯୮୪ | ୧.୯ | ୧.୩୧୩ | ଡଙ୍ଗର-୨ | ଏସ୍. ଗୁପ୍ତେଶ୍ୱର ରାଓ, ପି.: ଏସ୍ ଲୋକନାଥ ସରାଫ୍, ଜା: ବିଶ୍ୱ ବ୍ରାହ୍ମଣ, ବା: ଜୟପୁର |
| ୧୫୨/ ୪୧୧ | ୪୫୭/ ୯୯୨/ ୯୮୯ | ୦.୦୪ | ୦.୦୨୪ | ଘରବାରି | ନିହାରକାନ୍ତ ପଟ୍ଟନାୟକ, ପି.: ପଦ୍ମଚରଣ ପଟ୍ଟନାୟକ, ଜା: କରଣ, ବା: ବୋରିଗୁମ୍ମା |
| ୧୫୨/ ୪୧୩ | ୪୫୭/ ୬୮୧/ ୯୯୧/୧୦୦୩ | ୦.୦୩୫ | ୦.୦୩୫ | ଘରବାରି | ଶାରଦା ପଣ୍ଡା, ରାଧାକୃଷ୍ଣ ପଣ୍ଡା, ଜା: ବ୍ରାହ୍ମଣ, ବା: ପାଇକ ସାହି, ଜୟନଗର |
| ୧୫୨/ ୪୧୩ | ୪୫୭/ ୯୯୨/୧୦୦୪ | ୦.୦୦୫ | ୦.୦୦୫ | ଘରବାରି | ଶାରଦା ପଣ୍ଡା, ରାଧାକୃଷ୍ଣ ପଣ୍ଡା, ଜା: ବ୍ରାହ୍ମଣ, ବା: ପାଇକ ସାହି, ଜୟନଗର |
| ୧୫୨/ ୪୧୬ | ୪୫୭/ ୯୯୨/୧୦୦୭ | ୦.୦୪ | ୦.୦୪ | ଘରବାରି | ସୁଲତା ସାହୁ, ସ୍ୱା.: ମୋହନ ସାହୁ, ଜା: ରଙ୍ଗୁଣି, ବା: ପର୍ଲି |
| ୧୫୨/ ୪୧୮ | ୪୫୭/ ୯୯୨/୧୦୦୯ | ୦.୦୪୧୩ | ୦.୦୩୫ | ଘରବାରି | ଏ. ମନୋଜ କୁମାର, ଏ. ଚନ୍ଦନ କୁମାର, ପି.: ଏ. ମାଧବ ରାଓ, ଜା: ତେଲେଙ୍ଗା, ବା: ନବରଙ୍ଗପୁର |
| ୧୫୨/ ୪୧୯ | ୪୫୭/ ୯୯୨/୧୦୧୦ | ୦.୦୫୨ | ୦.୦୫୧ | ଘରବାରି | ସନ୍ତୋଷ କୁମାର ସାହୁ, ପି.: ସଚିଦାନନ୍ଦ ସାହୁ, ଜା: ବ୍ରାହ୍ମଣ, ବା: ଜୟପୁର |
| ୧୫୨/ ୪୨୦ | ୪୫୭/ ୭୩୯/ ୯୮୯/୧୦୧୧ | ୦.୦୧୮ | ୦.୦୧୮ | ଘରବାରି | କେ. ସୁଜାତା, ସ୍ୱା.: କେ. ଶ୍ରୀନିବାସ, ଜା: ତେଲେଙ୍ଗା, ବା: ବଡ଼ମାଳ, ବଲାଙ୍ଗୀର |
| | ମୋଟ | | ୧୭.୦୭୮ | | |

OIPR-24074/14/0015/2526

# ବୌଦ୍ଧ, କନ୍ଧମାଳ ମହାବିଦ୍ୟାଳୟ ଆଗରେ ବିକ୍ଷୋଭ




ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ସମ୍ମୁଖରେ ଛାତ୍ର ବିଜେଡି ପକ୍ଷରୁ ବିକ୍ଷୋଭ କରାଯାଉଛି।

**ବୌଦ୍ଧ, ୨୫।୬ (ଅଜିତ କୁମାର ବାରିକ)**

ଗୋପାଳପୁରରେ ଛାତ୍ରୀଙ୍କୁ ଗଣବଳାତ୍କାର ମାମଲାରେ ଦେଶବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ଓଡ଼ିଶାରେ ପ୍ରମୁଖ ବିରୋଧୀ ଦଳ ବିଜେଡି ପକ୍ଷରୁ ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ଥିବା ଅଭିଯୋଗ କରାଯାଇଛି। ସରକାରକୁ ଏକବର୍ଷ ପୂର୍ତ୍ତି ହୋଇଥିବାବେଳେ ମହିଳାମାନଙ୍କ ପ୍ରତି ନିର୍ଯାତନା ଘଟଣା ବୃଦ୍ଧି ପାଇଚାଲିଛି। ଏହାରି ପ୍ରତିବାଦରେ ଛାତ୍ର ବିଜେଡି ପକ୍ଷରୁ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଓ କନ୍ଧମାଳ ପଞ୍ଚାୟତ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଆଗରେ ଛାତ୍ର ବିଜେଡି ସଭାପତି ଅର୍ସାଦ ଖାଁଙ୍କ ନେତୃତ୍ୱରେ ଆୟୋଜିତ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଛାତ୍ରନେତା ଆୟୁଷ କୁମାର ସ୍ୱାଇଁ, ଅଭିଜିତ ସାମନ୍ତରାୟ, ଛାତ୍ରୀ ରୁଚିସ୍ମିତା ମହାପାତ୍ର, କାଜଲ ଭୋକ୍ରା ଓ ସ୍ମୃତିରାଣୀ ଦେହୁରୀ ପ୍ରମୁଖ ନେତୃତ୍ୱ ନେଇଥିଲେ। ବିକ୍ଷୋଭ ବେଳେ ଛାତ୍ରୀଛାତ୍ରମାନେ କଲେଜ ଫାଟକ ସମ୍ମୁଖରେ ବିକ୍ଷୋଭ କରିବା ସହିତ ସ୍ୱଳ୍ପ ସମୟ ପାଇଁ ରାସ୍ତାରୋକୋ କରିଥିଲେ।

# ଅସୁରକ୍ଷିତ ସୁବର୍ଣ୍ଣପୁର ରଥଦାଣ୍ଡ

## ରଥଯାତ୍ରାକୁ ନେଇ ଚିନ୍ତାରେ ସହରବାସୀ

**ସୋନପୁର, ୨୫।୬ (ମୃତ୍ୟୁଞ୍ଜୟ ଶତପଥୀ)**

ମନ୍ଦିର ମାଳିନୀ ଓ ସଂସ୍କୃତି ସମ୍ପନ୍ନ ସୁବର୍ଣ୍ଣପୁର ସହରରେ ପବିତ୍ର ରଥଯାତ୍ରା ମହାସମାରୋହରେ ପାଳିତ ହୋଇଥାଏ। ତେବେ ପ୍ରଶାସନର ବେପରୁଆ ମନୋଭାବ ଯୋଗୁ ରାଜାରାଜୁଡା ଅମଳରୁ ପାଳିତ ହେଉଥିବା ଏହି ରଥଯାତ୍ରା ଦିନକୁ ଦିନ ତାର ଚମକ ହରାଉଥିବା ଅଭିଯୋଗ ହେଉଛି। ସୁବର୍ଣ୍ଣପୁର ସହରରେ ଗଡଭିତର ଜଗନ୍ନାଥ ମନ୍ଦିର, ଘୋଡାଘାଟପଡା ସ୍ଥିତ ଦଧିବାମନ ମନ୍ଦିର ଓ ରାୟଗୁରୁପଡା ସ୍ଥିତ ବୃନ୍ଦାବନ ବିହାରୀ ମନ୍ଦିରରେ ରଥଯାତ୍ରା ହୁଏ। ତେବେ ରଥଦାଣ୍ଡରେ ଡ୍ରେନ୍ ମୁକୁଳା ପଡିବା, ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ନହେବା ନେଇ ଚଳିତ ଥର ସହରବାସୀ ଚିନ୍ତାରେ ଅଛନ୍ତି। ଦୁର୍ଗାମଣ୍ଡପରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ରଥଦାଣ୍ଡରେ ଡ୍ରେନ୍ କାମ ଓ ରାସ୍ତା କାମ ଏ ପର୍ଯ୍ୟନ୍ତ ସରିନି। ପୌର ପରିଷଦ ପକ୍ଷରୁ ଦୀର୍ଘ ମାସ ପୂର୍ବରୁ ଚାଲିଥିବା ଡ୍ରେନ୍ କାମ ସରି ନ ଥିବା ବେଳେ ଖାଲଖମାକୁ କଂକ୍ରିଟ୍ କରାଯାଇନି। ଏବେ ପୁଣି ପିଚୁ ପାଇଁ ରାସ୍ତା କାମ ଆରମ୍ଭ ହୋଇଛି। ଶ୍ରୀଗୁଣ୍ଡିଚା ରଥଯାତ୍ରା ପାଇଁ ଆସନ୍ତା ୨୮ ତାରିଖରେ ରଥଟଣା ହେବ। ରଥଦାଣ୍ଡରେ ୩ଟି ରଥକୁ ଶ୍ରଦ୍ଧାଳୁମାନେ ଟାଣି ମାଉସୀ ମା' ମନ୍ଦିରକୁ ନେବେ। ରଥଦାଣ୍ଡ କାମ ସାରିବାକୁ ହାତରେ ଆଉ ମାତ୍ର ୨ ଦିନ ସମୟ ଅଛି। କାମ ସରିବା ନେଇ ଆଶଙ୍କା ପ୍ରକାଶ ପାଇଛି। ତେବେ ଗଙ୍ଗାଧର ମେହେର ଛକରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ କିଭଳି ରଥଟଣା ହେବ ସେ ନେଇ ଶ୍ରଦ୍ଧାଳୁ ଚିନ୍ତାରେ ଅଛନ୍ତି। କୌଣସି ଅଘଟଣା ଘଟିଲେ ସେଥିପାଇଁ ପୌର ପ୍ରଶାସନ ଓ ଜିଲା ପ୍ରଶାସନ ଦାୟୀ ରହିବେ ବୋଲି ଭକ୍ତମାନେ କହିଛନ୍ତି।



ଦୁର୍ଗା ମଣ୍ଡପ ଛକରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ରଥଦାଣ୍ଡରେ ଡ୍ରେନ୍ ଓ ରାସ୍ତା କାମ ଅସମ୍ପୂର୍ଣ୍ଣ ରହିଛି।

# ଜରୁରୀ ପରିସ୍ଥିତି ଆଳରେ କଂଗ୍ରେସ ସମ୍ବିଧାନକୁ ହତ୍ୟା କରିଛି: ଭାଜପା

**ବୌଦ୍ଧ, ୨୫।୬ (ଅଜିତ କୁମାର ବାରିକ):** ବୌଦ୍ଧରେ ଭାଜପା ପକ୍ଷରୁ ଜୁନ ୨୫ ତାରିଖକୁ କଳାଦିବସ ଭାବେ ପାଳନ କରାଯାଇଛି। ଏନେଇ ଜିଲା ଭାଜପା କାର୍ଯ୍ୟାଳୟଠାରେ ଜିଲା ସଭାପତି ପ୍ରେମାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମିଶ୍ର ସମ୍ମିଳନୀରେ ୫୦ବର୍ଷ ତଳେ ଜରୁରୀ ପରିସ୍ଥିତି ଘୋଷଣା କରି ସମ୍ବିଧାନକୁ ହତ୍ୟା କରିଥିବା କଂଗ୍ରେସ ଦଳର ବର୍ତ୍ତମାନ ମଧ୍ୟ ଏକଛତ୍ରବାଦୀ ମାନସିକତା ରହିଥିବା ଅଭିଯୋଗ କରିଥିଲେ। ବର୍ତ୍ତମାନ ପଦ୍ଧତି ବଦଳିଛି କିନ୍ତୁ କଂଗ୍ରେସର ସେହି ଆଭିମୁଖ୍ୟ ରହିଥିବା କହିବା ସହ ପୁନର୍ବାର କଂଗ୍ରେସ ହାତକୁ ଶାସନ ଦେଇ ଜରୁରୀ ପରିସ୍ଥିତି ଭଳି ଅବସ୍ଥା ସୃଷ୍ଟି ନ କରିବାକୁ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏହି ଦିବସକୁ କଳା ଦିବସ ଭାବରେ ପାଳନ କରାଯାଉଥିବା କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ଦଳର ଜିଲା ଉପସଭାପତି ଶ୍ୟାମସୁନ୍ଦର ପୁରୋହିତ, ବରିଷ୍ଠ ନେତା ମନୋରଞ୍ଜନ ଦାଶ ଓ ସତ୍ୟାନନ୍ଦ ପାଣ୍ଡେ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ।

# ରଥଯାତ୍ରା ପାଇଁ ଶାନ୍ତି କମିଟି ବୈଠକ

**ତରଭା, ୨୫।୬ (ମାନଭଞ୍ଜନ ମିଶ୍ର)**

ତରଭା ଶ୍ରୀଶ୍ରୀ ଦଧିବାମନଙ୍କ ପବିତ୍ର ରଥଯାତ୍ରା ସୁଚାରୁରୂପେ ପରିଚାଳନା କରିବା ସକାଶେ ଶାନ୍ତି କମିଟି ବୈଠକ ବୁଧବାର ସନ୍ଧ୍ୟାରେ ଆୟୋଜିତ ହୋଇଯାଇଛି। ତରଭା ଥାନା ପରିସରରେ ଆଇଆଇସି ଅନିତା କିଡୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ତହସିଲଦାର ଶ୍ୱେତାଲିନା ମାହାଣା, ଏସଆଇ ରବୀନ୍ଦ୍ର ସାହୁ, ଏଏସଆଇ ଶୁଭେନ୍ଦୁ ସିଂ, ଉପନଗରପାଳ ଗଗନ ଅଗ୍ରୱାଲ, ଏନଏସି ଅଧକ୍ଷାଙ୍କ ପ୍ରତିନିଧି ମଧୁସୂଦନ ପାଣ୍ଡେ, ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ମାନସ ସାହୁ, କାଉନସିଲର ଆକବର ଅଲ୍ଲୀ, ଅଶୋକ ସାହୁ, ମାନଭଞ୍ଜନ ମିଶ୍ର, କପିଳାସ ସେଠ, ଅନ୍ତର୍ଯ୍ୟାମୀ ସାହୁ, କଲ୍ୟାଣ ନାଏକ, ମାଙ୍ଗେଲାଲ ଅଗ୍ରୱାଲ, ଦୁର୍ଗାପ୍ରସାଦ ସାହୁ ସାହୁ, ଜନାର୍ଦ୍ଦନ ଥନାପତି, ବୈକୁଣ୍ଠେଶ୍ୱର ବାରିକ, କୁଶଳେଶ୍ୱର ସୁନା ଉପସ୍ଥିତ ଥିଲେ। ମାନଭଞ୍ଜନ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ରଥଯାତ୍ରା ସମୟରେ ସହରର ବିଭିନ୍ନ ଛକରେ ସିସି ଟିଭି ଲଗାଇବା ସହ ଅଧିକ ସଂଖ୍ୟକ ପୋଲିସ କର୍ମଚାରୀ ମୁତୟନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଶ୍ରୀ ଦଧିବାବନଙ୍କ ମନ୍ଦିର ନିକଟରୁ ଦୁର୍ଗା ମଣ୍ଡପ ପର୍ଯ୍ୟନ୍ତ ରାସ୍ତା ଓ ମୀନାବଜାର ପଡିଥିବା ହାଇସ୍କୁଲ ଖେଳ ପଡିଆରେ ଆମିଷ ଓ ନିଶା ସାମଗ୍ରୀ ବିକ୍ରିକୁ ବନ୍ଦ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ରଥଟଣାକୁ ବ୍ୟବସ୍ଥିତ କରିବା ପାଇଁ ସ୍ୱେଚ୍ଛାସେବୀ ଯୁବକମାନଙ୍କ ସାହାଯ୍ୟ ନେବାକୁ ମତ ପ୍ରକାଶ ପାଇଥିଲା। ଏସଆଇ ରବୀନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।


## OFFICE OF THE PRINCIPAL
## EKLAVYA MODEL RESIDENTIAL SCHOOL, KUARMUNDA, SUNDARGARH

Managed by Odisha Model Tribal Education Society (OMTES)
Supported by ST & SC Development Department, Govt. of Odisha
At/PO-Kuarmunda, Dist.-Sundargarh, Pin-770039
Affiliated to CBSE New Delhi, Aff. No. 1520375, School no. 17461
Email - emrskuarmunda2018@gmail.com

Order No.50 | Date-25th June, 2025

**OFFICE ORDER**
**Walk-in Interview**

A walk-in interview will be held at EMRS Kuarmunda premises on 02.07.2025 (Wednesday) in order to engage guest techers against the exiting vacancy on purely temporary basis.
The interested candidates having the required qualification may appear for the interview.

| Sl. No. | Name of the post | Required qualification | Vacant Post |
|---|---|---|---|
| 1. | TGT Mathematics | B.Sc (PCM), B.Ed. | 01 |
| 2. | TGT Odia | BA (Odia Hons.), B.Ed. | 01 |

The preference will be given to CTET/OSSTET qualified candidates.
N.B. - No TA/DA will be provided to the candidates appearing for the said interview.

Sd./- Principal
Ekalavya Model Residential School, Kuarmunda, Sundargarh

## ଦ.ପୂ. ରେଳପଥ – ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ନଂ.: ଇଏଲ୍ଏସ୍‌ବି-୨୫-ରେଟ୍ରୋଫିଟ୍_ଏସି_୯୫-୦୬/ଟିଏନ୍, ତାରିଖ: ୨୪।୦୬।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ଡିଇଇ/ଟିଆର୍‌ଏସ୍, ଦକ୍ଷିଣ ପୂର୍ବ ରେଳପଥ, ବୋକାରୋ ଷ୍ଟିଲ୍ ସିଟି ନିମ୍ନଲିଖିତ କାର୍ଯ୍ୟ ପାଇଁ **ଟେଣ୍ଡର ନମ୍ବର: ଇଏଲ୍ଏସ୍‌ବି-୨୫-ରେଟ୍ରୋଫିଟ୍_ଏସି_୯୫-୦୬, ସମାପ୍ତି ତାରିଖ:** ୧୮।୦୭।୨୦୨୫ ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **କାର୍ଯ୍ୟର ନାମ:** ଦକ୍ଷିଣ ପୂର୍ବ ରେଳପଥ (ବୋକାରୋ ଷ୍ଟିଲ୍ ସିଟି, ବଣ୍ଡାମୁଣ୍ଡା, ରାଉରକେଲା, ସାନ୍ତ୍ରାଗାଛି ଓ ଟାଟାନଗର)ରେ ବିଭିନ୍ନ ଲୋକୋ ଶେଡ୍ ପାଇଁ ୩-ପିଏଚ୍ ଇଲେକ୍ଟ୍ରିକ୍ ଲୋକୋମୋଟିଭ୍‌ରେ କ୍ୟାବ୍‌ଗୁଡ଼ିକରେ ଏୟାର କଣ୍ଡସନିଂ ପ୍ରଣାଳୀର ରେଟ୍ରୋଫିଟ୍‌ମେଣ୍ଟ । ଅବଧି: ୨୪ ମାସ । ଆନୁମାନିକ ମୂଲ୍ୟ: ₹୧,୦୨,୭୯,୫୭୦ । ବିଡ୍ ଅମାନତ: ୨,୦୧,୪୦୦ । **ଟେଣ୍ଡର ଫର୍ମ ମୂଲ୍ୟ:** ଶୂନ । ଟେଣ୍ଡର ଦସ୍ତାବିଜ ଆଇଆର୍‌ଇପିଏସ୍ ୱେବ୍‌ସାଇଟ୍ ଅର୍ଥାତ୍ www.ireps.gov.in ରେ ତା୧୮।୦୭।୨୦୨୫ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ ଉପଲବ୍ଧ ହେବ । **ଟେଣ୍ଡରଦାତାଙ୍କ ଦ୍ୱାରା ଟେଣ୍ଡର ଅପ୍‌ଲୋଡ୍ କରାଯିବାର ଶେଷ ତାରିଖ/ସମୟ:** ତା୧୮।୦୭।୨୦୨୫ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ । **ଟେଣ୍ଡର ଖୋଲାଯିବାର ତାରିଖ/ସମୟ:** ତା୧୮।୦୭।୨୦୨୫ରିଖ ୧୧.୦୦ ଘଟିକା । (ଟେଣ୍ଡର ବନ୍ଦ ହେବାର ତୁରନ୍ତ ପରେ) । ସମସ୍ତ ପ୍ରତିଷ୍ଠିତ, ଅଭିଜ୍ଞ ଓ ଆଗ୍ରହୀ ଟେଣ୍ଡରଦାତା ଏହି କାର୍ଯ୍ୟ ପାଇଁ ଆବେଦନ କରିପାରନ୍ତି । (PR-315)

## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ସଂ. CMSSBPLP252701A
ତାରିଖ: 20.06.2025

**କାର୍ଯ୍ୟର ବିବରଣୀ :** ମଣ୍ଡଳ ରେଳ ଚିକିତ୍ସାଳୟ, ସମ୍ବଲପୁର ପାଇଁ ଚୁକ୍ତିର ଘୋଷଣା ତାରିଖ ଠାରୁ 02 (ଦୁଇ) ବର୍ଷର ଅବଧି ପାଇଁ ଦୈନିକ ସ୍ଥାନୀୟ କ୍ରୟ ନିମନ୍ତେ (କ) ଔଷଧ, (ଖ) ସର୍ଜିକାଲ୍ ଉପକରଣ ଏବଂ (ଗ) ବ୍ୟବହାର୍ଯ୍ୟ ସାମଗ୍ରୀ ଯୋଗାଣ ପାଇଁ ଚୁକ୍ତିନାମା । ନିଲାମଦାତାଙ୍କ ଦ୍ୱାରା ପୃଥକ ଭାବେ ପ୍ରତ୍ୟେକ ଗ୍ରୁପ୍ ପାଇଁ ରିହାତି ମୂଲ୍ୟ ପ୍ରତିଶତରେ କିମ୍ବା ଟଙ୍କା 01 ରେ ହାର ନିର୍ଦ୍ଧାରଣ କରାଯିବ ।

2024-25 ବର୍ଷ ମଧ୍ୟରେ ଆନୁମାନିକ କ୍ରୟ ମୂଲ୍ୟ (ପ୍ରତି ବର୍ଷ): ₹9,60,000.00, EMD (₹) : 38,400.00

ଚୁକ୍ତିନାମାର ଅବଧି: କାର୍ଯ୍ୟ ଆରମ୍ଭ ତାରିଖରୁ ୦୨ (ଦୁଇ) ବର୍ଷ ।

**IREPS ଇ-ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :**
ତା.27.06.2025 ରିଖ (ଶୁକ୍ରବାର) 1300 ଘଟିକାରେ ।

ସମ୍ଭାବ୍ୟ ବିକ୍ରେତା/ ଔଷଧ ଦୋକାନୀମାନଙ୍କୁ IREPS ରେ ପଞ୍ଜୀକରଣ କରିବାକୁ ଏବଂ ବିସ୍ତୃତ ସୂଚନା ପାଇଁ IREPS ୱେବସାଇଟ http://www.ireps.gov.in ରେ ଟେଣ୍ଡର ବିଭାଗ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଇଛି ।

ମୁଖ୍ୟ ଚିକିତ୍ସା ଅଧୀକ୍ଷକ, ସମ୍ବଲପୁର
PR-280/Q/25-26

## ଭାରତୀୟ ରିଜର୍ଭ ବ୍ୟାଙ୍କ୍

ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ ଭୁବନେଶ୍ୱର - 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନିମ୍ନଲିଖିତ କାର୍ଯ୍ୟ ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି;

i. ବ୍ୟାଙ୍କର ଅଫିସର କ୍ୱାର୍ଟର୍ସ ନୟାପଲ୍ଲୀ, ଭୁବନେଶ୍ୱରରେ 50 KWp ରୁଫ୍ ଟପ୍ ଗ୍ରିଡ୍ ଇଣ୍ଟରଆକ୍ଟିଭ୍ ଏସ୍.ପି.ଭି ଆଧାରିତ ସୋଲାର ପାୱାର ସିଷ୍ଟମ୍ ର ଡିଜାଇନ୍, ଯୋଗାଣ, ସ୍ଥାପନ, ପରୀକ୍ଷଣ ଓ କାର୍ଯ୍ୟକ୍ଷମ କାର୍ଯ୍ୟ ।

**ମୌଜା: ପଥରଚାଟିଆ, ଥାନା: ବୈଶିଙ୍ଗା, ନଂ. ୧୯୧, ତହସିଲ: ରସଗୋବିନ୍ଦପୁର, ଜିଲ୍ଲା: ମୟୂରଭଞ୍ଜ**

| ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୭ | ୫୭୭ | ୦.୫୪ | ୦.୧୮ | ଶାରଦ ଦୁଇ | କାର୍ତ୍ତିକ ରାମ, ଗିରିଧାରି ରାମ, ପି.: ଦୁଲା ରାମ, ଜା: ଉରାଣ, ବା: ନିଜଗାଁ |
| ୮ | ୩୩୧ | ୦.୮୭ | ୦.୨୫ | ଶାରଦ ଏକ | କାର୍ତ୍ତିକ ରାମ, ଗିରିଧାରୀ ରାମ, ପି.: ଦୁଲା ରାମ, ଜା: ଉରାଣ, ବା: ନିଜଗାଁ, ଗୁହିଆ ରାମ, ପି.: ଜଟିଆ ରାମ, ଜା: ଉରାଣ, ବା: ଭଗବାନପୁର |
| ୯ | ୭୨୦ | ୦.୧୬ | ୦.୦୬ | ଶାରଦ ଦୁଇ | କାଳନ୍ଦି ରାମ, ପି.: ବିଜିଲା ରାମ, ଜା: ଉରାଣ, ବା: ବଧି |
| | ୭୨୬ | ୦.୨୦ | ୦.୦୩ | ଶାରଦ ଦୁଇ | |
| ୧୨ | ୭୯୫ | ୦.୭୪ | ୦.୨୪ | ଶାରଦ ଦୁଇ | କୃଷ୍ଣ ରାମ, ରାମ ଚନ୍ଦ୍ର ରାମ, ଭରତ ଚନ୍ଦ୍ର ରାମ, ପି.: ମୁଥୁ ରାମ, ରାଜେନ୍ଦ୍ର ରାମ, ନାଲୁ ରାମ, ପି.: ସୁନି ରାମ, ହାରା ରାମ, ସ୍ୱା.: ସୁନି ରାମ, ଜା: ଉରାଣ, ବା: ବଧି |
| ୧୮ | ୩୬୦/ ୮୭୧ | ୦.୦୮ | ୦.୦୧ | ଶାରଦ ଏକ | ଗିରିଧାରୀ ରାମ, ପି.: ଦୁଲା ରାମ, ଜା: ଉରାଣ, ବା: ନିଜଗାଁ |
| ୨୦ | ୭୨୩ | ୦.୫୦ | ୦.୧୦ | ଶାରଦ ଦୁଇ | ଗିରିଧାରି ରାମ, ହଗୁରୁ ରାମ, ପି.: ଭରତ ରାମ, ଚାମ୍ପି ରାମ, ସ୍ୱା.: ଭରତ ରାମ, ଜା: ଉରାଣ, ବା: ବଧି |
| ୨୪ | ୭୨୧ | ୦.୧୩ | ୦.୦୪ | ଶାରଦ ଦୁଇ | ଗୁରୁବାରି ରାମ, ପୁନିଆ ରାମ, ସ୍ୱା.: ଗୁହିନ ରାମ, ଶଙ୍ଖ ରାମ, ବଦ ରାମ, ବୁଦ୍ଧିଆ ରାମ, ପି.: ଗୁହିନ ରାମ, ଦଶରଥ ରାମ, ସନିଆ ରାମ, ପି.: ଗୌରି ରାମ, ଜା: ଉରାଣ, ବା: ନିଜଗାଁ |
| | ୭୩୯ | ୦.୧୫ | ୦.୦୪ | ଶାରଦ ଦୁଇ | |
| | ୫୮୭ | ୦.୪୪ | ୦.୦୫ | ଶାରଦ ଦୁଇ | |
| | ୫୮୮ | ୦.୪୬ | ୦.୦୩ | ଶାରଦ ଦୁଇ | |
| ୩୭ | ୫୧୪/ ୯୦୯ | ୦.୧୭ | ୦.୦୪ | ଶାରଦ ଦୁଇ | ଛଟା ରାମ, ପି.: ବୁଟୁଭିଲା ରାମ, ଜା: ଉରାଣ, ବା: ନିଜଗାଁ |
| | ୩୬୧ | ୦.୧୩ | ୦.୦୧ | ଶାରଦ ଦୁଇ | |
| ୬୦ | ୫୮୫ | ୦.୧୪ | ୦.୦୧ | ଶାରଦ ଦୁଇ | ଶ୍ରୀ ଗ୍ରାମ ଦେବତୀ ଚକଡ଼ା ଶୁଣି ଠାକୁରାଣୀ ବିଜେ ନିଜଗାଁ ମାର୍ଫତ ବା:, ଦୁର୍ଯ୍ଯୁଧନ ଦେହୁରୀ, ପି.: ହାଡ଼ିଆ ଦେହୁରୀ, ଚନ୍ଦ୍ରୀ ମଣୀ ବେହେରା, ସ୍ୱା.: ହାଡ଼ିଆ ଦେହୁରୀ, ବେଣୁଧର ଦେହୁରୀ, କାଙ୍ଗାଳି ଦେହୁରି, ପି.: ଯୋଗୀ ଦେହୁରି, ମତୀ ଦେହୁରୀ, ସ୍ୱା.: ଯୋଗୀ ଦେହୁରି, ଜା: ଦଣ୍ଡଛତ୍ର ମାଝୀ, ବା: ନିଜଗାଁ |
| ୬୬ | ୩୫୯/ ୯୨୨ | ୦.୧୭ | ୦.୦୨ | ଶାରଦ ଏକ | ନାଥ ରାମ, ପି.: ବିଜିଲା ରାମ, ଜା: ଉରାଣ, ବା: ବଧି |
| | ୭୧୮/ ୮୯୭ | ୦.୧୬ | ୦.୦୨ | ଶାରଦ ଦୁଇ | |
| ୬୭ | ୬୯୭/ ୮୭୯ | ୦.୦୮ | ୦.୦୨ | ଶାରଦ ଦୁଇ | ନାଥ ସିଂ, ହାଡ଼ିଆ ସିଂ, ଗୁରୁ ଚରଣ ସିଂ, ପି.: ବଦ୍ୟନାଥ ସିଂ, କାଳନ୍ଦି ସିଂ, ରାମ ଚନ୍ଦ୍ର ସିଂ, ପି.: ଗୁନା ସିଂ, ଗୌରୀ ସିଂ, ସ୍ୱା.: ସୋମନାଥ ସିଂ, ଗୋବିନ୍ଦ ସିଂ, ପି.: ରଘୁ ସିଂ, ଜା: ଉରାଣ, ବା: ବଧି |
| | ୬୯୭ | ୦.୨୫ | ୦.୧୪ | ଶାରଦ ଦୁଇ | |
| | ୬୯୭/ ୮୮୦ | ୦.୦୯ | ୦.୦୨ | ଶାରଦ ଦୁଇ | |
| ୭୩ | ୭୧୯ | ୦.୨୦ | ୦.୦୧ | ଶାରଦ ଦୁଇ | ପାଗିଲି ରାମ, ପି.: ସାନ ରମା ରାମ, କାନ୍ଦୁ ରାମ, ପି.: ବୁଧିଆ ରାମ, ଭାଗିରଥି ରାମ, ପରବାସିଆ ରାମ, ପି.: ପାଣ୍ଡିଆ ରାମ, ଜା: ଉରାଣ, ବା:ନିଜଗାଁ |
| ୭୫ | ୫୧୪/ ୯୧୦ | ୦.୧୫ | ୦.୦୧ | ଶାରଦ ଦୁଇ | ପୂର୍ଣ୍ଣ ରାମ, ପି.: ବୁଟୁଭିଲା ରାମ, ଜା: ଉରାଣ, ବା: ନିଜଗାଁ |
| ୯୬ | ୭୩୩ | ୦.୮୪ | ୦.୦୧ | ଶାରଦ ଦୁଇ | ବୁଧିଆ ରାମ, ପି.: ଭୁଣ୍ଡାବାରିଆ ରାମ, ଜା: ଉରାଣ, ବା: ନିଜଗାଁ |
| ୧୦୪ | ୫୧୪/ ୯୦୮ | ୦.୨୭ | ୦.୧୫ | ଶାରଦ ଦୁଇ | ଭାଗିରଥି ରାମ, ପି.: ମଙ୍ଗୁଲି ରାମ, ଜା: ଉରାଣ, ବା: ନିଜଗାଁ |
| ୧୦୫ | ୭୧୪/ ୮୩୮ | ୦.୪୦ | ୦.୧୪ | ଶାରଦ ଦୁଇ | ଭାଗିରଥି ରାମ, ପି.: ପାଣ୍ଡିଆ ରାମ, ବାରୁଣି ରାମ, ପି.: କାନ୍ଦୁ ରାମ, ଜା: ଉରାଣ, ବା: ନିଜଗାଁ |
| ୧୦୯ | ୫୮୬ | ୦.୫୬ | ୦.୦୮ | ଶାରଦ ଦୁଇ | ମଙ୍ଗଳ ମାଝୀ, ପି.: ହରି ମାଝୀ, ଜା: ସାନ୍ତାଳ, ବା: ବ୍ରାହ୍ମଣପଟକା |
| ୧୨୫ | ୭୪୦ | ୦.୭୫ | ୦.୦୭ | ଶାରଦ ଦୁଇ | ରାମହରି ରାମ, ଭୀମ ରାମ, ପି.: ପଚା ରାମ, ସୁରୁଜ ରାମ, ସ୍ୱା.: ପଚା ରାମ, ଜା: ଉରାଣ, ବା: ନିଜଗାଁ |
| ୧୨୮ | ୫୬୪ | ୦.୫୨ | ୦.୦୯ | ଶାରଦ ଦୁଇ | ରାମ ଚନ୍ଦ୍ର ରାମ, ଅର୍ଜୁନ ରାମ, ହରି ରାମ, ମଦନ ରାମ, ରାଧା ରାମ, ରବିନ୍ଦ୍ର ରାମ, ମଧୁ ରାମ, ପି.: ପଞ୍ଚାନନ ରାମ, ଜା: ଉରାଣ, ବା: ନିଜଗାଁ |
| ୧୩୩ | ୩୫୫ | ୦.୨୦ | ୦.୦୩ | ଶାରଦ ଏକ | ଲକ୍ଷିଆ ରାମ, ଭୀମ ରାମ, ଚୁକା ରାମ, ପି.: ମହନ୍ତ ପଡ଼ା ରାମ, ଡୁମା ରାମ, ସୁକୁର ରାମ, ପି.: କାଲା ରାମ, କଣ୍ଟୁରୁ ରାମ, ନବା ରାମ, ସାରିଆ ରାମ, ପି.: ରାୟା ରାମ, ଗନ୍ଦି ରାମ, ପି.: ଶୁକୁରା ରାମ, ଜା: ଉରାଣ, ବା: ନିଜଗାଁ |
| | ୫୬୭ | ୦.୨୪ | ୦.୦୯ | ଶାରଦ ଦୁଇ | |
| | ୩୫୬ | ୦.୧୦ | ୦.୦୩ | ଶାରଦ ଦୁଇ | |
| | ୧୮୪ | ୦.୮୦ | ୦.୧୨ | ଡାହି ଦୁଇ | |
| ୧୪୦ | ୧୮୯ | ୦.୪୨ | ୦.୧୮ | ଡାହିଦୁଇ | ସନି ରାମ, ପି.: ଗୁହିନ ରାମ, ଜା: ଉରାଣ, ବା: ବଧି |
| ୧୪୨ | ୬୯୪ | ୦.୫୮ | ୦.୦୧ | ଶାରଦ ଦୁଇ | ସରସ୍ୱତୀ ରାମ, ସ୍ୱା: ମୁନି ରାମ, ରାଧାନାଥ ରାମ, ପି.: ନନ୍ଦିଆ ରାମ, ବୈଶାଖୀ ରାମ, ସ୍ୱା.: ନନ୍ଦିଆ ରାମ, ଜା: ଉରାଣ, ବା: ନିଜଗାଁ |
| | ୧୮୫ | ୦.୪୨ | ୦.୦୩ | ଡାହି ଦୁଇ | |
| ୧୪୩ | ୩୬୦ | ୦.୧୪ | ୦.୦୮ | ଶାରଦ ଏକ | ସହଦେବ ରାମ, ପି.: ରାମହରି ରାମ, ରାମ ହରି ରାମ, ପି.: ପଚା ରାମ, ଜା: ଉରାଣ, ବା:ନିଜଗାଁ |
| ୧୪୭ | ୭୨୮ | ୦.୮୨ | ୦.୦୬ | ଶାରଦ ଦୁଇ | ସାମା ରାମ, ପି.: ହାଉଡ଼ା ରାମ, ଜା: ଉରାଣ, ବା: ନିଜଗାଁ |
| | ୭୨୭ | ୦.୧୧ | ୦.୧୧ | ଶାରଦ ଦୁଇ | |
| | ୧୭୭ | ୦.୬୮ | ୦.୧୬ | ଡାହି ଦୁଇ | |
| | ୧୯୩ | ୦.୪୧ | ୦.୦୮ | ଶାରଦ ଦୁଇ | |
| | ୧୯୨ | ୦.୩୫ | ୦.୦୮ | ଡାହି ଦୁଇ | |
| ୧୬୮/ ୩୧ | ୧୭୬ | ୦.୩୪ | ୦.୧୪ | ଡାହି ଦୁଇ | ଗୋପିନ୍ଦ୍ର ରାମ, ପି.: ରାୟାଁ ରାମ, ଜା: ଓରାଣ, ବା: ନିଜଗାଁ |
| ୧୬୮/ ୪୪ | ୬୯୭/ ୮୭୮ | ୦.୦୮ | ୦.୦୨ | ଶାରଦ ଦୁଇ | ସାଧୁ ଚରଣ ରାମ, ପି.: ବୁଧିଆ ରାମ, ଜା: ଓରାଣ, ବା: ନିଜଗାଁ |
| ୧୬୮/ ୪୭ | ୭୧୯/ ୯୪୫ | ୦.୨୩ | ୦.୦୮ | ଶାରଦ ଦୁଇ | ରବିନ ରାମ, ବିମଳ ରାମ, ଶ୍ୟାମଳ ରାମ, ପି.: ବାରୁଣୀ ରାମ, ଜା: ଓରାଣ, ବା: ନିଜଗାଁ |
| ୧୬୮/ ୭୯ | ୩୨୯/ ୯୮୩ | ୦.୭୬ | ୦.୧୧ | ଶାରଦ ଏକ | ରଣଜିତ୍ ସିଂ, ମାନଗୋବିନ୍ଦ ସିଂ, ଅଜିତ ସିଂ, ପି.: ରାମଚନ୍ଦ୍ର ସିଂ, ଜା: ଓରାଣ, ବା: ନିଜଗାଁ |
| ୧୬୮/ ୧୦୭ | ୭୧୪/ ୮୩୮/୧୦୩୧ | ୦.୦୬ | ୦.୦୧ | ଶାରଦ ଦୁଇ | ସୁରେନ ରାମ, ପି.: ମଦନ ରାମ, ଜା: ଓରାଣ, ବା: ନିଜଗାଁ |
| ୧୭୧/୧ | ୫୮୪ | ୦.୮୫ | ୦.୧୪ | ଶାରଦ ଦୁଇ | ଶ୍ରୀ ଗ୍ରାମଦେବତୀ ଚଞ୍ଚଳା ଶୁଣି ଠାକୁରାଣୀ ବିଜେ ନିଜଗାଁ ମା, ବା:, ଦୁର୍ଯ୍ୟୋଧନ ଦେହୁରୀ, ପି.: ହାଡ଼ିଆ ଦେହୁରୀ, ଚନ୍ଦ୍ରିମଣୀ ଦେହୁରୀ, ସ୍ୱା.: ହାଡ଼ିଆ ଦେହୁରୀ, ଜା: ଦଣ୍ଡଛତ୍ର ମାଝୀ, ବା: ନିଜଗାଁ |
| **ସମପରିମାଣ ଗୋଚର ପ୍ରତିବଦଳ** | | | | | |
| ୬୯ | ୧୭୪ | | ୦.୧୨ | ଡାହି ଦୁଇ | ନିତ୍ୟାନନ୍ଦ ଗିରି, ପି.: ସନେଇ ଗିରି, ଜା: ଖଣ୍ଡାୟତ, ବା: ନିଜଗାଁ |
| ୧୬୮/ ୩୧ | ୧୭୬ | | ୦.୦୮ | ଡାହି ଦୁଇ | ଗୋପିନ୍ଦ୍ର ରାମ, ପି.: ରାୟାଁ ରାମ, ଜା: ଓରାଣ, ବା: ନିଜଗାଁ |
| ମୋଟ | ୪୬ ପ୍ଲଟକୁ | ଏ. ୧୬.୭୪ ଡେ.ମି. | ଏ. ୩.୬୩ ଡେ.ମି. | | |

Sd./- Amin, Bahalda Zone | Sd./- Revenue Inspector, Bahalda Zone | Sd./- Zone Officer -cum-L.A., Collector S.I.P., Bahalda Zone | Sd./- Spl. Land Acquisition Office S.I.P., Baripada

OIPR-24001/14/0185/2526


## ଅନ୍ୟାନ୍ୟ ଖବର

# ନବଯୌବନ ଲୀଳାରୁ ପାବନ ମଣିଷ

ପୁରୀ,୨୫।୬(ଅଜିତ୍ କୁମାର ମହାନ୍ତି)



ମହାପ୍ରଭୁ ଶ୍ରୀଜଗନ୍ନାଥ ପ୍ରତିବର୍ଷ ଅଣସର ଲୀଳା ପରେ 'ନବଯୌବନ' ରୂପରେ ଦର୍ଶନ ଦିଅନ୍ତି। ଶ୍ରୀଜଗନ୍ନାଥ ଧାମ ବ୍ୟତୀତ ବର୍ଷକୁ ଥରେ ଦାରୁଦିଅଁ 'ନବଯୌବନ' ରୂପରେ ଦର୍ଶନ ଦେବା ପରମ୍ପରା ଅନ୍ୟତ୍ର ପ୍ରଚଳିତ ଥିବାର ପ୍ରସିଦ୍ଧି ନାହିଁ। ତେବେ ଶ୍ରୀଜଗନ୍ନାଥଙ୍କ ଉପାସନାରେ ପ୍ରତ୍ୟେକ ଲୀଳାର ସାମାଜିକ ବାର୍ତ୍ତା ରହିଥିବା ପରି 'ନବଯୌବନ' ରୂପରେ ଦର୍ଶନ ଦେବା ପଛରେ ମଧ୍ୟ ସାମାଜିକ ବାର୍ତ୍ତା ରହିଛି। ଏହି ବାର୍ତ୍ତା ଖୁବ୍ ରହସ୍ୟମୟ।

ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, 'ଯୌବନ' ଶବ୍ଦ ପ୍ରଥମେ ଅଥର୍ବ ବେଦ (୧୮/୪/୫୦)ରେ ବ୍ୟବହୃତ ହୋଇଛି। ମଣିଷ ଜନ୍ମର ୧୬ ବର୍ଷରୁ ୭୦ ବର୍ଷ ପର୍ଯ୍ୟନ୍ତ ଯୌବନକାଳ ବୋଲି ବହୁ ପ୍ରାଚୀନ ଆଲୋଚକ ସିଦ୍ଧାନ୍ତରେ ଏକମତ ହୋଇଛନ୍ତି। ଧର୍ମଶାସ୍ତ୍ରରେ କୁହାଯାଇଛି ମଣିଷର ୧୬ବର୍ଷ ପୂର୍ବର ସମୟ ହେଉଛି 'ବାଳ ଅବସ୍ଥା', ଯାହାକୁ ସଂସ୍କୃତରେ କୁହାଯାଏ ବାଲ୍ୟକାଳ। ବାଲ୍ୟ କାଳର ଶେଷ ୪ ବର୍ଷକୁ ବହୁ ଆଲୋଚକ 'କିଶୋର' ଅବସ୍ଥା ବା କିଶୋର କାଳ ବୋଲି ମତ ଦେଇଛନ୍ତି। ଷୋହଳ ବର୍ଷ ପରର କାଳକୁ 'ତରୁଣ' ସମୟ ବା ତରୁଣକାଳ ମଧ୍ୟ କୁହାଯାଇଥାଏ। ସତୁରି ବର୍ଷ ପରେ ମଣିଷର 'ବୃଦ୍ଧକାଳ' ବୋଲି ବିଚାର କରାଯାଏ। ଯୌବନ କାଳରେ ମଣିଷ ଶରୀରରେ କେତେକ ବିଚାରଗତ ପରିବର୍ତ୍ତନ ହୁଏ। ଏହାକୁ ସେ ସମୟର 'ଲକ୍ଷଣ' ବୋଲି କହି ସେହି କାଳକୁ ପାରି ହୋଇସାରିଥିବା ଆମେ ଅନୁଭବ କରିପାରିବା। ସେ ସମୟରେ ଦେଖିବାର କଳାଟି ଭାରି ସରାଗପୂର୍ଣ୍ଣ ହୁଏ। ପୁରୀ ଭାଷାରେ 'ସରାଗିଆ ଚାହାଣି' କୁହାଯାଏ। ପୁରୁଷଟିଏ ହୋଇଥିଲେ ସ୍ୱାଭାବିକ ପ୍ରକୃତି (ନାରୀ) ସହିତ ମିଶିବାକୁ ଅନ୍ତରର କେଉଁ ଅନ୍ଧାରିଆ କୋଣରେ ଇଚ୍ଛାଟିଏ ଉଙ୍କିମାରେ। ପ୍ରକୃତି ହୋଇଥିଲେ ସେହିପରି ପୁରୁଷ ପ୍ରତି ସୃଷ୍ଟି ହୁଏ। ଉପଭୋଗର ଏକ ମୃଗତୃଷ୍ଣା ନିଛାଟିଆ ବେଳାରେ ବାଦଲ ଭଳି ମନ ଆକାଶରେ ଭାସିଯାଏ। ଖାଲି ସେତିକି ନୁହେଁ, ବଡ଼ବଡ଼ିଆମାନେ ମଣିଷର ଇନ୍ଦ୍ରିୟକୁ ହରିଣ ସହିତ ତୁଳନା କରିଛନ୍ତି। ସେଇ ହରିଣଟି କେମିତି ଏକ ଲଗାମହୀନ ଭାବେ ନିଜ ଇଚ୍ଛାରେ ସମ୍ରାଟ ହୋଇଯାଏ, ନିଜ ଭିତରେ ସେ ନିଜେ ଏକାଙ୍ଗ ଚକ୍ରବର୍ତ୍ତୀର ଭାବନାରେ ବୁଡ଼ିରହେ, ଏହାକୁ ମହାଜନମାନେ ଭାରତୀୟ ଧାରାରେ 'ମୋହ' ବୋଲି କହିଛନ୍ତି। ତାରୁଣ୍ୟର ମୋହ। ଏଇ ମୋହ ସାମାଜିକ ତଥା ପାରିବାରିକ ବନ୍ଧନ ଭିତରେ ଦିଗହୀନର ରୂପ ସହଜରେ ନେଇପାରେ ନାହିଁ। ଦୁଇଟିଯାକ ବନ୍ଧନ ହୁଗୁଳା ଥାଏ, ତେବେ ଏଇ 'ମୋହ' ଦିଗ ଭାଙ୍ଗି କୂଳ ଲଂଘନ କରେ। ଜୀବନ ନଦୀରେ ଘାଇ ସୃଷ୍ଟି କରିଦିଏ। ଏହାର ପ୍ରାଚୀନ ଉଦାହରଣଟିଏ ଦେଇଛନ୍ତି ମହାକବି ବାଣଭଟ୍ଟ। କାଦମ୍ବରୀ ଗଦ୍ୟକାବ୍ୟରେ ଚନ୍ଦ୍ରାପୀଡ଼ଙ୍କ ପ୍ରତି ଶୁକନାଶଙ୍କର ଉପଦେଶ ତାହାର ଜ୍ୱଳନ୍ତ ଉଦାହରଣ। ବାସ୍ତବରେ ଯୌବନର ଲକ୍ଷଣ ହେଲା ଲାବଣ୍ୟ। ଏଇ ଲକ୍ଷଣ ହିଁ ଆମର କାମ୍ୟ। ଲାବଣ୍ୟର ଉପାସକ ହେବା ସାଧନାର କଥା। ଲାବଣ୍ୟର ମୋହରେ ଆକାଶ କୁସୁମ ତୋଳିବାର ନକାରାତ୍ମକ ପ୍ରଚେଷ୍ଟା ମୂଳରୁ ଜୀବନଧାରାକୁ ବିଗିଡେଇ ଦିଏ। ଦିନେ ବିଗିଡେଇ ଦେଇଥିଲା ସଂସ୍କୃତ ମହାଭାରତ କାଳରେ ଉତ୍ତରାପଥର ଏକ ଜାତିବିଶେଷକୁ। ଯୌବନ କାଳର ଯୌବନ ପାପ କରିବାରୁ ସେମାନେ ପରିଚିତ ହୋଇଥିଲେ ଯବନ ଭାବେ। ଏଠି ପାପର ବିଚାର ହୋଇଥିଲା ନିଷିଦ୍ଧ ଜନନେନ୍ଦ୍ରିୟ ସହିତ ସମ୍ପର୍କ ରଖିବା। ବାସ୍ତବରେ ମହାପ୍ରଭୁଙ୍କ ନବଯୌବନ ଲୀଳା ଏକ ଲାବଣ୍ୟମୟ ଲୀଳା, ଦେଖିଲେ ମନ ଭରିଯାଏ, ପାଟିରୁ ବାହାରି ଆସେ ଆହା କି ଦିବ୍ୟରୂପ ଦର୍ଶନ! ଏହି ଦିବ୍ୟ ଦର୍ଶନ ହିଁ ଉପଭୋଗର ମୃଗତୃଷ୍ଣାରୁ ମନକୁ ଅଜାଣତରେ ବାହୁଡ଼େଇ ନିଏ, ମୋହମୁକ୍ତ କରିଦିଏ ଚିତ୍ତକୁ, ବିପଥଗାମୀ ଇଚ୍ଛାକୁ ଲେଉଟେଇ ଆଣେ। ଜୀବନ ନଦୀରେ ଆଉ ଘାଇ ସୃଷ୍ଟି ହୁଏ ନାହିଁ। ମଣିଷ 'ଯବନ'ରେ ପରିଣତ ନ ହୋଇ 'ପାବନ'ରେ ପରିଣତ ହୁଏ ବୋଲି ଡ. ମିଶ୍ର କହିଛନ୍ତି।

# ନିଷିଦ୍ଧ ଔଷଧ ଆଇନ ଆହୁରି କଠୋର ହେବା ଆବଶ୍ୟକ

**ଆଜି ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ବେଆଇନ କାରବାର ନିରୋଧୀ ଦିବସ**



ଔଷଧ ଆମ ପାଇଁ କେତେ ଜରୁରୀ ତାହା କହିବା ଅନାବଶ୍ୟକ। ହେଲେ ଏଭଳି କେତେକ ଔଷଧ ରହିଛି ଯାହାର ବ୍ୟବହାର ଉପରେ ନିଷେଧାଦେଶ ଜାରି କରାଯାଇଛି। ଏହି ଔଷଧଗୁଡିକ ଯେଭଳି ଲୋକଙ୍କ ପାଖରୁ ଦୂରେଇ ରଖାଯାଇପାରିବ ସେ ବିଷୟରେ ସଚେତନତା ସୃଷ୍ଟି କରାଯାଉଛି। ଏଥିପାଇଁ ପ୍ରତିବର୍ଷ ଜୁନ୍ ୨୬ ତାରିଖକୁ 'ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ବେଆଇନ କାରବାର ନିରୋଧୀ ଦିବସ' ଭାବରେ ପାଳନ କରାଯାଇଥାଏ। ଏହାକୁ ମଧ୍ୟ 'ନିଷିଦ୍ଧ ଔଷଧ ଦିବସ' କୁହାଯାଏ। ନିଷିଦ୍ଧ ଔଷଧ ଯେପରି ନିଜର କାୟା ବିସ୍ତାର କରି ନ ପାରେ ସେଥିପାଇଁ କେତେକ ଆଇନ ପ୍ରଣୟନ କରାଯାଇଛି। ଏଗୁଡ଼ିକ ଯେତେ ଦୃଢ଼ ଭାବରେ କାର୍ଯ୍ୟ କରିବ ନିଷିଦ୍ଧ ଔଷଧ ପ୍ରତି ଲୋକମାନେ ସେତେ ଦୂରତା ଅବଲମ୍ବନ କରିବେ। ବିଶେଷଭାବରେ କେତେକ ନିଷିଦ୍ଧ ଔଷଧରେ ନିଶା କରାଇବା ଶକ୍ତି ଥାଏ। ଏହା ଅଳ୍ପ ସମୟ ମଧ୍ୟରେ ଯନ୍ତ୍ରଣା ଲାଘବ କରିପାରେ, ହେଲେ ତାହାର ପାର୍ଶ୍ୱପ୍ରତିକ୍ରିୟା ଶରୀର ଉପରେ ପଡ଼ିବାର ଆଶଙ୍କା ରହିଛି। ଏଭଳି ଔଷଧର ଚୋରାଚାଲାଣ ମଧ୍ୟ ଦେଖିବାକୁ ମିଳୁଛି। ତେଣୁ ଏହା ସମ୍ପୂର୍ଣ୍ଣ ଭାବରେ ବନ୍ଦ ହେବା ଦରକାର। ଏସବୁ ଔଷଧର ମାରାତ୍ମକ ଦିଗକୁ ଦୃଷ୍ଟିରେ ରଖି ଏଥିପାଇଁ କଠୋର ଆଇନ ପ୍ରଣୟନ କରାଯାଇଛି। ଅନ୍ୟପକ୍ଷରେ ନିୟମିତ ବ୍ୟବଧାନରେ ସେହି ଆଇନଗୁଡ଼ିକରେ ସଂଶୋଧନ କରାଯାଉଛି। ତେଣୁ ଜନସାଧାରଣ ଏ ନେଇ ସଚେତନ ରହିବା ନିହାତି ଦରକାର। ଏଭଳି ଔଷଧ ବିଷୟରେ ଭଲ ଭାବେ ଅବଗତ ହେବା ଏହା ବିରୋଧରେ ସଚେତନତା ସୃଷ୍ଟି କରିପାରିଲେ ୧୯୮୯ ମସିହାରୁ ପାଳିତ ହୋଇଆସୁଥିବା ଏହି ଦିବସର ଲକ୍ଷ୍ୟ ସାଧନ ହୋଇପାରିବ।

# ଆଜି ମହାପ୍ରଭୁଙ୍କ ନେତ୍ର ଉତ୍ସବ, ନବଯୌବନ ଦର୍ଶନ

- ସକାଳ ୮ରୁ ୯ଟା ପର୍ଯ୍ୟନ୍ତ ପରିମାଣିକ ଦର୍ଶନ
- ୯ରୁ ୧୦ଟା ୩୦ ଯାଏ ସର୍ବସାଧାରଣ ଦର୍ଶନ

ପୁରୀ,୨୫।୬(ଅଜିତ୍ କୁମାର ମହାନ୍ତି)

ଦେବସ୍ନାନ ପୂର୍ଣ୍ଣିମାରେ ଶ୍ରୀବିଗ୍ରହମାନେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରି ଜ୍ୱରରେ ପୀଡ଼ିତ ହୋଇ ୧୫ ଦିନ ଅଣସରରେ ରହି ଗୁପ୍ତସେବା ହେବା ପରେ ଗୁରୁବାର ନେତ୍ର ଉତ୍ସବରେ ଭକ୍ତଙ୍କୁ ଦର୍ଶନ ଦେବେ। ଏଥିସହ ମହାପ୍ରଭୁ ନବଯୌବନ ବେଶରେ ସଜେଇ ହେବେ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଅମାବାସ୍ୟା ଅବସରରେ ବୁଧବାର ଅଣସର ଘରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି କରାଯାଇଛି।

ଆଷାଢ଼ ଶୁକ୍ଳ ପ୍ରତିପ୍ରଦା ତିଥିରେ ଗୁରୁବାର ଭକ୍ତଙ୍କୁ ଦର୍ଶନ ଦେବେ ଦାରୁଦିଅଁ। ପରମ୍ପରା ଅନୁସାରେ ପ୍ରଥମେ ଶ୍ରୀବିଗ୍ରହମାନଙ୍କ ଚକା ଅପସର ନୀତି ଅନୁଷ୍ଠିତ ହେବ। ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ, ସକାଳ ୬ଟାରେ ଚକା ଅପସର, ୬ଟା ୧୦ରେ ମଙ୍ଗଳ ଆଳତି, ୬ଟା୨୫ରେ ମଇଲମ, ୭ଟାରେ ଅବକାଶ ହୋଇ ୭ଟା ୩୦ରେ ଦଶାବତାର ଠାକୁରଙ୍କ ବାହୁଡ଼ାବିଜେ ନୀତି ହେବ। ୮ଟାରେ ତାଟିଫିଟା ପରେ ୯ଟା ପର୍ଯ୍ୟନ୍ତ ପରିମାଣିକ ଦର୍ଶନ ଚାଲିବ। ଟିକେଟଧାରୀଙ୍କୁ ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ପଟେ ଭିତରକୁ ଛଡ଼ାଯିବ। ଭିଆଇପିଙ୍କୁ ମଧ୍ୟ ପରମାଣିକ ଦର୍ଶନ ଲାଗି ଭକ୍ତଙ୍କ ସହ ଛଡ଼ାଯିବ। ଏହାପରେ ସିଂହଦ୍ୱାରରେ ଅପେକ୍ଷାରତ ଭକ୍ତ ମହାପ୍ରଭୁଙ୍କୁ ସାହାଣମେଳାରେ ଦର୍ଶନ କରିବେ। ସକାଳ ୯ଟାରୁ ୧୦ଟା ୩୦ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ହେବ। ଏହାପରେ ମହାପ୍ରଭୁଙ୍କ ନୀତି ଆରମ୍ଭ କରାଯିବ। ତେବେ ଭକ୍ତମାନେ ଶ୍ରୀମନ୍ଦିର ଭିତରବେଢ଼ା ବୁଲି ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ କରିପାରିବେ। ପୂର୍ବାହ୍ନ ୧୧ଟା ୩୦ରେ ଧୂଆଧୋଇ ହୋଇ ବୂନ ପଡ଼ିବା ପରେ ସର୍ବାଙ୍ଗ, ବନ୍ଦାପନା ଅନୁଷ୍ଠିତ ହୋଇ ନେତ୍ର ଉତ୍ସବ ବନ୍ଦାପନା ସମ୍ପନ୍ନ ହେବ। ରୋଷ ହୋମ, ରାଜନୀତି, ଯାତ୍ରାଙ୍ଗୀ ମହାସ୍ନାନ,ମଇଲମ, ଘଣ୍ଟ ଛତା ସର୍ବାଙ୍ଗ ପରେ ଅନ୍ୟାନ୍ୟ ନୀତି ବଢ଼ିବ। ରାତିରେ ଦଇତାପତିମାନେ ଶ୍ରୀବିଗ୍ରହମାନଙ୍କୁ ସେନାପଟା ଲାଗି କରିବେ।

# ଆଶା ରଖିଛନ୍ତି ଜାହ୍ନବୀ


ଜାହ୍ନବୀ

କଥାରେ ଅଛି–ଆଶା ଅସୁମାରୀ। ହେଲେ ସବୁ ଆଶା କ'ଣ ପୂରଣ ହୁଏ ? ବେଳେବେଳେ କେତେକ ନିଜ ଆଶା ପୂରଣ କରିବାକୁ ଚାତକ ପରି ଚାହିଁ ବସିଥାଆନ୍ତି। ଆଉ ଏଥିରୁ ବା ଜାହ୍ନବୀ କପୁର ବାଦ୍ ପଡିବେ କେମିତି କହୁନାହାନ୍ତି ! କଥା କ'ଣ କି ତାଙ୍କର ଏକ ଆଶା ରହିଛି। ଯଦି ଭବିଷ୍ୟତରେ ତାହା ପୂରଣ ହୁଏ, ତେବେ ତାହା ହିଁ ହେବ ତାଙ୍କ ଜୀବନରୁ ସବୁଠାରୁ ଖୁସିର ମୁହୂର୍ତ୍ତ। ହେଲେ ଏମିତି ସେ ଆଶାଟା କ'ଣ କି ? ଏ ନେଇ ଜାହ୍ନବୀ କହନ୍ତି, ''ଆଗକୁ ମୁଁ ତ ଘର ସଂସାର କରିବି। ସେତେବେଳେ ମୋର ଏକ ଆଶା ରହିଛି। ମୋର ବିବାହ ଉତ୍ସବ କେଉଁଠି ହେଲେ ମୁଁ ବେଶି ଖୁସି ହେବି ଜାଣନ୍ତି ? ତିରୁପତିରେ। ବିବାହ ସମୟରେ ମୁଁ ପାରମ୍ପରିକ ଗେଟ୍‌ଅପ୍ ନେବି। ଆଉ ଯେଉଁ ଶାଢ଼ି ପିନ୍ଧିବି ତାହା କାଞ୍ଜିବରମ ହୋଇଥିବ। ଏକଥା ଯଦି ପୂରଣ ହୁଏ ତେବେ ମୁଁ ବେଶି ଖୁସି ହେବି।'' ଜାହ୍ନବୀ ଯେତେ ପ୍ରକାର ମନଲାଖି ଖାଦ୍ୟ ଖାଇଲେ କ'ଣ ହେବ ତାଙ୍କର ପାପା ତଥା ବଲିଉଡ୍‌ର ଅନ୍ୟତମ ବିଶିଷ୍ଟ ପ୍ରଯୋଜକ ବୋନି କପୁରଙ୍କ ହାତ ରନ୍ଧା ଖାଦ୍ୟ ତାଙ୍କର ବେଶି ପସନ୍ଦ। ଏବେ ସେ କୁଆଡେ ଭଲ ଭାବରେ ତେଲୁଗୁ କହି ପାରୁଛନ୍ତି। 'ଦେବରା–୧'ର ଶୁଟିଂ ସମୟରେ ସେ ଏହି ଭାଷାକୁ ଭଲ ଭାବରେ ଶିଖିପାରିଛନ୍ତି ବୋଲି କହି ବୁଲୁଛନ୍ତି।

# ପାଖେଇ ଆସୁଛି ଦିନ

ଚନ୍ଦନ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ନୂଆ ଓଡ଼ିଆ ସିନେମା 'ହିଟ୍‌ଲର' ଖୁବ୍ ଶୀଘ୍ର ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାର ନାୟକ ସାଜିଛନ୍ତି ଦୀପକ। ଅନ୍ୟପକ୍ଷରେ ଏଥିରେ ନିଜ ଭୂମିକାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସେ। ଫିଲ୍ମଟିର କାହାଣୀରେ ଆକ୍ସନ ଏବଂ ଫ୍ୟାମିଲି ଡ୍ରାମା ଭରି ରହିଛି। ଡ. ପ୍ରକାଶ ଶ୍ରୀଚନ୍ଦନଙ୍କ ଦ୍ୱାରା ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି କୋରିଓଗ୍ରାଫର–କମ୍–ନିର୍ଦ୍ଦେଶକ ସୁଧାକର ବସନ୍ତ। ଦିଲ୍ଲୀପ ଶ୍ରୀଚନ୍ଦନଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ମନୋରଞ୍ଜନ ରାଉଳ। ଅଜିତ ପ୍ରକାଶ ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି। ଏଥିରେ ଦୀପକଙ୍କ ବ୍ୟତୀତ ଆର୍ଲିନ ଅଙ୍କିତା, ସୁକାନ୍ତ ପାତ୍ର, ହରିହର ମହାପାତ୍ର, ଦିବ୍ୟା,ସିଆ, ରାଜଶ୍ରୀ, ଦୁର୍ଗା, ପଲଶ କୁମାର, ମଧୁସୂଦନ ରାଓଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଫିଲ୍ମରେ ସଂଯୋଜିତ ତଥା ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡିର ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର। ଏହାପୂର୍ବରୁ ଏହି ବ୍ୟାନରରେ 'ମହା ଶଙ୍କରା' ନିର୍ମିତ ହୋଇଥିଲା। ''ଆମ ବ୍ୟାନରରେ ଆମେ ସବୁବେଳେ କାହାଣୀ ଏବଂ ତା'ସହ କଳାକାର ଚୟନକୁ ଗୁରୁତ୍ୱ ଦେଉ। ତା'ସହ ଫିଲ୍ମର ସଂଳାପ, ସଙ୍ଗୀତ ଏବଂ ଉପସ୍ଥାପନା ଦିଗ ପ୍ରତି ମଧ୍ୟ ଶତ ପ୍ରତିଶତ ଦୃଷ୍ଟି ଦିଆଯାଏ। ଖୁବ୍ ଶୀଘ୍ର ରିଲିଜ ହେବାକୁ ଥିବା 'ହିଟଲର' ଫିଲ୍ମଟି ଓଡ଼ିଆ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଆଶା ରଖିଛନ୍ତି ଏହାର ପ୍ରଯୋଜକ।''


ଦୀପକ–ଆର୍ଲିନ

# ପ୍ରଥମେ ରାଜେଶ, ପରେ ଶଶୀ


ରାଜେଶ ଖାନ୍ନା

ବଲିଉଡ୍‌ର ଲୋକପ୍ରିୟ ଅଭିନେତାଙ୍କ ମଧ୍ୟରେ ରାଜେଶ ଖାନ୍ନା ଅନ୍ୟତମ। ସେ ଥିଲେ ହିନ୍ଦୀ ସିନେମା ଜଗତର ପ୍ରଥମ ସୁପରଷ୍ଟାର। ତାଙ୍କର ଅଭିନୟ ଅନେକ ଅଭିନେତାଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଥିଲା। ନିଜ କ୍ୟାରିୟର ମଧ୍ୟରେ ସେ ଅନେକ ସୁପରହିଟ୍ ଫିଲ୍ମରେ ଅଭିନୟ କରିଛନ୍ତି। ଏକଦା ବିଶିଷ୍ଟ ନିର୍ଦ୍ଦେଶକ ତଥା ପ୍ରଯୋଜକ ରାଜ୍ କପୁର ତାଙ୍କର ଫିଲ୍ମ 'ସତ୍ୟମ ଶିବମ ସୁନ୍ଦରମ୍'ର ନାୟକ କିଏ ହେବ ସେ ନେଇ ଚିନ୍ତାରେ ପଡିଯାଇଥିଲେ। ହଠାତ୍ ତାଙ୍କ ମନକୁ ଆସିଲା ଯେ ଏହି ରୋଲ୍ ପାଇଁ ରାଜେଶ ଖାନ୍ନା ହିଁ ଫିଟ୍। ତେଣୁ ବିଳମ୍ବ ନ କରି ତାଙ୍କ ସହ ଯୋଗାଯୋଗ କରାଯାଇଥିଲା। କିନ୍ତୁ କେତେକ କାରଣରୁ ରାଜେଶ ଏହି ଅଫରଟିକୁ ପ୍ରତ୍ୟାଖ୍ୟାନ କରିଥିଲେ। ଶେଷରେ ଉକ୍ତ ଭୂମିକା ପାଇଁ ଶଶୀ କପୁରଙ୍କୁ ସାଇନ୍ କରାଯାଇଥିଲା। ରାଜେଶ ଅଭିନୟରେ କେତେ ପରିପକ୍ୱ ଥିଲେ ତାହାର ଅନେକ ଉଦାହରଣ ରହିଛି। ଏକଦା ତାଙ୍କ ଅଭିନୀତ ୧୫ଟି ସିନେମା ଲଗାତର ସୁପରହିଟ୍ ସାବ୍ୟସ୍ତ ହୋଇଥିଲା, ଯାହା ଏପର୍ଯ୍ୟନ୍ତ ଏକ ରେକର୍ଡ ହୋଇ ରହିଛି। ସେ ଅଭିନୟ କରିଥିବା ହିଟ୍ ସିନେମା 'ଆରାଧନା'ରେ ଏକ ଗୀତ 'ରୂପ ତେରା ମସ୍ତାନା' ବେଶ୍ ଶ୍ରୋତାଦୃତ ହୋଇଥିଲା। ଶୁଣିବାକୁ ମିଳେ ଯେ ଏହାର ଶୁଟିଂ ବିନା କଟ୍‌ରେ ତଥା ଗୋଟିଏ ଟେକ୍‌ରେ ଶେଷ ହୋଇଥିଲା।

# ଚିର ସ୍ମରଣୀୟ ହୋଇ ରହିବ


'ଶ୍ରୀଜଗନ୍ନାଥଙ୍କ ନବକଳେବର' ଫିଲ୍ମରେ ଶ୍ରୀତମ

ସେ ଏକାଧାରରେ ଜଣେ ଅଭିନେତା ଏବଂ ନିର୍ଦ୍ଦେଶକ। 'ତୁ ଥା ମୁଁ ଯାଉଛି ରୁଷି'ରୁ ଆରମ୍ଭ ହୋଇଥିଲା ତାଙ୍କର ନିର୍ଦ୍ଦେଶନା କ୍ୟାରିୟର। ଦୀର୍ଘ ୩୦ ବର୍ଷର ଅଭିନୟ ଜୀବନରେ ସେ ଅନେକ ସିନେମାରେ ଆକ୍ଟିଂ କରିବା ସହ କେତେକ ଚିତ୍ରର ନିର୍ଦ୍ଦେଶନା ଦେଇ ନିଜର ଦକ୍ଷତା ପ୍ରତିପାଦନ କରିସାରିଛନ୍ତି। ସେ ହେଲେ ଅଲରାଉଣ୍ଡର ଶ୍ରୀତମ ଦାସ। ହେଲେ ଏକ ସିନେମା ତାଙ୍କର ଚିର ସ୍ମରଣୀୟ ହୋଇ ରହିବ। ଏହି ଚଳଚ୍ଚିତ୍ରଟିର ଟାଇଟଲ ରହିଛି 'ଶ୍ରୀଜଗନ୍ନାଥଙ୍କ ନବକଳେବର'। ଏଥିରେ ସେ ମୁକୁନ୍ଦ ଦେବ ଚରିତ୍ରରେ ଅଭିନୟ କରିଛନ୍ତି। ଅବଶ୍ୟ ଏହାପୂର୍ବରୁ ସେ 'ବାହୁଡିବେ ମୋ ଜଗା ବଳିଆ', 'ଶ୍ରୀଜଗନ୍ନାଥ' ଏବଂ 'ମହାବାହୁ' ଶୀର୍ଷକ ସିନେମାରେ ଅଭିନୟ କରିସାରିଛନ୍ତି। ତେବେ ଏଥର ଏହି ନୂଆ ସିନେମା ତାଙ୍କର ପାଇଁ ଏକ ନିଆରା ଅନୁଭୂତି ଆଣି ଦେଇଛି। ''ଏଥିରେ ମୋତେ ଯେଉଁ ଭୂମିକା ମିଳିଛି ତାହାକୁ ତୁଲାଇବାକୁ ମୋତେ ବେଶ୍ ପରିଶ୍ରମ କରିବାକୁ ପଡିଛି। ଅନ୍ୟପକ୍ଷରେ ଏକଦା ଏହାର ଶୁଟିଂ ସମୟରେ ମୁଁ ଘୋଡାରୁ ଖସି ପଡି ଆହତ ହୋଇଥିଲି। ଏହି ଚଳଚ୍ଚିତ୍ରର କାହାଣୀ ଏବଂ ଉପସ୍ଥାପନା ଯେପରି ହୋଇଛି ମୋର ଦୃଢ଼ ବିଶ୍ୱାସ ଯେ ଏହା ନିଶ୍ଚୟ ଦର୍ଶକାଦୃତ ହେବ ବୋଲି କହନ୍ତି ଶ୍ରୀତମ।'' ସୌଭାଗ୍ୟଲକ୍ଷ୍ମୀ ଜେନା (ବିନି)ଙ୍କ ପ୍ରଯୋଜିତ ଏବଂ ନିର୍ଦ୍ଦେଶିତ ଏହି ଚିତ୍ରଟିର ଅନ୍ୟତମ ପ୍ରଯୋଜକ ଅଛନ୍ତି ଦିଲୀପ କୁମାର ଜେନା। କାର୍ଯ୍ୟନିର୍ବାହୀ ପ୍ରଯୋଜକ ହେଉଛନ୍ତି ପ୍ରଣୟ ଜେଠୀ। ଏଥିରେ ମୁକୁନ୍ଦ ଦେବଙ୍କ ରାଣୀ ପଦ୍ମାବତୀ ଭୂମିକାରେ ଅଭିନୟ କରିଛନ୍ତି ପିଙ୍କି ପ୍ରଧାନ। ଏହି ମଲ୍ଟି ଷ୍ଟାରର ଫିଲ୍ମରେ ଶ୍ରୀତମଙ୍କ ବ୍ୟତୀତ ସିଦ୍ଧାନ୍ତ ମହାପାତ୍ର, ଜ୍ୟୋତି, ସୂର୍ଯ୍ୟମୟୀ, ଶିବାନୀ, କୁନା ତ୍ରିପାଠୀ, ଅଂଶୁମାନ, ପିଙ୍କି ପ୍ରଧାନ, ଅଶ୍ରୁମୋଚନ ମହାନ୍ତି, ଏବଂ ରବି ମିଶ୍ର ପ୍ରମୁଖ ଅଭିନୟ କରିଛନ୍ତି।

# ମନେରହିବେ ଉମା ପଟ୍ଟନାୟକ



କଳାକାରର ମୃତ୍ୟୁ ନାହିଁ। ସେ ଚିର ଅମର। ଆମ ରାଜ୍ୟର ସୌଖୀନ ଅଭିନେତାଙ୍କ ମଧ୍ୟରେ ଉମା ପଟ୍ଟନାୟକ ଅନ୍ୟତମ। ଅଭିନୟ ବଳରେ ସେ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ। ହେଲେ ମୃତ୍ୟୁ ଯେ ତାଙ୍କୁ ଏମିତି କବଳିତ କରିବ ତାହା ବିଶ୍ୱାସ କରିବା କଷ୍ଟ। ନିଜ ଘରେ ଠାକୁର ଘର ଖୋଲୁ ଖୋଲୁ ସେଇଠାରେ ହୃଦ୍‌ଘାତରେ ତାଙ୍କର ପରଲୋକ ହୋଇଯାଇଥିଲା। ମାତ୍ର ୫ ମାସ ପୂର୍ବରୁ ତାଙ୍କର ଧର୍ମପତ୍ନୀ ବାସନ୍ତୀ ପଟ୍ଟନାୟକଙ୍କର ମୃତ୍ୟୁ ହୋଇଥିଲା। ଭୁବନେଶ୍ୱରସ୍ଥ ବଡଗଡ ଗାଁରେ ଜନ୍ମିତ ଉମା ଭାଇ ଥିଲେ ଜଣେ ମେଳାପୀ ଏବଂ ଭଦ୍ର ଲୋକ। ତାଙ୍କ ଅଭିନୀତ ଦର୍ଶକାଦୃତ ନାଟକଗୁଡିକ ମଧ୍ୟରେ ରହିଛି–ଅଭିଶପ୍ତ ଘୁଙ୍ଗୁର, ମାଂସର ବିଳାପ, ଥ୍ୟାଙ୍କ୍ୟୁ ମିଷ୍ଟର ଗ୍ଲାଏଡ୍, ଫାଶ ଏବଂ ପ୍ରତୀକ୍ଷା ଅନ୍ୟତମ। ସମାଜସେବା କ୍ଷେତ୍ରରେ ସେ ମଧ୍ୟ ଜଣେ ଆଗଧାଡିର ବ୍ୟକ୍ତିତ୍ୱ ଥିଲେ। ଦେବୁ ବୋଷଙ୍କ ଦିଗନ୍ତ ନାଟ୍ୟସଂସ୍ଥା ସହ ଉମା ଭାଇ ଜଡିତ ଥିଲେ। ସବୁଠାରୁ ଖାସ୍ କଥା ହେଲା, ବିଶିଷ୍ଟ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କର ସେ ଥିଲେ ସହପାଠୀ।

ବଡଗଡ ଗାଁର ନେତାଜୀ କ୍ଲବ ସହ ସେ ପ୍ରାରମ୍ଭରୁ ଜଡିତ ଥିଲେ। ଏହି କ୍ଲବର ସଦସ୍ୟଙ୍କ ଦ୍ୱାରା ମଞ୍ଚସ୍ଥ ନାଟକରେ ସେ ମଧ୍ୟ ଅଭିନୟ କରିଛନ୍ତି। ଉକ୍ତ କ୍ଲବ୍‌ର ନାଟକ ବାଡୁଅ ଝିଅ, ଜରା ଶବର, ମହାସମର, ଦିପଟ ଚୁଡି ଆଦିରେ ଉମା ଭାଇଙ୍କ ଅଭିନୟକୁ ଯେତେ ପ୍ରଶଂସା କରିବ ତାହା ସେତେ କମ୍ ହେବ। ସରକାରୀ ଚାକିରି (ପ୍ରୋଭିଡେଣ୍ଟ ଫଣ୍ଡ ଅଫିସ) କରିଥିଲେ ମଧ୍ୟ ସେ ନିଜକୁ ଜଣେ ଦକ୍ଷ ଅଭିନେତା, ସମାଜସେବୀ ଭାବରେ ପରିଚିତ କରାଇ ପାରିଥିଲେ। ଆମ ଗାଁରେ କୌଣସି ସମସ୍ୟାର ସମାଧାନ ଦିଗରେ ତାଙ୍କର ପ୍ରମୁଖ ଭୂମିକା ରହୁଥିଲା। ବଡଗଡ ପ୍ରତି ଉମା ଭାଇଙ୍କର ଯାହା ଅବଦାନ ରହିଛି ତାହା ଚିର ସ୍ମରଣୀୟ ହୋଇ ରହିବ। ତାଙ୍କର ଆତ୍ମା ଶାନ୍ତିରେ ରହୁ–ଏତିକି ପ୍ରାର୍ଥନା।

**–ଦୀଲିପ ହାଲି,** ବଡଗଡ, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

# ଅନିଦ୍ରାରେ ରାତି କଟିଥିଲା

ଜ୍ୟାକଲିନ୍ ଫର୍ନାଡିସ ଏକଦା ଏଭଳି ପରିସ୍ଥିତିର ସାମନା କରିଥିଲେ ଯେଉଁଥି ପାଇଁ ତାଙ୍କୁ ୨–୩ ଦିନ ଅନିଦ୍ରା ରହିବାକୁ ପଡିଥିଲା। ସେ ପ୍ରଥମେ ଏକ ଶ୍ରୀଲଙ୍କା ଚ୍ୟାନେଲରେ ରିପୋର୍ଟର ଭାବରେ କିଛି ଦିନ କାମ କରିଥିଲେ। ୨୦୦୬ରେ 'ଶ୍ରୀଲଙ୍କା ସୁନ୍ଦରୀ' ମୁକୁଟ ପିନ୍ଧିବା ପରେ ସେ ଅଭିନୟ ପ୍ରତି ମନ ବଳାଇଥିଲେ। ଜ୍ୟାକଲିନ୍‌ଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଆଲ୍ଲାଦିନ୍'। ଯେତେବେଳେ ଏହି ଅଫରଟି ତାଙ୍କୁ ମିଳିଲା ସେତେବେଳେ ତାଙ୍କର ଖୁସି କହିଲେ ନ ସରେ। କାରଣ ଏହାର କାଷ୍ଟିଂରେ ଅମିତାଭ ବଚ୍ଚନ ଏବଂ ରିତେଶ ଦେଶମୁଖଙ୍କ ପରି ଅଭିନେତା ଥିଲେ। କିନ୍ତୁ ରିଲିଜ ପରେ ଏହାର ଅବସ୍ଥା ଯାହା ହେଲା ତାହା ନ କହିବା ଭଲ। ଫିଲ୍ମଟିକୁ ଫ୍ଲପ୍ ତାଲିକାଭୁକ୍ତ ହୋଇଥିଲା। କିନ୍ତୁ ଜ୍ୟାକଲିନ୍ ଆଶା ରଖିଥିଲେ ଯେ ନିଜର ପ୍ରଥମ ସିନେମା ବକ୍ସ ଅଫିସରେ ଭଲ ବିଜନେସ କରିବ। ହେଲେ ତାହା ସମ୍ଭବ ହୋଇ ନଥିଲା। ''ଯେତେବେଳେ ମୋ ଅଭିନୀତ ପ୍ରଥମ ହିନ୍ଦୀ ସିନେମା 'ଆଲ୍ଲାଦିନ୍' ଫ୍ଲପ୍ ହେଲା ସେତେବେଳେ ତାହାକୁ ମୁଁ ବିଶ୍ୱାସ କରି ପାରି ନ ଥିଲି। ଭଲ କାହାଣୀ, କାଷ୍ଟିଂ ସତ୍ତ୍ୱେ ଦର୍ଶକ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏହାର ସଫଳତାକୁ ନେଇ ମୁଁ ଏତେ ଆଶାବାଦୀ ଥିଲି ଯେ, ଫିଲ୍ମଟି ଫ୍ଲପ୍ ହେବା ପରେ ମୁଁ ୨–୩ ଦିନ ଶୋଇ ପାରି ନ ଥିଲି। ତା'ପରେ ମନକୁ ବୁଝାଇ ଆଗକୁ ଆଗେଇଥିଲି ବୋଲି କହନ୍ତି ଜ୍ୟାକଲିନ୍।'' ଚଳିତ ମାସ ୬ ତାରିଖରେ ସାଜିଦ ନାଦିୱାଦୱାଲାଙ୍କ ପ୍ରଯୋଜିତ ଏବଂ ଜ୍ୟାକଲିନ୍‌ଙ୍କ ଅଭିନୀତ 'ହାଉସଫୁଲ ୫' ବକ୍ସ ଅଫିସରେ ଭଲ ବିଜନେସ୍ କରିବାରେ ସକ୍ଷମ ହୋଇଛି।


ଜ୍ୟାକଲିନ୍

# ମଡେଲିଂରୁ ଅଭିନେତ୍ରୀ


ରକୁଲ୍

ରକୁଲ ପ୍ରୀତ ସିଂ ନିଜ କ୍ୟାରିୟର ଜଣେ ମଡେଲର ଭାବରେ ଆରମ୍ଭ କରିଥିଲେ। ସେତେବେଳେ ସେ କଲେଜରେ ପଢୁଥିଲେ। ଆଉ ସେହି ସମୟରେ ତାଙ୍କର ବୟସ କେତେ ଥିଲା ଜାଣନ୍ତି ? ମାତ୍ର ୧୮ ବର୍ଷ। ହେଲେ ତା'ପରେ ତାଙ୍କୁ ବଡ ପରଦାରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ବେଶ୍ କିଛି ଚିନ୍ତା କରିବା ପରେ ଆକ୍ଟିଂ ଲାଇନ୍‌ରେ ପାଦ ଥାପିଥିଲେ ରକୁଲ୍। କାରଣ ଏହାକୁ ଯେ ଭବିଷ୍ୟତରେ କ୍ୟାରିୟର କରିବେ ତାହା ସେ କଦାପି କଳ୍ପନା କରି ନ ଥିଲେ। ''କଲେଜରେ ପଢ଼ିବା ସମୟରେ ମୁଁ ମଡେଲିଂ କରୁଥିଲି। ଆଶା ଥିଲା ପାଠ ପଢ଼ି ଚାକିରି କରିବି। ହେଲେ ସେତିକି ବେଳେ ମୋତେ ଏକ କନ୍ନଡ ଫିଲ୍ମ 'ଗିଲ୍ଲି' (୨୦୦୯)ରେ ଅଭିନୟ କରିବାକୁ ଅଫର ମିଳିଥିଲା। ଏ ନେଇ ହଠାତ୍ କିଛି ନିଷ୍ପତ୍ତି ନେଇ ପାରି ନ ଥିଲି। ଶେଷରେ ଭାବିଥିଲି ଯେ ହଉ, ଆକ୍ଟିଂ ଦ୍ୱାରା ଯଦି କିଛି ପକେଟ ମନି ମିଳିଯାଏ ତା'ହେଲେ ଭଲ କଥା। ହେଲେ ଭାଗ୍ୟଦେବୀ ମୋ ପ୍ରତି ଏମିତି ପ୍ରସନ୍ନ ହେଲେ ଯେ ପରବର୍ତ୍ତୀ ସମୟରେ ଅଭିନୟ ମାୟାରୁ ମୁଁ ନିଜକୁ ମୁକୁଳାଇ ପାରି ନ ଥିଲି। ସେଲଭାରାଘବନଙ୍କ 'ସେଭେନଜି ରେନ୍‌ବୋ'ର ଏହା ଥିଲା ରିମେକ୍। ତେବେ ମୋ ପ୍ରଥମ ଫିଲ୍ମ ଯେଉଁଭଳି ସଫଳତା ହାସଲ କଲା, ତା'ପରେ ମୁଁ ସ୍ଥିର କରି ନେଲି ଯେ ଭବିଷ୍ୟତରେ ଆକ୍ଟିଂକୁ ମୁଁ ନିଶ୍ଚୟ କ୍ୟାରିୟର କରିବି ବୋଲି କହନ୍ତି ରକୁଲ୍।'' ୨୦୧୩ରେ ତାଙ୍କୁ ବଲିଉଡ୍‌ରେ ବ୍ରେକ୍ ମିଳିଥିଲା ଆଉ ଫିଲ୍ମଟି ଥିଲା ୟାରିୟାଁ'। ଇତି ମଧ୍ୟରେ ସେ ବାସୁ ଭଗନାନିଙ୍କ ପୁଅ ଜ୍ୟାକିଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇସାରିଛନ୍ତି।

# ଜିଓରେ ନିବେଶ ମୋ ଜୀବନର ସବୁଠାରୁ ବଡ଼ ରିସ୍କ ଥିଲା: ମୁକେଶ

ମୁମ୍ବାଇ,୨୫।୬: (ଅଭୟ ଦାଶ)


ମୁକେଶ ଅମ୍ବାନୀ

ବର୍ତ୍ତମାନ ଭାରତ ୫ଜିରୁ ୬ଜି ଆଡ଼କୁ ଅଗ୍ରସର ହେଉଛି। ଏପରିକି ଦେଶର ପ୍ରମୁଖ ଘରୋଇ ଟେଲିକମ୍ ଅପରେଟର ରିଲାଏନ୍ସ ଜିଓ ମଧ୍ୟ କିଛି ନୂଆ କରିବ ବୋଲି ସାରା ବିଶ୍ୱ ଅପେକ୍ଷା କରିଛି। ସେହିଭଳି ଜିଓର ଇନ୍-ହାଉସ୍ ୫ଜି ପ୍ରଯୁକ୍ତି ବିଶ୍ୱର ସର୍ବୋତ୍ତମ ପ୍ରଯୁକ୍ତି ମଧ୍ୟରୁ ଅନ୍ୟତମ ବୋଲି କୁହାଯାଉଛି। ଏ ନେଇ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ତଥା ଏମ୍‌ଡି ମୁକେଶ ଅମ୍ବାନୀ କହିଛନ୍ତି, ଟେଲିକମ୍ କ୍ଷେତ୍ରରେ ରିଲାଏନ୍ସ ଜିଓ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲେ ସୁଦ୍ଧା ଜିଓରେ ବିପୁଳ ନିବେଶ କରିବା ତାଙ୍କ କ୍ୟାରିୟରର 'ସବୁଠାରୁ ବଡ଼ ରିସ୍କ' ଥିଲା। ସେତେବେଳେ ଅନେକ ବିଶ୍ଳେଷକ ଏହାର ସଫଳତା ବିଷୟରେ ସନ୍ଦେହ କରୁଥିଲେ। ଏପରିକି ସେମାନେ କହିଥିଲେ, ଭାରତ ଏପରି ଉନ୍ନତ ଡିଜିଟାଲ ପ୍ରଯୁକ୍ତି ପାଇଁ ପ୍ରସ୍ତୁତ ନୁହେଁ। ଏ ନେଇ ମୁକେଶ କହିଥିଲେ, ଯଦିଓ କୌଣସି କାରଣରୁ ଜିଓରେ ନିବେଶ ଆଶାନୁରୂପ ଲାଭ ଦେଇପାରିବ ନାହିଁ, ତଥାପି ଏହା ଭାରତକୁ ଡିଜିଟାଲ କରିବା ଦିଗରେ ଏକ ବଡ଼ ପଦକ୍ଷେପ ଭାବେ ବିବେଚନା କରାଯିବ। ନିକଟରେ ମ୍ୟାକିନ୍ସେ ଆଣ୍ଡ କୋ(କମ୍ପାନୀ)କୁ ଦେଇଥିବା ଏକ ସାକ୍ଷାତ୍‌କାରରେ ଅମ୍ବାନୀ ବିସ୍ତୃତ ଭାବେ ଏହା ପ୍ରକାଶ କରିଛନ୍ତି। ସେହିପରି ରିଲାଏନ୍ସ ଜିଓରେ ନିବେଶ କରିବାର ନିଷ୍ପତ୍ତି ସହଜ ନ ଥିଲା। ସେତେବେଳେ ଆମେ ଆମର ନିଜସ୍ୱ ଟଙ୍କା ବିନିଯୋଗ କରୁଥିଲୁ ଏବଂ ମୁଁ ନିଜେ ଅଧିକାଂଶ ଶେୟାର ଧାରକ ଥିଲି। ଏପରିକି ଜିଓରେ ନିବେଶ ପାଇଁ ଆମେ ବଡ଼ ରିସ୍କ ନେଇଥିଲୁ। କାରଣ ବ୍ୟାପକତା ବା ସ୍କେଲ୍ ଆମ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ଏବଂ ଲକ୍ଷ୍ୟ ମଧ୍ୟ ବହୁତ ଉଚ୍ଚ ଥିଲା। ୫ଜି ପ୍ରଯୁକ୍ତି ସମ୍ପର୍କରେ ମୁକେଶ ଅମ୍ବାନୀ କହିଥିଲେ, ଜିଓର ୫ଜି ପ୍ରଯୁକ୍ତିର ସମ୍ପୂର୍ଣ୍ଣ ଭିତ୍ତିଭୂମି ପୂର୍ଣ୍ଣ ଭାବେ ଇନ୍ ହାଉସ ବା କମ୍ପାନୀ ମଧ୍ୟରେ ବିକଶିତ ହୋଇଛି। ଆମେ ପ୍ରତ୍ୟେକ ଉପାଦାନ-କୋର ହାର୍ଡୱେର, ସଫ୍ଟୱେର୍ ନିଜେ ପ୍ରସ୍ତୁତ କରିଛୁ। ଆମେ କେବଳ ୨୦% ଭାଗରେ ଏରିକସନ ଏବଂ ନୋକିଆକୁ ସାମିଲ କରିଥିଲୁ, ଯାହା ଦ୍ୱାରା ଆମେ ଆମର ନିଜର ସିଷ୍ଟମ ବା ବ୍ୟବସ୍ଥାକୁ ବିଶ୍ୱ ମାନଦଣ୍ଡରେ ପରୀକ୍ଷା କରିପାରିବା। ମୁଁ ମୋ ଟିମ୍‌କୁ କହିଥିଲି, ତୁମକୁ ସେମାନଙ୍କଠାରୁ ଭଲ ହେବାକୁ ପଡିବ ଏବଂ ସେମାନେ ଏହା କରି ଦେଖାଇଲେ। ଆଜି ଆମେ ପ୍ରକୃତରେ ସେମାନଙ୍କଠାରୁ ଭଲ କରିଛୁ ବା ଭଲରେ ରହିଛୁ।

# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୨୫।୬

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୭୦୦.୪୦ ପଏଣ୍ଟ ବୃଦ୍ଧି ଘଟି ୮୨,୭୫୫.୫୧ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୨୦୦.୪୦ ପଏଣ୍ଟ ବଢ଼ି ୨୫,୨୪୪.୭୫ ଅଙ୍କରେ କାରବାର ଶେଷ ହୋଇଥିଲା। ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ୩ ବିଶ୍ୱବିଦ୍ୟାଳୟ ସହ ପତଞ୍ଜଳି ସମୂହର ଚୁକ୍ତି


ଏମ୍‌ଓୟୁ ସ୍ୱାକ୍ଷର ଅବସରରେ ବିଶ୍ୱବିଦ୍ୟାଳୟଗୁଡିକର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୨୫।୬

ଦେଶର ପ୍ରମୁଖ ଘରୋଇ ପ୍ରତିଷ୍ଠାନ ତଥା ପତଞ୍ଜଳି ସମୂହ ( ପତଞ୍ଜଳି ବିଶ୍ୱବିଦ୍ୟାଳୟ ଏବଂ ପତଞ୍ଜଳି ଗବେଷଣା ପ୍ରତିଷ୍ଠାନ) ଏବଂ ଦେଶର ୩ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇଛି। ବିଶେଷକରି ଶିକ୍ଷା, ଔଷଧ , ଯୋଗ, ଆୟୁର୍ବେଦ, ଦକ୍ଷତା ବିକାଶ, ଭାରତୀୟ ଜ୍ଞାନ ଓ ପରମ୍ପରା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ପାରସ୍ପରିକ ସହଯୋଗ ପାଇଁ ଏହି ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ପରିପ୍ରେକ୍ଷୀରେ ପତଞ୍ଜଳି ବିଶ୍ୱବିଦ୍ୟାଳୟର ଭିସି ଡ. ଆଚାର୍ଯ୍ୟ ବାଲକ୍ରିଷ୍ଣାଙ୍କ ସମେତ ମଧ୍ୟପ୍ରଦେଶର ଛିନ୍ଦୱାଡ଼ାର ରାଜା ଶଙ୍କର ଶାହ ବିଶ୍ୱବିଦ୍ୟାଳୟର ଭିସି ପ୍ରଫେସର ଇନ୍ଦ୍ର ପ୍ରସାଦ ତ୍ରିପାଠୀ, ଛତିଶଗଡର ଦୁର୍ଗ ହେମଚାନ୍ଦ ଯାଦବ ବିଶ୍ୱବିଦ୍ୟାଳୟର ଭିସି ଡ. ସଞ୍ଜୟ ତିୱାରୀ ଏବଂ ମଧ୍ୟପ୍ରଦେଶର ଚିତ୍ରକୂଟ ମହାତ୍ମା ଗାନ୍ଧୀ ଚିତ୍ରକୂଟ ଗ୍ରାମୋଦୟ ବିଶ୍ୱବିଦ୍ୟାଳୟର ଭିସି ପ୍ରଫେସର ଭାରତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସେନ୍‌କୋର ରଥଯାତ୍ରା ଅଫର

ଭୁବନେଶ୍ୱର,୨୫।୬

ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ବହୁ ପ୍ରତୀକ୍ଷିତ 'ରଥଯାତ୍ର' ଅଫର ସହ ସ୍ୱତନ୍ତ୍ର ଡିଜାଇନକୁ ମଧ୍ୟ ଶୁଭାରମ୍ଭ କରାଯାଇଛି। ରଥଯାତ୍ରାର ପ୍ରତୀକାତ୍ମକତା ଓ ମହାନତା ଦ୍ୱାରା ବିଶେଷ ଭାବେ ଅନୁପ୍ରାଣିତ ଅନନ୍ୟ ଜୁଏଲେରି ପିସ୍‌ଗୁଡିକର ଏକ ବିସ୍ତୃତ ସିଲେକ୍ସନକୁ ଡିଜାଇନ କରାଯାଇଛି। ଏହାର ଦକ୍ଷ କାରିଗରମାନେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କର ସୂକ୍ଷ୍ମ କଳାକୃତି, ରଥ ଓ ପବିତ୍ର ପ୍ରତୀକଗୁଡିକୁ ଏହି ଅସାଧାରଣ ଡିଜାଇନଗୁଡିକରେ ଅନ୍ତର୍ଭୁକ୍ତ କରିଛନ୍ତି। ଅପରପକ୍ଷରେ ପ୍ରତ୍ୟେକ ପିସ୍‌ର ଜୁଏଲେରିକୁ ସର୍ବାଧିକ ଯତ୍ନର ସହ ହଲ୍‌ମାର୍କ ଗୋଲ୍ଡର ବ୍ୟବହାରକରି ନିର୍ମାଣ କରାଯାଇଛି। ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ନିର୍ଦ୍ଦେଶକ ଓ ମୁଖ୍ୟ (ମାର୍କେଟିଂ ଆଣ୍ଡ ଡିଜାଇନ ବିଭାଗ) ଜୋଇତା ସେନ କହିଛନ୍ତି, ଆମେ ରଥଯାତ୍ରାର ମହତ୍ତ୍ୱ ଏବଂ ଏହି ସମୟରେ ଅଳଙ୍କାର କ୍ରୟ କରିବାର ପବିତ୍ରତାକୁ ବୁଝିଛୁ। ଏପରିକି ଆମର ଦକ୍ଷ କାରିଗର ଓ ଡିଜାଇନରମାନଙ୍କ ଟିମ୍ ଯତ୍ନର ସହ ଅଳଙ୍କାର ପିସ୍‌ଗୁଡିକର ଏକ ଆକର୍ଷଣୀୟ କଲେକ୍ସନ ପ୍ରସ୍ତୁତ କରିଛନ୍ତି। ଏହା ପରମ୍ପରା ସହ ସମସାମୟିକ ଷ୍ଟାଇଲକୁ ଉପଯୁକ୍ତ ଭାବେ ମିଶ୍ରଣ କରିଛି। ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଏମ୍‌ଡି ତଥା ସିଇଓ ଶୁଭଙ୍କର ସେନ କହିଛନ୍ତି, ଆପଣଙ୍କର ରଥଯାତ୍ରା ସପିଂ ଅନୁଭୂତିକୁ ଉନ୍ନତ କରିବା ପାଇଁ ଆମର ଶୋ'ରୁମ୍‌ଗୁଡିକରେ ସୁନା ଅଳଙ୍କାର କ୍ରୟ ଉପରେ ମେକିଂ ଚାର୍ଜରେ ପ୍ରତି ଗ୍ରାମ ପିଛା ୫୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ସହ ଆକର୍ଷଣୀୟ ଅଫର ପ୍ରଦାନ କରାଯାଉଛି।

# ବଜାରରେ ବଜାଜ୍ ଚେତକର ୩୦୦୧

ଭୁବନେଶ୍ୱର,୨୫।୬



ବଜାଜ୍ ଅଟୋ ଲିମିଟେଡ୍‌ର ପ୍ରମୁଖ ସ୍କୁଟର ବ୍ରାଣ୍ଡ ତଥା ଦୁଇ ଚକିଆ ବୈଦ୍ୟୁତିକ ଯାନ (ଇଭି) 'ନ୍ୟୁ ବଜାଜ୍ ଚେତକ ୩୦୦୧'ର ଅନାବରଣ ବୁଧବାର ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏହାର ଲୋକପ୍ରିୟ ମଡେଲ 'ଚେତକ ୨୯୦୩'ର ଏକ ଅପ୍‌ଗ୍ରେଡ୍ ମଡେଲ ଏବଂ ଅତ୍ୟନ୍ତ ସଫଳ ଚେତକ ୩୫ ସିରିଜ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ସେହିଭଳି ଅତ୍ୟାଧୁନିକ ଇଭି ପ୍ଲାଟ୍‌ଫର୍ମ ବ୍ୟବହାର କରାଯାଇଥିବା ଏହି ମଡେଲରେ ଫ୍ଲୋରବୋର୍ଡ-ମାଉଣ୍ଟେଡ ୩.୦କିଲୋୱାଟ ବ୍ୟାଟେରି ମଧ୍ୟ ସାମିଲ ରହିଛି,ଯାହା ଅଧିକ ଷ୍ଟୋରେଜ ସ୍ପେସ୍ ଏବଂ ରେଞ୍ଜ ବୃଦ୍ଧିକାରୀ ପ୍ରଯୁକ୍ତିବିଦ୍ୟା ସହ ଅଧିକ ଅଭିଜ୍ଞ ଭାବେ ଗାଡ଼ି ଚଳାଇବାର ଅନୁଭୂତି ପ୍ରଦାନ କରିଥାଏ। ସେହିପରି ନ୍ୟୁ ବଜାଜ୍ ଚେତକ ୩୦୦୧ ଏକ ନୂତନ ପ୍ଲାଟ୍‌ଫର୍ମରେ ନିର୍ମିତ ଏବଂ ବାସ୍ତବ ଜୀବନର ଅନୁଭୂତି ପାଇଁ ପ୍ରସ୍ତୁତ ହୋଇଛି। ଯେଉଁଥିରେ ନୂତନ ଫ୍ଲୋରବୋର୍ଡ ବ୍ୟାଟେରି ଢାଞ୍ଚା ସହ ଉତ୍ତମ ସ୍ଥିରତା, ଅଧିକ ସ୍ଥାନ, ନିମ୍ନ ଗୁରୁତ୍ୱାକର୍ଷଣ କେନ୍ଦ୍ର ଆଦି ଅନ୍ତର୍ଭୁକ୍ତ ରହିଛି। ଏହି ବର୍ଗରେ ସର୍ବୋତମ ୧୨୭ କିଲୋମିଟର ରେଞ୍ଜ ସହ ଏକ ବୃହତ୍ ୩୫ ଲିଟର ବୁଟ୍ ସ୍ପେସ୍ ରହିଛି। ଅପରପକ୍ଷରେ ଦ୍ରୁତ ଚାର୍ଜ ପାଇଁ ଏକ ୭୫୦ୱାଟ ଚାର୍ଜର ଏବଂ ମାତ୍ର ୩ ଘଣ୍ଟା ୫୦ମିନିଟ୍‌ରେ ୦% ରୁ ୮୦% ଚାର୍ଜ ହୋଇପାରିବ।ଏ ସମ୍ପର୍କରେ ବଜାଜ୍ ଅଟୋ ଲିମିଟେଡ୍‌ର ପ୍ରେସିଡେଣ୍ଟ (ଅର୍ବାନାଇଟ ବିଜ୍‌ନେସ୍ ୟୁନିଟ୍) ଏରିକ ଭାସ୍ କହିଛନ୍ତି, ଇଲେକ୍ଟ୍ରିକ ସ୍କୁଟରର ବ୍ୟାପକ ବ୍ୟବହାର ପାଇଁ ଚେତକ ୩୦୦୧ ଏକ ମାନଦଣ୍ଡ ସ୍ଥାପନ କରିଛି।

# ଜେନେରେଟିଭ ଏଆଇ କ୍ଷେତ୍ରରେ ନିବେଶ

ଭୁବନେଶ୍ୱର,୨୫।୬

ବର୍ତ୍ତମାନର ବ୍ୟସ୍ତବହୁଳ ସମୟ ମଧ୍ୟରେ ସବୁ କ୍ଷେତ୍ର ଡିଜିଟାଲ ଓ ସ୍ମାର୍ଟ ଟେକ୍ନୋଲୋଜିକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ବିଶେଷକରି କମ୍ ସମୟରେ ଅଧିକ କାର୍ଯ୍ୟ ହାସଲ ପାଇଁ ସବୁ ବର୍ଗର ଉପଭୋକ୍ତ ଜେନେରେଟିଭ ଏଆଇ (ଜେନ୍ ଏଆଇ) କ୍ଷେତ୍ରରେ ନିବେଶ/କାର୍ଯ୍ୟଧାରାକୁପସନ୍ଦ ସହିତ ନିବେଶ ମଧ୍ୟ କରୁଛନ୍ତି। ସେହିଭଳି ଭାରତରେ ମଧ୍ୟ ଜେନେରେଟିଭ ଏଆଇ (ଜେନ୍ ଏଆଇ)ର ଗ୍ରହଣୀୟତା କ୍ରମାଗତ ଭାବେ ବୃଦ୍ଧି ପାଉଛି ବୋଲି ଆମାଜନ ୱେବ୍ ସର୍ଭିସେସ୍ (ଏଡବ୍ଲ୍ୟୁଏସ୍) ପକ୍ଷରୁ କରାଯାଇଥିବା ଏକ ସର୍ଭେ ଓ ଷ୍ଟଡିରୁ ଜଣାପଡିଛି। ବିଶେଷକରି ଆକ୍‌ସେସ୍ ପାର୍ଟନେରଶିପ ସହଭାଗିତାରେ ପରିଚାଳନା କରାଯାଇଥିବା ଏକ ଅଧ୍ୟୟନର ଫଳାଫଳରୁ ଏହି ତଥ୍ୟ ପ୍ରକାଶ ହୋଇଥିବା ଜଣାପଡ଼ିଛି। ଏହା ମଧ୍ୟରୁ ଏକ ଶୀର୍ଷ ନିଷ୍କର୍ଷ ହେଉଛି, ଭାରତର ୮୩% ସଂସ୍ଥା ଜେନ୍ ଏଆଇର କାର୍ଯ୍ୟଧାରାକୁ ତ୍ୱରାନ୍ୱିତ କରିବା ଓ କାର୍ଯ୍ୟାନ୍ୱୟନ ଜଟିଳତାକୁ ପରିଚାଳନା କରିବା ପାଇଁ ଜଣେ ଉତ୍ସର୍ଗୀକୃତ ଏଆଇ ଏକ୍‌ଜିକ୍ୟୁଟିଭ ବା ଚିଫ୍ ଏଆଇ ଅଫିସର (ସିଏଆଇଓ)ଙ୍କୁ ନିଯୁକ୍ତ କରୁଛନ୍ତି। ଏପରିକି ୨୦୨୬ ସୁଦ୍ଧା ଏଭଳି କରିବାକୁ ଅନ୍ୟ ୧୫% ସଂସ୍ଥା ଯୋଜନା ରଖିଛନ୍ତି। ଅପରପକ୍ଷରେ 'ଜେନେରେଟିଭ ଏଆଇ ଆଡପ୍ସନ ଇଣ୍ଡେକ୍ସ' ନାମକ ଏହି ରିସର୍ଚ୍ଚ ଷ୍ଟଡି, ଜେନ୍ ଏଆଇର ପରୀକ୍ଷଣରୁ ସମ୍ପୂର୍ଣ୍ଣ କାର୍ଯ୍ୟକାରିତାକୁ ସଫଳତାର ସହ ସ୍ଥାନାନ୍ତର ହୋଇଥିବା ସଂସ୍ଥାଗୁଡିକର ଶୈଳୀ ଓ ତଥ୍ୟକୁ ସୂଚିତ କରିଛି, ଯାହା ବ୍ୟବସାୟ ମୂଲ୍ୟକୁ ବୃଦ୍ଧିକରିବା ପାଇଁ କାର୍ଯ୍ୟକ୍ଷମ ରଣନୀତିଗୁଡିକୁ ଉନ୍ମୋଚନ କରୁଛି।


# ଓଡ଼ିଶା ସରକାର
# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଘୋଷଣା

ନଥି ସଂଖ୍ୟା- IX (C)- 04/2025-130 ତା.29.03.2025

No. V-10: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ (୧) ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-ଜରୋଳି, ଥାନା-ଯୋଡ଼ା, ତହସିଲ-ବଡ଼ବିଲ, ଜିଲ୍ଲା-କେନ୍ଦୁଝରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା - ବାମେବାରି, ରଣସାଳ ଘାଟି, ଭାୟା ଯୋଡ଼ା-ବାମେବାରି ଏକ୍ସପ୍ରେସ-୨ ରାସ୍ତାର ଉନ୍ନତୀକରଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୭୫୯, ତା.୨୧-୧୨-୨୦୨୦ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ଜରୋଳି, ଥାନା-ଯୋଡା, ଜିଲ୍ଲା-କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.kendujhar.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ www.revenueodisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଜିଲ୍ଲାପାଳ, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-କେନ୍ଦୁଝର ତହସିଲ-ବଡ଼ବିଲ

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଜରୋଳି | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ସଂଲଗ୍ନ | ଏ.୩.୯୧୫ | ଏ.୧.୪୯୦ | ସଂଲଗ୍ନ |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-କେନ୍ଦୁଝର ତହସିଲ-ବଡ଼ବିଲ

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୧୯.୦୨.୨୦୨୧

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./-
ଜିଲ୍ଲାପାଳ, କେନ୍ଦୁଝର

## ଭୂମି ଅନୁସୂଚୀ

ପ୍ରକଳ୍ପର ନାମ- ବାମେବାରି, ରଣସାଳ ଘାଟି, ଭାୟା ଯୋଡ଼ା-ବାମେବାରି ଏକ୍ସପ୍ରେସ-୨ ରାସ୍ତାର ଉନ୍ନତୀକରଣ ମୌଜା-ଜରୋଳି, ଥାନା ନଂ-୪୧, ଥାନା-ଯୋଡ଼ା, ତହସିଲ-୨(୭୩), ତହସିଲ-ବଡ଼ବିଲ, ଜିଲ୍ଲା-କେନ୍ଦୁଝର

| କ୍ରମିକ ନଂ. | ଖତିଆନ ନଂ. | ପ୍ରଜାର ନାମ ଓ ଠିକଣା | ପ୍ଲଟ ନଂ. | କିସମ | ମୋଟ ରକବା | ଅର୍ଜନ ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ଲଛମନ ପେଣ୍ଟେଇ, ପି-ଦୁଃଖୁ ପେଣ୍ଟେଇ, ଲକ୍ଷ୍ମଣ ପେଣ୍ଟେଇ, ପି-ନରୋତ୍ତମ ପେଣ୍ଟେଇ, ଜା-କମାର, ବା-ନିଜଗାଁ | ୭୮ | ଶାରଦ-୨ | ୦.୧୧୦ | ୦.୦୨୦ | |
| ୨ | ୬ | ଆର୍ତ୍ତ ବେହେରା, କାଳିଆ ବେହେରା, ଦୁଃଖୁ ବେହେରା, ପି-ବିଟା ବେହେରା, ଜା-ଗୋପାଳ, ବା-କମଳପୁର | ୩୩୮ | ବାଜେଫସଲ -୨ | ୦.୦୩୦ | ୦.୦୧୦ | |
| ୩ | ୨୫ | ଚରଣ ବିଶ୍ୱାଳ, ପି-ଅଚ୍ଯୁତ ବିଶ୍ୱାଳ, ଜା-ଖଣ୍ଡାୟତ, ବା-ନିଜଗାଁ | ୧୭୪ | ଘରବାରି | ୦.୧୧୦ | ୦.୦୨୦ | |
| ୪ | ୨୬ | ଚତୁର୍ଭୁଜ ଶର୍ମା, ପି-ଆଶୁରାମ ଶର୍ମା, ଜା-ବ୍ରାହ୍ମଣ, ବା-ନିଜଗାଁ | ୧୧୦ | ଘରବାରି | ୦.୦୮୦ | ୦.୦୨୦ | |
| | | | ୨୯୫ | ଘରବାରି | ୦.୧୧୦ | ୦.୦୨୦ | |
| ୫ | ୨୭ | ଚୈତନ୍ୟ ଚରଣ ମହାନ୍ତ, ପି-କୃଷ୍ଣ ଚନ୍ଦ୍ର ମହାନ୍ତ, ଜା-କୁଡୁମି, ବା-ନିଜଗାଁ | ୧୭୫/୪୨୭ | ଘରବାରି | ୦.୦୫୦ | ୦.୦୨୦ | |
| ୬ | ୩୪ | ଧନିଆଁ ପାତ୍ର, ପି-ବିଦା ପାତ୍ର, ଜା-ପାଣ, ବା-ଜଳହରି | ୨୨୭/୪୫୧ | ଶାରଦ-୨ | ୦.୦୫୦ | ୦.୦୧୦ | |
| ୭ | ୩୮ | ନରୋତ୍ତମ ବେହେରା, ପି-ବାସୁ ବେହେରା, ଜା-ଗୋପାଳ, ବା-କମଳପୁର | ୩୩୯ | ବାଜେଫସଲ -୨ | ୦.୧୬୦ | ୦.୧୫୦ | |
| | | | ୩୫୮ | ରାସ୍ତା | ୦.୫୦୦ | ୦.୨୬୦ | |
| ୮ | ୪୧ | ଦୁଃଖିଶ୍ୟାମ ପେଣ୍ଟେଇ, ଦବେନ୍ଦ୍ର ପେଣ୍ଟେଇ, ଗୋଲାପ ପେଣ୍ଟେଇ, ଉଲାସି ପେଣ୍ଟେଇ, ଗୁଲାଚି ପେଣ୍ଟେଇ, ପି-ନୀର ପେଣ୍ଟେଇ, ଜେଗା ପେଣ୍ଟେଇ, ସ୍ୱା-ଗୋପାଳ ପେଣ୍ଟେଇ, ସୁକୁମାରି ପେଣ୍ଟେଇ, ବାସନ୍ତୀ ପେଣ୍ଟେଇ, ପି-ଗୋପାଳ ପେଣ୍ଟେଇ, ଶରତ ପେଣ୍ଟେଇ, ସୀତା ପେଣ୍ଟେଇ, ସାରଥୀ ପେଣ୍ଟେଇ, ପି-ବୈଷ୍ଣବ ପେଣ୍ଟେଇ, ଅଶାଡ଼ି ପେଣ୍ଟେଇ, ପି-ଶିର ପେଣ୍ଟେଇ, ବାପି ପେଣ୍ଟେଇ, ସୁଲୋଚନା ପେଣ୍ଟେଇ, ପି-ବଇଦା ପେଣ୍ଟେଇ, ହୀରା ପେଣ୍ଟେଇ, ସ୍ୱା-ବଇଦା ପେଣ୍ଟେଇ, ରତ୍ନା ପେଣ୍ଟେଇ, କର ପେଣ୍ଟେଇ, ପି-ବିଦ୍ୟାଧର ପେଣ୍ଟେଇ, ଭଗବାନ ପେଣ୍ଟେଇ, ଅର୍ଜୁନ ପେଣ୍ଟେଇ | ୨୯୮/୪୮୫ | ଘରବାରି | ୦.୦୧୦ | ୦.୦୦୫ | |
| | | ଶଙ୍କର ପେଣ୍ଟେଇ, ଜଗା ପେଣ୍ଟେଇ, ଗୁରୁ ପେଣ୍ଟେଇ, ପି-ଇନ୍ଦା ପେଣ୍ଟେଇ, ଦୈତାରୀ ପେଣ୍ଟେଇ, ଶରତ ପେଣ୍ଟେଇ, ଦୁର୍ଗା ପେଣ୍ଟେଇ, ହେମନ୍ତି ପେଣ୍ଟେଇ, ପି-ହରିଆ ପେଣ୍ଟେଇ, ଶଶିଳା ପେଣ୍ଟେଇ, ପି-ରଙ୍ଗା ପେଣ୍ଟେଇ, ନେତ ପେଣ୍ଟେଇ, ପି-ଶଙ୍କର ପେଣ୍ଟେଇ, ଜା-କମାର, ବା-ନିଜଗାଁ | ୨୯୮/୫୨୦ | ଘରବାରି | ୦.୧୫୦ | ୦.୦୧୦ | |
| ୯ | ୪୨ | ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତ, ପି-କୃଷ୍ଣଚନ୍ଦ୍ର ମହାନ୍ତ, ଜା-କୁଡୁମି, ବା-ନିଜଗାଁ | ୧୭୪/୪୨୬ | ଘରବାରି | ୦.୦୬୦ | ୦.୦୨୦ | |
| ୧୦ | ୮୬/୩୫୩ | ସୁରେନ୍ଦ୍ର ମହାନ୍ତି, ପି-ବାସୁଦେବ ମହାନ୍ତି | ୩୩୭/୮୨୧ | ଘରବାରି | ୦.୧୧ | ୦.୦୨୦ | |
| ୧୧ | ୬୬ | ଲଛମନ ପେଣ୍ଟେଇ, ପି-ଦୁଃଖୁ ପେଣ୍ଟେଇ, ବେନୁକା ପେଣ୍ଟେଇ, ସ୍ୱା-ଦୁଃଖୁ ପେଣ୍ଟେଇ, ଲକ୍ଷ୍ମଣ ପେଣ୍ଟେଇ, ବିଦ ପେଣ୍ଟେଇ, ସାବିତ୍ରୀ ପେଣ୍ଟେଇ, କସ୍ତୁରି ପେଣ୍ଟେଇ, ପି-ନରୋତ୍ତମ ପେଣ୍ଟେଇ, ଇନ୍ଦେଇ ପେଣ୍ଟେଇ, | ୬୪ | ଟଇଳା-୨ | ୦.୦୭୦ | ୦.୦୨୦ | |
| | | ସ୍ୱା-ନରୋତ୍ତମ ପେଣ୍ଟେଇ, ଭଗବାନ ପେଣ୍ଟେଇ, ରାଧି ପେଣ୍ଟେଇ, ପି-ପିତେଇ ପେଣ୍ଟେଇ, ବାସ ପେଣ୍ଟେଇ, ଗୁରୁବାରି ପେଣ୍ଟେଇ, ପି-କାହ୍ନୁ ପେଣ୍ଟେଇ, ଶୁକ୍ରା ପେଣ୍ଟେଇ, ଧନୁ ପେଣ୍ଟେଇ, ପି-ନରି ପେଣ୍ଟେଇ, ଗୋପ ପେଣ୍ଟେଇ, ସାଗର ପେଣ୍ଟେଇ, କୁସୁନ ପେଣ୍ଟେଇ, ପି-ରତନ ପେଣ୍ଟେଇ, ଜା-କମାର, ବା-ନିଜଗାଁ | ୬୮/୩୯୮ | ଶାରଦ-୨ | ୦.୦୧୦ | ୦.୦୦୫ | |
| ୧୨ | ୬୯ | ମହେଶ କୁମାର ଶର୍ମା, ଗଣେଶ କୁମାର ଶର୍ମା, ଜୟନ୍ତି ଶର୍ମା, ପଦ୍ମା ଉପାଧ୍ୟାୟ, ପି-ଲକ୍ଷ୍ମୀ ନାରାୟଣ ଶର୍ମା, ଶକୁନ୍ତଳା ଦେବୀ, ସ୍ୱା-ଲକ୍ଷ୍ମୀ ନାରାୟଣ ଶର୍ମା, ଜା-ବ୍ରାହ୍ମଣ, ବା-ଜରୋଳି | ୨୧୫/୪୪୨ | ଘରବାରି | ୦.୧୬୦ | ୦.୦୨୦ | |
| ୧୩ | ୭୧ | ଲକ୍ଷ୍ମୀ ନାରାୟଣ ଶର୍ମା, ଓମ୍ ପ୍ରକାଶ ଶର୍ମା, ପି-ଆଶୁରାମ ଶର୍ମା, ଜା-ବ୍ରାହ୍ମଣ, ବା-ନିଜଗାଁ | ୨୨୫ | ଘରବାରି | ୦.୧୦୦ | ୦.୦୧୦ | |
| ୧୪ | ୮୩ | ସଂଜୀବ କୁମାର ମହାନ୍ତି, ରାଜୀବ କୁମାର ମାହାନ୍ତି, ପ୍ରବଣ କୁମାର ମହାନ୍ତି, ଶୁଭ୍ରାରାଣୀ ମହାନ୍ତି, ସୁପ୍ରାରାଣୀ ମହାନ୍ତି, ପି-ସୁରେନ୍ଦ୍ର କୁମାର ମହାନ୍ତି, କାନନମୟୀ ମହାନ୍ତି, ସ୍ୱା-ସୁରେନ୍ଦ୍ର କୁମାର ମହାନ୍ତି, ଜା-କରଣ, ବା-ନିଜଗାଁ | ୩୫୬ | ଟଇଳା-୨ | ୦.୧୫୦ | ୦.୦୬୦ | |
| ୧୫ | ୮୬/୨୧ | ସୁରେଶ କୁମାର ସେଦା ରାମେକା, ପି-ବ୍ରିଜିମୋହନ ସେଦା ରାମେକା, ଜା-ମାରୁଆଡି, ବା-ଜରୋଳି | ୩୩୫ | ଘରବାରି | ୦.୧୨୦ | ୦.୦୦୫ | |
| ୧୬ | ୮୬/୩୦ | ଶ୍ରୀମତୀ ଲାଲି ଜୟସୁଆଲ, ସ୍ୱା-ସାଲିକାରାମ ଜୟସୁଆଲ, ବା-ଜରୋଳି | ୩୫୯ | ଘରବାରି | ୦.୧୮୦ | ୦.୦୮୦ | |
| ୧୭ | ୮୬/୩୧୬ | ଜଗନ୍ନାଥ ମଜୁମଦାର, ପି-ରବୀନ୍ଦ୍ର ମଜୁମଦାର, ଜା-କାୟସ୍ଥ, ବା-କମାରେଯାଡା | ୨୯୪ | ଘରବାରି | ୦.୦୭୦ | ୦.୦୧୦ | |
| ୧୮ | ୮୬/୬୩ | ଇସେଲ ମାଇନିଂ ଏଣ୍ଡ ଇଣ୍ଡଷ୍ଟ୍ରିଜ ଲିମିଟେଡ, ବଡବିଲ, ବା-ବଡବିଲ | ୨୨୩ | ଘରବାରି | ୦.୦୮୦ | ୦.୦୧୦ | |
| | | | ୨୨୪/୪୫୦ | ଘରବାରି | ୦.୦୬୦ | ୦.୦୦୫ | |
| ୧୯ | ୮୬/୭୧ | କାମତା ପ୍ରସାଦ ଜୟସୁଆଲ, ପି-ଅମ୍ରିତ ଲାଲ ଜୟସୁଆଲ, କଳାବତି ଜୟସୁଆଲ, ସ୍ୱା-ଅମ୍ରିତଲାଲ ଜୟସୁଆଲ, ବା-ଜରୋଳି | ୬୧ | ଘରବାରି | ୦.୧୫୦ | ୦.୦୫୦ | |
| ୨୦ | ୮୬/୮୨ | ଦୈତାରି ବିଶ୍ୱାଳ, ପି-ପହଲଦ ବିଶ୍ୱାଳ, ବା-ଜରୋଳି | ୮୨ | ଶାରଦ-୩ | ୦.୦୪୦ | ୦.୦୨୦ | |
| ୨୧ | ୮୬/୧୨୩ | ଲକ୍ଷ୍ମୀ ନାରାୟଣ ଶର୍ମା, ଜା-ବ୍ରାହ୍ମଣ, ବା-ଜରୋଳି ରେ, ମି କେସ୍ ନମ୍ବର-୦୨/୨୦୦, ହୁକୁମ ମୁତାବକ ଓମ ପ୍ରକାଶ ଶର୍ମାଙ୍କ ନାମ କର୍ତନ କରାଗଲା ଓ ଖାତା, ସତ୍ର ପ୍ଲଟ, ଏରିଆ ପୂର୍ବପରି ଜାଏମ ରହିଲା | ୨୨୬ | ଘରବାରି-୧ | ୦.୪୬୦ | ୦.୧୬୦ | |
| ୨୨ | ୮୬/୧୩୩ | ହରିହର ବେହେରା, ପି-ଆର୍ତ୍ତ ବେହେରା, ବା-କମଳପୁର, ଥା-ଯୋଡା | ୩୩୮/୬୪୭ | ଘରବାରି | ୦.୧୦୦ | ୦.୦୫୦ | |
| ୨୩ | ୮୬/୧୪୧ | ସନାତନ ପେଣ୍ଟେଇ, ପି-ପଣ୍ଡୁ ପେଣ୍ଟେଇ, ଜା-କମାର, ବା-ଜରୋଳି | ୧୭୩ | ଘରବାରି | ୦.୦୪୫ | ୦.୦୧୦ | |
| ୨୪ | ୮୬/୧୪୫ | ନେପାଳ ଚନ୍ଦ୍ର କର୍ମକାର, ପି-ନିରଞ୍ଜନ କର୍ମକାର, ଜା-ଲୋହାର, ବା-ନିଜଗାଁ | ୩୩୮/୬୫୬ | ବାଜେ ଫସଲ-୨ | ୦.୧୧୦ | ୦.୦୫୦ | |
| ୨୫ | ୮୬/୨୪୦ | ସଂଜୀବ କୁମାର ମହାନ୍ତି, ପି-ସୁରେନ୍ଦ୍ର କୁମାର ମହାନ୍ତି, ଜା-କରଣ, ବା-ଜରୋଳି | ୩୩୯/୫୩୭ | ଘରବାରି | ୦.୧୫୦ | ୦.୧୪୦ | |
| ୨୬ | ୮୬/୨୬୮ | ଜୟ ଶଙ୍କର ପ୍ରସାଦ ସିଂ, ପି-ରାଧାକାନ୍ତ ସିଂ, ଜା-ବ୍ରାହ୍ମଣ, ବା-ନିଜଗାଁ | ୭୯ | ଘରବାରି | ୦.୦୫୦ | ୦.୦୩୦ | |
| ୨୭ | ୮୬/୨୮୩ | ଅନିଲ ଜୟସୁଆଲ, ପି-ଅସରଫିଲାଲ ଜୟସୁଆଲ, ଜା-ବଣିଆ, ବା-ନିଜଗାଁ | ୩୩୯/୫୩୦ | ଘରବାରି | ୦.୧୦୦ | ୦.୦୯୦ | |
| ୨୮ | ୯୦/୧ | ସୁରେଶ ଜୟସୁଆଲ, ପି-ଶିବ ମୋହନ ଜୟସୁଆଲ, ଜା-କାଲୁଆର, ବା-ନିଜଗାଁ | ୩୩୮/୬୦୮ | ଘରବାରି | ୦.୦୬୦ | ୦.୦୨୦ | |
| ୨୯ | ୯୦/୪ | ହରିଶଙ୍କର ଜୟସୁଆଲ, ପି-ମୋହନ ପ୍ରସାଦ ଜୟସୁଆଲ, ବା-ଜରୋଳି | ୩୩୮/୫୭୫ | ଘରବାରି | ୦.୧୦୦ | ୦.୦୫୦ | |
| ୩୦ | ୮୬/୪୧୦ | ସନ୍ତୋଷ ଆପଟ, ପି-କଳାକାର ଆପଟ, ଜା-ଗୋପାଳ, ବା-ନିଜଗାଁ | ୮୧ | ଶାରଦ-୩ | ୦.୦୩୦ | ୦.୦୧୦ | |
| | | | | ମୋଟ | ୩.୯୧୫ | ୧.୪୯୦ | |

Sd./-
AMIN
L.A. (Gen.) Section
Collectorate, Keonjhar

Sd./-
Land Acquisition Inspector
L.A. (Gen.) Section
Collectorate, Keonjhar

ସ୍ୱା./- ଭୂ-ଅର୍ଜନ ଅଧିକାରୀ,
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,
କେନ୍ଦୁଝର

OIPR-24045/14/0025/2526

ଧରିତ୍ରୀ DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଜୁନ୍ ୨୬/୨୦୨୫ Bhubaneswar, Thursday, June 26/ 2025

## ପନ୍ତଙ୍କୁ କ୍ୟାରିୟରର ଶ୍ରେଷ୍ଠ ର୍ୟାଙ୍କିଙ୍ଗ୍

ଦୁବାଇ,୨୫।୬(ପି.ଟି.)

ଆଇସିସି ପକ୍ଷରୁ ବୁଧବାର ପ୍ରକାଶ ପାଇଥିବା ନୂଆ ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ୍‌ରେ ଭାରତର ଉଇକେଟ୍‌କିପର ବ୍ୟାଟର ରିଷଭ ପନ୍ତ ବ୍ୟାଟରଙ୍କ ର୍ୟାଙ୍କିଙ୍ଗ୍‌ରେ ସପ୍ତମ ପୋଜିଶନ ଅଧିକାର କରିଛନ୍ତି। ଏହା ତାଙ୍କ କ୍ୟାରିୟରର ଶ୍ରେଷ୍ଠ ର୍ୟାଙ୍କିଙ୍ଗ୍। ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଉଭୟ ଇନିଂସରେ ଶତକ ହାସଲ କରିବା ପରେ ତାଙ୍କ ର୍ୟାଙ୍କିଙ୍ଗ୍‌ରେ ଏଭଳି ଉନ୍ନତି ଆସିଛି। ବିଶ୍ୱର ଦ୍ୱିତୀୟ ଉଇକେଟ୍‌କିପର ବ୍ୟାଟର ଭାବେ ପନ୍ତ ଗୋଟିଏ ଟେଷ୍ଟରେ ଦୁଇଟି ଶତକ ହାସଲ କରିଥିଲେ। ଲିଡ୍ସ ଟେଷ୍ଟରେ ପନ୍ତ ଯଥାକ୍ରମେ ୧୩୪ ଓ ୧୧୮ ରନ୍‌ର ଇନିଂସ ଖେଳିଥିଲେ। ମ୍ୟାଚ୍‌ର ପ୍ରଥମ ଇନିଂସ୍‌ରେ ଶତକ କରିଥିବା ଭାରତର ନୂଆ ଟେଷ୍ଟ ଅଧିନାୟକ ଶୁବମନ ଗିଲ ୫ ସ୍ଥାନ ଉପରକୁ ଉଠି ୨୦ତମ ସ୍ଥାନରେ ରହିଛନ୍ତି। ୫ ଉଇକେଟ ନେଇଥିବା ଭାରତର ଯଶପ୍ରୀତ ବୁମ୍‌ରା ଟେଷ୍ଟ ବୋଲରଙ୍କ ତାଲିକା ଶୀର୍ଷରେ ସ୍ଥାନ ବଜାୟ ରଖିଛନ୍ତି। ଅନ୍ୟପକ୍ଷରେ ମ୍ୟାଚ୍‌ରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବା ବେନ୍ ଡକେଟ ୫ଟି ସୋପାନ ଉପରକୁ ଉଠି ୮ମ ସ୍ଥାନ ଅଧିକାର କରିଛନ୍ତି। ସେ ପ୍ରଥମ ଇନିଂସରେ ୬୨ ରନ୍ କରିଥିବା ବେଳେ ଦ୍ୱିତୀୟ ଇନିସରେ ୧୪୯ ରନ୍ ପାଳି ଖେଳି ଇଂଲଣ୍ଡକୁ ଜିତାଇଥିଲେ। ଭେଟେରାନ ଜୋ ରୁଟ୍ ବ୍ୟାଟରଙ୍କ ତାଲିକାରେ ନଂ-୧ ପୋଜିଶନରେ ରହିଛନ୍ତି।

# ୫ ଶତକ ସତ୍ତ୍ୱେ ପରାଜୟରେ ଭାରତ ପ୍ରଥମ

ଭାରତ ଓ ଇଂଲଣ୍ଡ ମଧ୍ୟରେ ପ୍ରଥମ କ୍ରିକେଟ ଟେଷ୍ଟ ଇଂଲଣ୍ଡର ଲିଡ୍ସଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଂଲଣ୍ଡ ୫ ଉଇକେଟରେ ବିଜୟୀ ହୋଇଛି।

● ୧: ୫ ଶତକ ହାସଲ ସତ୍ତ୍ୱେ ଟେଷ୍ଟ ମ୍ୟାଚ ହାରିବାରେ ଭାରତ ପ୍ରଥମ ଦଳ ହୋଇଛି। ଏହା ପୂର୍ବରୁ ଅଷ୍ଟ୍ରେଲିଆ ୧୯୨୮ରେ ମେଲବୋର୍ନଠାରେ ଇଂଲଣ୍ଡ ବିପକ୍ଷରେ ୪ ଶତକ ସତ୍ତ୍ୱେ ପରାଜିତ

### ପ୍ରଥମ ଟେଷ୍ଟ ପରିସଂଖ୍ୟାନ

ହୋଇଥିଲା। ମାତ୍ର ଭାରତ ଏବେ ଏହି ଅଲୋଡ଼ା ରେକର୍ଡର ଅଧିକାରୀ ହୋଇଛି। ଲିଡ୍ସରେ ରିଷଭ ପନ୍ତ ୨ଟି ଏବଂ ଯଶସ୍ୱୀ ଜୟସ୍ୱାଲ, ଶୁବମନ ଗିଲ୍ ଓ ଲୋକେଶ ରାହୁଲ ଗୋଟିଏ ଲେଖାଏ ଶତକ ହାସଲ କରିଥିଲେ।

● ୩୭୧: ଇଂଲଣ୍ଡ ଏହି ମ୍ୟାଚରେ ୩୭୧ ରନକୁ ସଫଳତାର ସହ ଚେଜ୍ କରିଥିଲା। ଇଂଲଣ୍ଡ ପାଇଁ ଚତୁର୍ଥ ଇନିଂସରେ ଏହାଥିଲା ଦ୍ୱିତୀୟ ସର୍ବାଧିକ ଚେଜ୍ ଏବଂ ଭାରତ ବିପକ୍ଷରେ କୌଣସି ଦଳ ଲାଗି ଦ୍ୱିତୀୟ ବୃହତ୍। ୨୦୨୨ରେ ଏଜବାଷ୍ଟନଠାରେ ଭାରତ ବିପକ୍ଷରେ ଇଂଲଣ୍ଡ ସର୍ବାଧିକ ୩୭୮ ରନ ଚେଜ୍ କରିଥିଲା।



ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ସହ ବେନ୍ ଡକେଟ।

● ୩୫୦: ପଞ୍ଚମ ତଥା ଅନ୍ତିମ ଦିବସରେ ଇଂଲଣ୍ଡ ମ୍ୟାଚ ଜିତିବାକୁ ୩୫୦ ରନ ଆବଶ୍ୟକ କରୁଥିଲା। ଅନ୍ତିମ ଦିବସରେ ଏହାଠାରୁ ଅଧିକ ରନ ଗୋଟିଏ ମାତ୍ର ଦଳ ଚେଜ୍ କରିବାରେ ସକ୍ଷମ ହୋଇଛି। ୧୯୪୮ ହେଡିଂଲେ ଟେଷ୍ଟରେ ଇଂଲଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆ ଅନ୍ତିମ ଦିବସରେ ୪୦୪ ରନ ସଂଗ୍ରହ କରି ଏହି ରେକର୍ଡର ଅଧିକାରୀ ରହିଛି।

● ୮୩୫: ଲିଡ୍ସ ଟେଷ୍ଟରେ ଭାରତ ୮୩୫ ରନ କରିବା ସତ୍ତ୍ୱେ ପରାଜିତ ହୋଇଥିଲା। ଏତେ ରନ କରିବା ସତ୍ତ୍ୱେ ପରାସ୍ତ ହେବା ଭାରତ ପାଇଁ ଏହା ପ୍ରଥମ। ପୂର୍ବରୁ ୨୦୧୪ରେ ଆଡିଲେଡ୍‌ଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ୭୫୯ ରନ କରିବା ସତ୍ତ୍ୱେ ପରାଜୟ ସ୍ୱାଦ ଚାଖିଥିଲା। ଏବେ ଏହାକୁ ଟପିଯାଇଛି। ଏହି ତାଲିକାରେ ଇଂଲଣ୍ଡ ଶୀର୍ଷରେ ରହିଛି। ୧୯୪୮ରେ ଲିଡ୍ସଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଇଂଲଣ୍ଡ ୮୬୧ ରନ କରିବା ସତ୍ତ୍ୱେ ପରାଜିତ ହୋଇଥିଲା।

● ୩: ଭାରତ-ଇଂଲଣ୍ଡ ପ୍ରଥମ ଟେଷ୍ଟର ୪ଟି ଯାକ ଇନିଂସରେ ୩୫୦ରୁ ଅଧିକ ସ୍କୋର ହୋଇଥିଲା। ଅନ୍ତର୍ଜାତୀୟ ଟେଷ୍ଟ କ୍ରିକେଟରେ ଏହା ତୃତୀୟ ଦୃଷ୍ଟାନ୍ତ। ପୂର୍ବରୁ ଆଶେସ ସିରିଜର ୧୯୨୧ ଆଡିଲେଡ ଓ ୧୯୪୮ ହେଡିଂଲେ ଟେଷ୍ଟରେ ଏହା ହୋଇଥିଲା।

● ୧୬୭୩: ଭାରତ-ଇଂଲଣ୍ଡ ପ୍ରଥମ ଟେଷ୍ଟରେ ମୋଟ ୧୬୭୩ ରନ ହୋଇଥିଲା। ଦୁଇ ଦେଶ ମଧ୍ୟରେ ଅନୁଷ୍ଠିତ କୌଣସି ଟେଷ୍ଟରେ ଏହା ସର୍ବାଧିକ। ପୂର୍ବରୁ ୧୯୯୦ରେ ମାଞ୍ଚେଷ୍ଟରଠାରେ ୧୬୧୪ ରନ ସ୍କୋର ହୋଇଥିଲା। ମାତ୍ର ସେତେବେଳେ ଏହି ମ୍ୟାଚ ଡ୍ର ରହିଥିଲା।

● ୫: ହେଡିଂଲେରେ ଏହାକୁ ମିଶାଇ ୫ ଥର ଚତୁର୍ଥ ଇନିଂସରେ ୩୦୦+ ରନ ଚେଜ୍ ହୋଇଛି। ଡର୍ବାନର କିଙ୍ଗ୍ସମିଡ୍‌ରେ ଦ୍ୱିତୀୟ ସର୍ବାଧିକ ୩ ଥର ଏହା ହୋଇପାରିଛି।

● ୧୪୯: ବେନ୍ ଡକେଟଙ୍କ ୧୪୯ ରନ ଭାରତ ବିପକ୍ଷରେ ଚତୁର୍ଥ ଇନିଂସରେ କୌଣସି ବ୍ୟାଟରଙ୍କ କ୍ଷେତ୍ରରେ ସର୍ବାଧିକ। ୨୦୨୨ରେ ଏଜବାଷ୍ଟନଠାରେ ଜୋ ରୁଟ୍ ଭାରତ ବିପକ୍ଷରେ ଦ୍ୱିତୀୟ ସର୍ବାଧିକ ୧୪୨ ରନକରି ଅପରାଜିତ ରହିଥିଲେ।

● ୧୮୮: ଡେକଟ ଓ ଜ୍ୟାକ କ୍ରାଲିଙ୍କ ଓପନିଂ ଯୋଡ଼ିରେ ୧୮୮ ରନର ଭାଗୀଦାରି କୌଣସି ଟେଷ୍ଟ ମ୍ୟାଚର ୪ର୍ଥ ଇନିଂସରେ ୫ମ ସର୍ବାଧିକ। ଇଂଲଣ୍ଡ ପାଇଁ ଏହା ଦ୍ୱିତୀୟ ସର୍ବାଧିକ ପାର୍ଟନରଶିପ୍। ୧୯୯୧ରେ ଅଷ୍ଟ୍ରେଲିଆ ବିପକ୍ଷରେ ଆଥର୍ଟନ ଓ ଗ୍ରାହାମ ଗୁଚ୍ ୨୦୩ ରନ ଯୋଡ଼ିଥିଲେ।

● ୧୨: ଉଭୟ ଇନିଂସରେ ଶତକ ସତ୍ତ୍ୱେ କୌଣସି ଟେଷ୍ଟରେ ପରାଜୟ ସ୍ୱାଦ ଚାଖିବାରେ ରିଷଭ ପନ୍ତ ହେଉଛନ୍ତି ଦ୍ୱାଦଶ ଖେଳାଳି। ଏହା ପୂର୍ବରୁ ୧୧ଶ ଖେଳାଳିଭାବେ ଜିମ୍ବାୱେର ବ୍ରେଣ୍ଡନ ଟେଲର ୨୦୧୮ରେ ବାଂଲାଦେଶ ବିପକ୍ଷରେ ଏହି ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ।

### ଜୁନିୟର ପୁରୁଷ ହକି

## ଭାରତ ୨-୧ରେ ଅଷ୍ଟ୍ରେଲିଆକୁ ହରାଇଲା

**ବର୍ଲିନ,୨୫।୬(ପି.ଟି.):** ଏଠାରେ ଚାଲିଥିବା ଚତୁଃରାଷ୍ଟ୍ରୀୟ ନେଶନ୍ସ ଟୁର୍ନାମେଣ୍ଟରେ ତୃତୀୟ ସ୍ଥାନ ଲାଗି ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ୨-୧ ଗୋଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଦୁଇ ଦଳ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ହେଲେ କୌଣସି ଦଳ ସ୍କୋର କରିପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ଅଧିନାୟକ ଟୋବି ମାଲନ(୪୦ତମ ମିନିଟ୍)ଙ୍କ ଗୋଲ ବଳରେ ଅଷ୍ଟ୍ରେଲିଆ ଅଗ୍ରଣୀ ହାସଲ କରିଥିଲା। ୪୫ତମ ମିନିଟ୍‌ରେ ଭାରତକୁ ମିଳିଥିବା ପେନାଲ୍ଟି କର୍ନରକୁ ରୋହିତ ଗୋଲରେ କନଭର୍ଟ କରିଥିଲେ। ଏଥିଯୋଗୁ ତୃତୀୟ କ୍ୱାର୍ଟର ଶେଷ ସୁଦ୍ଧା ମ୍ୟାଚ୍‌ର ସ୍କୋର ଲାଇନ ୧-୧ରେ ବରାବର ରହିଥିଲା। ଚତୁର୍ଥ କ୍ୱାର୍ଟରରେ ଅଜିତ୍ ଯାଦବ (୫୨ତମ)ଙ୍କ ଗୋଲ୍ ଭାରତର ବିଜୟ ନିଶ୍ଚିତ କରିଥିଲା। ଏହି ବିଜୟ ସହ ଭାରତୀୟ ଦଳର ବର୍ଲିନ୍ ଟୁର ଶେଷ ହୋଇଛି। ପୁଲ୍ ପର୍ଯ୍ୟାୟରେ ଭାରତ ପ୍ରଥମ ମ୍ୟାଚ୍‌ରେ ୧-୭ ଗୋଲରେ ଆୟୋଜକ ଜର୍ମାନୀଠାରୁ ପରାଜିତ ହେବା ପରେ ଦ୍ୱିତୀୟ ମ୍ୟାଚ୍‌ରେ ୩-୧ ଗୋଲରେ ଅଷ୍ଟ୍ରେଲିଆକୁ ହରାଇଥିଲା। ତୃତୀୟ ମ୍ୟାଚ୍‌ରେ ଭାରତ ୧-୫ ଗୋଲରେ ସ୍ପେନ୍‌ଠାରୁ ପରାଜିତ ହୋଇଥିଲା।

### ଜାତୀୟ ଆକ୍ୱାଟିକ୍ ଚାମ୍ପିୟନଶିପ୍

# ପ୍ରତ୍ୟାଶା ରାୟଙ୍କୁ ବ୍ରୋଞ୍ଜ ପଦକ



ବ୍ରୋଞ୍ଜ ପଦକ ସହ ପ୍ରତ୍ୟାଶା ରାୟ।

ଭୁବନେଶ୍ୱର, ୨୫।୬ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମ ପରିସରରେ ଚାଲିଥିବା ୭୮ତମ ଜାତୀୟ ସିନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ବୁଧବାର ଚତୁର୍ଥ ଦିବସରେ ଅନୁଷ୍ଠିତ ମହିଳା ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଇଭେଣ୍ଟରେ ଓଡ଼ିଶାର ପ୍ରତିଷ୍ଠିତ ସନ୍ତରଣକାରୀ ପ୍ରତ୍ୟାଶା ରାୟ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ହିଟ୍ସରେ ଚମତ୍କାର ପ୍ରଦର୍ଶନ କରି ପ୍ରତ୍ୟାଶା ଫାଇନାଲ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ସେ ୨:୨୫.୪୭ ସେକେଣ୍ଡ ସମୟ ନେଇ ୧୬ ସଦସ୍ୟବିଶିଷ୍ଟ ହିଟ୍ସରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଫାଇନାଲ୍ସରେ ସେହି ପ୍ରଦର୍ଶନ ଦୋହରାଇ ପାରି ନ ଥିଲେ ମଧ୍ୟ ପୋଡିୟମ ମଣ୍ଡନ କରି ରାଜ୍ୟକୁ ଗର୍ବିତ କରିଛନ୍ତି ଏହି ସନ୍ତରଣ ପ୍ରତିଭା। ମହିଳା ୪x୧୦୦ ମିଟର ଫ୍ରିଷ୍ଟାଇଲ ରିଲେରେ ଓଡ଼ିଶା ଦଳ ୫ମ ସ୍ଥାନରେ ସନ୍ତୁଷ୍ଟ ରହିଛି। ପ୍ରତ୍ୟାଶା ରାୟ, ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ, ଅଂଶିକା ଆରାଧନା ସାହୁ ଓ ସୃଷ୍ଟି ଉପାଧ୍ୟାୟଙ୍କୁ ନେଇ ଗଠିତ ଓଡ଼ିଶା ଦଳ ୪:୧୨.୭୬ ସେକେଣ୍ଡ ସମୟ ନେଇ ୫ମ ସ୍ଥାନ ହାସଲ କରିଥିଲା। କର୍ଣ୍ଣାଟକ (୪:୦୩.୧୮) ଦଳ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ଆରଏସ୍‌ପିବି (୪:୦୫.୧୦), ମହାରାଷ୍ଟ୍ର(୪:୦୫.୯୭) ଓ ତାମିଲନାଡୁ (୪:୧୨.୬୪) ପରବର୍ତ୍ତୀ ୩ ସ୍ଥାନ ଅଧିକାର କରିଥିଲା।

ପ୍ରକାଶ ଯୋଗ୍ୟ, ଓଡ଼ିଶା ଏପର୍ଯ୍ୟନ୍ତ ମୋଟ ୪ଟି ପଦକ ହାସଲ କରିଛି। ମହିଳା ୧୦୦ ମିଟର ବଟରଫ୍ଲାଏ ଇଭେଣ୍ଟରେ ୧:୦୩.୫୦ ସେକେଣ୍ଡ ସମୟ ନେଇ ସୃଷ୍ଟି ଉପାଧ୍ୟାୟ ରାଜ୍ୟପାଇଁ ପଦକ ଅଭିଯାନ ଆରମ୍ଭ କରିଥିଲେ। ତୃତୀୟ ଦିବସରେ ଅନୁଷ୍ଠିତ ମହିଳା ୨୦୦ ମିଟର ବଟରଫ୍ଲାଏ ଇଭେଣ୍ଟରେ ସୃଷ୍ଟି ୨:୨୩.୧୧ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ହାସଲ କରିଥିବାବେଳେ ମହିଳା ୪x୧୦୦ ମିଡ୍‌ଲେ ରିଲେରେ ଓଡ଼ିଶା ଦଳ ରୌପ୍ୟ ପଦକ ହାସଲ କରିଥିଲା। ପ୍ରତ୍ୟାଶା ରାୟ, ମନ୍ନତା ମିଶ୍ର, ସୃଷ୍ଟି ଉପାଧ୍ୟାୟ ଓ ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନଙ୍କୁ ନେଇ ଗଠିତ ଓଡ଼ିଶା ଦଳ ୪:୨୭.୧୦ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଜାତୀୟ ପ୍ରତିଯୋଗିତାରେ ସୃଷ୍ଟି ଏପର୍ଯ୍ୟନ୍ତ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିବାର ଗୌରବଲାଭ କରିଛନ୍ତି।

### ରଗ୍‌ବୀ ପ୍ରିମିୟର ଲିଗ୍

## କଳିଙ୍ଗ ବ୍ଲାକ ଟାଇଗର୍ସ ପରାସ୍ତ

ମୁମ୍ବାଇ,୨୫।୬

ଚଳିତ ରଗ୍‌ବୀ ପ୍ରିମିୟର ଲିଗ୍ (ଆର୍‌ପିଏଲ୍)ରେ ବୁଧବାର ଖେଳାଯାଇଥିବା ଏକ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ମ୍ୟାଚ୍‌ରେ କଳିଙ୍ଗ ବ୍ଲାକ ଟାଇଗର୍ସ ୨୬-୩୪ ପଏଣ୍ଟରେ ବେଙ୍ଗାଲୁରୁ ବ୍ରେଭହାର୍ଟ୍ସଠାରୁ ପରାସ୍ତ ହେଇଛି। ଏହି ବିଜୟ ସହ ବେଙ୍ଗାଲୁରୁ ପ୍ଲେଅଫ୍ ଲାଗି ଯୋଗ୍ୟତା ହାସଲ କରିଛି। ବେଙ୍ଗାଲୁରୁ ବର୍ତ୍ତମାନ ୯ ମ୍ୟାଚ୍‌ରେ ୨୧ ପଏଣ୍ଟ ସହ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ପୂର୍ବରୁ ହାଇଦ୍ରାବାଦ ହିରୋଜ ଓ ଚେନ୍ନାଇ ବୁଲ୍ସ ପ୍ଲେଅଫ୍ ଲାଗି ଯୋଗ୍ୟତା ହାସଲ କରିଥିଲେ। ଅନ୍ୟପକ୍ଷରେ ପରାଜୟ ଯୋଗୁ କଳିଙ୍ଗ ବ୍ଲାକ ଟାଇଗର୍ସର ପ୍ଲେଅଫ୍ ଖେଳିବା ଆଶା କ୍ଷୀଣ ହୋଇଯାଇଛି। ବର୍ତ୍ତମାନ କଳିଙ୍ଗ ଦଳ ୯ ମ୍ୟାଚ୍‌ରେ ୧୧ ପଏଣ୍ଟ ସହ ପଞ୍ଚମ ସ୍ଥାନରେ ରହିଛି। ପଏଣ୍ଟ ଟେବୁଲର ଟପ୍-୪ ଦଳ ପ୍ଲେଅଫ୍‌କୁ କ୍ୱାଲିଫାଏ କରିବାକୁ ଥିବା ବେଳେ ଦିଲ୍ଲୀ ରେଡ୍‌ଜ ୭ ମ୍ୟାଚ୍‌ରୁ ୧୧ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛି। କଳିଙ୍ଗଠାରୁ ଦିଲ୍ଲୀ ଦୁଇଟି କମ୍ ମ୍ୟାଚ୍ ଖେଳିଛି, ହେଲେ ଦୁଇ ଦଳ ପାଖରେ ସମାନ ୧୧ ପଏଣ୍ଟ ରହିଛି। ମାତ୍ର ଲିଗ୍ ପର୍ଯ୍ୟାୟରେ କଳିଙ୍ଗକୁ ଗୋଟିଏ ମ୍ୟାଚ୍ ଖେଳିବାକୁ ଥିବା ବେଳେ ଦିଲ୍ଲୀକୁ ୩ ମ୍ୟାଚ୍ ଖେଳିବାର ଅଛି। ମ୍ୟାଚ୍‌ରେ କଳିଙ୍ଗ ପକ୍ଷରୁ ଏଥନ ଟର୍ନର ଦୁଇଟି ଟ୍ରାଇ ସ୍କୋର କରିଥିବା ବେଳେ ଲୁକାସ ଲାକାମ୍ପ ଓ ପେରୀ ବେକର ଗୋଟିଏ ଲେଖାଏ ଟ୍ରାଇ କରିଥିଲେ। ବିଜୟୀ ଦଳ ପାଇଁ ଫିଲିପ ୱୋକୋରଚ ଓ ଲିଆମ ପୁଲଟନ ଦୁଇଟି ଲେଖାଏ ସ୍କୋର କରିଥିବା ବେଳେ ଅର୍ପଣ ଛେତ୍ରୀ ଗୋଟିଏ ଟ୍ରାଇ କରିଥିଲେ।

## ଦ୍ୱିତୀୟ ଟେଷ୍ଟ: ବାଂଲାଦେଶ ୨୨୦/୮

**କଲମ୍ବୋ,୨୫।୬:** ଶ୍ରୀଲଙ୍କା ଓ ବାଂଲାଦେଶ ମଧ୍ୟରେ ବୁଧବାରଠାରୁ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଯାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ପ୍ରଥମ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂକରି ୮ ଉଇକେଟ ହରାଇ ୨୨୦ ରନ୍ କରିଛି। ଦଳ ପକ୍ଷରୁ ଶଦମାନ ଇସ୍ଲାମ ୪୬, ମୁଶ୍‌ଫିକୁର ରହିମ ୩୫, ଲିଟନ ଦାସ ୩୪ ଓ ମେହିଦୀ ହାସନ ମିରାଜ ୩୧ ରନ୍‌କରି ଆଉଟ୍ ହୋଇଛନ୍ତି। ଷ୍ଟମ୍ପ ଅପସାରଣ ବେଳକୁ ତାଇଜୁଲ ଇସ୍ଲାମ ୯ ଓ ଇବାଦତ ହୋସେନ ୫ ରନ୍‌ରେ ଅପରାଜିତ ଅଛନ୍ତି। ଘରୋଇ ଶ୍ରୀଲଙ୍କା ପକ୍ଷରୁ ଅସିଥା ଫର୍ନାଣ୍ଡୋ, ବିଶ୍ୱ ଫର୍ନାଣ୍ଡୋ ଓ ପଦାର୍ପଣକାରୀ ସୋନାଲ ଦିନୁଶା ୨ଟି ଲେଖାଏ ଉଇକେଟ ନେଇଛନ୍ତି।

# 'ଅଧିନାୟକ ଭାବେ ଗିଲ୍ ପ୍ରଭାବୀ ନ ଥିଲେ'

ଲିଡ୍ସ, ୨୫।୬ (ପି.ଟି.)

ପ୍ରଥମ କ୍ରିକେଟ ଟେଷ୍ଟରେ ଇଂଲଣ୍ଡ ନିକଟରୁ ଭାରତ ପରାଜୟ ପରେ ଟିମ୍ ଇଣ୍ଡିଆର ନୂଆ ଅଧିନାୟକ ଶୁବମନ ଗିଲ୍‌ଙ୍କ କୌଶଳକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ପରି ଶୁବମନ ଗିଲ୍ ଅଧିନାୟକ ଭାବେ ପଡ଼ିଆ ଭିତରରେ ପ୍ରଭାବୀ ହୋଇପାରି ନ ଥିଲେ ବୋଲି ପୂର୍ବତନ ଇଂଲଣ୍ଡ ଅଧିନାୟକ ନାସିର ହୁସେନ ପ୍ରକାଶ କରିଛନ୍ତି। ''ଏହି ଯୁବ ଖେଳାଳି ନେତୃତ୍ୱ ନେବା କ୍ଷେତ୍ରରେ ସକ୍ରିୟ ରହିବା ପରିବର୍ତ୍ତେ ପ୍ରତିକ୍ରିୟାଶୀଳ ହୋଇ ପଡ଼ିଥିଲେ। ଫଳରେ ବିଶେଷ ପରିସ୍ଥିତିରେ ଅନ୍ୟ ଖେଳାଳିମାନେ ନିଜ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିପାରିଥିଲେ। ଯେତେବେଳେ ରୋହିତ କିମ୍ବା କୋହଲି ଅଧିନାୟକ ଥିଲେ ସେମାନେ ଦଳର ନେତୃତ୍ୱ ନେଉଥିବା ସ୍ପଷ୍ଟ ବାରି ହୋଇ ପଡୁଥିଲା। ମାତ୍ର ଗତ ପ୍ରଥମ ଟେଷ୍ଟବେଳେ ଭାରତ ପକ୍ଷରୁ ଦୁଇ କିମ୍ବା ତିନିଜଣ ଅଧିନାୟକ କିମ୍ବା ଅଧିନାୟକଙ୍କ ଏକ କମିଟି ନିଷ୍ପତ୍ତି ନେଉଥିବା ପରିଲକ୍ଷିତ ହୋଇଥିଲା। ଗିଲ୍ ଦଳକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖିପାରି ନ ଥିଲେ'' ବୋଲି ହୁସେନ କହିଛନ୍ତି। ଦଳ ଉପରେ ଗିଲ୍‌ଙ୍କ ନିୟନ୍ତ୍ରଣ ନ ରହିବା, କ୍ୟାଚ୍ ଡ୍ରପ୍ ଏବଂ ବ୍ୟାଟିଂ କୋଲାପ୍ସ ପାଇଁ ଭାରତୀୟ ଦଳ ହାରିଲା ବୋଲି ୫୭ ବର୍ଷୀୟ ହୁସେନ ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ଭାରତର ଲୋୟର ଅର୍ଡର ବ୍ୟାଟିଂ ବିପର୍ଯ୍ୟୟରେ ମୁଁ ଚିନ୍ତିତ। ଘରୋଇ ପରିବେଶରେ ଭାରତ ସ୍ପିନ୍ ବୋଲିଂ ଅଲ୍‌ରାଉଣ୍ଡରଙ୍କୁ ନେଇ ଖେଳିଥାଏ। ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ ପ୍ରମୁଖ ଭଲ ପ୍ରଦର୍ଶନ କରିଥାନ୍ତି। ମାତ୍ର ଇଂଲଣ୍ଡରେ ସେମାନେ ସିମ୍-ବୋଲିଂ ଅଲ୍‌ରାଉଣ୍ଡରଙ୍କ ଉପରେ ଭରସା କରୁଛନ୍ତି। ଯିଏକି ବ୍ୟାଟିଂ କରିପାରିବେ।

ପୂର୍ବତନ ଭାରତୀୟ କୋଚ୍ ରବି ଶାସ୍ତ୍ରୀ କିନ୍ତୁ ଗିଲ୍ ଆଶାଠାରୁ ଅଧିକ କିଛି କରିଛନ୍ତି ବୋଲି କହିଛନ୍ତି। ସେ ପ୍ରଥମ ଇନିଂସରେ ଶତକ ହାସଲ କରିଛନ୍ତି। ତେବେ କ୍ୟାଚ୍ ଡ୍ରପ୍ ଏବଂ ବ୍ୟାଟିଂ ବିପର୍ଯ୍ୟୟ ତାଙ୍କ ନିୟନ୍ତ୍ରଣରେ ନାହିଁ। ଏ କ୍ଷେତ୍ରରେ କୋଚିଂ ଷ୍ଟାଫ୍‌ଙ୍କୁ ବଡ଼ ଭୂମିକା ନେବାକୁ ପଡ଼ିବ। ଜୁଲାଇ ୨ରୁ ଆରମ୍ଭ ହେବାକୁ ଯାଉଥିବା ଦ୍ୱିତୀୟ ଟେଷ୍ଟରେ ଷ୍ଟ୍ରାଇକ୍ ବୋଲର ଯଶପ୍ରୀତ୍ ବୁମ୍‌ରା ଖେଳିବା ଉଚିତ ବୋଲି ଶାସ୍ତ୍ରୀ କହିଛନ୍ତି। ଯଦି ତାଙ୍କୁ ବିଶ୍ରାମ ଦେବାକୁ ନିଷ୍ପତ୍ତି ନିଆଯାଉଥାଏ ତେବେ ଆଉଥରେ ଚିନ୍ତା କରିବାକୁ ପଡ଼ିବ। ଯଦି ସେ ନ ଖେଳନ୍ତି ଏବଂ ଭାରତ ସିରିଜରେ ୦-୨ରେ ପଛୁଆ ହୋଇଯାଏ ତେବେ ଭାରତ ପାଇଁ ପ୍ରତ୍ୟାବର୍ତ୍ତନ କଷ୍ଟକର ହୋଇଯିବ ବୋଲି ଶାସ୍ତ୍ରୀ କହିଛନ୍ତି। ପ୍ରଥମ ଇନିଂସରେ ୫ ଉଇକେଟ ନେଇଥିବା ବୁମ୍‌ରା ନିକଟରେ ବ୍ୟାକ୍ ଇଞ୍ଜୁରିରୁ ଫେରିଥିବାରୁ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ସିରିଜର ୩ଟି ଟେଷ୍ଟ ଖେଳିବାକୁ ଯୋଜନା କରୁଛନ୍ତି। ଇଂଲଣ୍ଡର ପୂର୍ବତନ ଫାଷ୍ଟବୋଲର ଷ୍ଟୁଆର୍ଟ ବ୍ରଡ୍ ମଧ୍ୟ ଭାରତ ବିଜୟ ସୁଯୋଗ ହାତଛଡ଼ା କଲା ବୋଲି ପ୍ରକାଶ କରିଛନ୍ତି। ଭାରତ ପାଇଁ ମ୍ୟାଚ ଜିତିବାକୁ ଅନେକ ସୁଯୋଗ ଥିଲା ବୋଲି ସେ କହିଛନ୍ତି।


ଯଶପ୍ରୀତ୍ ବୁମ୍‌ରାଙ୍କ ସହ ଆଲୋଚନା ଅବସରରେ ଶୁବମନ ଗିଲ୍।

## ଭାରତୀୟ ଦଳରୁ ହର୍ଷିତ ରିଲିଜ୍

ହେଡିଂଲେ,୨୫।୬: ଇଂଲଣ୍ଡ ବିପକ୍ଷ ୫ ଟେଷ୍ଟ ବିଶିଷ୍ଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ପୂର୍ବରୁ ହର୍ଷିତ ରାଣାଙ୍କୁ ଭାରତୀୟ ଦଳରୁ ରିଲିଜ୍ କରାଯାଇଛି। ଏହି ଯୁବ ପେସରଙ୍କୁ ବ୍ୟାକ୍‌ଅପ୍ ବୋଲର ଭାବେ ଦଳରେ ରଖାଯାଇଥିଲା। ସେ ଦଳର ଅନ୍ୟ ଖେଳାଳିଙ୍କ ସହ ଦ୍ୱିତୀୟ ଟେଷ୍ଟ ଲାଗି ବର୍ମିଂହାମ ଅଭିମୁଖେ ଯାତ୍ରା କରି ନ ଥିଲେ। ଭାରତୀୟ ଦଳ ବୁଧବାର ଅପରାହ୍ନ ୧୧.୩୦ରେ ଲିଡ୍ସରୁ ୩ ଘଣ୍ଟାର ବସ୍ ଯାତ୍ରା ଆରମ୍ଭ କରିଥିଲା। ଆଗାମୀ ଦୁଇଦିନ ବିଶ୍ରାମ କରିବା ପରେ ଭାରତୀୟ ଦଳ ଦ୍ୱିତୀୟ ଟେଷ୍ଟ ଲାଗି ଟ୍ରେନିଂ ଆରମ୍ଭ କରିବ। ହେଡିଂଲେରେ ନୈରାଶ୍ୟଜନକ ପରାଜୟର ସମ୍ମୁଖୀନ ହୋଇଥିବା ଭାରତୀୟ ଦଳ ବର୍ମିଂହାମରେ ସିରିଜ୍‌କୁ ବରାବର କରିବା ଲକ୍ଷ୍ୟରେ ରହିଛି। ମୁଁ ମୁଖ୍ୟ ଚୟନକର୍ତ୍ତା ଅଜିତ୍ ଅଗରକରଙ୍କ ସହ କଥା ହେବି। କାରଣ ଦଳରେ ଏକ ଛୋଟ ସମସ୍ୟା ରହିଥିଲା। ଏଥିଯୋଗୁ ରାଣାଙ୍କୁ ଦଳରେ ବ୍ୟାକ୍‌ଅପ୍ ଭାବେ ରଖାଯାଇଥିଲା। କିନ୍ତୁ ବର୍ତ୍ତମାନ ଦଳରେ ସମସ୍ତେ ଠିକ୍ ଅଛନ୍ତି। ଏଣୁ ତାଙ୍କୁ ସ୍ୱଦେଶ ଫେରିବାକୁ ପଡ଼ିବ ବୋଲି ଗମ୍ଭୀର ମ୍ୟାଚ୍ ପରେ କହିଥିଲେ।



ଉତ୍ତର ପ୍ରଦେଶର ପ୍ରୟାଗରାଜଠାରେ ଅନୁଷ୍ଠିତ ୨୩ତମ ଜାତୀୟ ଜୁନିୟର ଫେଡେରେଶନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ପୁରୁଷ ୨୦୦ ମିଟର ଇଭେଣ୍ଟରେ ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶାର ପ୍ରତୀକ ମହାରଣା।

# ଜାତୀୟ ମହିଳା ହ୍ୟାଣ୍ଡବଲ ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର, ୨୫।୬(ତପନ ସ୍ୱାଇଁ)

ଗୁଜରାଟର ଭୁଜ୍‌ଠାରେ ଚଳିତ ମାସ ୨୮ରୁ ଜୁଲାଇ ୩ ପର୍ଯ୍ୟନ୍ତ ୫୪ତମ ଜାତୀୟ ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ସମ୍ମାନ୍‌ଜନକ ପ୍ରତିଯୋଗିତା ପାଇଁ ଓଡ଼ିଶା ଦଳ ଚୟନ ହୋଇଛି। ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ସଲ୍‌ମା ମୁର୍ମୁ, ଜୁଲ୍‌ଫା ମଲିକ, ସୁଶୀଳା ମାଝି, ଟ୍ୱିଙ୍କଲ ପ୍ରଧାନ, ଝରଣା ସାହୁ, ଆଲିସା ପ୍ରିୟଦର୍ଶିନୀ, ଲକ୍ଷ୍ମୀପ୍ରିୟା ଦାସ, ସୋନାଲିକା ବରାଳ, ଲକ୍ଷ୍ମୀପ୍ରିୟା ସାହୁ, ଦୁର୍ଗା ସେଠୀ, ମୋନାଲିସା ଦଳାଇ, ଦୀପ୍ତିମୟୀ ଦାସ, ସରିୟା ସାହୁ, ଶୁଭଶ୍ରୀ ଦାସ ମହାପାତ୍ର, ମଧୁସ୍ମିତା ପରିଡ଼ା, ଶୁଭଶ୍ରୀ ସ୍ୱାଇଁ ଓ ରାଜଲକ୍ଷ୍ମୀ ପୃଷ୍ଟି। କୋଚ୍ ମନୋଜ କୁମାର ନିଶଙ୍କ ଓ ମ୍ୟାନେଜର ପ୍ରଭାତୀ ପରିଡ଼ା ବୁଧବାର ଦଳସହ ଭୁଜ୍ ଯାତ୍ରା କରିଛନ୍ତି। ପ୍ରତିଯୋଗିତା ପରିଚାଳନା ପାଇଁ ଓଡ଼ିଶାର ବରିଷ୍ଠ ରେଫରି ଅର୍ଣ୍ଣବ କୁମାର ସିହ୍ନା ମନୋନୀତ ହୋଇଛନ୍ତି। ଓଡ଼ିଶା ଦଳକୁ ରାଜ୍ୟ ହ୍ୟାଣ୍ଡବଲ ଆସୋସିଏଶନ ସମ୍ପାଦକ ବୀରେନ୍ଦ୍ର କୁମାର ବେହେରା, ସଭାପତି ଗୋପୀନାଥ ସାହୁ, କୋଷାଧକ୍ଷ ଉପେନ୍ଦ୍ରନାଥ ଦାସ, ଚୟନ କମିଟି ସଦସ୍ୟ ପ୍ରେମାନନ୍ଦ ବିହାରୀ ଓ ଯଶୋବନ୍ତ ପରମ୍‌ଗୁରୁ, ପ୍ରଭାତ ଦଳାଇ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।


ଜାତୀୟ ମହିଳା ହ୍ୟାଣ୍ଡବଲ୍ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ଦଳ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ